

# ମହିଳା ମନର ମୁକୁଳା କଥା

# ମଉଳା ମନର
# ମୁକୁଳା କଥା

ଶ୍ରୀ ଭଗୀରଥି ନେପାକ ବି: ଏ: ( ଅନର୍ସ )

ପ୍ରକାଶିକା: — ଶ୍ରୀମତୀ ଅନସୂୟା ଦେବୀ
ଚନ୍ଦ୍ରମା ସାହୁ, ବ୍ରହ୍ମପୁର ।

ପ୍ରଚ୍ଛଦପଟ ଶିଳ୍ପୀ: — ଶ୍ରୀ ଗୋପାଳ କାନୁନଗୋ
ବ୍ଲକନିର୍ମାତା: — ସାରସ୍ୱତ ପ୍ରେସ, କଟକ
ପ୍ରଚ୍ଛଦପଟ ମୁଦ୍ରଣ: — ମନମୋହନ ପ୍ରେସ, କଟକ

ମୁଦ୍ରାକର — ଶ୍ରୀ ବାସୁଦେବ ପାଠୀ
ଶ୍ରୀ ପ୍ରିଣ୍ଟର୍ସ, ପୁରୀ

ପ୍ରଥମ ମୁଦ୍ରଣ, ୧୦୦୦
୧୯୫୯

ମୂଲ୍ୟ:- ଛଅଟଙ୍କା ମାତ୍ର

0/353
1.6.60.

ମା,

ଗାଁର ବାଲ୍ୟ ବିଧବା 'ବିନୁ' ପାଇଁ ଯେତେବେଳେ ମୋତେ ବର ଖୋଜିବାକୁ କହିଲୁ, ମୁଁ ଖୁବ୍ ସାହସରେ କହିଥିଲି, ଏତେ ସୁନ୍ଦର ଆଉ ଗୁଣର ଝିଅ ପାଇଁ କଣ ବର ମିଳିବେ ନାହିଁ ? ସମାଜରେ ଆଉ ତ ସେହି ପୂର୍ବର ଚଳଣି ନାହିଁ ! ତୋତେ ଗର୍ବର ଜବାବ ଦେଲି ଅଳ୍ପ ଦିନରେ ସବୁ ଯୋଗାଡ଼ କରି ଦେବି ବୋଲି ।

ମାତ୍ର ତେଇଁ ବର୍ଷ ବିତିଲା । ଲକ୍ଷ୍ମୀପୁର ଗଡ଼ ହୀରାକୁଦ ପଞ୍ଜ ପୁଣି ଅସିଲା । ଅନେକ ସାଙ୍ଗ ସାଥୀଙ୍କ ଆଗରେ ପ୍ରସ୍ତାବ ବାଢିଲି, ସେମାନେ ରାଜି ହେଲେହେଁ ପିତା ମାତା ମଙ୍ଗୁ ନାହାନ୍ତି ବୋଲି ଭୟ ଦେଖାଇଲେ । ବୁଝିଲି, ଏବେ ମଧ୍ୟ ଅଶିକ୍ଷିତ ଭରା ସମାଜରେ ବାଲ୍ୟ ବିଧବାର ସାହା ହେବାକୁ କେହି ନାହିଁ । ତେଣୁ ତୋତେ ଜବାବ ଦେଇ ମଧ୍ୟ ପୂରଣ କରି ପାରିଲି ନାହିଁ । ତୁ ହୁଏତ ସେ କଥା ଭୁଲି ଯିବୁଣି ।

କାର୍ତ୍ତିକ ମାସରେ ପୁରୀ ଦେଉଳରେ ଅନେକ ବିନୁଙ୍କୁ ଦେଖି ମନ ବ୍ୟସ୍ତ ହେଲା । ଭାବିଲି, ଏ ସମାଜରେ କଣ ସେହି ପୁରୁଣା ପରମ୍ପରା ଚିର ଦିନ ରହିଯିବ ! ନିୟମ, କାନୁନ ଉପରେ ଧୂଳି ଘଷି ଲୋକେ ଛାତି ଫୁଲାଇ ଚାଲିବେ ?

ମା, ଆଜି ସେହି ପୁରୁଣା କଥା ତୋତେ ପଠାଇ ଦେଉଛି, ବିନୁ ପାଇଁ ବର ମିଳିଲେ ନାହିଁ, କିନ୍ତୁ ଶୁଣିଲେ ଖୁସି ହେବୁ ବିନୁ'ର ଉପାଦାନରେ ଗଠିତ ଅଶରୀର ଚମ୍ପା ପାଇଁ ବର ମିଳିଛି । ଧାଇଁ ଧାଇଁ ଓ ଏତେ କଷ୍ଟ ସହି ମୁଁ ଯାହା କରି ପାରିଲି ନାହିଁ, କଲମ ମୂନ ସେତକ କରି ପାରିଛି ।

ମା, ତୁ ମୋତେ ଖୁବ୍ ଭଲପାଉ - ମୋର ଲେଖାକୁ ତାହାଠୁ ବଳି ଭଲପାଉ । ବିଶେଷ କରି ବିନୁ ଭଳି ଝିଅଟିର ବିବାହ କଥା ପଢିଲେ ଖୁବ୍ ଖୁସି ହେବୁ । ତୋର ପାଦତଳେ ଏହି 'ମଝଲା ମନର ମୁକୁଳା କଥା' ଅର୍ପଣ କଲି । ଆଶାକରେ ବିନୁ ଭଳି ମୋ' ଲେଖାଟିକୁ ଆଦର କରିବୁ ।

ତୋର

*ଭଗୀରଥି*

ସ୍ୱାଧୀନତା ଦିବସ,

୧୯୫୯

୨୦୨୫
1-6-60

ସୁବର୍ଣ୍ଣପୁରରେ ସକାଳ ପାହୁଛି ।

କାର୍ତ୍ତିକ ମାସର କୁହୁଡ଼ି ଘୋଡ଼ା ସକାଳ । ଦୂର ପାହାଡ଼ ଦେଖା ଯାଉନି । ପାଉଁଶିଆ ଦିଶୁଛି ଗାଁ ସାରା । ପବନରେ ହେମାଳ ସ୍ପର୍ଶ । ଘାସ ଉପରୁ କାକର ଝରୁଥିଲା- ଏବେ ଶୁଖିଯାଉଛି । ଗାଁ ଯାକର ଗାଈ ବଳଦ ଥାଣ୍ଡ ବାନ୍ଧ ଚୁଲିଛନ୍ତି । ଛେଳିଗୁଡ଼ାକ ଓଠାର ହେଉଛନ୍ତି ପଡ଼ିକୁ ।

ଫସଲ ଅମଦାନୀ ସରିଛି । ଗାଁ ମୁଣ୍ଡକୁ ଧାଡ଼ିଏ ଖଳା । ଖଳା ...ହେବେ ଯେ ଲକ୍ଷ୍ମୀ ଭଣ୍ଡାର । ପରିବାରର ପାରିବା ଲୋକସବୁ ଭେଳାବାନ୍ଧି ...ଆଁ ପୁଆଉଛନ୍ତି । ରାଜ୍ୟଯାକର ଗପ ପଡ଼ୁଛି । ସୁଖ ଦୁଃଖ, ମେଳା ମେଳଣି, ହେଲା ନ ହେଲା ସବୁ କଥା ।

ଚମ୍ପା ବାଡ଼ିଅଗଣାରେ ଛିଡ଼ାହୋଇ ଘରକୁ ଅପେକ୍ଷା କରୁ କରୁ ...ମ୍ଭାର ବାଟ ଚାହୁଁଛି । ରମ୍ଭା ବଡ଼ ସକାଳୁ ଆସିବାକୁ କହି ଆସିନି ...ଯାଏ । ମନ ଭିତରେ ଝରକ୍ରର ଭେଳା ।

ବେଳେବେଳେ ଚମ୍ପା ଆଉ ରମ୍ଭାଭିତରେ ସାମାନ୍ୟ କଥା ନେଇ ...ହଁ ଫୁଲଫୁଲ ହୁଏ । ସକାଳ ପାହିଲେ ସବୁ ସମାନ । ନିଦ ଭିତରେ ...ବୁ ଯେମିତି ଭୁଲି ଯାଇଥାନ୍ତି । ନହେଲେ ରମ୍ଭା ଚମ୍ପା କ

ଚମ୍ପାବଉ ମହିରେ ଛୁଆ ହୋଇ କଳି ଭଙ୍ଗାନ୍ତି । କହନ୍ତି କ'ଲେ ! ଖାଇପିଇ ମନମୋଟା କଲଣି କି ? ସକାଳ ପାହିଲେ ଶାଶୁଘରକୁ ଯିବ ଆପଣା ଭିତରେ ଯେବେ ଏତେ କଳି, ପରଘରେ ଚଳିବ କେମିତି ଲୋ ? ଲାଜ ମାଡୁନି !!

ଚମ୍ପା ଆଉ ରମ୍ଭାର ମନ ବଦଳି ଯାଏ । ଆରେ ସତେତ ! କାଲିକି କାଲି ବଭ୍ରୁ ପୁଅଣି । ଶାଶୁଘରେ କାହା ସଙ୍ଗରେ ଖେଳିବେ ? ଯେତେ ସାଙ୍ଗ ସୁଖ ସବୁ ବାପ ଘରେ । ମନଇଚ୍ଛା ହସ, ଦକ ନାହିଁ କି' ଚିନ୍ତା ନାହିଁ । କେଡେ ସୁନ୍ଦର ଏଦିନ ! ସବୁ ଦିନ ଏଭଳି କଟି ଯାଆନ୍ତା କି ? ଏହାର ଭିତରେ ମନ ମାରିଲେ ଲାଭ କଣ ?

ଦୁଇଟି ମନର କୋଟିଏ ଭାବନା ଗୋଟିଏ ସୁଅରେ ବୋହି ଯାଏ । ସମାନ ବୟସର ଉଚ୍ଛୁଳା ଭାବନା ବାଉଳା ଖାଏ ।

ଚମ୍ପା ଭାବୁଛି- ଖରା ଅସିଲ ।

ବାଇଗଣ ଫୁଲ ଉପରେ ସକାଳୁଆ ସୂର୍ଯ୍ୟର ରକ୍ତାଭ ରଶ୍ମି ଖେଳୁଛି । ଇସ୍ତ୍ ନୀଳବର୍ଣ୍ଣର ଫୁଲ ଉପରେ ରକ୍ତିମ ରଶ୍ମିର ସଂଗମ । ପିଜୁଳୀ, କଦଳୀ ଆଉ ସଜନାଗଛ ଉପରେ ହୁଟ୍‌ଖେଳର ଅବାର ଛୁଟିକା । ସଭିଏ ହସୁଛନ୍ତି । ଦୁନିଆ ହସୁଚି ।

ଚମ୍ପା ଶାଗପଠାଳୀର ଛୋଟିଆ ହିଡ ଉପରେ ବସି ମୁକୁଳା ବାଳକୁ ଫୁଙ୍ଗୁଳାପିଠି ଉପରେ ଛାଟିଦେଲା । ବାଳ ଉପରେ ଖରା ବାଜି ଝଟକୁଛି । ବେକମୂଳ ଗରମ ଗରମ ଲାଗୁଛି । ନରମ ଅଂଗରେ ଗରମ ରଶ୍ମି ବାଜି ଗୋଟିଏ ମନ ଉଲ୍ଲସିଆ ମୂର୍ଚ୍ଛନା ସୃଷ୍ଟି କରୁଛି ।

ବାଡ କଡେ କଡେ ବଣ ମୟୂରଟିଏ ପୁଚ୍ଛ ଟେକି ଗଲା । ଚନ୍ଦ୍ର ଭାବରେ କିରଣ ପଡ଼ି ଝଟକୁଛି । ଚମ୍ପା ମୁଗ୍ଧ ହୋଇ ଅନେଇ ରହିଲା ।

ରମ୍ଭା ପ୍ରେଅଡେ ବାଉଁଶବାଡ ଅସ୍ତ୍ରେ ଫିଙ୍ଗାଙ୍କି, ଗୋଡଚାପା ପାହୁଲ ପକାଇ, ଆସି ଚମ୍ପାର ମୁଗ୍ଧ ଆଖି ଦି'ଟାକୁ ବୁଜି ଧରିଲା ।

ଚମ୍ପା ଚମକି ପଡ଼ି ଶାଗପଠାଳିରୁ ଶାଗ ଆଉ ଘାସ ମୂଳାଏ ହେବ ଭିଡ଼ିଆଣି ଚଟ୍ କିନା ଛୁଡ଼ାଦେଲାବେଳେ ଗଛମୂଳର ମାଟି ପଡ଼ିଲା ରମ୍ଭା ଆଖିରେ !

ରମ୍ଭା ହାତ ଛାଡ଼ି ଆଖି ମଳି ମଳି କହିଲା-'ଇଏ କଣଲୋ ସାଙ୍ଗ ?'

ଚମ୍ପା ଛୁଡ଼ାହୋଇ ତାଳିମାରି ହସୁହସୁ କହିଲା 'ଅଚ୍ଛା ହେଲା ଭଲ ହେଲା ।'

ଚମ୍ପାବୋଉ ବାଡ଼ିଅଗଣା ଓଳାଇବାକୁ ଆସୁଥିଲେ, ପଚାରିଲେ 'ଇଏ ଅଚ୍ଛା ହେଲା, ଭଲ ହେଲା କଣ କିଲୋ ?'

'ମାଉସୀ ମୋ' ଆଖିରେ ଚମ୍ପା ମାଟି ପକାଇଲା ।' ରମ୍ଭା ଅଭିଯୋଗ କଲା -

'ନାଇଁ କଉ ମୁଁ ଶାଗପଠାଳିର ହିଡ଼ ଉପରେ ବସିଥିଲେ ଏଇ ମୋ ଆଖି ବୁଜି ଦେବାରୁ-- '

'ତା ଉପରକୁ ମାଟି ଛାଟିବୁ ନୁହଁ ଲୋ ?

'ମୁଁ ଛାଟିନି କଉ ପଡ଼ିଗଲା ।'

'ଆ ମନକୁ ପାଦତଳୁ ମାଟି ରମ୍ଭା ଦେହ ଉପରକୁ ଉଡ଼ିକରି ଉଠିଗଲା - ନୁହଁ ଲୋ ।'

'ମୋର ଝିଅ ମୋତେ ପୁଣି ବୁଦ୍ଧି ଶିଖାଉଛି ।

ଚମ୍ପା ଅସଲ ବସ୍ତୁସ୍ଥିତି କହିବାକୁ ବସିଲା ବେଳେ ବଡ ଭାଉ ଗରଗର ହୋଇ ବାଡ଼ିଘରକୁ ଗଲୁ ଗଲୁ କହିଲେ -'

ଭିତରକୁ ଆ-- ମୁଁ ଆଜି ତୋର ମୁଣ୍ଡ ଫାଟିଦେବି ।'

ରମ୍ଭା ହସୁଥିଲା ଖତେଇ ହେଲା ଭଳି ।

ଚମ୍ପା ତାର ପିନ୍ଧା ପଣତଭିଡ଼ି କହୁଥିଲା- ରହ ମୁଁ ଦେଖିନେବିସେ--

ଦୁଇଟି ଝିଅଙ୍କ ମାଧ୍ୟମରେ ସୁବର୍ଣ୍ଣପୁରର ଦୁଇଟି ସୁଖୀ ପରିବାର ଭିତରେ ହସ ଖୁସିର ବନ୍ୟା ଛୁଟୁଥିଲା---

ଚମ୍ପା ରମ୍ଭା ଭିତରେ ତାର ଅନ୍ତପ୍ରିୟ ଶ୍ୟାମବାବୁଙ୍କ ସନ୍ଧାନ ପାଏ ଆଉ ରମ୍ଭା ଚମ୍ପା ଭିତରେ ପାଏ ପିଠି ଭଉଣୀର ସ୍ନେହ ।

## ଆଉ ଦିନେ........

ଛଅ ବାଜୁଛି ବେଳ । ତଥାପି ସୂର୍ଯ୍ୟଙ୍କର ଦେଖା ନାହିଁ । ଆକାଶରେ ମେଞ୍ଚା ମେଞ୍ଚା କଳାବାଦ୍ରିଆ ବାଦଲ । ବିଜୁଳି ଝଟକି ଉଠି ଲିଭିଯାଉଛି । ଦକ୍ଷିଣା ପବନରେ ହେମାଳ ସ୍ପର୍ଶ -ବର୍ଷା ଝରୁଛି ଟିପି ଟିପି ହୋଇ -- ମାଛିଗୋଡଠାରୁ ହୀନ । ସେ ବର୍ଷାରେ ଗାଳି ଅଳସର ସ୍ପର୍ଶ ।

ଶ୍ୟାମବାବୁ ପଲଙ୍କ ଉପରେ ଶୋଇ ଶୋଇ ଭାବୁଥିଲେ । ମନ ତାଙ୍କର ଫେରି ଯାଇଛି ଅତୀତକୁ- ବହୁତ ଦିନ ତଳେ ଯେଉଁ ଦିନ ପ୍ରଥମ କରି ପହଞ୍ଚିଥିଲେ ସୁବର୍ଣ୍ଣପୁରରେ । ଭାଗ୍ୟଭାଗ ବେଳେ ପାଇଥିଲେ ମାତ୍ର କେଇଟି କଂସାବାସନ ଓ ଦଶହାତ ଘର ଭିତରୁ କୋଣଟିଏ । ଏକମାତ୍ର ପ୍ରାଣୀ କୁଟୁମ୍ବ । ଘରେ ସମସ୍ତଙ୍କୁ ଛାଡିଦେଇ ଲୋଟା, ମଗଲା, ଓ ସପାଟଣାର ବୋଝ ନେଇ ଯାଆନ୍ତି ବିଦେଶ ବୁଲି । କେତେ ବଣ ଜଙ୍ଗଲ ନଈ ନାଳ ପାରି ହୋଇ ଅଚିହ୍ନା ଲୋକଙ୍କ ସାଥିରେ ମିଶି

ମହାପ୍ରସାଦ ହୋଇ ତାଙ୍କର ବ୍ୟବସାୟ ଚଳାନ୍ତି । ଦଶ ପଚିଶ ଗାଁ ବୁଲି ଟଙ୍କା ତିରିଶ ଚାଳିଶ ହାତରେ ଧରି ଫେରନ୍ତି ଘରକୁ । ପିଲାଏ ପଥକୁ ତାଙ୍କର ଚାତକ ଭଳି ଚାହିଁ ରହିଥାଆନ୍ତି । ଶାମମା ମାଇପି ନୁହେଁ ସେ ଲକ୍ଷ୍ମୀଟିଏ । ଦମ୍ଭ ବାନ୍ଧି ଦୁନିଆ ଚଳାଏ । ଦେହ ତେଜର ସାଜ ଅଳଙ୍କାର ଯାଇ ପଡ଼ିଥାଏ ମହାଜନ ପାଖରେ ବନ୍ଧା । ରାମବାବୁ ହିସାବ ଅନୁଯାୟୀ ପଇସା ଗଣି ଅଡୁଆ ତୁଟାନ୍ତି । ଘରେ ଭଲ ରକମ ଖିଆ ପିଆ ହୁଏ । ତାଙ୍କ ଫେରିବା ଦିନଟି ପର୍ବ ଦିନ ରୂପେ ମହାଆଡ଼ମ୍ବରରେ କଟିଯାଏ । କିନ୍ତୁ ତାହା ହେଲା ନାହିଁ । ଭାଇ ବିବାଦରେ ପିତୃପିତାମହର ମାଟି ଛାଡ଼ି ନୀଡ଼ ବାନ୍ଧିଲେ ସୁବର୍ଣ୍ଣପୁରରେ ସେ' ଅନେକ ଦିନ ତଳର କଥା- ଆଜକୁ ପ୍ରାୟ ପଚିଶି ବର୍ଷ ହେବ । ଭାଗ୍ୟ ପରିବର୍ତ୍ତନ ହେଲା- ନିଜ ଉପାର୍ଜନରେ ମାଟି ଘର କୋଠା ହୋଇଛନ୍ତି- କାଠ ବାକ୍ସ ବଦଳରେ ଇସ୍ପାତ ଲୁହାର ଆଲମାରୀ- ଜମି ବାଡ଼ି ବଗିଚା କାହିଁରେ ହେଲେ କମ ନାହିଁ ।

ମୃତ୍ୟୁକାଳ ପାଖ ଆସିଲାଣି -ଶାମମା ଚଷମା ନ ଲଗାଇଲେ ଦେଖି ପାରୁନି' -ଝିଅ ରମାକୁ ହେଲା ଚୋହଳ । ବଡ ପୁଅର ବଡ଼ ଘର ସରିଛି । ସାନ ପୁଅ ଶାମର ପଢ଼ା ସରିବା ଉପରେ । ଏମାନଙ୍କ ଧନ୍ଦାରୁ ନିସ୍ତାର ପାଇଲେ ଯାଇ ରକ୍ଷା । ରାମ ବାବୁ ପଲଙ୍କ ଉପରେ କଡ଼ ଲେଉଟାଇଲେ ।

ଆଖି ବନ୍ଦ କଲେ ଚିନ୍ତା ଆସେ -କେତେ ଭାବନା, କେତେ ଦୁର୍ଭାବନା । ଅଂଧାର ସହିତ ଯେମିତି ଚିନ୍ତାର ଅଧାର । ରାମବାବୁ ଭାବୁଥାନ୍ତି ଅନେକ କଥା । ବୁଢୀଆଣୀ ଜାଲ ଭଳି ସେ ଚିନ୍ତାର ଖିଅ -ଅସୀମ ଆଉ ଅସ୍ପଷ୍ଟ । ଏହି ସମୟରେ ଶାମମା ଚଞ୍ଚଳ ପଦକ୍ଷେପରେ ଘର ଭିତରକୁ ପଶି ଆସି ସ୍ତବ୍ଧ ଗଳାରେ କହିଲେ- ହଇହେ ଶୁଣୁଛ !

ଧନଷ୍ଠାରେ କେତେ ନିଦ ଲାଗୁଛି ଭଲା - ପଞ୍ଜଶାଘରର ପାଟି ଭୁକ୍ତ ଭକ୍ଷ କାନ ଭିତରେ ପଶୁନି ? ଭାଲ ସଞ୍ଜିରେ ଯାଇ ବସି ଖୁଡ଼ି କଥା ହୋଇ ଫେରନ୍ତି ରାତି ଭିତରେ କଣ ହେଲା ଭଲା ! ଯାଉଥିଲି ଯେ, ଲୋକ ହେଲା ଦେଖି ଫେରି ଆସିଲି । ତୁମେ ଠିକ୍ ଯାଆନ୍ତିକି ବୁଝି ଆସନ୍ତ । ମରଦ ପିଲା ଘରେ ନାହିଁ - ସାଙ୍ଗ ପଞ୍ଜଶା ହୋଇ ପଡ଼ିଛେଁ ।

ରାମବାବୁ ଶୋଇ ଶୋଇ ଶୁଣିଲେ -ପଞ୍ଜଶା ମଦନବାବୁଙ୍କ ଘରେ ଜନନର ବେଳ । ଖଟତଳୁ ଠାଉ ଭାଡ଼ି ଗୋଡ଼ ବଢ଼ାଇଲେ ଆଗକୁ । ମୁହଁରେ ତାଙ୍କର ଉତ୍କଣ୍ଠାର ସ୍ପର୍ଶ ।

ଶାମମା ପଚାରିଲେ 'କଟେମା ହେଲା କଣ ?'

ରାମବାବୁ ଗୁଳି ଯାଉ ଯାଉ ଉତ୍ତର ଦେଲେ - 'ନଗଲେ ଆଜ ଜଣା ପଡ଼ିବ କୋଉଠି ଯେ—'

ପଣ୍ଡଶା ଘର ମଦନ ମିଶ୍ରଙ୍କର -ଭରଦ୍ୱାଜ ଗୋତ୍ରୀୟ ଶାମବେଦୀ ବ୍ରାହ୍ମଣ । ସଂସ୍କୃତ ଶାସ୍ତ୍ରରେ ପ୍ରବେଶ ଅଛି । କଥା କଥାକେ ଗୁଣବନ୍ତ ନୀତି ଶ୍ଳୋକର ନିର୍ଭୁଲ ବାକ୍ୟ ବାହାରେ -ଗାଁର ପଣ୍ଡିତ । ପାଖ ଅଖର ପାଂଚ ଗାଁର ଲୋକଙ୍କ ଶାନ୍ତି । ଗାଁରେ ଜମିବାଡ଼ିର ଅଦାୟ ଛୁଆ ଦୀକ୍ଷା ଦେବାର ବେଉସା ଅଛି । ଭାଗରେ ମନ୍ତ୍ର ଫୁଙ୍କି ପଇସା ଉପାର୍ଜନ

କରନ୍ତି । ଜୀବ ଉଦ୍ଧାରର ମାର୍ଗ ଦେଖାଇ ସମ୍ମାନ ବଢାନ୍ତି । ଗୋଡ ତଳେ ପଇସା ଜମା ହୁଏ । ତା'ପରେ ଶିଷ୍ୟ ଘରମାନଙ୍କରେ ଆଦର ବହୁତ । ଗାଁରେ ବର୍ଷ ଭିତରେ ରହୁଥିବେ ଛ'ମାସକ' ଆଉ ଛ'ମାସ ଶିଷ୍ୟ ଘରମାନଙ୍କରେ ବିଦେଶରେ । ଓଡିଶାର ଢେର ଜିଲ୍ଲା ସଙ୍ଗେ ସମ୍ପର୍କ । ଆସିଲା ବେଳେ ଧନ ଗୃହ ଭରୁଆ ପଛରେ ।

ମଦନ ମିଶ୍ରେ କହନ୍ତି- ସେ ସୁବର୍ଣ୍ଣପୁରର ସୁନାମଧନ୍ୟ ପଣ୍ଡିତ । କେବଳ ତାଙ୍କର ସକାଶେ ଢେରଟି ଜିଲ୍ଲାର ଶ୍ରେଷ୍ଠ ବେଦ ପାଠିଏ ଗାଁ ଶାସ୍ତ୍ରୀ ଷ୍ଟୁ ଏହୁ ଶ୍ରେଷ୍ଠ ଗାଁଟାକୁ । ଘରେ ଘରେ ପ୍ରଶଂସା ଖେଳୁଛି ତାଙ୍କର । କିନ୍ତୁ ଗାଁ ଲୋକେ ଏ କଥାରେ ଏକମତ ନୁହନ୍ତି । କୁହନ୍ତି ମଦନ ମିଶ୍ରେ କୁହାମୁଣ୍ଡା କପିଲାଟାଏ । ଜିଦଖୋର ଆଉ ଏକବାଗିଆ ଲୋକ । ଯାହା ବୁଝିଥିବେ ସେଇୟା । ଭୁଲକୁ ଚିହ୍ନାଇ ଦେଲେ ସ୍ୱୀକାର ନକରି ଉପରେ ପଡ଼ି କଳି କରିବେ । କିଏ ପାରିବ କଳିରେ ? ବୟସ ଭାଙ୍ଗିଛି ସିନା -ମନର ଅଟ୍ଟହିଆ ଭାବ ଭାଙ୍ଗି ନାହିଁ । କଳିର ଗାଁ ଶୁଣିଲେ ରକ୍ତ ତାତି ଟକମକ ହୁଏ । ଦେହରେ ପଶେ ଶତ ସିଂହର ବଳ । ଖାପିଆ ଭୁଲି ଯାଆନ୍ତି । ମୁହଁ ଫୁଲି ରଙ୍ଗା ଦିଶେ ।

ଘରେ ସ୍ତ୍ରୀ ଆଉ ଝିଅ ଚମ୍ପା -ପୁଅଝିଅ ହେଲେନି ବୋଲି ମହାଦେବଙ୍କୁ ଲକ୍ଷେ ଚମ୍ପା ଚଢାଇ ପାଇଛନ୍ତି ଅଳିଅଳି ଚମ୍ପାକୁ । ପୁଅ ସିଏ ଝିଅ ସିଏ । କୋଳ ଆଉ ଘର ଉଛୁଳି ଉଠୁଛି । ରୂପ ଯେମିତି ଗୁଣ ସେମିତି । ଝିଅ ନୁହେ ଯେ ସୁନା ମୁଣ୍ଡାଟିଏ । ଦେଖିଲେ ଗେଲ କରିବାକୁ ମନ ହୁଏ ।

ଚମ୍ପାମା ମଣିଷ ଯାକରେ ସାର । ନାଆଁ ଭଳି ସ୍ୱାମୀ ସାଙ୍ଗକୁ ପାଣି ଭଳି ପତ୍ନୀ । ଟାଁସାରି ମାୟାମମତାର ଜାଲ ବିଛାଇଛନ୍ତି । କଥାରେ

ଭଉଣୀ ! ବଦେଶ ଇଏ । ମୁଁ ପଡ଼ିଥିଲେ ତମେ କରିଥାନ୍ତ - ତୁମେ ପଡ଼ିଲ ମୁଁ କଲି । ସେଥିପାଇଁ ସିନା ତୀର୍ଥ କରିବାକୁ ଲୋକ ସାଙ୍ଗ ଖୋଜନ୍ତି । ଏଥିରେ ଆଉ ଋଣ ଲେଖା କଣ ? ଚମ୍ପାବଉ ତୃପ୍ତିରେ ଭରି ଉଠୁଥାନ୍ତି । କହୁଲେ, ' ଭଉଣୀ ! ଗୋଟିଏ କଥା କହୁଚି ରଖିବ ! '

'କଣ କହୁନ !'

'ନାଁ ସେମିତି କହିବ ନାହିଁ । ପ୍ରଥମେ ସତ କର ସାକ୍ଷୀ-ଗୋପାଳ ନାଁ ରେ । ତେବେ ଯାଇ କହିବି ।'

'ତମେ କିମିତି ଝିଏମ ଭଉଣୀ ! ହେଲା ଏବେ, ସାକ୍ଷୀ-ଗୋପାଳଙ୍କ ନାଁ ରେ ସତ କରୁଛି । -- କହ —'

ମୋ ଚମ୍ପାର ପ୍ରାଣ ବଞ୍ଚାଇଚ ! ତାକୁ ତମର ହାତରେ ଦେଲି ତୁମେ ତାକୁ ବୋହୂ କରିବ । ଆମର ଏ ସ୍ନେହ ବନ୍ଧନ ଗଢ଼ିଲେ - ଲିଭିଯିବ କାନ୍ଦୁ ସମ୍ବନ୍ଧ ଥିଲେ ସାତ ପୁରୁଷକୁ ମନେ ପଡ଼ିବ । ଏହୁ ଚମ୍ପା ହେବ ସେହୁ ଚିହ୍ନର ସନ୍ତକ । କୁହ ଭଉଣୀ ! ଶ୍ୟାମ ପାଇଁ ଚମ୍ପା କଣ ଭଲ ହବନି । ତୁମେ ତାକୁ ବୋହୂକରି ଘରକୁ ନବତ ? '

ଶ୍ୟାମବଉ କୃତ୍ୟ କୃତ୍ୟ ହେଲେ । କହୁଲେ — ମୋର ମନର କଥା ଛଡ଼େଇ ନେଇ ପ୍ରଥମେ କହୁଛ ତମେ । ମୋ ଶ୍ୟାମ ପାଇଁ ଚମ୍ପା ହେବ ମନଲାଖି - ଲକ୍ଷ୍ମୀ ନାରାୟଣ ଭଳି ଦେଖା ଯିବେ ।

ରମ୍ଭା ଥିଲି ପାଖରେ । କହିଲା, "ଲକ୍ଷ୍ମୀ ନାରାୟଣ କାହାନ୍ତି ମା ?" ମାଆ ହସିଲେ । ରମ୍ଭାକୁ ଭିଡ଼ି ଆଣି ଚୁମ୍ବନ ଦେଇ କହିଲେ—

'ଏଇଟେ ମୋର ଘରର ଲକ୍ଷ୍ମୀ - ସୁନ୍ଦର ହଣୁଲି ରମ୍ଭା ?'

'ଇଏ ପରା ଚମ୍ପା ସାଙ୍ଗ ମୋର---'

'ନାହିଁଲେ ବାୟାଣି - ସିଏ ଏଥର ତୋର ଭାଉଜ ହେବ ।'

ରମ୍ଭା ହସି ହସି ପଚାରିଲା; ସତେ ଚମ୍ପା ମୋର ଭାଉଜ ! ନୂଆବୋହୂ ଭଳି, ନା, ନା; ନୂଆବୋହୂଠୁ ଅଧିକ ଭଲ - ଅଧିକ ସୁନ୍ଦର !!

ତାପରେ ପବନ ଭଳି ଧାଇଁ ଯାଇ ଚମ୍ପାର ପଣତ ଭିଡ଼ି ବିବ୍ରତ କରିପକାଇଲା । ତାପରେ ଆଉଜି ପଡ଼ି କାନପାଖରେ ବଡ଼ ପାଟିରେ କହିଲା, 'ସାଙ୍ଗମ ! ତୁ ମୋର ଭାଉଜ ହେଲୁ, ଅଜାଠୁ ! ମା କହୁଛି ତୁ ଆମ ଘରକୁ ବୋହୂ ହୋଇ ଆସିବୁ । କହ ଚମ୍ପା ସତରେ ଆସିବୁ । ତୁ ମୁଁ ସାଙ୍ଗ ହୋଇ ଖେଳିବା - ଭଲ ହେବନି ? ଘରକୁ ଗଲେ ଏକଥା ନିଶ୍ଚୟ କହନ୍ତି ।'

ଚମ୍ପାବୋଉ ଓ ଶାମବୋଉ ହାତ ଧରା ଧରି ହୋଇ ହସୁଛନ୍ତି । ସେ'ହସ ଆନନ୍ଦର - ସେ'ହସ ତୃପ୍ତିର । ଆଖି ଆଗରେ ଚମ୍ପା କୁଣ୍ଢାଇ ଧରିଛି ରମ୍ଭାକୁ ଅତି ନିବିଡ଼ ଭାବରେ । ସେ ସ୍ପର୍ଶରେ ଅଛି ମମତା । ଶାମବୋଉ ଓ ଚମ୍ପାବୋଉ ହସା ହସି ହୋଇ ଖଣ୍ଡେବାଟରୁ ଆସିଲେ ଦୂରକୁ ଗଛ ଗହଳରେ ଦିଶୁଛି ସାକ୍ଷୀଗୋପାଳଙ୍କ ମନ୍ଦିରର ଶୁଭ୍ର ପତାକା । ଦୁହେଁ ସେଇଆଡକୁ ଗୁହିଁଲେ ତନ୍ମୟ ହୋଇ । ମନ ଭକ୍ତିରେ ପୂରି ଉଠୁଛି । ଏହି ବିବାହ କଥା ନେଇ ଗୋପାଳ ହୋଇଥିଲେ ବରପକ୍ଷର ସାକ୍ଷୀ - ବାଟ ଅବାଟ ନମାନି ଭକ୍ତ ପଛରେ ଧାଇଁ ଆସିଥିଲେ କଥା ରକ୍ଷିବାକୁ । ବାଟ ମଝିରେ ନୂଆବାଲିରେ ପଥର ପାଲଟି ଗଲେ । ଏବେ ହୋଇଛନ୍ତି ସତର ସାକ୍ଷୀ, ସଂସାରର ସାକ୍ଷୀ ସାକ୍ଷୀଗୋପାଳ !!

ଶାମବୋଉ କହିଲେ 'ମନେ ରଖିଥା ଭଉଣୀ କଥା ଲଙ୍ଘନ କଲେ ଏହି ଠାକୁରଙ୍କୁ ସାଙ୍ଗରେ ନେବ ।'

'କଣ କହିଲ ଲଙ୍ଘିଯିବି ମୁଁ ? ଦେଖିବ ନାହିଁ । ଭୟ ଲାଗୁଛି କାଲେ ତମେ ଲଙ୍ଘିଯିବ ବୋଲି । ତଥାପି ସତ୍ୟ କରୁଛି ।'

ଦୁହେଁଯାକ ବେଢରେ ପଣତ ଦେଇ ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରିଲେ । ପଣ୍ଡା ସେ ବାଟେ ଚାଲି ଯାଉଥିଲା । କହିଲା ମନ୍ଦିରକୁ ଗଲନାହିଁ ବୁଲାଇ ଆଣିଥାନ୍ତି । ଏଇଠୁ କଣ ଦର୍ଶନ ସରିଗଲା ?

ଚମ୍ପାବୋଉ କହିଲେ, 'ମନ ସ୍ୱଚ୍ଛଥିଲେ ଗଡ଼ୁଆ ଗଙ୍ଗା । ଭଗବାନଙ୍କୁ ଯେଉଁଠୁ ଡାକିଲେ ଶୁଣିବେ ।'

ପଣ୍ଡା ମୁହଁମୋଡ଼ି ଚାଲିଗଲା । ଆସିଲା ମହାପ୍ରସାଦ - ଶିକାଳି ଉଭୟେ କିଣିଲେ ସୁଆରଙ୍କର କୋଠ । ଉଭୟେ ଉଭୟଙ୍କର ତୁଣ୍ଡରେ ଦେଇ ମୁଣ୍ଡରେ ହାତ ବୋଳିବାବେଳେ ଶାମବୋଉ କହିଲେ 'ମନେ ରହିଲଟି ଭଉଣୀ ।'

'ଭଗବାନ୍ କରନ୍ତୁ - ତାଙ୍କର ଆଶୀର୍ବାଦ ଦମ୍ଭ ହେଉ ।'

× × × × ×

ସାତ ବର୍ଷର ଚମ୍ପା - ସେ'ଦିନକୁ ବୁଢ଼ିଲା ଶାମବୋଉ ତାର ଶାଶୁ ଅଠ ଅପଣାର ରମ୍ଭା ତାର ନଣନ୍ଦ । ଆଉ ଶାମବାବୁ, ଯେକି କଗଭଲି ଧଳା ଜାମା ପିନ୍ଧି, ସୁନ୍ଦର ଲୁଚିରେ ଫେରିଭାଠି, ପାଦରେ ଚଟି ଗଳାଇ ରାଜକୁମାର ଭଳି ଗାଁ ଦାଣ୍ଡରେ ଚହଲୁ ଥାନ୍ତି, ସେଇ ତାର ବର-ଷ୍ଟ

ମନେ ମନେ ଭାବି ଗଲି - କେଡ଼େ ସୁନ୍ଦର ଏହି ଶ୍ୟାମବାବୁ । ଗାଁକୁ ଗଲେ ଭୁଲିଯିବ - ବାଡ଼ ଭାଙ୍ଗି ଭାଙ୍ଗି ଚାଲିବ ! ଡାକିଲେ ଶୁଣିବ ନାହିଁ ଏଣିକି ।

ଘରକୁ ଫେରିବାର କିଛି ଦିନ ପରେ ଶ୍ୟାମବାବୁ ସ୍ୱାମୀଙ୍କ ଆଗରେ ସମ୍ବନ୍ଧ କଥା କହି ଠିକ୍ କରି ନେଲେ । ମଦନବାବୁଙ୍କୁ ଅପେକ୍ଷା କରିଥାନ୍ତି । ଦୀର୍ଘ ତିନିମାସ ପରେ ଫେରିଲେ ମଦନବାବୁ । ଶ୍ୟାମବାବୁ ବୋହୂକୁ ଧରି ନୂଆ ଥାଳି ଗୋଟିଏ କରେ ନଡ଼ିଆ, ନୂଆ ଲୁଗା, ଝୁଣା ସୁନାକାଚ ଆଉ ଦାଉ ଧରି ଚମ୍ପା ଘରକୁ ଗଲେ । ମଦନବାବୁ ଏ ଖବର ଶୁଣି ଚମ୍ପା ଘରକୁ ମାରେ ନମାରେ । ତାଙ୍କର ବିନା ପରାମର୍ଶରେ ଏତେ କାମ ହେଲା କିପରି ? ଯଦିବା ହେଲା ବିବାହ ଆଉ ବାନ୍ଧି ରଖିବା ଉଚିତ ହେବନି । ମାଇକିନା ଝିଅ ଅଖି ବୁଜୁ ବୁଜୁ ବୟସ । ବଢ଼ିଲା କନ୍ୟା ଘରେ ରଖିଲେ ମହାପାପ ବୋଲି ଶାସ୍ତ୍ର ଲେଖୁଛି । ଏଣୁ ବଡ଼ବୋଉ ନିବନ୍ଧ କାହିଁକି ସଙ୍ଗେ ସଙ୍ଗେ ବିଭାଘରର ଆୟୋଜନ କରନ୍ତୁ ।

ଶ୍ୟାମବାବୁ ମନ ଦୁଃଖରେ ବାହୁଡ଼ି ଆସିଲେ ଘରକୁ । ଚମ୍ପାକୁ କହିଲେ, 'ଶାସ୍ତ୍ରରେ ଯାହା ଥାଉନା କାହିଁକି, ପିଲା ବାହାର ଏ ବୟସ କଥା ନୁହେଁ --- ସେ ଥିଲା ମୁସଲମାନ ରାଜତ୍ୱର କଥା --- କୁମାରୀ ଝିଅକୁ ଜବରଦସ୍ତି ଟାଣି ନେବାର ଯୁଗ ଚାଲି ଯାଇଛି- ଆମ ଦେଶ ସ୍ୱାଧୀନ । ପୁଣି ଶ୍ୟାମ ପାଠ ପଢୁଛି । ବାହା ହେଲେ ପାଠରେ ମନ ରହିବ ନାହିଁ ---- ଯାଉ କେତେ ବର୍ଷ ଯେ' ପୁଅଟା ଟିକେ ବଢ଼ିବା ।

ଶ୍ୟାମବାବୁ କହିଲେ-- 'ସେ କଣ ଅପେକ୍ଷା କରିବେ ?' ଅପେକ୍ଷା ନ କଲେ ଯାହା କରିବାର କରନ୍ତୁ-- ତାଙ୍କର ଝିଅ ପାଇଁ ଏ ଦୁନିଆରେ

ବର ମିଳିବେ ନାହିଁ ଏପରି 'କଥା ନାହିଁ'। ଶାମ ଯୋଗ୍ୟ ହେଲେ ଗୋଡ଼ ତଳକୁ ଆଉ କେତେ ସମ୍ବନ୍ଧ ଆସିବ ।" ରାମବାବୁ ଉତ୍ତର ଦେଲେ ।

ଶାମଙ୍କର ଘାଣ୍ଟି ଚକଟି ହେଲେ ମନ ଭିତରେ । ଶାମ ପାଠ ପଢୁଛନ୍ତି ପଢା ସରିଲେ କଣ କୋଉଠୁ ମିଳିବେ ନାହିଁ । କିନ୍ତୁ କିଛି କହିଲେ ନାହିଁ । ନୀରବରେ କାଳ କାଟିଲେ । ଅଧିକ ଆତ୍ମୀୟତା ହେତୁ ଶାମଙ୍କ ଚମ୍ପାଙ୍କର ଲୁଚି ଛପାରେ କଥା ଭାଷା ହେଲେ ସିନା-- ମଦନ ମିଶ୍ରେ ଆଉ ରାମବାବୁଙ୍କ ଭିତରେ ପଡିଲା ନାହିଁ । ଇଏ ଝଗଡ଼ା ମୁହଁ । ସମୟ ଗଡିଗଲେ ସବୁ ସମାନ ହେବ । କାଳ କାଟିବା କଥା-

ମଦନ ମିଶ୍ରେ ନଥିବା ସମୟରେ ରମ୍ଭା ଯାଏ ଆଉ ଯାଆନ୍ତି ଶାମଙ୍କ ଖୁବ ସତର୍କରେ । ଆଉ ପାଠ ପଢାରୁ ଛୁଟି ପାଇ ଘରକୁ ଶାମ ଆସିଲେ , ଚମ୍ପାଙ୍କର ଚୁପ୍‌କିନା ତାଙ୍କୁ ଡାକି ନେବେ । ଘରେ ଖୁଆଇ ପିଆଇ ଛାଡ଼ିବେ । ଆଉ ଚମ୍ପା ସେହି ଭଳି ଲୁଚି ଛପି ଆସିବ ରମ୍ଭା ଘରକୁ । ରମ୍ଭା ଚୁପ୍‌କିନା ଚମ୍ପାର କାନରେ ଡାକିବ 'ଭାଉଜ' । ଚମ୍ପା ଲାଜେଇ ଯିବ ଲାଜକୁଳି ଲତା ଭଳି । ରମ୍ଭା କୁତ କୁତ କଲେ ଚମ୍ପା ହସିବ କାର୍ କାର୍ ହୋଇ ସମସ୍ତ ସଂକୋଚ ଛାଡ଼ି ଦେଇ । କେତେ ପ୍ରାଣ ଖୋଲା ସେ ହସ ! । ହସି ହସି ଅସ୍ତବ୍ୟସ୍ତ ହୋଇ କହିବ-- 'ଏକଣ ! କହି ଦେବିଯେ' ।

'କାହାକୁ ମ ଭାଉଜ ?'

'ତୁମର ମା ନହେଲେ ଭାଇଙ୍କୁ.....'

'ମାଆ କଥାତ ମିଛ- ଭାଇଙ୍କୁ କହିଲେ କହିବ— ତେବେ ଭାଇ ସଙ୍ଗରେ ଏକାଠି କଥା ହଉଛ- ନୁହେଁ ? ଘରକୁ ଆସିଲେ ରଖାଇ ଦେବନି ଦେଖୁଛି— ?'

'ତୁମେ ଏତେ ଦୁଷ୍ଟ ରମ୍ପା ?'

'କିନ୍ତୁ ଭାଇଠୁ କମ୍ ଜାଣିଥା- ଭାଇପରି ଟିକିଏ କଥାକୁ କାନ ମୋଡ଼େ ।'

ଉଭୟେ ହସିବେ ଧରି ଧରି ହୋଇ । କେତେ ଖୋଲା ସେ ମେ ହସ ! ଚମ୍ପା ବାପାର ପାଠି ଶୁଣି ଦବି ଯିବେ- ଲୁଚି ଯିବେ ଯେ ପତ୍ରା ମିଳାବନି- ଉଭୟ ପରିବାର ମାୟାମମତାର ଲୁଚକାଳି ଖେଳ ଖେଳୁ ଥାନ୍ତି ।

ରାମବାବୁ ଅତି ସଙ୍କୋଚ ଭାବରେ ଚାଲିଛନ୍ତି ମଦନ ମିଶ୍ରଙ୍କ ଘରକୁ । ମନ ଭିତରେ ମହାଭାରତ- ଅତୀତକୁ ଅଣ୍ଡାଳି ହେଉଛନ୍ତି । କେତେ ସୁନ୍ଦର ହୋଇଥାନ୍ତା ସମ୍ବନ୍ଧ । ଚମ୍ପା ଘରର ଲକ୍ଷ୍ମୀ ହୋଇ ଆସିଥାନ୍ତା । କିନ୍ତୁ ମଦନବାବୁ କଥା ରଖିଲେ ନାହିଁ । ନିର୍ବନ୍ଧ ଯୋଗାଡ ଫେରାଇ ଦେଲେ । ମୁହଁକୁ ସୁଦ୍ଧା ଅନାଇଲେ ନାହିଁ । ସବୁବେଳେ ଆତ୍ମକଣ୍ଡମା । ପରକୁ ନିନ୍ଦା ଦେଇ ନିଜର ଗୌରବ ପ୍ରତିଷ୍ଠା ଚାହାନ୍ତି । ଲୋକେ ପଣ୍ଡିତ ବୋଲି କହୁଲେସିନା ! ନିଜେ ଦେଖାଇ ହେଲେ କଣ ହେବ ? ନିର୍ବନ୍ଧ ଯୋଗାଡ ଦେଖି କହୁଲେ କରିବେତ ଏବା-ବେଳେ ବିବାହ । ଧର୍ମ ରହିବ- ମାନ ରହିବ । ଯୁବତୀ ବିଶ୍ୱ ଅଧ୍ୟାଧୁନିକ ସଭ୍ୟତାର ଗୋଟିଏ କ୍ଷୁଣ୍ଣ ଆଭିଜାତ୍ୟ- କୁଆଁରୀ ଝିଅ ଯୁବତୀ ହେଲେ ମନ ତାର ଆପେ ଆପେ ରୁଗ୍ଣ ହୋଇ ଯାଇଥାଏ । ବିବାହ

ବେଦୀର ପବିତ୍ର ହୋମ ପାଖରେ ବସି ସେ ମନ୍ତ୍ରର ଅର୍ଥ ଜାଏ । ଖାଲି ଢୋଟିଏ ଛଳନା । ପରକୁ ଠକିବାର ପ୍ରୟାସ । ବିବାହିତ କୁଆଁରୀ ଝିଅ ଭାବେ ନିଜର ଭବିଷ୍ୟତ ପତି କଥା- ସେ ଭାବନା ସୁଦ୍ଧା ଅତି ସରଳ । ଏସବୁ କାରଣରୁ ଯୁବତୀ ବିଭା ମହାପାପ- ଦାତା ଓ ଗ୍ରହୀତା ଉଭୟେ ନର୍କର ବାଟ ସଫା କରନ୍ତି । ଦେଶ ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ କରି ଶାରଦା ଆଇନ କଲା -ଏସବୁ ରସାତଳକୁ ଯିବାର ପୂର୍ବ ଲକ୍ଷଣ ନୁହେଁତ ଆଉ କଣ ? ଘୋର କଳି ଯୁଗର ସୁସ୍ପଷ୍ଟ ପ୍ରମାଣ । ଜାଣିବା ଶୁଣିବା ଲୋକ ହୋଇ, ଏତେ ବଡ ଶାସ୍ତ୍ରମାନଙ୍କରେ ପ୍ରବେଶ ଥାଇ ସେ ନିଜେ ସେହି ଅଧୋଗତିକୁ ପ୍ରଶ୍ରୟ ଦେବେନି -ଜାଣି ଶୁଣି ପଙ୍କ ଭିତରେ ପଶି ନିଜକୁ ଅପବିତ୍ର କରିବେନି ।

କିନ୍ତୁ ଚମ୍ପାବତୀ ଲକ୍ଷ୍ମୀ ସମାନ । ବିଭା ବିଷୟ ନେଇ ସ୍ୱାମୀସଙ୍ଗେ ନିତି କଳି କରନ୍ତି । ସାକ୍ଷୀଗୋପାଳଙ୍କ ନାମରେ ସତକରି ସମ୍ବନ୍ଧ କରିଥିଲେ ବୋଲି କହନ୍ତି । ମଦନବାବୁଙ୍କ ଆଖି ଲାଲ ହୁଏ । କହନ୍ତି ସାକ୍ଷୀଗୋପାଳ ସତ୍ୟର ଦେବତା । ବାଲ୍ୟ ବିବାହର ସତ ରଖିବାକୁ ସାକ୍ଷୀ ହୋଇ ଥିଲେ ; ଯୁବତୀ ବିଭା ପାଇଁ ନୁହେଁ । ଅସ୍ତୁଯା ତାଙ୍କର ଯୁକ୍ତି । ସମୟ ପଡିଲେ ସୁଯୋଗ ଦେଖି ଭଗବାନଙ୍କୁ ମଧ୍ୟ ନିଜ ମତକୁ [illegible] ଆଣନ୍ତି ।

ଘନବାବୁଙ୍କ କାନରେ ସବୁ ପଡେ । କିନ୍ତୁ କହନ୍ତି ନାହିଁ । କ୍ରମେ ଚମ୍ପାର ବିବାହ ବୟସ ବଢିବାରେ ଲାଗିଲା । ମଦନ ମିଶ୍ରେ ଅନ୍ୟ ଗାଁମାନଙ୍କରେ ପ୍ରସ୍ତାବ ପଠେଇଲେ । କେତେ ଲୋକ ଆସିଲେ- କେତେ ଲୋକ ଗଲେ । ଝିଅ ସମସ୍ତଙ୍କର ପସନ୍ଦ ହେଲା କିନ୍ତୁ ଏହି ବିବାହ କଥାରେ ଅଟକି ଗଲେ ଅଧେ । କହିଲେ ଯୁବତୀ ବିବାହ କରିବେ ।

ମଦନ ମିଶ୍ରଙ୍କର ମହା ରାଗ -- ତାଙ୍କର ବଡ଼ ଧାରଣା ହେଲାଯେ ରାମବାବୁ ସମସ୍ତଙ୍କୁ ଶିଖାଇ ବୁଝାଇ ଫେରାଇ ଦେଉଛନ୍ତି । ସମ୍ବନ୍ଧ ଭାଙ୍ଗିଦେଲେ ବୋଲି ଝିଅକୁ ତାଙ୍କର ଅବହାଡ଼ୀ ରଖି ନାକରେ ହସିବା ଇଚ୍ଛା । ନ ହେଲେ ଭଲ ଭଲ ଲୋକ ଏହି ଅଧର୍ମ କଥାରେ ଆଶ୍ରୟ ନିଅନ୍ତେ କିପରି ? ମଦନବାବୁ ନାନା ଶାସ୍ତ୍ରର ଶ୍ଲୋକ ଗାଇ ଯୁକ୍ତି ବାଢନ୍ତି । କିନ୍ତୁ କେହି ପସନ୍ଦ କରନ୍ତି ନାହିଁ ସେ ପୁରୁଣା କଥାଗୁଡ଼ା —

ମଦନ ମିଶ୍ରେ ବାରଲୋକଙ୍କ ଆଗରେ ଫିଠାଇ କହନ୍ତି ବିବାହର ସବୁ କଥା ଛିଡ଼ି ଯାଇଥିଲା -- ଅଡୁଆ ହୋଇ ରାମବାବୁ ଛିଡ଼ା ହେଲେ ବୋଲି ଭାଙ୍ଗିଗଲା । ମଦନବାବୁଙ୍କ ପ୍ରତିଜ୍ଞା, ବର୍ଷକ ଭିତରେ ଝିଅର ବାହାଘର ବତାଇବେ । ଝିଅକୁ ବାର ହୋଇ ତେର ପଶିଲାଣି ! କେତେବେଳେ କଣ ହେବ କିଏ ଜାଣେ ?

ଶେଷକୁ ପଇଠୁକର ଲୋଭ ଦେଖାଇଲେ ମଦନ ମିଶ୍ରେ । ତାଙ୍କ ଲୋଭରେ ଧାଇଁ ଆସିଲେ ପାଞ୍ଚଜଣ । କୁଟୁମ୍ବ ବିବାହ ହେଉ ପଛକେ ଧନତ ମିଳିବ । ପୁଣି ମଦନ ମିଶ୍ରେ ଅପୁତ୍ରିକ । ଗୋଟିଏ ବୋଲି ଝିଅ, ପରିଶେଷରେ ଜମିବାଡ଼ିର ଆଶା ଅଛି । ଯାହା କଣ ? ଠିକଣା ହେଲା ମଧୁପୁରର ମାଧବ ଛତ୍ରାଡ଼ୀଙ୍କ ମଝିଆ ପୁଅ ଗୋବର୍ଦ୍ଧନ ସଙ୍ଗରେ । ଗୋବର୍ଦ୍ଧନ ଶାନ୍ତ ପିଲା । ସ୍କୁଲ କଲେଜର ମୁହଁ ନ ଦେଖିଲେ କଣ ହେଲା -- ଘରର ମହାଜନୀ କାମ ଶିଖୁଛି । ବାପର ନିର୍ଦ୍ଦେଶରେ ଚଳେ -- ବାପ ଯାହା କହିଲେ ନାହିଁ କରେ ନାହିଁ । କିନ୍ତୁ ଲୋକଙ୍କ ଆଖିରେ ତାର ଗୁଣ ଟିକିଏ ଅଲଗା ।

ଏହି ଗୋବର୍ଦ୍ଧନ ଆସିଲା ବର ହୋଇ । ଚୁପ୍‌ଚାପ୍ ବଡ଼ କାମଟି ଉଠିଗଲା, ଗାଁରେ କେହି ଜାଣିଲେ ନାହିଁ । ବିଶ୍ୱାସରେ ମଦନ ମିଶ୍ରେ

ତାଙ୍କୁ ଦେଖିଲେ ଗରଗର ହୁଅନ୍ତି । କହନ୍ତି, କିଏ କାହାର ଅଦୃଷ୍ଟ ପାଞ୍ଚିଲେ କଣ ହେବ ଭଗବାନ ଅଛନ୍ତି । ଦୋଷୀ ପାଇଁ ସିଏ ନିର୍ଦ୍ଦୋଷୀ ପାଇଁ ସିଏ । ଖର୍ଚ୍ଚ ଟିକିଏ ବଳେଇ ପଡ଼ିଲା ସିନା କଣ୍ଠଧରିଛ' ରହି ଗଲା ନାହିଁ ।

ଧର୍ମ ଉଦ୍ଦେଶ୍ୟରେ ସିଏ ହାତ ଯୋଡ଼ି କହନ୍ତି --- ସମସ୍ତଙ୍କ ଉପରେ ଅଛୁ --- ସବୁ ଦେଖୁଛୁ, ଆଉ ଜାଣୁଛୁ । ତୁ ବୁଝିବୁ ସିନା ଦୋଷୀ କିଏ !

ରାମବାବୁଙ୍କ ଚୋଟ ଅଟକିଗଲା । ମଦନ ମିଶ୍ରଙ୍କ ସଙ୍ଗରେ ଅପଡ଼ । ସମ୍ବନ୍ଧ ଭାଙ୍ଗିଗଲା ଧଂକୁ ପିଣ୍ଡା ମାଡ଼ି ନାହାନ୍ତି । ଆଜି ତାଙ୍କର ଅନୁପସ୍ଥିତିରେ ଘରେ ପଶିଲେ କେତେ କଥା ଘଟିଯିବ । ସେ ବିଷମଧନ୍ଦାରେ ପଡ଼ିଲେ ---

ଭିତରେ କର୍ଦ୍ଦନା ହୋଇ କାନ୍ଦୁଛନ୍ତି ଚମ୍ପାବଉ । ରାମବାବୁ ସମ୍ଭାଳି ନପାରି ଗୁବ୍‌କିନା ପଶିଗଲେ ଘର ଭିତରକୁ । ଅନ୍ୟାନ୍ୟମାନେ ପାଖେଇଗଲେ । ରାମବାବୁଙ୍କୁ ଦେଖି ଚମ୍ପାବଉ ଫାଟିପଡ଼ିଲେ ଯେମିତି । ଧାରଶ୍ରାବଣ ଭଳି ଲୁହର ଧାର । ନିହାତି ଆପଣା ଲୋକ ଦେଖି ବାଧା ମାନୁନି' --- ଚମ୍ପା କବାଟ କଣରେ ଢେକାଉଛି ---

ବହୁତ ବୁଝା ବୁଝି କରାଇ ଶାନ୍ତ କଲେ ରାମବାବୁ । ଗାଁର ଆଉ ପାଁଚଜଣ ମଧ୍ୟ ବୁଝେଇଲେ । କଥା ଜଣା ପଡ଼ିଲା । ସେ ଗୋଟିଏ ଗ୍ଲେଟିଆ ଘଟଣା ନୁହେଁ ଯେ ଠାଣୁଆ ଚଉକଟିଏ । ଚମ୍ପା ଉପରେ ପଡ଼ିଛି ଚଉକ ; ଭାଗ୍ୟର ବଚନ ବୁଝାମଣା । ଚମ୍ପାକୁ ଚିରଦିନ ପାଇଁ ଦୁଃଖ ସାଗରରେ ଠେଲିଦେଇ ଗୋବର୍ଦ୍ଧନ ଚାଲି ଯାଇଛି ଆରପାରିକି --- ଯେଉଁଠୁ ମଣିଷ ଥରେ ଗଲେ ଫେରେ ନାହିଁ ।

—ମୁକୁଳା ଭଞ୍ଜ

ଚମ୍ପାବଉ କାନ୍ଦି କାନ୍ଦି କହୁଲେ - କଣ କରିବି ? ବଡିଲଝିଅ ଏବର୍ଷ ବାହାଘର ହୋଇଥାନ୍ତା --- ସବୁ ଯୋଗାଡ ସରିଥିଲା । ମଙ୍ଗଳା ଝିଅକୁ ରଖୁଛି କେମିତି ? ମୋତେ କିଛି ବୁଦ୍ଧି ଦିଶୁନାହିଁ । ତୁମେ କହ ରାମ ! କଣ କରିବି !

କିଏ କଣ କହି ପ୍ରବୋଧନା ଦେବ ? ଏ ପରିସ୍ଥିତି ପାଇଁ ଯେ ଭାଷା ନାହିଁ । ପୁଣି କିଛିକ୍ଷଣ ନୀରବତା ପରେ ଚମ୍ପାବଉ କହିଲେ — ଶାମ ପଇଁ ସତ ଭବିଥିଲି । ସାକ୍ଷୀଗୋପାଳ ପ୍ରତ୍ୟକ୍ଷ ଦେବତା । ମୋତେ ଶାସ୍ତି ଦେଲେ । ମୋର ଜୀବନ ଚାଲି ଯାଇଥାନ୍ତା ପଛକେ ଝିଅ କପାଳରେ ସିନ୍ଦୁର ଥାନ୍ତା --- କଣ ହେଲା ଏ ଅଘଟଣ ? ଚମ୍ପାର ବାପା ଘରେ ନାହାନ୍ତି -- ଏକଲା ମଣିଷ ମୁଁ । ତୁମେ ବୁଦ୍ଧି ଦିଅ ରାମ ! ତୁମେହିଁ ମୋର ଭରସା । ନହେଲେ ମା ଝିଅ ଦୁଇଟି [illegible] ପ୍ରାଣ ହାରି ଦେବୁଁ ।

ରାମବାବୁ ସ୍ତବ୍ଧ ହୋଇଗଲେ । ମୁହଁରୁ କଥା ବାହାରୁନି — ଆଖିରେ ଖାଲି ଧାର ଧାର ଲୁହ ଚମ୍ପା ମୁହଁ ଦେଖି ସମ୍ଭାଳି ପାରୁ ନାହାନ୍ତି । କଣ ହେବ ଚମ୍ପାର ? କଡିଲା ଝିଅର ଶାଶୁଘର ଛଡା ଠାବ କାହିଁ ? ଭାଲ ରମ୍ଭା ସଙ୍ଗରେ ଲଙ୍ଗଳା ହୋଇ ଖେଳୁଥିଲା । ସଂସାର ସୁଖ କଣ ଜାଣିଲା ନାହିଁ --- ବାପଘରେ ବଡି ବିଧବା ହେଲା ଚମ୍ପା । ହୃଦୟ ତାଙ୍କର ଦରଦୀ ହୋଇ ଉଠିଲା --- ନିଜ ଅଲକ୍ଷ୍ୟରେ ଆଖିରୁ ବୋହିଲା ଲୁହ -- ବେଦନାର ଲୁହସେ ଆଷାଢର ବନ୍ୟା ସମାନ ବୋହି ଯାଉଛି । ବାଧା ବନ୍ଧନ ମାନୁନି --- ରାମବାବୁ କାନ୍ଦୁଛନ୍ତି । ଏତେବଡ ଧର୍ମିଲା ମଣିଷଟିଏ ନିଜ ପାଇଁ ନୁହେ ଚମ୍ପା ଆଉ ତା' ବୋଉମାଇଁ କାନ୍ଦୁଛନ୍ତି । କାହାର ହେବ ଚମ୍ପା ? ଜୀବନ ତାର ବ୍ୟର୍ଥ ହେବ ସିନା ।

ଶ୍ୟାମର ବି, ଏ, ପରୀକ୍ଷା ଶେଷ ହୋଇଛି । ଫଳଶ୍ରୁତି ଗାଁକୁ ଫେରିବ ବୋଲି ସୁସ୍ମିର ବିଷାଦରେ ପୂଜାରି ସଙ୍ଗରେ ରହୁଛି । ଫଳ ବାହାରିବା ସଙ୍ଗେ ସଙ୍ଗେ ଫେରିଯିବ । କିନ୍ତୁ ପରୀକ୍ଷା ସରିବା ଆଉ ଫଳ ବାହାରିବା ମଝିରେ ଯେଉଁ ସମୟ ଟିକକ ଆସେ ସେ ବଡ଼ ଭୟଙ୍କର । ବହି ଛୁଇଁବାକୁ ଇଚ୍ଛା ନାହିଁ । ନାନା ପ୍ରକାର ଭାବନା ଓ ଇଚ୍ଛାକର ତାଙ୍କଆଣିଥିବା କ୍ଳାନ୍ତିରେହିଁ ଦିନକଟେ । କାମ କିଛିନାହିଁ ଅଥଚ ଶୋଇଲେ ନିଦ ଲାଗିବନି । ଦିନ ଗୋଟାକ ବୁଲାବୁଲିରେ କଟିଯାଏ । କିଛି ଜଣା ପଡେନି । କିନ୍ତୁ ଶୀତ ଦିନର ଅଳସିଆ ଆଉ ଦୀର୍ଘରାତ୍ରୀ ?

ପରୀକ୍ଷା କଥା ଭାବି ଭାବି ମନେପଡ଼େ ଆଉ ଗାଁଉଁକଥା । ଗାଁର ନିଖୁଣ ଛବିଟିଏ ଆଖିଆଗରେ ଭାସିଯାଏ -- ତାର ଭିତରେ ବାପା ମାଆ, ଭାଇ ଭାଉଜ ଆଉ ସଦା ଚଞ୍ଚଳ ରମ୍ଭା ।

ମନ ଅଳସେଇ ଉଠେ —

ଶୀତ ରାତିର ଶୀତଳ ପବନ ସାଥିରେ ଭାସିଆସେ ରମ୍ଭାର ସ୍ମୃତି । ଯୌବନ ଖୁନ୍ଦି ହୋଇ ରହିଥିବା କୁନ୍ଦଳ କୁନ୍ଦଳ ଦେହ, ଫୁଲିଲା ଫୁଲିଲା ମୁହଁ ଆଉ ଗାଲ, ହସିଲା ହସିଲା ଆଖି, ପୁଣି ସେ ଆଖିର ଅର୍ଥଭରା ଚାହାଣୀ, ଲାଲ୍ ଲାଲ୍ ଓଠର କୋମଳ, ନମ୍ରବାଣୀ ସବୁ ମନେପଡେ ଗୋଟି ଗୋଟି ହୋଇ । ଶ୍ୟାମର ନିଦ ହୁଏନି -- ବିଛଣାରେ ଶୋଇ ଶୋଇ ଭାବେ ଆଉ ଭାବେ । ନୀରବ ରାତ୍ରୀର ଶେଷ ପ୍ରହର ବେଳେ ବେଳେ ଶେଷ ହୁଏ — କିନ୍ତୁ ଭାବନା ସରେ ନାହିଁ । ଇଚ୍ଛାହୁଏ ଉଡ଼ି ଯିବାକୁ କେତେ କଥା -- ସେ କଥାର ଖିଅନାହିଁ — ଅସ୍ପଷ୍ଟ ଆଉ ଅଛୁଣ୍ଣା ।

ପଞ୍ଜଶାଘରର ଝିଅ ଏହି ଚମ୍ପା -- ଗୋଟିଏ ଗୁଣ୍ଡଳରେ ଗଢ଼ା । ଦେହରେ ତାର ସକାଳର ପ୍ରଥମ ରଶ୍ମିର ରଂଗ, ତାକୁ ଦେଖିଲେ ଚଞ୍ଚଳ ହୁଏ ତାର ଅଙ୍ଗ । ଚେତରାଣ୍ଟଇ ଗୁହ୍ନିଁ ଧାଇଁ ପଳାଏ ଦୂରକୁ -- ଠିକ୍ ଭୀତତ୍ରସ୍ତା ହରିଣୀ ସମାନ । ଚୁପ୍ ଚୁପ୍ କଥା କହେ, ଅଧେ ଢୋକି ଅଧେ ବ୍ୟକ୍ତ କରେ । ଓଠ ତାର ଥରୁଥାଏ ଉତ୍ତେଜନାରେ ।

ପିଲଦିନୁ ଶାମ ଜାଣିଛି ଚମ୍ପା ହେବ ତାର ସ୍ତ୍ରୀ । ଜୀବନ ଯୌବନର ସଙ୍ଗିନୀ -- ସୁଖ ଦୁଃଖର ସାଥି । ତାକୁ କେନ୍ଦ୍ର କରି ମନର କଳ୍ପନା ଫୁଲଝରେ ଠିକ୍ ଜୁଆର ଭଳି, ଅଥବା ପବନ ଭରା ବେଲୁନ୍ ଭଳି । ମାଟି ନ ଛୁଇଁ ପବନରେ ଭାସୁଥାଏ । ସାଧାରଣ ମଣିଷ ଛୁଇଁ ପାରିବେନି’ । ଗାଁକୁ ଯିବାର ଶୁଣିଲେ, ଚମ୍ପା ଘରୁ ବାହାରେ ନି’ । ସରମରେ ବୁଡ଼ି ଯାଉଥାଏ ଯେମିତି ।

ରମ୍ଭାର ଲୁହା ବୋଲରେ ସେଦିନ’ ଆସିଥିଲା ଘରକୁ ଆଖିରେ କଜଳ, ପାଦରେ ଅଳତା ଦେଇ । କପାଳେ ଲେଖିଥିଲା ରଙ୍ଗି ଜହ୍ନର ଟୀକା । ଟୀକା ଗୁରିପଟେ ଚନ୍ଦନର ସରୁ ସରୁ ବିନ୍ଦୁ । ଆଖିର କଜଳଗାର ପକ୍ଷ୍ମ(ତାର ତଳେ ତଳେ ଲମ୍ବି ଯାଇଥାଏ କାନମୂଳକୁ । ଦେହରେ ଖଣ୍ଡେ ନୀଳିଆ ବାଦଲ ରଂଗର ଶାଢ଼ୀ । ଶାଢ଼ୀ ତଳେ ଲାଲ୍ ରଂଗର ବ୍ଳଉଜା ।

ଶାମ ଆଖିରେ ତନ୍ଦ୍ରା । ତାଲି ସେ ଆସିଥିଲା ମୁଗ୍ଧହରିଣୀ ଭଳି । ପଞ୍ଜାଘରର ଗବାକ୍ଷ ଭିତରୁ ଲକ୍ଷ କରୁଥିଲା ଶାମ । ବେଣୀର ଗୋଟିଏ ଫୁଲକ ବାଁଧାଭରେ ମୋଡ଼ି ରଖିଥିଲା ଚମ୍ପା -- ଥମକି ଥମକି ଚାଲି, ଚମକି ପଡ଼ିଲା ପରି ଚାହାଣୀ -- ଶରତ୍ପ୍ରଭାମାଦକ ଏହି କିଶୋରୀ ଚମ୍ପାର ସୁନ୍ଦର ରୂପରେ ବିଭୋର ହୋଇ ଉଠିଲା ଶାମ -- ଶରୀରରେ ତାର ରୋମାଞ୍ଚର କଦମ୍ବ । ମୁଗ୍ଧ ହୋଇ ଏକ ଲୟରେ ଅନାଇ ଥାଏ । ପ୍ରତି

ଲୋମକୂପରେ ପୁଲକର ସ୍ପର୍ଶ । ଏହି ଚମ୍ପା ହେବ ତାର ଭବିଷ୍ୟତ ଜୀବନର ସହଧର୍ମିଣୀ ! କେଡେ ଭାଗ୍ୟ ତାର ! !

ଆଜି ଧନଙ୍କର କଥା -- ବେଳପ୍ରାୟ ବାରଟା ହେବ । ମୁଣ୍ଡ ଉପରେ ଜୁଇଁ ଜୁଇଁଆ ଖରା । ଗରମ ଝାଞ୍ଜି ପିଟୁଛି । ଘରୁ ପଦାକୁ ଗୋଡକାଢି ହେଉନି । ଖଇଫୁଟା ବାଲି । ଯିଏ ଯେମିତି ହଟାଶିଆ ହୋଇ ଶୋଇଛନ୍ତି । ଗାଁ ଦାଣ୍ଡ ନୀରବ । ବିଲେଇ କୁକୁରର ମଧ୍ୟ ଦେଖା-ନାହିଁ । ମଦନବାବୁ ନଥିଲେ ବୋଲି ଶାମ ଯାଇଥିଲା ତାଙ୍କ ଘରକୁ । ମାଉସୀଙ୍କୁ ଡାକି ଉତ୍ତର ନପାଇ ଭିତରକୁ ପଶିଗଲା । ଦେଖିଲା-ଶୋଇବା ଘରେ ଚମ୍ପା ଶୋଇଛି -- ନିଃସହାୟ ଭାବରେ ନିଶ୍ଚେଷ୍ଟ ରହିଛି ଅଂଗଲତା, କୁଆଡେ କେମିତି ଲୁଗା ଖସି ଯାଇଛି । ତାହାର ଭିତରୁ ଉବୁକି ଦିଶୁଛି ଫୁଟି ଆସୁଥିବା ଯୌବନ । ସେ ଯୌବନରେ ଅଛି ଫୁଟା ଗୋଲାପର ସ୍ପର୍ଶ । ସୁନ୍ଦର ଓ ସୌରଭ ଯୁକ୍ତ ।

କୈଶୋର ଆଉ ଯୌବନର ସନ୍ଧିସ୍ଥଳରେ ପାଦ ଚମ୍ପା । ବିବାହ ପ୍ରସ୍ତାବ ଶୁଣିଲେ ଧନୁ ଦେଖା ଦିଏ ନାହିଁ । ହୋଇ ଲୁଚିଯାଏ । କଣେଇ ଚାହିଁ ଓଢଣା ଭିଡିଧରେ । କସ୍ତୁରି ମୃଗ ଭଳି ଡିଆଁ ମାରେ ।

ଶାମର ମନହୁଏ ଏହି ଚମ୍ପାକୁ ଅତି ନିକଟରୁ ଚାହାନ୍ତା -- ପ୍ରତି ଅଙ୍ଗଲତାରେ ହାତ ବଜାଇ ଶରୀରର କମନୀୟତାକୁ ଅନୁଭବ କରନ୍ତା; ଆଉ ମନ ପୁରାଇ ଦେଖି ନିଅନ୍ତା ସବୁ । କିନ୍ତୁ ହୁଏ ନାହିଁ । ମନ ଭିତରେ ତନ୍ଦ୍ରା ଢାଳି ଅବାଧ୍ୟ ଶାଗ୍ନି ସମ ଅନାଇବା ଆଗରୁ ଉଡିଯାଏ; ଅଶରୀରୀ ମନ ତାର ଗୋଡାଇ ଯାଏ ଚମ୍ପା ପଛରେ ।

କିନ୍ତୁ ଏବେ ସେହି ଚପଳା ଚମ୍ପା ନିଃସହାୟ । ଶୋଇ ଶୋଇ ସପନ ଦେଖୁଛି ବୋଧହୁଏ । କିଶୋରୀର ରଙ୍ଗିନ୍ ସ୍ୱପ୍ନ ! କଳ୍ପନା

ଆଉ ବାସ୍ତବତାରୁ ଅଧେ ଅଧେ । ସ୍ୱର୍ଗର ଲାସ୍ୟ ଆଉ ମର୍ତ୍ତ୍ୟର ସୁଷମାରୁ ମିଶାମିଶି । ମଧୁ ଝରୁଛି । ତାର ଏହି ଅର୍ଦ୍ଧ ପ୍ରସ୍ଫୁଟିତ ସୁପ୍ତ ଅଉ କୋମଳ ଅଂଗଲତାକୁ ପିଇଯିବାକୁ ମନକଲା ଶାମ ।

କିନ୍ତୁ ମାଉସୀ ଯଦି ଆସିଯିବେ -- କଣ ଭାବବେ ତାକୁ ?

ଅଦ୍ଭୁତ ନସ୍ତୁର ସମ ଡରି ଯାଉଥିଲା ଶାମ ।

ବହେକ ମନାକଲା । ଭାବିଲା ଫେରିଯିବ । କିନ୍ତୁ ମନ ବାଧା-ଦେଲା । ଗୋଡ଼ ଆଉ ଲେଉଟିଲା ନାହିଁ । ଧୁଆଁପାଦ ଆଗେଇ ଗଲା ଚମ୍ପା ନିକଟକୁ । ଘରସାରା ନିର୍ଜନ । ତାହାରି ଭିତରେ କିଶୋରୀ ଚମ୍ପା ଶୋଇଛି । ଦେହରେ ମୁଣ୍ଡରେ ଲୁଗା ନାହିଁ । ଯୌବନର ସମସ୍ତ ସଙ୍କେତ ଭରି ରହିଛି ସେ' ଦେହରେ । ଛାତିରେ ତାର ମାଂସ ଭରି ଆସୁଛି । ନିତମ୍ବ ସୁଷ୍ଠୁ ଦେଖାଯାଉଛି । ଚେତନା ରହିତ ମାଉଁସ ଗଦାଟିଏ ।

ଶାମ ଅସୁସ୍ଥ ବୋଧକଲା, ଅନ୍ୟ ମନସ୍କ ଭାବରେ ଆଗେଇ ଗଲା ଆହୁରି ଆଗକୁ । ଚମ୍ପାର ଅତି ନିକଟକୁ । ବିଛଣା ଉପରେ ଆସ୍ତେ ବସି ଅନେଇଲା ଚମ୍ପାର ନିଦ୍ରିତ ମୁଖମଣ୍ଡଳକୁ । ଆଖିରେ ତାର ସହସ୍ର ଦିନର କ୍ଷୁଧା -- ଛାତି ଥରି ଉଠୁଛି ଉତ୍ତେଜନାରେ ।

ଏହି ତାର ଚମ୍ପା ! ଅତି ଆପଣାର ଚମ୍ପା ! !

ତଥାପି ସେ ଶୋଇଛି । ନିଦ ଭାଙ୍ଗୁନାହିଁ । କି ଏକ ଅଜଣା ଆବେଗରେ ଶାମ ହାତ ଦେଲା ନିଦ୍ରିତା ଚମ୍ପାର ମୁହଁ ଉପରେ । ସେ ହାତରୁ ଝରୁଥିଲା ଉନ୍ମାଦନା -- ଚମ୍ପା ଉଠୁନି' । ଆହୁରି କ୍ଷଣେ ଅପେକ୍ଷା କଲା ଶାମ । ତଥାପି ଉଠୁନି' ସେ । ଅଜଣା ଦେଶର ଅଳଅଳ ରାଜଜେମା ଶୋଇ ଶୋଇ ସପନ ଦେଖୁଛି । ପ୍ରକୃତରେ ପାଗଳ ହୋଇ

ଉଠିଲା ଶାମ । ଉତ୍ତେଜନାରେ ଓଠ ଦେଲା କଶୋଣ୍ଟ ପ୍ରିୟାର ରକ୍ତାଭ ମୁଖ ଉପରେ । ସେ ମୁହଁରୁ ଝରୁଥିଲା ମାଦ୍ମା ଆଉ ତୃଷ୍ଣା । ଶାମ ନିଜକୁ ନିଜେ ଭୁଲିଗଲା । ହତାହତ ଜ୍ଞାନ ରହିତ ପାଗଳ ଶାମ ଚମ୍ପା ଭିତର ସ୍ପନ୍ଦନ ଅନୁଭବ କଲା —

ଶାମ ଥରୁଛି ଗୋଟା ପଣେ —

ସେ ଅଡୁ ମାଉସୀ ଆସି ଡାକିଲେ, "ଚମ୍ପା ! ନିଦ କଣ ଭାଙ୍ଗିବନି ?"

ଶାମ ଜୀବନ ବଳରେ କଣ ଖୋଜିଲା ଭଳି ଅଭିନୟ କରି ପାଖଘରକୁ ପଶିଗଲା -- ଚମ୍ପା ବିଛଣାରୁ ଉଠୁ ଉଠୁ ଦେଖିଲା ଶାମକୁ । ହଠାତ୍ ଦେହର ଲୁଗା ସଜାଡ଼ି ଓଢ଼ଣା ଟାଣିନେଲା । ତାର ମନେ-ହେଲା ସତେ ଯେପରି କିଏ ହଜାଇ ଦେଇଛି ।

ଚପଳ ଶାମ ଅନୁଭବ କଲା ସେ ଚୋର ଭଳି ଆସି ମାଉସୀ ଘରେ ପଶି କଣ ଚୋରାଇ ନେଲା । କଣପାଇଁ ସେ ମାଉସୀଙ୍କ ପାଖକୁ ଆସିଥିଲା ତାହା ମଧ୍ୟ ଭୁଲିଗଲା ।

ଚମ୍ପାବଉ ଆସିବାର ଦେଖି ପାଖଘରୁ ବାହାରି ପଡ଼ି କହିଲା; "ମାଉସୀ ! ମୁଁ ଯେ ତୁମକୁ ଖୋଜୁଥିଲି" ।

"ସେ କଥା ପରେ । ଆଜି ସନ୍ଧ୍ୟାଚକୁଳି ହୋଇଛି -- ଟିକିଏ ଚାଖିଲୁ !"

'ଦଉନ !' କୃତ୍ରିମ ହସ ଫୁଟାଇ ଉତ୍ତର ଦେଲା ଶାମ ।

ଚକୁଳି ଆଉ କ୍ଷୀର ଦେଉଁ ଦେଉଁ ଶାମର ଚଞ୍ଚଳ ଭାବକୁ ଲକ୍ଷକରି ଚମ୍ପାବଉ ପଚାରିଲେ -- "କି କାମରେ ଆସିଥିଲୁ ଶୁଣେଁ --"

ବଉ ଯେ ତାଙ୍କୁ ଡକାଇ ପଠେଇଥିଲେ ଏକଥା ଶାମ ଭୁଲିଯାଇ କହିଲା -- "ନା, ଏମିତି ବୁଲି ଆସିଥିଲି ।"

ବୁଢୀ ପାଣି ଦେବାକୁ ଷ୍ଟୋରଘର ଭିତରକୁ ପଶିଗଲେ । ଶାମ ଦେଖିଲା ହସି ହସି ଚମ୍ପା ଚାଲି ଯାଉଛି । ଛନ୍ଦହୀନ ପାଦରେ ତାର ଛନ୍ଦିଲ ଲାସ୍ୟର ବିକାଶ ।

ଚମ୍ପା ବୋଧେ ଶାମର ଦୁଷ୍ଟାମୀ ଜାଣି ନେଇଥିଲା । ସେ ହୁଏତ ଚେଷ୍ଟା ରହି ଶୋଇଥିଲା ଆଉ ଭବିଷ୍ୟତ ପଥର ଦୁଷ୍ଟ ଚପଳତାକୁ ପ୍ରଶୟ ଦେଉଥିଲା ।

ଶାମ ଏବେ ମଧ୍ୟ ଥରି ଉଠିଲା ନିଜ ଅଜାଣତରେ । ଯଦି ଏସବୁ ପ୍ରକୃତରେ ଚମ୍ପା ଜାଣିଥାଏ -- କଣ ଭାବୁଥିବ ତାକୁ ?

ଚମ୍ପା କଣ ପ୍ରକୃତରେ ତାକୁ ଭଲ ପାଏ ? ଶାମ ଆଖିରେ ସନ୍ଦେହ ! ଯଦି ଭଲ ପାଉଥାଏ ? ବିବାହିତ ଚମ୍ପା ମନରେ ବିଦ୍ରୋହ ନାଚୁଥିବ । ଆଉ ଏହି ବିଦ୍ରୋହର ସ୍ରଷ୍ଟା ସେ ନିଜେ । କାରଣ ସେ ଜାଣିଶୁଣି ଚମ୍ପାର ମନ ଭିତରେ ଢାଳିଛି ପରକୀୟା ପ୍ରୀତିର ଇଙ୍ଗିତ ।

କିନ୍ତୁ ସେତ ନିଜର ସ୍ତ୍ରୀ ଭାବି ଏଭଳି ବ୍ୟବହାର କରିଥିଲା ।

ଶାମର ମନ ଅସ୍ଥିର ହୋଇ ଉଠିଲା । ଶୀତେଇ ଗଲା ଦେହସାରା । ଅନୁତାପରେ ଥରି ଉଠୁଛି ସମୁଦାୟ ଶରୀର । ଗୃହଭିତ୍ତି ଦେହ ଉପରକୁ ଭିଡି ନେଇ ଅଟନେଇଲା ବିଛଣା ଉପରକୁ ।

ରଜନୀର ମଧ୍ୟମ ପ୍ରହର ବୋଧହୁଏ । କାକର ପଡୁଛି ଝିର୍ ଝିର୍ ହୋଇ । ରାସ୍ତା ଆଉ ରାସ୍ତା ଉପରର ଘାସ ଓଦା ହୋଇ ଯାଇଥିବ । କୁକୁର କେଇଟି ଅତି ଉଚ୍ଛୃଙ୍ଖଳ ଭାବରେ ବୋବାଉଛନ୍ତି । ବୋଧହୁଏ ନୂଆ ଲୋକଟିଏ ପାଖଦେଇ ଚାଲିଗଲା ।

ଶାମ ସମୁଦ୍ର ଗର୍ଜନକୁ କାନେଇ କାନେଇ ଶୋଇବାକୁ ଚେଷ୍ଟାକଲା -- କିନ୍ତୁ ଏ କଣ ? ଆଜି ତାର କଣ ହୋଇଛି ? ନିଦ ଧରୁନି ଆଖି ଦେଉନି --

ଶାମ ବିଛଣାରୁ ଉଠି ଯେପଟେ ପାଣି ପିଇଲା । ଜହ୍ନ ମୁଣ୍ଡ ଉପରେ ଖେଳୁଛି । ରଜତ ଶୁଭ୍ର ଜ୍ୟୋତ୍ସ୍ନା ଢେଳାଇ ହୋଇ ପଡ଼ୁଛି -- ପଶ୍ଚିମ ଆକାଶରେ ମାଛକାତିଆ ମେଘ ଖଣ୍ଡେ । ତାରା ଗୁଡ଼ିକ ଦାଉ ଦାଉ ହୋଇ ଜଳୁଛନ୍ତି ।

ଶାମ ଫେରିଆସି ଶୋଇଲା -- ଚମ୍ପା ଚିଠି ଦେଇଥିଲା । ତା'ପାଇଁ ଗୋଲାପୀ ରଙ୍ଗର ଶାଢ଼ୀଟିଏ ଦରକାର । ଚିଠିଟିର ଶେଷ ଭାଗରେ ଲେଖାଥିଲା -- "ମୋର' ସାଙ୍ଗ ଏଇ ପାଖରେ ବସି କହୁଛନ୍ତି, ତାଙ୍କ-ପାଇଁ ଗୋଟିଏ ବନାରସୀ ସିନ୍ଦୁର ପୁଡ଼ା ଦରକାର । ଆସିଲେ ଭରସା ଦେଇ ଦେବେ ।"

ଚମ୍ପା ସିନ୍ଦୁର ମଗାଉଛି !

ଏଣୁ ଚମ୍ପାକୁ କେତେ ଭଲପାଏ ଶାମ ! ଗାଁ କଥା ମନେ ପଡ଼ିଲେ ଚମ୍ପାର ସେଇ ସୁନ୍ଦର ଗୋଲାପୀ ମୁହଁଟି ଆପେ ଆପେ ଆସି ଆଖି ଆଗରେ ଭାସି ବୁଲେ । ସେ ଯେତେଠା ଗାଁ କଥା ଭାବେ ସବୁ-ଠାରେ ଚମ୍ପାର ସ୍ପର୍ଶ ଥାଏ ଆଉ ଚମ୍ପାର ସ୍ପର୍ଶ ପାଇ ସେ ଭାବନା ଗୁଡ଼ିକ ପ୍ରାଣମୟ ହୋଇଥାଏ !

ଚମ୍ପାବାପର ଇଚ୍ଛାଥିଲା - ସେ' ଚମ୍ପାକୁ ବାହା ଦେବ । ରକ୍ଷଣ-ଶୀଳ ପିତା କହୁଥିଲେ-- ଶାମ ଆଉ ଚମ୍ପାର ବିବାହ ହେବତ ବାଲ୍ୟ ବିବାହ ହେଉ । କିନ୍ତୁ ପିତା ତାର କହୁଲେ-- ବାଲ୍ୟ ବିବାହ ହେଲେ ପାଠ ପଢ଼ାରେ ମନ ରହିବନି' । ସେ କହିଦେବେତ ଶାମ ପାଇଁ ଯୁବତୀ ବିବାହ କରିବେ ।

ଶାମର ମନ ବିରକ୍ତ ହୋଇ ଉଠିଲା । ବାଲ୍ୟ ବିବାହ କରି-ଦେଇଥିଲେ ଏତେଟା କା' କଣ ହୋଇ ଯାଇଥାନ୍ତା ! ଘଟଣାରେ ଶେଷ ଚମ୍ପାର ବାଲ୍ୟ ବିବାହ ହେଲା ଅନ୍ୟ ଜଣଙ୍କ ସଙ୍ଗରେ । ମାମୁଁ ଲଗାଇ

ମୃଗ ଚୁଲିଗଲ । ଧୂଆଁରୁଆଁ ହେଲନି' । ଚମ୍ପା ଖାଲି କଳ୍ପନାରେ ରହିଲ, ଭଲ ପାଇବାର ଦାରୁଣ ପରିଣତି ଦେଇ ।

ଏସବୁ ଚମ୍ପା ସିନ୍ଦୁର ମଗାଉଛି । ସିନ୍ଦୁର ମଗାଇବା ଅଳରେ ତାକୁ ମନେ ପକାଇବାକୁ ଇଙ୍ଗିତ ଦେଉଛି—

ଶ୍ୟାମର ମନ ଘାଣ୍ଟି ଚକଟି ହେଲ । ନିସ୍ତେଜ ଭାବରେ ପଡ଼ି ରହିଲା । ଆଉ କୁଆଡେ ଭାବିବାକୁ ଇଚ୍ଛା ନାହିଁ —କେତେବେଳେ ଶୋଇ ପଡ଼ିଛି—

ଶୋଇ ପଡ଼ି ସ୍ୱପ୍ନ ଦେଖୁଛି ଶ୍ୟାମ ।

ବାସ୍ତବ ଜଗତର ଅସମ୍ଭବ ଭାବନା ସ୍ୱପ୍ନ ଭିତରେ ସମ୍ଭବ ହୁଏ । ହେଉ ପଛେ ସେ କ୍ଷଣିକ ପାଇଁ । କିନ୍ତୁ କେତେ ସୁନ୍ଦର ! କେତେ ସ୍ୱାଭାବିକ ! ଅବଚେତନ ମନର ସାମୟିକ ନଗ୍ନ ବିକାଶ !

ଶ୍ୟାମ ସ୍ୱପ୍ନରେ ବିଭୋର । ସେ ସ୍ୱପ୍ନ ସୌନ୍ଦର୍ଯ୍ୟର- ସେ ସ୍ୱପ୍ନ ଚମ୍ପାର । ଶରତର ରୁପେଲି ଜ୍ୟୋତ୍ସ୍ନାରେ ବିହାର କରୁଛି ଚମ୍ପା । ଛନ୍ଦ ଚପଳ ଅଙ୍ଗଲତାରେ ଲାବଣ୍ୟର ଢେଉ । ବିପୁଳ ସ୍ୱାସ୍ଥ୍ୟରେ ବସନ୍ତର ବିକାଶ । ଯୌବନର ମହୁଆ ଗନ୍ଧ ବାୟୁମଣ୍ଡଳକୁ ସତେଜ କରିଛି । ଚକ୍ଷୁରେ କଟାକ୍ଷର ମଦିରା । କବରୀ ଭିତରେ ମଲ୍ଲୀର ସଙ୍ଗୀତ । ନାଚୁଛି ସେ ଉଚ୍ଛୃଙ୍ଖଳ ହୋଇ, ବିଭୋର ହୋଇ- ନୃତ୍ୟର ତାଳେ ତାଳେ ପୁରବୀର ମୂର୍ଚ୍ଛନା- ପ୍ରତି ପଦପାତରେ ଫୁଟି ଉଠୁଛି ପଦ୍ମ, ସୃଷ୍ଟିର ସୁନ୍ଦରତମ ପୁଷ୍ପ ।

ନୃତ୍ୟରତା ଚମ୍ପା । ଯୌବନର ରସ ପାତ୍ରଟିଏ । ସରସ ଆଉ ସତେଜ । ଛଳ ଛଳ ହେଉଛି ରସ । ତାଜା ଆଉ ଟଟକା । ଓଠ ଧାରେ ଧାରେ ବିଜୁଳି ପରି ହାସ୍ୟରେଖା । ଅନୁରାଗର ଇଙ୍ଗିତଟିଏ ।

ଅଥବା ଏକ ବଶିଷ୍ଟ କବର ସଫଳ କବିତା । ପ୍ରତ୍ୟ ଅବୟବରେ କଳାର ଗୋଟିଏ କମନୀୟ ସ୍ପର୍ଶ- ଅଷଠି କଳାର ସାକ୍ଷାତ ରୂପ ।

ଅର୍ଥଭରା ଦୃଷ୍ଟିରେ ଅନାଇ ରହିଛନ୍ତି ଶାମ । ତାଙ୍କ ନିଷ୍ପନ୍ଦ ଦୀପଶିଖା ସମାନ ସେ ଦୃଷ୍ଟି । ମୁଗ୍ଧ ଅଉ ବିଭୋର । ହସିଲା ଚମ୍ପା ରଙ୍ଗୀନ କଥା କହୁଛନ୍ତି । ମନ ଗହନର ଗୋପନ କଥା । ପ୍ରାଣ ଭିତରର ଅକୁହା କଥା । ମନ ମୟୂର ନାଚୁଛି । ବାଦଲ ଦେଖି ମୟୂର ଯେପରି ନାଚେ । ପୁଚ୍ଛ ବିସ୍ତାର କରି ଫୁଲି ଫୁଲି ଯାଏ ।

ଚମ୍ପା ଭିତରେ ନିଜର ସତ୍ତାକୁ ମିଶାଇ ଦେବାକୁ ଚାହେଁ ଶାମ -- ତାକୁ ପାଣିଭଳି ପିଇ ଯିବାକୁ ଚେଷ୍ଟା କରୁଛନ୍ତି । ଶେଷ ବିନ୍ଦୁ ଯାଏ ପିଇଯିବ । ମନ ଭରି - ପ୍ରାଣ ଭରି । ଶୋଷ ମେଣ୍ଟିଲା ପରେବି ପିଇବ । କିଛି ବାକି ରଖିବନି ।

ନୃତ୍ୟ ବିଭୋର ଚମ୍ପା ଚାହିଁଛନ୍ତି ଶାମକୁ । ଆଖିରୁ ତାର ଝୋପି ପଡୁଛି ସୁହାଗ -- ମୁଖମଣ୍ଡଳରେ ଲକ୍ଷ ଗୋଲାପର ଆଭା । ଭଲା ଓଠାଲାରେ କୁହୁକ ଖେଳୁଛି । ଅଙ୍ଗରେ ବାସ ରହୁନି । ଯୌବନ ଲହଡ଼ି ଭାଙ୍ଗୁଛି ।

ଶ୍ୟାମର ଦେହ ଜଳି ଉଠିଲା । ଶିରା ପ୍ରଶିରାରେ ରକ୍ତର ବିଦ୍ୟୁତ ପ୍ରବାହ । ଧୈର୍ଯ୍ୟ ରହୁନି । ଏଇ ଯେ ଅତି ଆପଣାର ଚମ୍ପା ! ଯାହାକୁ ପ୍ରାଣଦେଇ ଭଲପାଏ । ଯାହାର ରୂପଲାବଣ୍ୟ ଏତେଦିନ ଧରି ଲୁଚକାଳି ଖେଳିଛନ୍ତି ମନଭିତରେ । ଯାହାର ସତ୍ତା ଅନୁଭବ କରିଛନ୍ତି ମର୍ମେ ମର୍ମେ- ହୃଦୟର ରାଣୀ ରୂପେ- ପ୍ରିୟତମା ରୂପେ !

ଆଲିଙ୍ଗନ କରିବାକୁ ଚାହେଁ ଶାମ -- ଛନ୍ଦାୟିତ ଚମ୍ପାର ବିପୁଳ ଯୌବନରେ ମିଶି ଏକାକାର ହେବାକୁ ଚାହେଁ । ପ୍ରସ୍ଫୁଟିତ

ପତ୍ରଗଳୁ ବୋଳାଢ଼ୋଇ, ରୂପ ପ୍ରବାହରେ ଅବଗାହନ କରି ସଖା ହଜାଇ ଦେବ ।

ଚମ୍ପା ଆଗେଇ ଆସୁଛି ଶାମ ପାଖକୁ ଠିକ୍ ମନକଥା ଜାଣିଲ ଭଳି । ସେ ଆଗେଇ ଆସୁଛି ଶତକଦମ୍ବର ରୋମାଞ୍ଚ ନେଇ । ଆଉ କୋଟିଏ ଆଶା ଆକାଂକ୍ଷାର ଆବେଗ ନେଇ ତୃଷ୍ଣିତ ନୟନରେ ଅନାଇ ରହିଛି ଶାମ ।

ଚମ୍ପା ଆସୁ ଆସୁ ଅଟକି ଗଲା ଚଲାପଥର ଅଧବାଟରେ । ଅଙ୍ଗରେ ତାର ଅବଶର ଝଲକ । ଫଗୁଲ ଫଗୁଣର ଆଭା ଘୋଡ଼ାଇ ସତେ ଯେମିତି ଉଠି ଆସୁଛି ଗୋଟିଏ ପ୍ରଳୟଙ୍କରୀ ଝଞ୍ଜା । ସେ ଝଞ୍ଜା ବାଲି ଆଉ ଧୂଆଁର । କିଛି ଦେଖି ହେବନି ।

ଚମ୍ପା ଆଖିରେ ହାସ୍ୟ ପରିବର୍ତ୍ତେ ଲୋତକ । ସତେ ଯେମିତି କହୁଛି - ଦୂରେଇ ଯାଅ ସଖା ! ସମ୍ମୁଖରୁ ମୋର ଉଭେଇ ଯାଅ । ମନେଭାବ ମୁଁ ତୁମର ପାହାନ୍ତା ପ୍ରହରର ଏକ ଦୁଃସ୍ୱପ୍ନ ଥିଲି । ତୁମକୁ ଦୁଃଖ ଦେବାକୁ ଆସିଥିଲି । ମୋର ସ୍ଥିତି ନାହିଁ -- ମୋର ସତ୍ତା ନାହିଁ । ମୁଁ ଏକ ତୃଷ୍ଣା -- ମୋତେ ଆଜିଠୁ ଭୁଲିଯାଅ ।

ମନହରଣା, ରକ୍ତାକ୍ତ ସେ ଭାଷାର ଶୈଳୀ !

ଭୁଲିଯିବ ଶାମ - ସ୍ୱପ୍ନସାଥି ଏହି ଛନ୍ଦାକୁ ? ପ୍ରାଣବୀଣା ଯାର ସ୍ମୃତି ଲଭି ଥରି ଉଠେ, ମଧୁର ଛନ୍ଦବାଣି ମଞ୍ଜୁଆଳି କରେ, ପ୍ରାଣମୟୀ ସେହି ଚମ୍ପାକୁ ଭୁଲି ରହିପାରିବ ଶାମ ?

ଚମ୍ପା ! !

ଶାମ ଆଖିରେ ସେ କେବଳ ଗୋଟିଏ ସୁନ୍ଦରୀ ତରୁଣୀ ନୁହେଁ, ଗୋଟିଏ କବିତା । ରୂପ,ରସ ଆଉ ରାଗରେ ତାର କଳେବର ମଣ୍ଡିତ ପ୍ରତି ପଦ ପାତରେ ଫୁଟି ଉଠେ ଛବିଳ ପଦ୍ମ । ଦେଖିଲେ କଣ୍ଠାଗତ

ସତେ କିବା ସେ ଗୋଟିଏ କମ୍ରଜ୍ଞାର ବିଚିତ୍ର ଆଲୋକ — ଦେହରେ ଧଏ ଚମକ । ଶିରରେ ଖେଳାଏ ଆବେଗ ।

ଚମ୍ପା କାନ୍ଦୁଛନ୍ତି କହିଁ କହିଁ । ସେ କାନ୍ଦରେ ଭଗ୍ନ ବୀଣାର ସ୍ୱର ।

ବଡ଼ ବିକଳ ସେ ସ୍ୱର । ଆମ୍ବ ଥର ଉଠେ । ଥରି ଉଠନ୍ତି ଶ୍ୟାମ । କ୍ଷତ ବିକ୍ଷତ ମନରେ ଖେଳୁନ୍ତି ଗୋଟିଏ ଅଜଣା କନ୍ଦନର ଘଭଣ ।

ଶ୍ୟାମ ସେ ସ୍ୱପ୍ନ ସହି ପାରିଲ ନାହିଁ । ନିଦ ଭାଙ୍ଗିଗଲା । ସ୍ୱପ୍ନ ଭୁଲିହେବନି’ ଏଯାଏ । ମନ ମୟୂର କାନ୍ଦୁଛି ।

କଣ ପାଇଁ ଏ ଦୁଃସ୍ୱପ୍ନ ? ତାର କାରଣ କଣ ହୋଇପାରେ ? ସେ ଆଜି ନୁହେଁ, ଅନେକ ଦିନ ସ୍ୱପ୍ନ ଦେଖିଛନ୍ତି ଚମ୍ପାଙ୍କୁ । ଅନ୍ୟଥର ସ୍ୱପ୍ନ ଦେଖେ ଚମ୍ପା ହସୁଛନ୍ତି । ଆନନ୍ଦରେ ତାଙ୍କୁ ଆଲିଙ୍ଗନ ଦେଉଛନ୍ତି । ପ୍ରିତ ଚୁମ୍ବନ ମାଗି ଆଖି ବୁଜି ଦେଉଛନ୍ତି । ଏସବୁ ସ୍ୱପ୍ନ ଦେଖି ସନ୍ତୋଷ ହୁଏ ଶ୍ୟାମ । ସଚେତ ହୋଇ ହସି ଉଠେ । ମନେ ପକାଇ କୁତୁକି ଯାଏ ।

ସମାଜ ଚକ୍ଷୁରେ ଯାହା ବିଷ -ତାହା ଅମୃତ ହୋଇ ଝରେ ସ୍ୱପ୍ନ ଭିତରେ । ଯେତେସବୁ ଅସମ୍ଭବ ଭାବନା ସମ୍ଭବ ହୋଇ ଦେଖାଦିଏ ନିଦ୍ରାରେ । ଅବଚେତନ ମନର ଆକସ୍ମିକ ପ୍ରଭାବ । କଳ୍ପିତ ଦୁନିଆର ରଙ୍ଗୀନ ଛବି ।

କୁହୁକ ସେ- ଦେଖିଲେ ଦେଖାଯାଏ । ଅନୁଭବ କଲାବେଳେ ତୁଚ୍ଛା । ସତ୍ତା ଥାଇବି’ ଅସତ୍ୟ । ପବନକୁ ଅନୁଭବ କରିହୁଏ - କିନ୍ତୁ ଦେଖି ହୁଏ ନାହିଁ । ଅଦ୍ଭୁତ କୁହୁକକୁ ଦେଖି ହୁଏ କିନ୍ତୁ ଅନୁଭବ କରି ହୁଏନି’ । ସ୍ୱପ୍ନ ଉଭୟରୁ ଅଧେ ଅଧେ । ଅନୁଭବ କରିହୁଏ ଆଉ ଦେଖିହୁଏ । କିନ୍ତୁ ନିରାଟ ମିଥ୍ୟା । ନିଦ ଭାଙ୍ଗିଲେ ଶୂନ୍ୟ, ଅକାରଣ ।

ସେ କଳ୍ପନା କରନ୍ତି ଚମ୍ପାକୁ, ଚନ୍ଦନଚର୍ଚ୍ଚିତା ତରୁଣୀ ରୂପରେ ନୁହେ- ହସକୁଣ୍ଡୀ ରୂପସୀ ରୂପେ । ନିଦ ଭାଙ୍ଗେ । ଘଣ୍ଟା ଘଣ୍ଟା ଭାବି ବସେ ଶ୍ୟାମ- ମନ ଉପରେ ବିବେକର ଗୁରୁତ୍ୱ । ବୟସ ବିବେକକୁ ଅଡେଇ ଦିଏ । ଭାବେ ଚମ୍ପାକୁ ପାଇଛନ୍ତି ନିକଟରେ - ଅତି ନିକଟରେ ।

କିନ୍ତୁ ଆଜିର ଦୁଃସ୍ୱପ୍ନ !

କଣ ଅମଙ୍ଗଳ ହେଲା ଚମ୍ପାର ? କାହିଁକି ସେ ସ୍ୱପ୍ନରେ କାନ୍ଦୁଥିଲା ? କଣ ପାଇଁ ଆବେଦନ କଲା ଭୁଲି ଯିବାକୁ ? ସ୍ୱପ୍ନରେ ସେ ଚମ୍ପା-କୁ ପାଇ ମଧ୍ୟ ପାଇ ପାରିଲେ ନାହିଁ । ହାତକୁ ଆସି ଖସି ଗଲା । ଏହାର ଉଦ୍ଦେଶ୍ୟ କଣ ହୋଇ ପାରେ ? ତେବେ ଚମ୍ପା କଣ ଏକାବେଳକେ ତାଙ୍କୁ ଭୁଲିଗଲା ? ତାଙ୍କୁ ପର କରି ଦୂରେଇ ଗଲା ?

ନାଁ ଅସମ୍ଭବ । ଚମ୍ପାକୁ ସେ ପିଲାବେଳୁ ଜାଣିଛନ୍ତି । ତାଙ୍କୁ ସେ ଭଲ ପାଏ । ଦେଖିଲେ ଆନନ୍ଦ ହୁଏ । ଅଳ୍ପ ଟିକିଏ ଚାହିଁ ଓଢଣା ଟାଣି ଦିଏ । ଅଧର ତାର ଥରି ଉଠୁଥାଏ ଉତ୍ତେଜନାରେ । କଣ କହିବା କହିବା ଭାବ, ତଥାପି ସେ କହି ପାରେନି । ତାର ତଳ ତଳ ଆଖି ଦୁଇଟି କହେ, "ମୁଁ ତମକୁ ଭଲ ପାଏଁ ସଖା ! ଖୁବ୍ ଭଲ ପାଏଁ । ଜୀବନଠାରୁ ଅଧିକ ।" ଏହି ଚମ୍ପା କଣ ବଦଳି ଯାଇପାରେ ?

ରାତିର ଶେଷ ପ୍ରହର !

ରାସ୍ତା ଉପରକୁ ଦୃଷ୍ଟି ପକାଇଲା ଶ୍ୟାମ । ନିସ୍ତବ୍ଧ ରାଜପଥର ନିଦ୍ରା ଭାଙ୍ଗି ଆସୁଛି । ପୁଣି ଥରେ ଜନଗହଳି ହୋଇ ଉଠୁଛି ରାଜମାର୍ଗ ସାରା । ରାତିର ବିଶ୍ରାମ ପରେ ସତେଜ ହୋଇ ଉଠୁଛି ଠିକ ଏହୁଗୁଲି ଯାଉଥିବା ଲୋକଙ୍କ ଭଳି ।

ସାରା ଦିନର ଖଟଣି ପରେ ମଣିଷ ହାଲିଆ ହୁଏ । କର୍ମକ୍ଳାନ୍ତ ଶରୀର ମାଗେ ବିଶ୍ରାମ । ମନ ଜାଣି ରାତି ଆସେ । ରାତି ଆସେ ଦୁନିଆଁ

ପାଇଁ ଆଶୀର୍ବାଦ ନେଇ, ସ୍ୱପ୍ନ ନେଇ । ଆଲୋକ ଲିଭି ଯାଏ । ଆସେ ଚନ୍ଦ୍ର ---ଆଉ ଆସନ୍ତ୍ର ତାରଗଣ । ସତେ ଅବା ଏହି କର୍ମକ୍ଳାନ୍ତ ଦୁନିଆକୁ ଭୁଲେଇ ଦେବାକୁ --ଶରୀର ଆଉ ମନର ପ୍ରାଣକୁ ହରି ନେବାକୁ । ସମଗ୍ର ଦୁନିଆରେ ଅଂଧାର ପରଦା ଢାଙ୍କି ହୁଏ । ମନ ମାୟାରେ ମଗ୍ନ ହୁଏ । ବେଳେବେଳେ ନିରୋଳା ରାତିରେ ଚନ୍ଦ୍ରର ଅଭିସାର ଦେଖି ମନୁଷ୍ୟ ମୁଗ୍‌ଧ ହୁଏ । ଭୁଲିଯାଏ ଦିବସର ମନମରା କ୍ଳାନ୍ତି । ସେ ବିଶ୍ରାମ ନିଏ ଗହଳ ରାତ୍ରିର ଅଂଧାର ଗୁଡ଼ିରେ । ସତେ କିବା ଶିଶୁ ନେଇଛନ୍ତି ମାତାର ସ୍ତନ ଉପରେ ବିଶ୍ରାମ - ନିର୍ଭୟ ଆଉ ନିଃସଙ୍କୋଚରେ ।

ରାତି ପାହେ । ଗତ ଦିବସର କ୍ଳାନ୍ତିକୁ ପାଶୋରି ଦେଇ ମନୁଷ୍ୟ ଗୋଡ଼ ବଢ଼ାଏ ଆଗକୁ । ସେ ଯାତ୍ରାର ଶେଷ ନାହିଁ । ଅନନ୍ତ ଆଉ ଅସୀମ । ଜୀବନ ଶେଷ ଯାଏ ମଣିଷ ଚାଲିଛି । ଗୋଟିଏ ନୁହେଁ, କୋଟିଏ ମାନବ ଲକ୍ଷ ଆଶା ଓ ଅଭିଳାଷ ନେଇ ନିତ୍ୟ ନୂତନ ଭାବରେ ଚାଲିଛନ୍ତି । ସମସ୍ତଙ୍କ ଆଖିରେ ନବୀନ ଆଗ୍ରହ - ଜୀବନ ମତାଣିଆ ମୂର୍ଚ୍ଛନା ।

ଶ୍ୟାମ ଦେଖିଲା ରାତି ପାହୁଛି । ସ୍ୱପ୍ନ ମରିଯାଉଛି । ସ୍ୱପ୍ନ ମରିଗଲା ମଉଳା ଫୁଲ ଭଳି । ମଉଳା ଫୁଲର ସ୍ଥାନ ନର୍ଦ୍ଦମାରେ । ସ୍ୱପ୍ନର ସ୍ଥାନ ବାସ୍ତବତାର ବାହାରେ ।

କିନ୍ତୁ......

ଫୁଲ ଦେଇ [illegible] । ସ୍ୱପ୍ନ କିଏ ଦେଲା ତାକୁ ? ରାତି ସତେ ଯେମିତି ଆସିଥିଲା ଶତ୍ରୁ ରୂପେ ଶ୍ୟାମର । ଦୁଃଖ ଦେବାକୁ । କଷ୍ଟ ଦେବାକୁ । କ୍ଳାନ୍ତି ନେଇକି — ଦେଇଗଲା । କାହାପାଇଁ- କାହିଁକି ? କି ଉଦ୍ଦେଶ୍ୟରେ ?

ଖାଲି ଚମ୍ପା ସକାଶେ । ମନ ଭିତରେ ସହସ୍ର ପ୍ରଶ୍ନ ଖେଳୁଛି । ଚମ୍ପା ! କିଏସେ ଏହି ଚମ୍ପା ? ତାର କି ସମ୍ବନ୍ଧ ଚମ୍ପା ସଙ୍ଗରେ ? କାହିଁକି ଚମ୍ପା କଥା ଭାବିବ ? ଯେଉଁ ଚମ୍ପା ଦୁଃଖ ଦିଏ, ତାକୁ ନେଇ ଚିନ୍ତା କଲେ ଲାଭ ? ଚମ୍ପା, ଚମ୍ପା ନୁହେଁ -- କଣ୍ଟା । ମନଟାକୁ ଫୋଡ଼ି ପକାଇ ରକ୍ତାକ୍ତ କରି ଦେଉଛି । କେବେ ଦିନେ ସେ ଚମ୍ପାର ସ୍ୱାମୀ ହେବାକୁ ଯାଉଥିଲା -- ହୃଦୟ ଭିତରେ ଆସନ ଦେଇଥିଲା ।

କିନ୍ତୁ ସେତ ଅଳକାର କଥା ନୁହେଁ । ସମ୍ବନ୍ଧ ଭାଙ୍ଗି ଯାଇଛି । ଚମ୍ପାର ବିବାହ ହୋଇଛି । ଚମ୍ପା ଆଉ ତାର ନିଜର ନୁହେଁ ପରର, ଆଉ ପର ସ୍ତ୍ରୀର ଭାବନା କରିବା ପାପ । ଅବିବେକୀର କାର୍ଯ୍ୟ !

ମନକୁ ତାର ଦଂଶନ କରୁଛି ଚମ୍ପାର ଭାବନା, ଠିକ୍ ଏକ କାଳ ନାଗର ବିଷ ଭଳି । ଶରୀରକୁ ଖାଇଯିବ ଡାଳ ଡାଳ କରି । ସେ ଏହି ବିଷଠୁ ଦୂରେଇ ରହିବ । ଚମ୍ପା, ବଣମଲ୍ଲୀ ଭଳି ଫୁଲଟିଏ । ଗାଆଁରେ ଫୁଟିଛି । ଯୌବନ ତାକୁ ସୁନ୍ଦର କରିଛି -- ଫୁଲଠୁ ସେ-- ଶରୀ ପାଇ ଝାଉଁଳି ଯିବ ଦିନେ । ଭ୍ରମର ହେବ ଶ୍ୟାମ, ଚମ୍ପା ପାଖକୁ ଯିବନି ।

ଆଉ ଦିନକର ସବୁଦିନିଆ ସକାଳଟିଏ । ଏହା ଭିତରେ ଶ୍ୟାମ ଅନ୍ୟ କାମରେ ନିଜକୁ ବ୍ୟସ୍ତ ରଖିଛି । ଗାଁକଥା ଓ ବିଶେଷ କରି ଚମ୍ପା କଥା ଭୁଲି ଯିବାକୁ ଚେଷ୍ଟା କରୁଛି । ବିଭିନ୍ନ ବନ୍ଧୁ ବାନ୍ଧବଙ୍କ ସଂଗରେ ଅସଂଖ୍ୟ ଯୁକ୍ତିତର୍କ ଚାଲେ । ବ୍ରିଜ୍ ଆଉ ବ୍ରେ ଖେଳର ଆଡ୍ଡା ଜମେ । ଗ୍ଲେଠ ବଡ ଆଲୋଚନା ହୁଏ । କଲେଜର ଅଧ୍ୟାପକ ଠାରୁ ବଡ ବଡ ରାଜନୀତିଜ୍ଞ, ସୁରେୟା ମଧୁବାଲାଠୁ, ପ୍ରଥମ ବାର୍ଷିକ କଲାଛାତ୍ରୀ ପୁଷ୍ପା, ମଞ୍ଜୁଳା ଯାଏ । କୌଣସିଟିର ଗୁରୁତ୍ୱ ନଥାଏ । ଚା'କପ୍ ଆଉ ସିଗାରେଟ୍ ଭଳି ଖୁବ୍ ହାଲ୍କା । ସମୟ କଟାଇବାର ଶସ୍ତା ଉପାଦାନ ।

ସେଦିନ ସମୁଦ୍ର କଡେ କଡେ ସୁନାର ଗୌରାଙ୍ଗ ପର୍ଯ୍ୟନ୍ତ ଯାଇ ଅନ୍ୟମନସ୍କ ଭାବରେ ଢେଙ୍କାନାଳ କୋଠି ଦେଇ ଷ୍ଟେସନ ରୋଡ୍‌କୁ ଫେରୁଥିଲା ଶ୍ୟାମ । ଦେଶ ବିଦେଶର ଯାତ୍ରୀ ଏହି ରାସ୍ତା ଦେଇ ପୁରୀକୁ ଆସନ୍ତି ଓ ଫେରିଯାଆନ୍ତି । ଗୋଟିଏ ମଟର ହର୍ଣ୍ଣର ବିକଟାଳ ସ୍ୱରରେ ଭାବନା ତାର ଭାଙ୍ଗିଗଲା । ପଛକୁ ଅନାଇ ଦେଖେ ତ ରିକ୍ସାଟିଏ ଥରଥରରେ ଚାଲିଯାଉଛି । ପଛରେ ଥିବା ଡ୍ରାଇଭର ଜଣକ ରାସ୍ତା ଛାଡ଼ିଦେବାକୁ ହର୍ଣ୍ଣ ଉପରେ ହର୍ଣ୍ଣ ବଜାଉଛନ୍ତି । ସମସ୍ତେ ତରବର, ବ୍ୟଗ୍ର । ଟିକିଏ ଅପେକ୍ଷା କରିବାକୁ ବେଳ ନାହିଁ ।

ପଛରେ ମୋଟର ଓ ଆଗରେ ଜନଗହଳି ଦେଖି ରିକ୍ସା ଉପରେ ଥିବା ସ୍ତ୍ରୀଲୋକ ଦୁଇଟି ଶଙ୍କି ଗଲେଣି । ବୋଧହୁଏ ପ୍ରଥମକରି କେଉଁ ପଲ୍ଲୀ ଗହଳରୁ ପୁରୀ ଆସୁଛନ୍ତି । ରିକ୍ସାରୋହୀ ଦୁଇଜଣ ଯାତ୍ରୀଙ୍କ ଭିତରୁ ଜଣଙ୍କର ବୟସ ଚାଳିଶ ଉପରେ ହେବ । ଦେହରେ ବ୍ରହ୍ମପୁରୀ ବସନ୍ତ ରଂଗର ପାଟ । କାନରେ ମଣିପୁରୀ ଫେଣ୍ଡିଟିଏ । ଅନ୍ୟ ଜଣକ ତରୁଣୀ । ପୋଷାକ ଅତି ସାଧାରଣ । କିନ୍ତୁ ଖୁବ୍ ସୁନ୍ଦର ଦେଖାଯାଉଥାନ୍ତି । ବୟସ ତାଙ୍କୁ ସୁନ୍ଦର କରିଛି । ବୟସକୁ ଲୁଚାଇ ଦେବାକୁ ବୟସ୍କା ଜଣକ ଖୁବ୍ ଚେଷ୍ଟା କରୁଛନ୍ତି ।

ସାଧାରଣ ନାରୀ ଚରିତ୍ରର ସ୍ୱାଭାବିକ ବିକାଶ । ଚିରଦିନ ନାରୀ ଚାହିଁ ଆସିଛି ନିଜକୁ ସୁନ୍ଦର ରୂପେ ସଜାଇବାକୁ । ଦୁନିଆକୁ ମୋହିତ କରିବାକୁ ।

ରିକ୍ସା ପାଖେଇ ଆସିଲା । ଶ୍ୟାମ ତରୁଣୀର ମୁଖମଣ୍ଡଳକୁ ଅନାଇ ବିସ୍ମିତ ହେଲା । ଏହି ମୁହଁଟି ସଙ୍ଗରେ ଚମ୍ପା ମୁହଁର ଅଦ୍ଭୁତ ସାମଞ୍ଜସ୍ୟ ଅଛି ତ ! ସେ ବ୍ୟସ୍ତ ହୋଇ ଉଠିଲା । ଚମ୍ପା କାହିଁକି ତାର ବାରମ୍ବାର ମନେ ପଡେ ? ଗୋଟିଏ ବିଜାହୁଡ

ତରୁଣୀରି ଅଜଣା ଆକର୍ଷଣ ତାର ସବୁଜ ହୃଦୟକୁ ତଳ ତଳ କରି କାଟି ପକାଉଛି ।

ମନ ଭିତରେ ଝଡ । ଅଶାନ୍ତ ଝଡ ସେ । ଉଦ୍ଧବ ବଞ୍ଚଳ କରିଦିଏ । ଘର ଭିତରେ ପଶି କବାଟ ବନ୍ଦ କରିଦେଲେ ବାହାର ଝଡର ବୃ୍ୟପାତରୁ ରକ୍ଷା ପାଇ ହୁଏ । କିନ୍ତୁ ମନର ଝଡଟା ଘରେ ଭିତରେ ମରେ ନାହିଁ !

ଏଡ଼ି ଦେବାକୁ ଯେତେ ଚେଷ୍ଟା କଲେବି ମନଭିତରେ ଖେଳି ବୁଲୁଛି ଚମ୍ପା । ଯେତେ ଅଟକାଇଲେ ରହୁନି । ଆଗବାଟକୁ ଓଗାଳି ଦେଉଛି । ଘରକୁ ଟିକିଏ ବୁଲିଯାଇ ଚମ୍ପାକୁ ଦେଖି ଆସିଲେ ହୁଅନ୍ତା । - ଚମ୍ପା ସିନ୍ଦୁର ସକାଳେ କହୁଛି ।

ସିନ୍ଦୁର ଆଉ ସ୍ୱପ୍ନ !

ଚମ୍ପାର କିଛି ଅମଙ୍ଗଳ ହୋଇ ନାହିଁତ ।

ଚମ୍ପାର ଅମଙ୍ଗଳ ! ଭଗବାନ ତାକୁ ରକ୍ଷା କରନ୍ତୁ ! ଶ୍ୟାମ ଅଜାଣତରେ ଥରି ଉଠିଲା । କିନ୍ତୁ କଣ କରିପାରିବ ସେ ? ତା' ହାତରେ ବା' ଅଛି କଣ ? ଚମ୍ପାତ' ତାର ନୁହେଁ । ସେ ଗୋବର୍ଦ୍ଧନର । ଗୋବର୍ଦ୍ଧନ ତାକୁ ରକ୍ଷା କରିବ ।

ଗୋବର୍ଦ୍ଧନ ! ଚମ୍ପାର ବର !! ଚମ୍ପାର ରକ୍ଷକ !!! ସେ ନିଜେ କିଏ ? କେହି ନୁହେଁ । ସମ୍ବନ୍ଧ ଥିଲା ପତ୍ନୀ ହୋଇଥାନ୍ତା । ସମ୍ବନ୍ଧ ଭାଙ୍ଗି ଯାଇ ଭଉଣୀ ହୋଇଛି । ସେ କେବଳ ଲେଖାପୋଖା ଭାଇ । ଦାଣ୍ଡର ଆଉ ପାଞ୍ଚଜଣଙ୍କ ଭଳି ଭାଇ ।

ଶ୍ୟାମ ଗାଁକୁ ଗଲେ ଆଡେଇ ହୁଏ । କଥା ନକହି ମୁଣ୍ଡ ପୋତି ଚାଲିଯାଏ । ଶ୍ୟାମ ଦେଖେ ଚମ୍ପା ଚାଲିଯାଉଛି । ଆଉ ପାଞ୍ଚଟି ଝିଅଙ୍କ ଭଳି ମରଦ ପିଲା ଦେଖି ବାଟ ଭାଙ୍ଗି ଚାଲି ଯାଉଛି । ଆଉ ତାର କି ଅର୍ଥ ହୋଇ ପାରେ ?

ଶ୍ୟାମ ବସାକୁ ଫେରି ବିଶ୍ରାମ କଲାବେଳେ ପୁଣି ଥରେ ସେହି ସାନୀ ଓ ଚମ୍ପାକଥା ମନେ ପକାଉ ପକାଉ ଆଉ ଗୋଟିଏ ବିଗତ ସ୍ମୃତି ଆଖି ଆଗରେ ଭାସିଗଲା । ସେ ଅନେକ ଦିନ ତଳର କଥା -- ଚମ୍ପାର ବିବାହ ପରେ ଗାଁକୁ ଯାଇଥାଏ ପୂଜା ଛୁଟିରେ । ମଦନବାବୁ ଘରେ ନଥାନ୍ତି । ଚମ୍ପାବଉ ଖାଇବାକୁ ଡାକିଲେ । ଘରେ ସେଦିନ କେତେ ଅନର୍ଥ । ଭାଉଜ ଆଉ ବଉ ଗୋଟିଏ ପାଖରେ ତ, ଅନ୍ୟ ପାଖରେ ବଡ଼ ଭାଇ ଆଉ ବାପା । ଭାଇ ଗର ଗର ହୋଇ କହୁଥାନ୍ତି-- " ବୁଢ଼ୀ ସୁହାଗ ଦେଖାଇ ହେଉଛି ! ବିଭା ବେଳରେ ଲୁଚିଗଲା-- ଏବେ ଆସିଛି ଇଙ୍ଗିତ କରିବାକୁ । ଏତେ ଆଦରର ବୋହୂ ପଡ଼ିଥିଲା, ସ୍ୱାମୀକୁ ବୁଝାଇ କଥାଟାକୁ ସମାଧାନ କରି ଦେଇଥିଲେ କଣ ଚଳି-ନଥାନ୍ତା ? " ରାମବାବୁ ମଧ୍ୟ ସେ କଥାକୁ ସମର୍ଥନ କଲେ ।

ଶ୍ୟାମ ଶୋଇବା ଘର କାନ୍ଥ କଡ଼କୁ ଆଉଜାଇ ହୋଇ ନଜାଣିଲା ଭଳି ସବୁ ଶୁଣୁଥାଏ ! ମନ ତାର ଉଠୁଥାଏ ପଡ଼ୁଥାଏ । କେତେ ଛୋଟମନା ଏହି ବଡ଼ଭାଇ । ଜଣେ ଦୋଷ କଲା ତ ଆମର ସଳଖାଇ ଦେବା କଣ ଉଚିତ ନୁହେଁ ? ବାପା ମଧ୍ୟ ଭାଇଙ୍କୁ ସମର୍ଥନ କରୁଥିବାର ଦେଖି ବିସ୍ମିତ ହେଲା ଶ୍ୟାମ । ଯେଉଁ ଚମ୍ପାବଉର ଗୁଣ ଗାଇବାକୁ ବାପା ଶତଜିହ୍ୱା ହୋଇ ଉଠନ୍ତି ସେ ପୁଣି ବଡ଼ ଭାଇଙ୍କୁ ସମର୍ଥନ କଲେ । ବଉ କହିଲେ -- ବୁଢ଼ୀଟାର ସ୍ନେହ ଅଛି ବୋଲି ଡାକୁଛି । ନାହିଁ କରି ଦେଲେ ମନ ଭାଙ୍ଗିଯିବ । ଭଲକଥା ହବନି । ଖାଇଦେଇ ଆସିଲେ କଅଣ ବା ଆମର ଊଣା ହୋଇ ଯାଉଛି ।

ବଡ଼ ଭାଇ ଗର ଗର ହୋଇ ଚାଲିଗଲେ । ରାମବାବୁ ସ୍ତ୍ରୀଙ୍କୁ ଏକୁଟିଆ ଦେଖି କହିଲେ, " ଚମ୍ପା ସଙ୍ଗରେ ସମ୍ବନ୍ଧ ପଡ଼ିଥିଲା ।

ବଡିଲ୍ ହିଁଅ ଘରେ ଥିବ -- ପୁଣି ମଦନ ଘରେ ନାହିଁ । ଶ୍ୟାମ ଗଲେ ଭଲ ହବନି । ”

ଶ୍ୟାମବନ୍ଧୁ କହିଲେ, “ ଓଃ ସେଇଥି ପାଇଁ ? ଶ୍ୟାମ ମୋ ପୁଅ । ତୁମ ଅପେକ୍ଷା ମୁଁ ତାକୁ ଅଧିକ ଜାଣେ । ସେ, ସେ ଭଲ ପିଲ ନୁହେଁ ଯେ ଦାଣ୍ଡରେ ତମର ବଦ୍‌ନାମ କରିବ । ପୁଅତ' ମୋର ସୁନା ମୁଣ୍ଡା ।”

ରାମବାବୁ କହିଲେ, -“ତଥାପି ମୋତେ କାହିଁକି ଭଲ ଲାଗୁନି' ବୟସ ହୋଇ ଯାଉଛି ପରା ! ବୟସ ବଢିବା ମାନେ କାହିଁ -- କେତେବେଳେ କେଉଁ କଥା । କଣ ହେଲେ ଆମ ଉପରକୁ ଆସିବ ସିନା ! ତାପରେ ଲୋକଙ୍କ ମୁହଁକୁ ତ' ବାଡ଼େଇ ନାହିଁ ।”

ଶ୍ୟାମବନ୍ଧୁ ବେପରୁଆ ଭାବରେ କହିଲେ -- “ କଣ ହେଲେ ହବ । ଚମ୍ପା ଘରକୁ ଆସିବ । ଆଉ କଣ ? ଲୋକଙ୍କୁ ଯଦି ଏତେ ର ହେବେ କାଇଁ ପଟେ ଯାଉ । ”

ଘର ଭିତରେ ସ୍ତ୍ରୀ ଜାତିର ଜନ୍ମ ହୁଏ । ଯବୁବେଳେ ଆଉ ବୁ ଲୁଚେ । ତାହାହିଁ ହେଲା । ଶ୍ୟାମ ସବୁ ଜାଣି ଲୁଚେଇଚୋରି ଗଲେ ାଡ଼ପଟେ । ସେଦିନ ହୋଲି ପେଣ୍ଟ ଗଣ୍ଡିକ ପିନ୍ଧି ଦେହରେ ମୂଲପୁରି ଲୁମ୍ବପଡା ରଂଗ ଗାମୁଛାଟାଏ ପକାଇଥିଲା । ଟିକିଏ ଅଧିକ ମୟ ଦେଇ ମୁଣ୍ଡ ସଜାଇଲ । ନିଜକୁ ସୁନ୍ଦର କରି ସାଜିବାକୁ ଦସ୍ତୁ ଚେଷ୍ଟା । ଗଲାବେଳେ ଭାଉଜ ହାତୁଡରେ ପଡ଼ିଲା । ଭାଉଜ ସି ହସି କହିଲେ -- “ ଏ କଣ ? ଆମ ଶ୍ୟାମଟି ଏବାକେଳେ ରଚାରୀ ! କାହୁ ବୁଝି ହୃଦିଅର ନୂଅରେ ପାଗୁଡ଼ା ଲେକିଛି । ଦଖିବ ସିନା -- ଛୁଇଁବ ନାହିଁ । ଖପଦ । ”

ଶ୍ୟାମର ଗୋଡ ଥରି ଉଠିଲା -- ଚମ୍ପା ନୂଆରେ ପାଗୁଡ଼ା ଲେଇଛି । ଛୁଇଁବାକୁ ମନା ।

ଚମ୍ପା ଏବେ ଯୁବତୀ ହୋଇଛି । ଶତ ପାଖୁଡ଼ା ମେଲି ଫୁଟି ଉଠିଛି । ଶରତ୍‌ର ଭାସ୍କରରେ ଭଜା ଜଡ଼ବୁଡ଼ ହୋଇଥିବା ପାଖୁଡ଼ା ପ୍ରାପ୍ତ ହୋଇଥିବା ଚମ୍ପାର ଦେହ । କୋମଳ, ଶୀତଳ -- ଟଳ ଟଳ ଆଉ ଛଳ ଛଳ । ପବନ ଥରେ ଉଠୁଥିବ ତାର ସଙ୍ଗରେ । ମାଟି ପୁଲକିତ ହେଉଥିବ । ଦେହରେ ଲକ୍ଷ ସ୍ୱପ୍ନର ଲାବଣ୍ୟ ନେଇ ସେ ଗୁନ୍ଥୁଥିବ କଣେଇ କଣେଇ । କଥା କଥାକେ କବିତାର ଉପାଦାନ । ପ୍ରତି ପଲକରେ କୁହୁକର ମାୟା । ପ୍ରତି ପଦପାତରେ ଲାସ୍ୟର ମୂର୍ଚ୍ଛନା । ମନର ସମସ୍ତ ଆବେଗ ଆଉ ଉତ୍ତେଜନାର ଗୋଟିଏ ଜୀବନ୍ତ ପ୍ରତିମୂର୍ତ୍ତି ।

ଚମ୍ପା ଥିଲା କୁମାରୀ । ହାସ୍ୟମୟୀ ଲାସ୍ୟମୟୀ । ଲାବଣ୍ୟ ଅଛି ସୌରଭ ଅଛି, କିନ୍ତୁ କଳିକାବସ୍ଥା । ଅନିଶ୍ଚିତ ଭବିଷ୍ୟତର ସ୍ୱପ୍ନ ଦେଖୁଛି । କେତେଟିଏ ଭଳି ଦକ୍ଷିଣା ପବନରେ ହଲି ଦୋହଲି ଖେଳୁଛି । ଦେଖିଲେ ଲୋଭ ଆସେ । ଛିଣ୍ଡାଇ ଆଣି ପକେଟରେ ବାଁହାତ ମୁଠାରେ ରଖିବାର ଆଗ୍ରହ । ଅଙ୍ଗୁଳିରେ ମନପୁରାଇ ଆଉଁସିବାର ଇଚ୍ଛା —

ଏହି ଭଳି ଏକ କଳିକା ଚମ୍ପାର ସୌନ୍ଦର୍ଯ୍ୟ ଦେଖି ତୃପ୍ତ ହୋଇଥିଲା ଶାମ । ସରମ ବାଉଳା କିଶୋରୀଟିକୁ ପତ୍ନୀରୂପେ କଳ୍ପନାକରି କବିତା ଲେଖୁଥିଲା । ଚମ୍ପା ତାକୁ ଦେଇଥିଲା କବିତାର ଉପାଦାନ । ଶାମ କବି ହୋଇଥିଲା କିଶୋରୀ ଚମ୍ପା ପାଇଁ । ତାକୁ ତାର ଅଜାଣତରେ ଲୁଚି ଲୁଚି ଦେଖେ ଏବଂ ଏହି ଲୁଚି ରହି ଦେଖିବାରେ ଯେଉଁ ଆନନ୍ଦ ଆସେ ତାକୁ କବିତାରେ ରଂଗ ଦିଏ ।

ଆଜି ଚମ୍ପା ଫୁଟିଛି । କେମିତି ହୋଇଥିବ ତାର ରୂପ ? ହୁଏତ ଲହକା ଦେହରେ ମାଂସ ଲାଗିଥିବ । ପ୍ରତି ଅବୟବ ଫୁଲି

ଉଠିଥିବ ଜୁଆର ଭଳି । ସ୍ତନରେ ମାଂସ ଗୁନ୍ଦ ହୋଇ ଯାଇଥିବ । ସଂଗୀତ ବାଉଳା ଖାଇ ଅଟକି ଯାଇଥିବ ତା' ଦେହ ଭିତରେ । କବରୀର ଗନ୍ଧରେ ଥିବ ମନ୍ଦାରର ମାଧୁ । ଆଖିରେ କଜଳ ଦେଇ ସେ ଅନାଉଥିବ କଣେଇ କଣେଇ । ଆଷାଢ଼ ପୁଷ୍ପବଣୀର ପୂର୍ଣ୍ଣତା ଥିବ ମୁହଁରେ । କେତେ ସୁନ୍ଦର ହୋଇଥିବ ଚମ୍ପା । ବୋଧହୁଏ କଳ୍ପନାଠାରୁ ଆହୁରି ସୁନ୍ଦର ଦେଖା ଯାଉଥିବ । ତାକୁ ଦେଖିଲେ ଆଡ଼େଇ ଯିବ । ସରମରେ ନରମି ଯିବ । ଓଢ଼ଣା ଟାଣି କବାଟ କଣକୁ ଯାଇ ଲୁଚିବ । କଥା କହିବ ନାହିଁ । କହିଲେ ଶୁଣିବ ନାହିଁ । ହାତଠାରି ଡାକିଲେ ପାଖକୁ ଆସିବ ନାହିଁ । ଖାଲି କବାଟ ସେପଟେ କାନେଇ ଥିବ । କଥା ଜଗି ହସିବ -- କୁଳୁ କୁଳୁ ହୋଇ । ପାଖକୁ ଗଲେ ଦୂରେଇ ଯିବ ପବନ ପରି, ହରିଣୀ ଭଳି - - - - -

କିନ୍ତୁ ଚମ୍ପା ଯେ ବିବାହିତା ! ଏହି ଉଚ୍ଛୁଳା ରୂପର ଦେବତା ଗୋବର୍ଦ୍ଧନ କଥାହିଁ ସେ ବେଶୀ କରି ଭାବୁଥିବ । ପୂଜାରିଣୀ ଚମ୍ପାର ରୂପ ସମ୍ଭାର ତାର ଦେବତାର ପୂଜା ପାଇଁ । ତହିଁରେ ଲୋଭ କରିବା ପାପ !

ଚଲା ପଥରେ ଅଟକି ଗଲା ଶ୍ୟାମ । ପାଦ କିଏ ପଛକୁ ଭିଡୁଛି । ଯିବକି ନାହିଁ ? କିନ୍ତୁ ଗଲା ଶ୍ୟାମ । ଭିତରକୁ ପଶିଗଲା ଗୋଟିଏ ଅଜଣା ଆବେଗରେ । କେତେ ଦିନ ଧରି ଭାବି ଥିଲା ତାର କଥା--- କେତେ ମୁହୂର୍ତ୍ତ ସେ ଛଡ଼ାଇ ନେଇଛି ଜୀବନରୁ—

ଚମ୍ପା କଣ ତାରି କଥା ଭାବୁ ଥିବ !

ଚମ୍ପା ଭାବୁ ଥିଲା । ଶ୍ୟାମକୁ ଦେଖି ଉଠି ପଡ଼ିଲା । ମୁଣ୍ଡ ଉପରକୁ ପଣତ ଭିଡ଼ିନେଲା --- ଛିଡ଼ା ଲୁଗା ଉପରେ ଆଖି ବୁଲାଇ, ମୁହଁ ତଳକୁ ପୋତି ଛିଡ଼ା ହେଲା କ୍ଷଣେ—

ଚମ୍ପାବଉ ଶାମକୁ ଦେଖି ଖୁସି ହେଲେ । କଣ ଭାବି ଚମ୍ପା ଆଉ ଶାମକୁ ଏକ ସଙ୍ଗରେ ଦେଖିବାକୁ ଲାଗିଲେ । ମୁଣି ସତେ ଯେପରି ନିଜର ଭ୍ରମ ବୁଝି ପାରି ଶାମକୁ ସପ ଉପରେ ବସିବାକୁ କହି ବାହାର ଗମ୍ଭୀରଙ୍କ କୌଣସି କାମରେ ବାହାରି ଗଲେ ।

ରହିଗଲେ ଚମ୍ପା ଆଉ ଶାମ । ଦୁହେଁ ଅତି ନିକଟରେ । ବିବାହ ସମ୍ବନ୍ଧ ଏହି ସାନ୍ନିଧର ଅନ୍ତରାୟ ଥିଲା । ସମ୍ବନ୍ଧ ପରେ ଏହାହିଁ ମୁହାଁ-ମୁହିଁ ପ୍ରଥମ ସାକ୍ଷାତ । ଶାମର ଛାତି ଉଠିଲା ଆଉ ପଡିଲା । ନାଁ କିଛି ଗୋଟିଏ କହିବାକୁ ହେବ । କଣ କହିବ ଶାମ ? କହିବ, --'ଚମ୍ପା ! ତୋର ମୋର ସମ୍ବନ୍ଧ ପଡି ଥିଲା, ଭାଙ୍ଗି ଗଲା । ତୁ ମୋର ଧନେ ସ୍ତ୍ରୀ ହୋଇ ଥାନ୍ତୁ --- କିନ୍ତୁ ବାପା ତୋର କରେଇ ଦେଲେନି' ।' ଛିଃ କଣ ତୁଚ୍ଛଏ ଭାବୁଛି । କହିବାକୁ କେତେ କଥା --କିନ୍ତୁ କହି ପାରୁନି । କି ଦୁର୍ବଳ ସିଏ !

ମଣିଷ ଦୁର୍ବଳ ହୋଇଛି ନାରୀ ଆଗରେ । ଆଜି ନୁହେଁ, ଯୁଗ-ଯୁଗ ଧରି ।

ନାଁ ସେ ଦୁର୍ବଳ ହେବନି -- ଦୁର୍ବଳତା ଅପଦାର୍ଥର ଆଶ୍ରୟ । ସେ ଅପଦାର୍ଥ ନୁହେଁ, ସବଳ ଆଉ କାର୍ଯ୍ୟକ୍ଷମ । ସବୁ କରି ପାରିବ । ସବୁ କହି ଧାରିବ ।

ସମସ୍ତ ଦୁର୍ବଳତାକୁ ମାଡି ମକଚି, ସମସ୍ତ ଶକ୍ତିକୁ କେନ୍ଦ୍ରୀଭୂତ କରି, ଆବେଗ ଓ ଉତ୍କଣ୍ଠା ଭରି ଶାମ ଡାକିଲା --' ଚମ୍ପା ' !

ଚମ୍ପା ଅନାଇଲା । ପକ୍ଷ୍ମଲତା ଥରି ଉଠୁଥାଏ । ଓଠ ଦୁଇଟି ନିର୍ବାକ, ନିଶ୍ଚଳ । ଉତ୍ତର ଦେବାକୁ ଇଚ୍ଛା କରୁଛି । କିନ୍ତୁ ପାରୁ ନାହିଁ ଗଳା ପାଖରେ ଅଟକି ଯାଉଛି ଯେପରି । କୋଟିଏ ଆବେଗର ଭାଷା ଫୁଟୁଛି ସେ ଚାହାଣୀରୁ । ଥରଟିଏ ଚାହିଁ ଆଖି ବୁଲାଇ ନେଲା । ଶାମକୁ

ମୁହାଁ ମୁହିଁ ଦେଖି ପାରୁନି ଯେପରି । ଇଚ୍ଛା ଥାଇବି ଦମନ କରୁଛି ବୃତ୍ତିକୁ --- ଅତୃପ୍ତ ହୃଦୟରେ ତାର ଅଶାନ୍ତ ଝଡ ବୋହୁଛି । ଝଡ ବୋହୁଇ କିଛି ସମୟ ଯାଏ, ରୋକି ହବନି । ବରୁ ସେ--- ମନ ଇଚ୍ଛା ବୋହି ଯାଉ --- ଛାତି ଭିତରେ ପ୍ରଳୟ ରଚି - - - ଧ୍ୱଂସର ସଂଗୀତ ଗାଇ । ମୃତ୍ୟୁ ତାର କାମ୍ୟ । ନିସ୍ତାର ମିଳିବ । ଶାନ୍ତି ମିଳିବ । ଚିରଦିନ ପାଇଁ ଶାନ୍ତି । ଜୀବନର ଏକାନ୍ତ ଇଚ୍ଛାକୁ ଯଦି ପୂରଣ କରି ହେଲା ନାହିଁ --- ତେବେ ବଂଚି ରହିବା ନିରର୍ଥକ ।

ଶାମ ନୀରବତା ଭାଙ୍ଗି ଆଉଥରେ ଡାକିଲା ---'ଚମ୍ପା' ।

କଣ କହୁଥିଲ ? ଅତି କରୁଣ ଭାବରେ କହିଲା ଚମ୍ପା ।

'କଣ ହୋଇଛି ତମର ? '

'ତମେ କଣ ଜାଣିନା ? ' ଚମ୍ପା ଅଖିରେ ଲୁହ ଛଳ ଛଳ । ନାକ ଫୁଲି ଉଠୁଛି । ଗାଲ ଦୁଇଟି ରକ୍ତ ଗୋଲାପ ଠାରୁ ଅଧିକ ଲାଲ ହେବା ଉପରେ । ସାରା ଅଙ୍ଗରେ କ୍ରନ୍ଦନର କରୁଣ ସ୍ପର୍ଶ ।

ଶାମ ଅଧିର ହୋଇ ଉଠିଲା । କ୍ରନ୍ଦନରତା ତରୁଣୀକୁ ଦେଖି ତରୁଣ ସବୁଦିନ ଅଧୀର ହୋଇ ଆସିଛି । ପୁରୁଷକୁ ପରାଜିତ କରିବା ସକାଶେ ନାରୀର ଏକମାତ୍ର ଅମୋଘ ଅସ୍ତ୍ର ଏହି କ୍ରନ୍ଦନ ।

ତଥାପି ଶାମର ମନ ମାନିଲା ନାହିଁ । ସେ ଆଜି ଅତି ନିର୍ମମ ଭାବେ ଆଘାତ କରିବ ଚମ୍ପାକୁ । ବିବାହ ସମ୍ବନ୍ଧ ଭାଙ୍ଗିବାପରେ ମନ ତାର ଏହି ଭଳି କାନ୍ଦି ଉଠିଥିଲା । ପଢାଶୁଣା ଆଉ ଭୋକ ଶୋଷ ପର୍ଯ୍ୟନ୍ତ ଭୁଲିଗଲା । କେତେ କଷ୍ଟ ତାକୁ ନ ହୋଇଛି ! କିନ୍ତୁ ଏହି ଚମ୍ପା ଆଜି ସତେଇ ହୋଇ ସବୁ ଭୁଲାଇ ଦେବାକୁ ଚାହୁଁଛି । ନାଁ ସେ କାନ୍ଦୁ । ସ୍ପଷ୍ଟ ଭାବରେ କାନ୍ଦି ଉଠୁ । ସେ ଆଜି ଚମ୍ପାର

ଏହି ଜୀବନକୁ ଅତି ନିଷ୍ଠୁର ଭାବରେ ଉପଭୋଗ କରିବ । କଠୋର ହେବ । କହିଲା, "ତୁମେ ନକହିଲେ ଜାଣିବି କେମିତି ଯେ - - -"

" ସବୁ କଥା କଣ କହିବାକୁ ପଡ଼େ ଶ୍ୟାମବାବୁ !" ଏହି 'ଶ୍ୟାମବାବୁ' ଡାକରେ ଚମକି ଉଠିଲା ଶ୍ୟାମ । ପ୍ରଥମେ କଥା କହୁ ନଥିଲା । ତା'ପରେ କହିଲା ଶ୍ୟାମଭାଇ । ଆଜି 'ଶ୍ୟାମବାବୁ' ବୋଲି ସମ୍ବୋଧନ କରୁଛନ୍ତି । ସମ୍ପର୍କ କେତେ ଦୂରେଇ ଗଲଣି । କାହିଁ ସେ ଦିନର ଚମ୍ପା, ଆଉ କାହିଁ ଆଜିର ଚମ୍ପା !

ଶ୍ୟାମ ଉତ୍ତର ଖୋଜି ପାଇଲା ନାହିଁ । ମନେ ମନେ ଭାବିଲା, ଚମ୍ପା ହୁଏତ ଦ୍ୱିତୀୟ ସମ୍ବନ୍ଧକୁ ପ୍ରତ୍ୟାଖ୍ୟାନ କରି ପାରିଥାନ୍ତା । କିନ୍ତୁ ତାହା କି ସମ୍ଭବ ? କଥା ତାର ରଖିବା ଦୂରରେ ଥାଉ --- ଶୁଣିଥାନ୍ତା ବା କିଏ ? ହିନ୍ଦୁ ଝିଅ ସେ । ବାପ ମା'ର ସିଦ୍ଧାନ୍ତକୁ ମୁଣ୍ଡ ପୋତି ମାନି ନେବାକୁ ହୁଏ । ସତେ ଯେମିତି ତାର ସ୍ୱତନ୍ତ୍ର ମତ ବା' ଅଧିକାର କିଛି ନାହିଁ । ବିଶେଷ କରି ବ୍ରାହ୍ମଣ କନ୍ୟାର ଦୁଃଖ ବୁଝୁଛି କିଏ ? ପରମ ନୈଷ୍ଠିକ ମଦନବାବୁ ହୁଏତ ଭୈରବ ମୂର୍ତ୍ତି ଧରିଥାନ୍ତେ । ତା'ର ପାଇଁ ଘରେ ନିଆଁ ଜଳିଥାନ୍ତା । ଆଉ ସେ' ନିଆଁର ଇନ୍ଧନ ହୋଇଥାନ୍ତେ କୁଟୁମ୍ବର ଛନୋଟି ଯାକ ପ୍ରାଣୀ । ତେଣୁ ନିଜ ସ୍ୱାର୍ଥକୁ ପରିବାର ପାଇଁ ବଳି ଦେଇଛନ୍ତି ଚମ୍ପା ।

ତଥାପି - - - - -

ଏତିକିରେ ଅଟକି ଗଲା ଶ୍ୟାମ । ଏହି 'ତଥାପି'ର ଦୀର୍ଘତା ନାହିଁ । ଖାଲି ପୂର୍ଣ୍ଣଚ୍ଛେଦର ସମ୍ଭାବନା । ଶ୍ୟାମ ଥଙ୍ଗେଇ ଗଲା । କିଛିକ୍ଷଣ ପରେ ପୁଣି ସାହାସ ସଂଗ୍ରହ କଲା । ସେ' ଚମ୍ପାର ମନର କଥା ଅତି ସ୍ପଷ୍ଟ ଭାବରେ ବୁଝିବାକୁ ଚାହେଁ ।

କହିଲା, " ପ୍ରସ୍ତାବରେ ତୁମେ ଖୁସି ହୋଇଥିବ - - - ନୁହେଁ ? "

ଚମ୍ପା ଆଶ୍ଚର୍ଯ୍ୟ ଭାବରେ ଅନାଇଲା ଶାମକୁ । ସେ ଦୃଷ୍ଟିରେ ଲଜ୍ଜ ନାହିଁ, ସରମ ନାହିଁ, ବ୍ୟସ୍ତତା ବି ନାହିଁ । ଅଛି ଖାଲି ବିସ୍ମୟର ଭାବ । ବିସ୍ମୟ ବଢିଗଲା ଚମ୍ପା ଖାଲି ଅନେଇଛି ଶାମର ଏହି ଅସମ୍ଭବ ଭାଷା ଝରି ପଡୁଥିବା ଓଠ ଦଇଟିକୁ । କେତେ ନିର୍ମମ ଏହି ଓଠ ଦୁଇଟି । ଯେଉଁଠୁ ଝରେ ହସ ଭଳି ଅମୃତର ଧାର, ସେଇଠି ପୁଣି ଫୁଟି ଉଠେ ହଳାହଳ । କି ଅସମ୍ଭବ କଥା । ତଥାପି ମିଛ ନୁହେଁ । ଅକ୍ଷରେ ଅକ୍ଷରେ ସତ । ଶାମର ଓଠ ଭିତରୁ ଏଇତ ବର୍ତ୍ତମାନ ବାହାରିଲା ହଳାହଳ । ଶାମ ଗୋଟିଏ ପଦ କଥା କହି ତାର ମନର ଭାବ, ହୃଦୟର ଅଭିଳାଷକୁ କ୍ଷତ ବିକ୍ଷତ କଲା । ତାହାକୁହିଁ ଲକ୍ଷ କରି ନିକ୍ଷେପ କରନ୍ତି ତୀବ୍ର ଭାଷାର ଶର। ସୁନେଲୀ କଳ୍ପନାରେ ତାର ରକ୍ତ ଆଲେଖିକା ବୋଲି କହିଦେଇ ଗଲା - - - ପ୍ରସ୍ତାବରେ ସେ ଖୁସି ହୋଇଥିବ ବୋଲି ।

ଚମ୍ପା ଭୀଷଣ ଭାବରେ ଆଘାତ ପାଇ ସ୍ପଷ୍ଟ ଭାବରେ କାନ୍ଦିଲା । ଦବିଗଲା ଶାମ । ଆଗେଇ ଆସି ଚମ୍ପା ମୁହଁରେ ହାତ ଦେଲା । ନିଜର ପାମୁଛ କାନିରେ ଧାର ଧାର ହୋଇ ବୋହି ଯାଉଥିବା ଲୋତକ ଧାରକୁ ପୋଛି ପକାଇଲା । ମନ ତାର ବିକଳ ହେଲା । ଚମ୍ପାର ହାତକୁ ନିବିଡ ଭାବରେ ଚିପିଧରି କହିଲା "ଛି, କାନ୍ଦୁଛି ଚମ୍ପା ! ତୁନିପଡ । "

ଚମ୍ପା ଘୁଞ୍ଚିଗଲା ନାହିଁ ଶାମର ସ୍ପର୍ଶରେ । ଅହତ ପକ୍ଷୀଭଳି ଶାମର ବାହୁ ଉପରେ ମୁଣ୍ଡ ଦେଇ ଶାନ୍ତିର ନିଶ୍ୱାସ ମାରିଲା । ସତେ ଯେମିତି ସେ ଏହାହିଁ କାମନା କରୁଥିଲା ।

ଶାମ ଚମ୍ପାର କନ୍ଦନରତ ଆରକ୍ତ ମୁଖମଣ୍ଡଳକୁ ଅନେଇ ରହିଲା । ଗ୍ରୀବା ତଳେ ଟିକି ଟିକି କେଶ --- ତାହାର ଉପରେ ମୟୂରବସା ସୁନ୍ଦର କାନଫାଶା ---- ମଧୁର ମୂର୍ଚ୍ଛନା ସୃଷ୍ଟି କରୁଛି । ଆଖିର କଜଳ ଲହରେ ଅଧେ ଧୋଇ ହୋଇ ଗାଲ ଉପରେ ଲାଗି ଯାଇଛି । ଅଧର ଦୁଇଟି ଥର ଥର ଉଠୁଛି । କେତେ ସୁନ୍ଦର ଏହି ଚମ୍ପା ।

ଶାମର ମନ ଭିତରେ ଝଡ଼ ସୃଷ୍ଟି ହେଲା । କି ଏକ ଅବ୍ୟକ୍ତ ଆବେଗରେ ଆଲିଙ୍ଗନ କଲା ଏହି ଅସଂଯତ ଚମ୍ପାର ଉଚ୍ଛ୍ୱସିତ ଅବୟବକୁ । ଚମ୍ପା ବାଧା ଦେଲା ନାହିଁ । ଶାମର ଫୁଙ୍ଗୁଳା ଛାତି ଉପରେ ମୁହଁ ଲୁଚାଇ ସେ ନୀରବ ରହିଲା । ଶାମ ଅଧୀର ଭାବରେ ଚମ୍ପାର ଗ୍ରୀବା ଉପରେ ଘନ ଘନ ଚୁମ୍ବନ କଲା । ଭୂରୁ ଉପରେ ଓଠ ଦେଇ ଚମ୍ପାର ପୁଷ୍ପିତ ଯୌବନର ରମଣୀୟ ରୂପଶ୍ରୀକୁ ଆକଣ୍ଠ ପାନ କଲା । ଆଉ ସେହି ଉଲଗ୍ନ ଅନୁଭୂତରେ ଶାମ ହଜାଇ ଦେଲା ନିଜକୁ । ଚମ୍ପାର କୁସୁମିତ ଆଉ ଅକ୍ଷତ ଅବୟବରୁ ଝରୁଥିଲା ଦୁଃଖ ପାଶୋରା ନିର୍ଯାସ । ଆକଣ୍ଠ ପାନ କଲା ଶାମ ।

ଆଉ ଚମ୍ପା । ? ----- ଚମ୍ପା ଏହି ଚିର ଇପ୍ସିତ ଆଲିଙ୍ଗନ ଭିତରେ ବିଭୋର ହୋଇଗଲା ଯେପରି --- ସେ ରହି ରହି ସ୍ୱପ୍ନ ଦେଖୁଥିଲା । ଅଙ୍ଗରେ ଖେଳୁଥିଲା ମିଳନର ଜୁଆର ----- ଦକ୍ଷିଣା ମଳୟ ଭଳି ତାର ଗତି, ଅବାଧ ଓ ଅବୋଧ ।

ଚମ୍ପା ଭୁଲିଗଲା ନିଜକୁ । ଆହୁରି ମଧ୍ୟ ଭୁଲିଗଲା ଯେ ସେ ବିବାହିତା । ଦେହ ଆଉ ମନର ଅଧିକାରୀ ଆଉ ଜଣେ । ସେ ଦୂର ପଥରେ ତାର ସ୍ପର୍ଶ ପାଇଁ ପ୍ରତୀକ୍ଷା କରିଛି । ବିବାହ କରି ତାର ଏହି ବିପୁଳ ଯୌବନର ସତ୍ତା ସେ କିଣି ନେଇ ଯାଇଛି । ତାର ନିଜର

ବୋଲି କହୁନାହିଁ । ବଂଚିବାକୁ ହେବ ନିଜ ପାଇଁ ନୁହେଁ --- କିମ୍ବା ନିଜେ ଯାହାକୁ ଜୀବନ ଦେଇ ଭଲ ପାଏ ତା'ପାଇଁ ନୁହେଁ --- ଜଣେ ଅଜଣା ଅଶୁଣା ଦୃଷ୍ଟାନ୍ତ ପୁରୁଷପାଇଁ ---- ଯିଏ ଆସି ତାର ସର୍ବସ୍ୱ କିଣି ନେଇଗଲା ବିବାହ ବେଦୀରେ -- ସେହି ତାର ସର୍ବସ୍ୱ, ମାନ, ମହତ୍ତ୍ୱ -- ଓ ଜୀବନର ସାଥି । ଖାଲି ଇହକାଳର ନୁହେ --- ପରକାଳର ମଧ୍ୟ ।

ସର୍ବହରା ଚମ୍ପା ମନରେ ବିପ୍ଳବ ଜାଗି ଉଠିଲା । ଭାବିଲା ଯେଉଁ ସମାଜ ନାରୀ ଜାତିକୁ ମଣିଷରୂପରେ ବିଚାର କରେନି' ସେ ସମାଜ ଧ୍ୱଂସ ପାଇଯିବା ଉଚିତ । ମଦନ ମିଶ୍ରେ ତାହାର ଆଗରେ ପିତା ପରିବର୍ତ୍ତେ ରାକ୍ଷସ ଭଳି ଦେଖାଦେଲେ ।

ତଥାପି ସେ ହିନ୍ଦୁ ଝିଅ । ବିବାହ କରିଛି ଯେତେବେଳେ ଶାଶୁ ଘରକୁ ଯିବ ନିଶ୍ଚୟ । ଅଜଣା ପରିବାରକୁ ନିଜର କରିନେବ ।

ଅସ୍ଥାୟୀ ଯୌବନର ଶାରଦୀୟ ସଜ୍ଜା ହଜାଇ ବସିଥିଲେ ହେଁ ମନକୁ ଆପଣାର କରି ରଖିଥିଲା ଚମ୍ପା । ଏହି ମନକୁ ସେ ଶାମ ପାଖରେ ଅର୍ପଣ କରିଥିଲା ---- ମନ ଚୋରାକଯାଙ୍କ ଶାମର । ସାକ୍ଷୀ ତାର ସାକ୍ଷୀଗୋପାଳ ---- ସେଇଥି ପାଇଁ ଶାମ ବାରମ୍ବାର ମନେ ପଡେ । ଅଂଧାର ରାତିର ନିରେଖ ପ୍ରହରରେ' ଯେତେବେଳେ ନିଦ ଭାଙ୍ଗେ ସେ' ଶାମକୁହିଁ ଖୋଜୁଥାଏ । ବର୍ଷବର୍ଷ ଧରି ହୃଦୟ ସିଂହାସନ ଅଧିକାର କରିଛି ଶାମ-- ହୃଦୟ ତାର ଶାମକୁ ପାଇ ଧନ୍ୟ ହୋଇଛି । ସେଠାରେ ଅନ୍ୟ କାହାରି ସ୍ଥାନ ନାହିଁ ।

ଜାତି, ସମାଜ, ପିତା,ମାତା ସମସ୍ତେ ପଛେଇ ରହନ୍ତୁ । ମନ ଭିତରକୁ ପଶି ଖୋଜୁଛି କିଏ ସେ ?

ଚମ୍ପାର ହଠାତ୍ ମନେ ପଡିଲା ବଉ ଫେରୁଥିବ । ସେ ଶାମ ପାଖରୁ ଭଡ଼ ମୋଡ଼ି ହୋଇ ଛଡାଇ ହେବାକୁ ଚେଷ୍ଟା କଲା । କିନ୍ତୁ

ଶ୍ୟାମର ବଳିଷ୍ଠ ବାହୁ ବନ୍ଧନରେ ବନ୍ଦୀ ହୋଇଛନ୍ତି । ଫିଟିବାକୁ ଇଚ୍ଛା ନାହିଁ !

ଚମ୍ପାବଉ ଦାଣ୍ଡ ଦୁଆରୁ ଡାକ ପକାଇଲେ ।ଶ୍ୟାମ ଓ ଚମ୍ପା ଛଡ଼ାଛଡ଼ି ହୋଇ ଦୂରେଇ ଗଲେ । ସତେ ଯେମିତି କିଛି ହୋଇ ନାହିଁ ।

କିନ୍ତୁ ଅନେକ କିଛି ହୋଇ ଯାଇଛି । ଚମ୍ପା ଓ ଶ୍ୟାମ ନିଜ ନିଜର ପ୍ରଶ୍ନର ଉତ୍ତର ପାଇ ସାରିଛନ୍ତି । ଶ୍ୟାମ ବୁଝି ପାରିଛି ଚମ୍ପା ଏବେବି ତାକୁ ଭଲ ପାଏ । ଆଉ ଚମ୍ପା ଜାଣିଛି --- ଶ୍ୟାମର ଏବେ ମଧ୍ୟ ତା' ଉପରେ ଲୋଭ ଅଛି - - - -

ଗୋଟିଏ ଅବିବାହିତ କୁମାର ଓ ସରଳମତି କୁମାରୀ ହୃଦୟରେ ଜୀବନର ପ୍ରଥମ ଭାଗରେ ଯେଉଁ ପ୍ରଣୟର ବୀଜ ବପନ କରାଯାଇଥିଲା ତାହା କ୍ରମେ ଠିଆ ଗଛଟିଏ ହୋଇ ଶାଖା ପ୍ରଶାଖା ମେଲିଛି । ପରିସ୍ଥିତିରେ ଏତେ ବଡ ପରିବର୍ତ୍ତନ ହୋଇଥିଲେ ବି ପୂର୍ବ ଅବସ୍ଥା ସମାନ ରହିଛି ।

ଘାଟ ଉପରେ ଟୋକାଏ ଖରା । ପାଣି ଢାଳ ଉପରେ ସକାଳୁଆ ନରମ ରଶ୍ମୀ ଚକାଭଉଁରି ଖେଳୁଛି । କେତେ ହେବ ସମୟ ? ବଜାର ବେଶ୍ ଜନଗହଳି ହୋଇ ଉଠିଲାଣି । ପରୀକ୍ଷାଫଳ ଦୁଇତିନି ଦିନରେ ପ୍ରକାଶ ପାଇପାରେ । ତେଣିକି ପୁଣି ଜୀବନ ସ୍ୱପ୍ନ ହେବ । ଦରକାର ପଡ଼ିଲେ ଆସିବା କଥା । ବଡ ଦାଣ୍ଡ, ବଡ ଦେଉଳ, ସମୁଦ୍ରବେଲା ସବୁ ଛାଡ଼ି ଚାଲି ଯିବାକୁ ହେବ ସୁବର୍ଣ୍ଣପୁର । ପୁରୀର ପ୍ରତ୍ୟେକ ଧୂଳି କଣାର ମାୟା ଭୁଲିବାକୁ ପଡ଼ିବ । ଏହାରି ଭିତରେ ସବୁ କିଛି ହୃଦୟ ପୂର୍ବକ ଦେଖିନବା କଥା ।

ଶାନ୍ତ ମୁକୁଳା ତଳୁ ହାତ ଘଣ୍ଟା ଭିଡ଼ି ଆଣି ଦେଖିଲା ଆଠଟାକୁ ପଚାଶ ମିନିଟ ବାକି ଅଛି । ତରତର ହୋଇ ନିତ୍ୟକର୍ମ ସାରି ଝରକା ତଳେ ପଡ଼ିଥିବା ସେଦିନର ଖବର କାଗଜ ଉପରେ ଆଖି ବୁଲାଇ ନେଉଛି - - - ପୋଷ୍ଟମେନ୍ ଆସି ଡାକ ପକେଇଲା, 'ବାବୁ ! ଏକ୍ସ-ପ୍ରେସ ଚିଠି ।'

ଏକ୍ସପ୍ରେସ ଚିଠି କାହିଁକି ? କେଉଁଠୁ ଆସିଛି ? କିଏ ଦେଇଛି ? ଘରେ ସବୁ ଭଲତ ! ମା'ଙ୍କ ଦେହ ଭଲ ନଥିଲା । ବାପା ସେହି ସବୁ ଦିନିଆ ପିତ ଜରରେ ପୀଡ଼ିତ ଥିଲେ --- ସାନ ଭଉଣୀର ବିବାହ ପ୍ରସଙ୍ଗ ପଡ଼ିଥିଲା । ବଡ଼ଭାଇ ବାଡ଼ ବିବାଦ ନେଇ ଲାଗି ଯାଇଥିଲେ --- ଶାନ୍ତର ଚିନ୍ତା ଖାଲି ଉଠୁଛି ପଡ଼ୁଛି । ମନ ଭିତରେ ଆଶଙ୍କାର ଛୋଟ ବଡ଼ ଢେଉ । ତରତରରେ ରେଜିଷ୍ଟରରେ ଦସ୍ତଖତ କରି ଚିଠି ଉପରକୁ ବାଜଲା ଖାଇଲା ଭଳି ଅନାଇଲା । ତାପରେ ଶାନ୍ତିର ନିଶ୍ୱାସ । ମୁଣ୍ଡ ଉପରୁ ସତେ ଯେମିତି ପାହାଡ଼ ଓହ୍ଲାଇ ଯାଉଛି । ଶାନ୍ତି ଆଉ ଖାଲି ଶାନ୍ତି । ବାପା ଆଜି ତାଳଚେର ଗାଡ଼ିରେ ଫେରି ଆସୁଛନ୍ତି । ତାଙ୍କୁ ଦେଖା କରିବାକୁ ହେବ ଷ୍ଟେସନରେ । ଏଇତିକି

ସେ ଦିନ ଚମ୍ପା ଘରେ ଭିଡ଼ ବଢ଼ିବାକୁ ଲାଗିଲା । ଗାଁର ପ୍ରାୟ ପ୍ରତ୍ୟେକ ପରିବାର ଭିତରୁ ଜଣେ ଦି' ଜଣ ପଶି ଆସିଲେ ଚମ୍ପା ଘରକୁ । ସମସ୍ତଙ୍କ ମୁହଁରେ ବିଷାଦର ଛାୟା । ଗୋବର୍ଦ୍ଧନ ଚାଲିଗଲେ କେମିତି ? କଣ ହୋଇଥିଲା ତାଙ୍କର ? କେମିତି କଣ ହେଲା ? ଖାଲି ପ୍ରଶ୍ନ ଆଉ ପ୍ରଶ୍ନ । ଆଖି, ଦେହ, ମୁହଁ ସବୁ ଯେମିତି ଗୋଟିଏ ଗୋଟିଏ ପ୍ରଶ୍ନ ବାଚକ ଚିହ୍ନ ? କିଏ ଦେବ ଏ ପ୍ରଶ୍ନର ଉତ୍ତର ?

ଅଧେ ଲୋକ ବିଶ୍ୱାସ କରି ପାରୁନାହାନ୍ତି । ଗଜା ଭେଣ୍ଡିଆ । ସୁନ୍ଦର ଚେହେରା । ଅଳ୍ପ ଦିନରେ ମୁଆଣି ହୋଇଥାନ୍ତା । ବିଧାତାର ଏକି ଆକ୍ରମଣ ? ଭଲମନ୍ଦ ବିଚାର କରେନି' -- ଯାହା ମନ ତାହାହିଁ କରିଯାଏ । ଏହି ଭଳି ଅପନ୍ତରା ସୃଷ୍ଟିରେ ବଂଚି ରହି ଲାଭ ?

ଚମ୍ପା ବଉ ଖାଲି ବାହା ଧରିଛନ୍ତି -- ଆଖିରୁ ବହୁଛି ଶ୍ରାବଣର ବନ୍ୟା ସମାନ ଲୁହ ଧାର । ଯୁବତୀ ଝିଅ, କଞ୍ଚା ବୟସ -- କେମିତି ସହିବ କାଳ ? ଜୀବନର ଆହୁରି ତିନିଭାଗ ବାକି ପଡ଼ିଛି ।

ଚମ୍ପା ନିଜ ପାଇଁ ଯେତେ ବ୍ୟସ୍ତ ନୁହେଁ ବଉ ପାଇଁ ତା'ଠୁ ବଳି ବ୍ୟସ୍ତ ହୋଇ କାନ୍ଦୁଛି । ସାଇ ପଡ଼ିଶାର ଝିଅ ବୋହୂମାନେ ଚମ୍ପା ଆଖିର ଲୁହ ଦେଖି ଥନ ଥନ । ଏତିକି ସୁନ୍ଦର ଝିଅ ! ଯୌବନ ଉଛୁଳା ଦେହ ! କାହାକୁ ନେଇ କାଳ କାଟିବ ? ବିଧାତାର ଏକି ଅତ୍ୟାଚାର ? ଚମ୍ପା ମୋଟେ ଜନ୍ମ ହୋଇ ମରି ଯାଇଥିଲେ ଭଲ ହୋଇଥାନ୍ତା । କିନ୍ତୁ ଏ ଯେ, ଜୀବନ୍ତ ମରଣ । ବ୍ରାହ୍ମଣ ଘରର ବାଲ୍ୟ ବିଧବା ! ମଣିଷ ହୋଇବ କାଠ । ଦୁଃଖ ତାର ତିନି ପାଞ୍ଚିରୁ ବାହାର । କଣ କରିବ ଚମ୍ପା ?

ଚମ୍ପା ସବୁ ଶୁଣୁଥାଏ । ଶୁଣି ଶୁଣି ପଥର ପାଲଟି ଗଲାଣି ଏବେ ମୌନ ହୋଇ କାରକଥା ଭାବୁଛି । ଗଲା ଗଲା ଭଳି ଗୁହାଁରୁଛି । ଏହି ସମୟରେ କିଏ ଜଣେ ଆସି ମୁଣ୍ଡରୁ ତାର ଓଢ଼ଣା ଟେକି ସିନ୍ଦୁର ଟୋପା ଉପରେ ହାତ ରଖିଲା । ଚମ୍ପାର ପ୍ରାଣ ଥରି ଉଠିଲା । ଦେହ ତାର ବରଡ଼ା ପତ୍ର ପରି କମ୍ପୁଛି । ସଧବାର ସଙ୍କେତ, ସୌଭାଗ୍ୟବତୀର ଏକମାତ୍ର ଚିହ୍ନ, ସିନ୍ଦୁର ବିନ୍ଦୁଟି ସୀମନ୍ତରୁ ପୋଛି ନେଇଗଲା ଜଣେ ସ୍ତ୍ରୀ ଲୋକ । ଅନ୍ୟ ଜଣେ କାଚ କାଚେଇ ସୁନା ବଳା ଦୁଇଟି ଓହ୍ଲାଇ ଦେଲା । ଚମ୍ପା ସେହି ସ୍ତ୍ରୀ ଲୋକଟିର ହାତକୁ

ଅତି କଠିଣ ଭାବରେ ଚୁପିଧରି ବାନ୍ଧିଲା । ମୁଠାରେ ତାର କେତେ ବଳ । ସତେ ଯେମିତି ସିନ୍ଦୁର ବିନ୍ଦୁକୁ ସେ କପାଳରୁ ଅନ୍ତର କରିବାକୁ ଚାହେଁ ନା ।

ସନ୍ଧ୍ୟା ବିଧବାର ବିଦଗ୍ଧ ଇତିହାସ । କ୍ରୁର ବିଧାତାର ଅଘଟଣ ଉପରେ ଗୋଟିଏ ଜୀବନ ମୂର୍ଚ୍ଛା ବିଦ୍ରୋହ । କିନ୍ତୁ ସେ ବିଦ୍ରୋହ ଦେବତା ପାଖକୁ ପହଞ୍ଚି ପାରେ ନାହିଁ । ନିଷ୍ଠୁର ସମାଜର ନାଲି ଆଖିରେ ଚୁପି ହୋଇଯାଏ ।

ଚମ୍ପାର ସବୁ ସରିଗଲା । ଦୁନିଆ ଗୋଟିକ ତା'ପାଇଁ ଖାଲି ନିର୍ଯ୍ୟାତନାର ନର୍କ । ଜୀବନର ସମସ୍ତ ସୁଖ ସମ୍ପଦ ଶେଷ ହେଲା । ସବୁ ସ୍ତ୍ରୀ ଲୋକମାନେ କାନ୍ଦି ପକାଇଲେ । ସମବେଦନା ଜଣାଇଲେ ଏତେବଡ଼ ଅଘଟଣ ଆଗରେ ମୃତ୍ୟୁ ବରଂ ଶ୍ରେୟସ୍କର । କିନ୍ତୁ ମୃତ୍ୟୁ କାହିଁ ? କେତେ ଦୂରରେ ତାର ଅବସ୍ଥିତି ? ? ଡାକିଲେ ଆସେନି ପୁଣି ନ ଡାକିବା ଲୋକ ପାଖକୁ ବଳେଇ ପଡ଼େ । କେଡ଼େ ଅବିଚାର ସତରେ !

ଶାମବୋଉ ଚମ୍ପାର ପାଖେ ପାଖେ ରହିଲେ । ମନ ଡରୁ ଯାଉଛି --- କିଏ ଜାଣେ କେତେବେଳେ କଣ କରି ବସିବ ? ରାତି ନିଶୂନ ହେବାଯାଏ ଶାମବୋଉ ବସି ରହୁଥାନ୍ତି । ଚମ୍ପା ବି ଏକୁଟିଆ ଦେଖି ଆଉଥରେ ତାଙ୍କ ଆଗରେ ଫାଟି ପଡ଼ିଲେ । କହିଲେ --- ସବୁ କର୍ମ ଭଉଣୀ କର୍ମ । ହେଇ କାଲିପରି ଲାଗୁଛି, ପ୍ରସାଦ ସେଦିନ ସାକ୍ଷୀ-ଗୋପାଳଙ୍କୁ ସାକ୍ଷୀକରି ଝିଅ ତମକୁ ଦେଇଥିଲି । ଯା' ଦାଉ ମଣିଲେ ନାହିଁ । ସବୁ ତାଙ୍କର ଯୋଗୁ ହେଲା । ନହେଲେ ଝିଅ ମୋର ରାଜରାଣୀ ହୋଇଥାନ୍ତା । ଆଜି ମୋର ରାଜରାଣୀକୁ ଚଣ୍ଡାଳୁଣୀ ବେଶରେ

ଦେଖିଲେ ଦେହ ସହିବ କେମିତି ? କଣ କରିବ ମୁଁ ? ମୁଁ ହେଲେ ମରି ଯାଇଥାନ୍ତି ।

ଶାମବାଉ ଅନେକ ପ୍ରକାର ବୁଝାଉ ଥାନ୍ତି । ବାରଅଡୁ ବାରକଥା ପକାଇ ମନ ଭୁଲାଇବାକୁ ଚେଷ୍ଟା କରୁଥାନ୍ତି । କିନ୍ତୁ ବାଆଙ୍କୁ ବତା ସେ । ଆଉ ପୁଅ ନାହିଁ କି ଝିଅ ନାହିଁ । ବାରବ୍ରତ ଉପବାସରେ କାଳ କାଟୁଥାନ୍ତି । ଶେଷବେଳକୁ ମହାଦେବଙ୍କୁ ଲକ୍ଷେ ଚମ୍ପା ଚଢ଼ାଇ ଆଶୀର୍ବାଦ ସ୍ୱରୂପ ପାଇଥିଲେ ଏହି ଅଳାଅଳ ଚମ୍ପା । ସେହି ଆଶୀର୍ବାଦ ଆଜି ଅଭିଶାପରେ ପରିଣତ ହେଲା ।

ଅଭିଶପ୍ତ ଚମ୍ପା ଦେହରେ ବୈଧବ୍ୟର କ୍ରୁର କୀଟ । ପଲପଲ କରି ଖାଇଯିବ ତାକୁ । ବିକଳାଙ୍ଗ କରି ପକାଇ ଦେବ । ଜୀବନର ଅଳାଆ ଗଦାରେ ଶେଷଯାଏ ସଡ଼ିବ । କୁସୁମିତ ଚମ୍ପାର ସୁବାସ ସରିଗଲା । ଚମକ ମରିଗଲା । ଖାଲି ରହିଛି ଅନାବଶ୍ୟକ ଦେହଟି । କେତେ-ବେଳେ ଯେ କଣ ହେବ, ତାର ଠିକଣା ନାହିଁ । ବରଂ ଦେବତା କଥା ନଶୁଣି କାଠ ପାଷାଣ ହୋଇ ବସିଥାନ୍ତେକି ! ଆଶୀର୍ବାଦଭାବରେ ଅଭିଶାପ ଦେଲେ କାହିଁକି ? ଚମ୍ପାବଉ କାହିଁ କାହିଁ ହୋଇ କାନ୍ଦ ଉଠିଲେ ଠିକ ଛଆଁଳା ପିଲାଟିଏ ଭଳି ।

ଚମ୍ପା ଖଟ ଉପରେ ବସି ଭାବୁଥିଲା—ଆଉ ଖାଲି ଭାବୁଥିଲା । ଭାବନାର କୁଳ କିନାରା ନାହିଁ । କେତେ ଅଡୁ କେତେ କଥା ଆସି ମନ ଭିତରେ ଖେଳାଇ ହୋଇ ଯାଉଛି । ଗୋଟାକ ପାଖକୁ ଆଉ ଗୋଟିଏ । ସମୁଦ୍ର ଲହଡ଼ି, କେତେ ଆସୁଛି କେତେ ଯାଉଛି ଠିକଣା କଣ ? ଏ ଭାବନାର ବିଶ୍ରାମ ନାହିଁ । ଜୀବନ ଥିଲା ଯାକେ ଅସିବ । ମନ ଭିତରେ ହୁତାଶନ । ବାହାର ନିଆଁକୁ ଲିଭାଇ ହୁଏ; କିନ୍ତୁ ମନ

ଭିତରର କିଆଁ ? ଯିଏ ଦେଖିଲା ଅବା କଲା । ଚୁଚୁକର ବାଡ଼ କାଟିଲ ----କନ୍ଥୁ ପଛକୁ ପଡ଼ି ରହୁଛି ଜଣେ ! ସାଙ୍ଗରେ କେହୁ ନାହିଁ ।

କନ୍ଥୁ ଚମ୍ପା ଭାବିଲା ଏଥିପାଇଁ ଦାୟୀ କିଏ ? ସେ କେଉଁ ଅଶୁଭ ଲଗ୍ନରେ ବେଦୀ ଉପରକୁ ଉଠିଥିଲା ଜାଣେ ନାହିଁ । ଯାହା ହାତରେ ହାତଗଣ୍ଠି ପଡ଼ିଲା ତାକୁ ଚିହ୍ନେ ନାହିଁ । ବାଲ୍ୟ ବିବାହକୁ ସରକାର ବେଆଇନ କରି ଦେଇଛନ୍ତି ବୋଲି କିହାତ ଲୁଗ୍ରୁଛପାଟରେ ବାଜା ପରର ଅଗଣା ଦେହରେ ବେଦୀ ପଡ଼ିଲା । ବାଣ ନାହିଁ କି ବାଇଦ ନାହିଁ । ଖାଲି ଶଂଖଟିଏ । ଜୋର କରି ବାଜିଲେ ଲୋକ ଜାଣିବେ ବୋଲି 'ଯେତେଦୂର ସମ୍ଭବ କ୍ଷୀଣ ଭାବରେ ବଜାଇବାକୁ ନିର୍ଦ୍ଦେଶ ଦିଆଗଲା । ବ୍ରାହ୍ମଣ ଅଧେ ଚୋକା ଅଧେ ଗିଳି ଶ୍ଳୋକ ପଢ଼ୁଥାଏ ଆଉ ଚମ୍ପାର ଦେଖିଲା ବାହାଘର । ବାହା ନୁହେ ସେ କନ୍ଦେଇ ଖେଳ । ଧୂଳି ଘରର ଘଣ୍ଟାକିଆ ମଉଜ । ତାପରେ ହାତଗଣ୍ଠି ଓ ଦୁର୍ବଳ ହୁଳହୁଳି । ବିବାହ ଶେଷ । ଗୋବର୍ଦ୍ଧନ ଓ ଚମ୍ପାର ସମ୍ବନ୍ଧକୁ ଯୁଗ ଯୁଗ ପାଇଁ ବାନ୍ଧି ରଖିବାକୁ ଗୋଟିଏ ପବନ ଫାଶ ସେ ଫାଶ ଛିଣ୍ଡି ଗଲା । ସେହି କାଳୁଣିକ ଫାଶ ପାଇଁ ଆଜି ଏତେ ପାଲା । କିଏ କହୁଥିଲା ଏସବୁ କରିବାକୁ ? ଯିଏ ବାହା ହେଉଛି ତାର ମତତ' ନିଆ ଯାଇ ନଥିଲା । ସେ'ତ ନିଜ ଇଚ୍ଛାରେ ବିବାହ ପାଇଁ ଆଗ୍ରହୀ ନଥିଲା । ଗୋବର୍ଦ୍ଧନ କିଏ ତାକୁ ଜଣା ନାହିଁ । ତାକୁ ଚିହ୍ନେନି' ସେ । ଗୋବର୍ଦ୍ଧନ ଭଣି ହେବ ତାର ? ସେ ନିଜେ କିଏ ଗୋବର୍ଦ୍ଧନର ? କିଆଁ କା ଅଙ୍ଗାରେ ଚୂଲି ନା ଗାତ ? ? ତାର କି ଅଧିକାର ଅଛି ଅପରଚିତା ଚମ୍ପା ପାଖରେ । ଘଡ଼ିକ ପାଇଁ ଖେଳିବାକୁ ଆସିଥିଲା --- ଖେଳ ଭାଙ୍ଗିଗଲାରୁ ଚାଲିଗଲା । ଏମିତି ଧୂଳି ଘର ଅନେକ ଖେଳନ୍ତି --- ଟିକିଏ ମଉଜ ପାଇଁ । ମନ ଭୁଲାଇବା ପାଇଁ । ଖେଳ ସରିଲେ ଧୂଳି ଘର ଭାଙ୍ଗିଯାଏ ।

କେଣ୍ଟେଇସବୁ ଛେଳିଙ୍କୁ କଚଡ଼ା ଖାଇ ଧୂଳିରେ ଗଡ଼ନ୍ତି । ସେମାନେ ଅଭ ପୁଅଝିଅ ନୁହନ୍ତି । ଖାଲି ମାଟି । ଅସନା ମାଟି !! ତାଙ୍କମାନଙ୍କ ପାଇଁ କିଏ କାନ୍ଦେ ନାହିଁ ତ ! ତାହାହେଲେ ସେ କାନ୍ଦିବ କାହିଁକି ? ନା ତାର କିଛି ହୋଇ ନାହିଁ । ଗୋବର୍ଦ୍ଧନ ମଲ୍ଲିକ ବଂଚିଛି ସେ ଖବର ରଖିବାର ମୋଟେ ଆବଶ୍ୟକ ନାହିଁ ।

ଗୋବର୍ଦ୍ଧନ ! ଗୋବର୍ଦ୍ଧନ ! ! ଖାଲି ଗୋବର୍ଦ୍ଧନ ! ! ! - - -
ଗୋବର୍ଦ୍ଧନ ନୁହେଁ ଯେ ନିଆଁ ଅଭ ତେଙ୍ଗ ବାଣ । ମନ ଭିତରେ ଫୁଟିଛି । ତାର ବିସ୍ଫୋରଣରେ ଦେହ ଜଳି ଯାଉଛି । ଏହି ସମୟରେ ଅନାବଶ୍ୟକ ଭାବରେ ମନେ ପଡ଼ିଲା ଦିନକର ଘଟଣା । - - - -
ବିବାହ ହାଳିକା ହେବ, ଚମ୍ପା ତଉସିମୂଳେ ଚିଠା ଲେଖା ଦେଖୁଥିଲା, ବଡ଼ମା ଚିଠା ଲେଖୁଥିଲେ ଓଁ ପାଖରେ ବସାଇ ବାର କଥା କହୁଥିଲେ । ଇଚ୍ଛା ନ ଥିଲେବି' ବାଧ ହୋଇ ଚମ୍ପା ବସିଥିଲା । କେମିତି ଶାଢ଼ୀ ପିନ୍ଧିବାକୁ ହେବ, ମାନ୍ୟ ଲୋକଙ୍କୁ ମୁଣ୍ଡିଆ ମାରିବାକୁ ହେବ, ଶାଶୁନଣନ୍ଦ ପାଖରେ କଥା ଭାଷା ହେବାକୁ ହେବ--- ଆହୁରି କେତେ କଣ । ପଡ଼ଶା ଘରର ନୂଆବହୂ ଆସି ହାତ ଠାରି ଡାକିଲା । - - - -
'ଚମ୍ପାମ ଆସୁଛନ୍ତି' !

ଚମ୍ପା ଚିଠା ଦେଖାରେ ବ୍ୟସ୍ତ ରହୁଥିବା ପରି ଶୁଣିଲା ନାହିଁ । ଯିବାକୁ ମନ ନାହିଁ । ନୂଆବହୂ ଉଦଣ୍ଡୀଟାଏ । ବାରଅଡୁ ବାରକଥା ଶୁଣି ତାହାର ନାମରେ ଯୋଡ଼ି ଦିଏ । ରଗିଲେ ତାଳିମାରି ହସେ । କିଏ ଯିବ ଅଠାକାଟିରେ ପଡ଼ିବାକୁ ?

'କି ଗୋ ଦେଇ ! ଆସିବ ନାହିଁ ? ହଁ ଆମେ ଡାକିଲେ କାହିଁକି ଆସିବ । ଯିଏ ଡାକିବା କଥା ସିଏ ସିନା ଡାକିଲେ - - -

ଚମ୍ପା ବାଧ ଛଡ଼ାଇ ପାଖକୁ ଯାଇ ଲଜରା ହୋଇ କହିଲା — 'ନୂଆବହୂ ! ତମେ କଣ ସବୁବେଳେ ଏମିତ ହଉଥିବ ! ବଡମା ବସିଛନ୍ତି ଆଉ - - - -'

'ମଲ ଯା । ସତ କହିଲେ ସତ୍ୟାନାଶ ? ମୁଁ କଣ ଖରାପ କଥା କହିଲି ଯେ--- ତେଣେ ପରା ଉଲ୍ଲୁକ ।'

'କିଏଗୋ ଉଲ୍ଲୁକ କଣ ?'

'ତମର ସିଏ ମ ।'

'କିଏ ମ ନୂଆବହୂ । ଖୋଲି କହୁନ ।'

'ମୁଁ କଣ ଖୋଲି ପାରିବି ? ତେଣେ ସେ' ଉଲ୍ଲୁକ --- ତମେ ଏଣେ କହୁଛ ଖୋଲି ପକାଅ ! କାଲି ହାତ ଟଣି ପଡ଼ିଲେ ହେଲେ ଜାଣିବ ନାହିଁ ! କାନ୍ଥ ନିଶ୍ଚୟ ପଚାରିବ । କେବେ ହେଲେତ ପାଖକୁ ଯିବ ଭୁନି ଭୁନି କଥା କହିବ --- ଉପରେ ପଡ଼ି କାମ କରିବ ! ସେବେଳେ ବେଳେ ପଚାରିବ, ସେ ଏମିତ ଉଲ୍ଲୁକ ହେଉଛନ୍ତି କାହିଁକି ? ଉଲ୍ଲୁକ ହେବାର ସ୍ଥାନ ଅଛି --- କାଳ ଅଛି । ଏମିତ ଶଶୁର ଘରେ ହେଲେ ନ ହେଉଣୁ ଉଠିବା ପଡିବା କଣ ଭଲ କଥା ? ତମେ କହୁନ ଦେଖି ?'

'ମୋତେ ଏସବୁ ସୁଖ ଲାଗୁନି । କଣ କହିବାକୁ ଥିଲେ କୁହ ନହେଲେ ଯାଉଛି ।'

'ଓହଃ ବାଧିଲା ପରା ! ବାଧିବ ନାହିଁ । କଥାର ଗଣ୍ଠି ! ଯେତେହେଲେ ନିଜର । ଅତ ଆପଣାର --- ଗଳାର ମାଳୀ ! ତାଙ୍କର ବିରୋଧ କଥା ଦେହରେ ଛୁଞ୍ଚି ଫୋଡ଼ିଲା ଭଳି ଲାଗୁଥିବ । ଭୁଲିବି ! ଅଚ୍ଛା ଦେଖିଲି ସେଣିକ ? ତମର ସିଏ କେମିତ ହଉଛନ୍ତି ।'

ନିହାତ ଅନିଚ୍ଛା ଭାବରେ ଦେଖିଲା ଚମ୍ପା । କବାଟ ଯାଙ୍କରେ ଦାଣ୍ଡ ଘରର ଅଧେ ଦିଶୁଛି । ପୂର୍ବସ୍ତମ୍ଭର ଚୌକି ଉପରେ ବେଳେ-

ବେଳେ ଗୋଡ ଟେକ୍ ଓ ବେଳେବେଳେ ସମାନ ହୋଇ ବସି ଟେବୁଲ ଉପରେ ମୁଣ୍ଡ ଦେଇ କଣ ଭାବୁଛନ୍ତି କେହି ଜଣେ ।

ଚମ୍ପା ଚୁପ୍ ଚୁପ୍ ପଚାରିଲା ---- 'ସେ କିଏକି ନୂଆବୋହୂ'

"ଓହଃ ଜାଣିନ ପରା- - । ସେ ପରା ଗୋବର୍ଦ୍ଧନ ! ଧନ ନନ୍ଦନ୍ଦ ବୋଲ 'ଭାଲେଣି କରୁଛନ୍ତି କେମିତି ରାତି ପାହୁ ସକାଳ ହେଉ । କିନ୍ତୁ ରାତି ଆସିଲେତ ସକାଳ ପାହିବ । ଏବେଯେ ମୋଟେ ସକାଳଟା ବାପୁରା ବଡ଼ ହନସ୍ତା ହେଲା । ସାଙ୍ଗ ସାଥି ନାହାଁ । ଏକଲାଠାରେ ହାତପଦ ଗଣି ଛଟପଟ ହେଉଛନ୍ତି । ଯିବ, ଯିବଟି ଚମ୍ପା ! ଟିକିଏ ଚର୍ଚ୍ଚା କରି ଆସିବ । ବାବୁଙ୍କର କଣ ଦର୍କାର ଥିଲେ କହିବ ।'

" ତମେ ଯାଉନ ! "

" ମୋର କି ଗରଜ ପଡ଼ିଛି କା । "

" ଆଉ ମୋର ଯୋ' ଗରଜ । "

" ସେ ପରା ତୁମର ସିଏ । "

" ସେ ମୋର ଛତୁ - - ଅଙ୍ଗାର, ବୁଝିଲ ?"

" ସେମିତି ଛେପଟା କଥା କୁହନାହିଁ ଚମ୍ପା । ତୁମ ବରଟି ସିଏ ! ସ୍ୱାମୀ ଦେବତା - ନିହାତି ଆପଣାର । ଜୀବନ ଯାକର ସୁଖ ଦୁଃଖର ସାଥୀ । ବୟସ ହେଲେ ବୁଝିବ ଯେ ।"

" ଅଜାଡୁ କାହିଁକି ?"

" ଘୋଡା ଲଗାମ ପରା - - - ଅଭ୍ୟାସ କରିବାକୁ ପଡେ ।"

" କିନ୍ତୁ ଆମରତ ମୁହଁ ଫିଟିଛି । ଘୋଡା ଭଳି ଜନ୍ତୁ ନୁହଁ" - -

"ସେଇଥି ପାଇଁତ ବେଶି ସାବଧାନ ଚମ୍ପା । ଦେଖନ୍ତୁ, ଇନ୍ଦୁ କଣ କଲା ? ପିଲା ବେଳୁ ବିବାହ ନକଲାରୁ ବୁଢ଼ୀ ବେଳକୁ ବର ମିଳିଲେ ନାହିଁ ବୋଲି ଗୁଣ୍ଡାକର ସଙ୍ଗରେ ଚମ୍ପଟ-----"

"କିନ୍ତୁ ସଭିଏ ତ ଇନ୍ଦୁ ନୁହନ୍ତି । ତୁମ ଅପାତ ଏବେ ବାହା ହୋଇ ସୁଖରେ ଅଛି । କରୁଣା, ମିନତୀତ ସେଇଭଳି ।"

ନୂଆବହୂ କଥା ବାଆଁରେଇ କହିଲେ- "ସେ କଥା ନାହିଁ ଯେ ତମକୁ ମୁଁ ଡାକି ଆଣିଥିଲି ବର ପସନ୍ଦ-----"

କଥା ଛଡ଼ାଇ ଚମ୍ପା କହିଲା - "ମୋ ପସନ୍ଦ ଅପସନ୍ଦରେ କଣ ଅଛି ନୂଆବହୂ ? ତୁମେ ସବୁ ପସନ୍ଦ କଲେ ହେଲା । ତୁମ ମନ ଯାହା ସେଯ୍ୟାତି' କରିବ । ପଚାରି ଲାଭ କଣ ? ମୋତେ ପଚାରିଲେ ପସନ୍ଦ ଅପସନ୍ଦ କଥା ତେଣିକି ଥାଉ ମୋଟେ ବାହା ହେବନି' ବୋଲି କହିଦେବି ।"

ଥଟ୍ଟା କରି ନୂଆବହୂ କହିଲେ, -"ତାହାହେଲେ ମୁଁ କଣ ବାହା ହଉଛିଁ ଯେ---"

"ବାହା ହେବାକୁ ମନ କଲେ ବାହା ହବ ।"

ନୂଆବହୂ ହାତେ ଜିଭ କାଟି ଓଢଣା ଭିଡ଼ିଲେ । ଚମ୍ପା ଏ ଦୃଶ୍ୟ ଦେଖି ଖିଲ ଖିଲ ହୋଇ ହସି ଉଠିଲା ।

ଘର ଭିତରେ ଥାଇ ଗୋବର୍ଦ୍ଧନ ଝରକାପଟେ ମୁହଁ ଆଡେଇଲା---"ଇଃ କି କଦର୍ଯ୍ୟ ମୁହଁ ---ଚମ୍ପା ମନେ ମନେ ଭାବିଲା । କପାଳ ଗୃଖଣ୍ଡେ ଛାଡ଼ି ଯାଇଛି । ନାକ ବଡ । ଓଠ ମୋଟ । ଗାଲରେ ବ୍ରଣର ଦାଗ । ବାହାଡ଼ା ଦାନ୍ତରେ ସୁନାର ଖିଲ ।

ଚମ୍ପାର ଏହି ସମୟରେ ମନେ ପଡ଼ିଲା ଶାମ କଥା । କେଡେ ସୁନ୍ଦର ଚେହେରା । ଭସାଣିଆ ଆଖି ଢଳ ଢ଼ଳ ମୁହଁ । ସରୁ ନାକ । ଲାଲ ଠେହ ଠେହ ଗାଲ । ରକ୍ତାଭ ଓଠ । କଳା ଘୁମର କେଶ । ହସିଲେ କେଡେ ସୁନ୍ଦର ଦେଖାଯାନ୍ତି । ଭଲ ପାଆନ୍ତି ପ୍ରାଣ ଦେଇ । ପ୍ରତି କଥାରେ ମାୟା । ଆଉ ଏ ଗୋବର୍ଦ୍ଧନ ତାଙ୍କର କେଉଁ ଗୋଡ଼ଧୁଆ ପାଣିକି ସମାନ ହେବ ? ବାପାଙ୍କ ବିରୁଦ୍ଧରେ ମନ ବିଦ୍ରୋହ କଲା । ବିଭାଘର ସମ୍ବନ୍ଧ ଭାଙ୍ଗିଦେଇ ବାଛି ବାଛି ଯୋଗାଡ଼ କଲେ ଗୋବର୍ଦ୍ଧନକୁ --- ଯାର ରୂପ ନାହିଁ, ରଙ୍ଗ ନାହିଁ କି ଗୁଣ ନାହିଁ । କିଛି ନାହିଁ । ତାର ନିଜ ଅଜାଣତରେ ଆଖିରୁ ତଳ ପଡ଼ିଲା ଠପ୍ ଠପ୍ ହୋଇ ଦ'ଟୋପା ଗରମ ଲୁହ ।

ନୂଆବୋହୂ ଦୁଃଖିତ ହେଲେ । ମନ କଥା ବୁଝି ନପାରି କହିଲେ --- " ରାଗିଲୁ ଚମ୍ପା ? ହଉ ଜାଣ ମୋତ ହଉଛି --- ଆଉଠୁ ଆଉ ଥଟ୍ଟା କରିବି ନାହିଁ । ତୁମକୁ ଖୁସି କରିବାକୁ ସିନା ଥଟ୍ଟା କରେ ଦେଇ । ଛିଃ ମୋ ରାଣଟି । ଶୁଭ ଘରେ କାନ୍ଦନ୍ତିନି । ତୁମେ ଖାଲି ହସ ଚମ୍ପା, ଖାଲି ହସୁଥାଅ । ଆସ ମୁଣ୍ଡ ବାନ୍ଧି ଦେବି । ମୋ ସୁନାଝିଅ ପରା । ଗୋଡରେ ନୂପୁର ଲଗାଇନ ! ପାଦରେ ଅଳତା ନାହିଁ ? ଆରେ, ଆରେ ତମେ ଯେ ସକାଳ ପାହିଲେ ବାହା ହେବ । ଆଖିରେ କଜଳ, ଗୋଡରେ ନୂପୁର ଓ ଅଳତା ଲଗାଇ ଦେବି ଆସ --- ଚମ୍ପା ମୋ ରାଣ ଆଉ କାନ୍ଦନା ।"

ଚମ୍ପାକୁ ଭଉଜ ଭିତର ଭିତରକୁ ନେଇଗଲେ ।

ଚମ୍ପା ଖାଲି କାନ୍ଦୁଥାଏ ।

ମନର କଥା କେହି ଜଣେ ବୁଝି ପାରିଲେ ନାହିଁ । ଚମ୍ପା ଯାଇ ମାମୁଁ ଘରେ ।

ଫେଲ ଆସି ପଡ଼ରେ ।

ଚମ୍ପା ଖାଲି କାନ୍ଦୁଛି । ଚମ୍ପାବୋଉ ଏ କାନ୍ଦ ଦେଖି ବାୟାଣୀ ହୋଇ ଗଲେଣି । ଘରେ ଦିନେ ଚୁଲି ଜଳିଲାତ ଦିନେ ନାହିଁ । ଶ୍ୟାମବୋଉ ପାଇଁ ଦିଟା ପ୍ରାଣୀ ବଂଚି ରହିଛନ୍ତି କେବଳ । ଦିନକୁ ଦିଥର ଆଁଧପଡ଼ କେତେବେଳେ ହାତରେ ଭାତ'ତ କେବେବେଳେ ତରକାରୀ, ଡାଲି । ଗଣ ନିୟମ ପକାଇ, ଦିଟା ପ୍ରାଣୀର ମୁହଁରେ ଟେଣ୍ଡି ବଂଚାଇ ରଖିଛନ୍ତି । ଚମ୍ପା ବାପା ଘରେ ନାହାନ୍ତି । ବର୍ଷକେ ଛ'ମାସ ବିଦେଶରେ । ଯିବାର ଅନେକ ଦିନ ହୋଇ ଗଲଣି । କାମିକା ଲୋକ । ଦିଟା ହାତକୁ ତିନିତିନିଟା ଭୁଣ୍ଡି । ଘରେ ବସିଲେତ' ଘର ଚଳିବନି' କେଜାଣି କେବେ ଆସୁଛନ୍ତି । ଚମ୍ପାର ବିପତ୍ତି କଥା କାନରେ ବାଜିଲେ ଠିଆ ଗୋଡରେ ଧାଇଁବେ ।

ଶ୍ୟାମବୋଉ ମା ଟୁଅଙ୍କୁ ଖୁଆଇ ଦେଇ ସାରି ଘର କାମ ବୁଝିବାକୁ ଚାଲିଗଲେ । ରମ୍ଭାକୁ ଦେଖିଲେ ଚମ୍ପାର କାନ୍ଦ ବଢୁଛି ବୋଲି ବନ୍ଧି ତାକୁ ଅଲଗା କରି ଘରେ ରଖିଛନ୍ତି ।

ଘରେ ମାଝିଅ ଦି'ଜଣ ! ଉଭୟେ ଉଭୟଙ୍କ ଭାବନାରେ ବିଭୋର । କିଏ କାହାକୁ ସାନ୍ତ୍ୱନା ଦେବ ? କଣ କହି ସାନ୍ତ୍ୱନା ଦେବ ? ସବୁ ସୁଖ ପୋଡ଼ି ପାଉଁଶ ହୋଇ ଯାଇଛି ।

ଚମ୍ପା ବଉଳ ଗଛ ଉପରେ ଟିକିଏ ଗଡ଼ି ଯାଉଛନ୍ତି । ଲୁହ ଧାର ଆଖି ପୋଛୁଛନ୍ତି । ଗୁହ୍ନିଁଲେ ଗାଲ ଲୁହ ଗଡ଼ୁଛି । ଆଖି ଜାଲି ଜାଲିଆ ଦେଖା ଗଲାଣି । କଥା ଖନା ମାରୁଛନ୍ତି ।

ଚମ୍ପା ମସିଣାଟି ପକାଇ ଅନାଉଛନ୍ତି । ସେ ଅନାଇବାର କିଛି ଅର୍ଥ ହୁଏନା । ନିର୍ଦ୍ଦିଷ୍ଟ ଲକ୍ଷ ନାହିଁ ତାର । କେତେଆଡୁ କେତେ କଥା ସେ ଆଖିକି ଦେଖା ଯାଉଛି । ମୁଣ୍ଡ ଉପରେ ଅସଜଡ଼ା ବାଳ କୋଛାଏ, ତେଲ ନ ବାଜି କହରା ଦିଶୁଛି । ଅଙ୍ଗବାସ ଅପର୍ଯ୍ୟସ୍ତ । ମଇଲା ରଇକା ଖଣ୍ଡିକ ମଲ୍ଲ ଅଙ୍ଗାରର ଖେତା - ରଂଗ ଧରିଲାଣି । ସେ ଶାଢ଼ୀ ଓ ରାଇକା ଚମ୍ପା ଦେହରେ ଗୁଡ଼େଇ ହୋଇ ବୋଝର ବ୍ୟଥା ଦେଉଛନ୍ତି ।

ସୁନ୍ଦରୀ ଏହି ସତର ବର୍ଷର ଚମ୍ପା । ଏତେ ଦୁଃଖ ଭିତରେ ବି ଦେହର ରଂଗ ବଦଳି ଯାଇନି । ଦିନେ ହୁଏତ ରଂଗୀନ ନିଶାରେ ବିଭୋର ଥିଲା । ମନ ଭିତରେ କଳ୍ପନାର ତରଙ୍ଗ ଖେଳୁଥିଲା । ସପ୍ତରଙ୍ଗୀ ସେ ତରଙ୍ଗ । ସ୍ୱର୍ଗର ଇନ୍ଦ୍ରଧନୁଟିଏ । ବର୍ଷା ଛାଡ଼ିଲେ ଇନ୍ଦ୍ରଧନୁ ଯେଉଁଭଳି ଅଦୃଶ୍ୟ ହୋଇଯାଏ - - - ଆଜି ଚମ୍ପା ମନର ସେ ସପ୍ତରଙ୍ଗୀ କଳ୍ପନା ଉଭେଇ ଯାଇଛି । ଦିନ ଥିଲା ଯେତେବେଳେ ମୁଣ୍ଡର ବାଳ ଅଁଟିଆ ହେଲେ ବା ବେଶୀ ହୁଗୁଳା ହୋଇଗଲେ ମନ ଛନ ଛନ ଲାଗୁଥିଲା । ଦିନକୁ ଥରେ ନାହିଁ ଦଥର ନାହିଁ ଯେତେଥର ମନ ହେଲା ଦର୍ପଣ ପାଖରେ ବସି ମୁଣ୍ଡ ସଜାଉଥିଲା । କଳା ଭ୍ରମର ବେଣୀରେ ରଂଗ ବେରଙ୍ଗର ରେଶମୀ ଫିତା ବାନ୍ଧୁଥିଲା । କଲଟଣୀ କୁଞ୍ଚାର ଫାଙ୍କେ ଫାଙ୍କେ ମଲ୍ଲିଫୁଲର ଗଜରା ଗଭା, ନିଜ ରୂପରେ ନିଜେ ମୁଗ୍ଧ ହେଉଥିଲା - - - ଆଖିର କଜ୍ଜଳ, କପାଳର କୁଙ୍କୁମ ବେଢା ଚନ୍ଦନ ବେଶ ଚମତ୍କାର ରଂଗ ଦେଉଥିଲା ।

ଆଜି ସେ ଚପଳ ଚମ୍ପା ନାହିଁ । ପ୍ରସାଧନ କଥା, ଭୁଲି ଗଲଣି । ବୀଣା ଦେହରୁ ସବୁ ତାର ଛିଣ୍ଡି ଯାଇଛି । ଅଲୋଡ଼ା ବୀଣା ଖୋପ ଭଳି ଚମ୍ପା ପଡ଼ି ରହିଛି ଏକୁଟିଆରେ । କଣ ହେବ ଆଉ ଦେହ ମୁଣ୍ଡକୁ ସଜାଇ ! କାହାପାଇଁ ସାଜିବ ତାର ଅବୟବ ? କିଏ ସେ ଦେବ ତାର ପ୍ରସାଧନର ସମ୍ମାନ ।

ଚମ୍ପା ଅନ୍ୟମନସ୍କ ଭାବରେ ବସି ଭାବୁଛି । ଦୃଷ୍ଟିରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ । ନିଜ ପରିସ୍ଥିତି ପାଇଁ ଖିଆଲ ନାହିଁ ବୋଧହୁଏ । ବିଗତ ଅତୀତର ଅଙ୍ଗନାଭି କଥା ଗୁଡ଼ିଏ ମନେ ପଡ଼ୁଛି । ଅତୀତକୁ ଫେରି ଯାଇ ହଜିଲା ସ୍ମୃତିକୁ ଖୋଜି ବୁଲୁଛି । ମୁଣ୍ଡରେ ଓଢ଼ଣା ନାହିଁ କି ଘୁଣ୍ଟରେ ଲୁଗା ନାହିଁ । କେତେବେଳେକେ ମୁଣ୍ଡ ଉପରକୁ ହାତ ନେଇ ଦେଖିଲା ଅନୁଭବ କଲା ସେଇଟି ମୁଣ୍ଡ ନୁହେଁଯେ ଅରମା ବଣ । ହଠାତ୍ ଛୁଟା ହୋଇ ପଶିଗଲା ଶୋଇବା ଘର ଥାକ ପାଖକୁ । ସେଇଠି ସେ ନିତି ମୁଣ୍ଡ କୁଣ୍ଡାଏ । ବସିଲେ ମୁଣ୍ଡବାଳ ଧୂଳିରେ ଲାଗିଯାଏ ବୋଲି କାନ୍ଥକୁ ଆଉଜି ପିଢ଼ା ପିଠାଏ । ପିଠି ଉପରେ ଅଂଗାଏ କେଶ । ତାକୁ ଅଂଗୁଳି ବୁଲାଇ କେରି କେରି କରି ସଜାଡ଼ି ଦିଏ । ସେଇଠି ସେ ଥାକ ଉପରୁ ଦର୍ପଣ ଓ ପାନିଆ କାଢ଼ିଲା । ମୁଠୁଲା ଛଳୁ ବାହାର କଲା କେତେ ରଙ୍ଗର ଗୁଞ୍ଜିଆ ହୋଇ ରଖା ଯାଇଥିବା ଫିତାର ଚକି । ମୁନେଲି ରଂଗର କ୍ଲିପ୍‌ଟିକୁ ଆଣି ପାଖରେ ଥୋଇଲା । ପୁଣି ଆଣି ରଖିଲା ଗୋରଚନା ଓ ଚନ୍ଦନ । ସବୁ ଦିନ ସେ କପାଳରେ ଲେପେ ଚନ୍ଦନର ଚନ୍ଦ୍ର । ତାହାରି ଉପରେ ଦିଏ ଗୋରଚନା ବା ରକ୍ତଚନ୍ଦନର ଟୀକା । କେବେ କେମିତି ଚନ୍ଦନ ସାଙ୍ଗରେ କର୍ପୂରକୁ ଘୋରି ଲଗାଇଥାଏ । ଚନ୍ଦନ କାଠ ଅଣୁ ଆଣୁ ହାତରୁ ସେଇଠି ଖସିଯାଇ ଧୂଆଁମଙ୍ଗା ହୋଇ ରଖାହୋଇଥିବା ବାସନ ଉପରେ ପଡ଼ିଲା । ଝଣ୍

ଝ୍ୟାନ୍ ହୋଇ ଆବାଜ ହେଲା । ଚମ୍ପାବଉ ଖଟ ଛାଡ଼ି ଠିଆ ହେଲେ । ଚମ୍ପାର ସେଥ ଆଡ଼କୁ ନଜର ନାହିଁ । ସେଇଠି ଗୋଟାଇ ଦର୍ପଣ ପାଖରେ ଛିଡ଼ା ହେଲା ।

ଚମ୍ପାବଉ କବାଟ କଡକୁ ଆସି ଛିଡ଼ା ହେଲେ ।

ଚମ୍ପା ମୁଣ୍ଡରେ ବାସନା ତେଲ ଡାଳୁଛି --- କେରି କେରି ବାଳ ଅଲଗା ଅଲଗା କରି ପିଠି ଉପରେ ରଖୁଛି । ଅଭ୍ୟସ୍ତ ହାତରେ ରେଶମି ଫିତାଟିଏ ବାନ୍ଧି ସୁନ୍ଦର ବେଣୀଟିଏ ପ୍ରସ୍ତୁତ କଲା । ତାକୁ ଦୁହାତରେ ଖେଳେଇ, କୁଂଚ କୁଂଚାଅ କରି ପିଠି ଉପରେ ଛାଡି ଦେଲା ଦ'ଥର । ବେଣୀଟି ଆସି ନିତମ୍ବ ଉପରେ ଝୁଲୁଛି । ତା' ପରେ ଖଟ ଉପରେ ବସି ଗୋରଚନା ଘୋରିବାରେ ମନ ଦେଲା । ଗୋଟିଏ ଅଦ୍ଭୁତ ଖିଆଲରେ ସବୁ କାମ କରି ଯାଉଛି । ମନ ଭିତରେ ସଂଗୀତର ପ୍ରଭାବ । ଓଠ ପାଖରେ ତାର ଅସ୍ପଷ୍ଟ ଗୁଂଜରଣ ଅଟକି ଯାଉଛି ।

ହର୍ଷ ବିଷାଦର ମୁଖ । ସେ ମୁଖରେ ବିଷାଦ ନାହିଁ କି ବିଷଣ୍ଣ ନାହିଁ । ସରସ, ସରଳ, ସ୍ନିଗ୍ଧ ସୁନ୍ଦର ଗୋଲାପଟିଏ । ଧୂଳି ଲାଗି ମଳିନ ଦେଖା ଯାଉଥିଲା । ପବନ ହେବାରୁ ପରିଷ୍କାର ଦେଖାଯାଉଛି ।

ଚମ୍ପାବଉ କବାଟ ପାଖରେ ଛିଡ଼ା ହୋଇ ଅନେଇ ଥାନ୍ତି । ଗୋରଚନା ଆଉ ଚନ୍ଦନ ସେଇଠି ଦେଖି ହତବାକ୍ ହୋଇ ଯାଉଛନ୍ତି । ମନା କରିବାକୁ ଜିଭ ଚଳଉନି ନାହିଁ । ମାଆ ହୋଇ ଝିଅର ସ୍ୱପ୍ନରେ ବାଧା ଦେବେ !

କିନ୍ତୁ ବିଧବା ଝିଅର ତ ଗୋରଚନା ଟୀକାରେ ପ୍ରୟୋଜନ ନାହିଁ । କାହିଁ କି ଏ ପ୍ରସାଧନ ? କାହିଁ କି ଏ' ସୁବାସିତ ତେଲ ? ? ଗୁଣ୍ଡିଆ ହୋଇ ଝିଅର ଏ ପାଗଳାମୀ ଉପରେ ନଜର ରଖିଥାନ୍ତି । ଭୁଣ୍ଡରୁ ଜୀବ କିଏ ଛଡ଼ାଇ ନେଉଛି । ପ୍ରତିବୋଧ କରିବାର ଶକ୍ତି ନାହିଁ ।

ଚମ୍ପା ସବୁ ସାର ଗୋରଚନାକୁ ଅଙ୍ଗୁଳି ଅଗକୁ ଆଣିଲା । କିଛି କ୍ଷଣ ପୂର୍ବେ ଯେଉଁ ଚମ୍ପା ମଲା ମଶାଣି ଥିଲା ଏବେ ହଠାତ୍ ବଦଳି ଯାଇଛି । ଦେହ ଉପରେ ବନାମାର ମାଧୁର୍ଯ୍ୟ । ମନ ମୟୂର ନୃତ୍ୟ କରୁଛି ।

ଗୋରଚନାକୁ କପାଳ ଉପରେ ରଖି ଦର୍ପଣ ପାଖକୁ ମୁଖ ନେଲା --- ଦେଖେ, କାନ ସବୁ ମେଲା । ଚମ୍ପା ହଠାତ୍ କରୁଣ ହୋଇ ଉଠିଲା । କୋଳ ଉପରୁ ଦର୍ପଣଟି ହଠାତ୍ ଖସି ପଡି ଚୂରମାର ହୋଇଗଲା । ପିନ୍ଧା ଶାଢ଼ୀରେ ଚନ୍ଦନ ଓ ଗୋରଚନାର ସ୍ନିଗ୍ଧ ପ୍ରଲେପକୁ ତରତରରେ ପୋଛି ପକାଇ କାନ୍ଦି ଉଠିଲା ଖୁବ୍ ଜୋରରେ । ଅତି କରୁଣ ସେ କ୍ରନ୍ଦନ । ଦେହ, ମନ, ପ୍ରାଣ ସମସ୍ତେ କାନ୍ଦୁଛନ୍ତି ଏକର୍ଥନା ହୋଇ ।

ଚମ୍ପାବଉ ଅସମ୍ଭାଳ ହୋଇ ଧାଇଁ ଆସିଲେ ଝିଅ ପାଖକୁ । ଆଖିରେ ତାଙ୍କ ଲୋତକର ବନ୍ୟା ।

ବଉ ଛାତିରେ ମୁହଁ ଲୁଚାଇ ଚମ୍ପା କାନ୍ଦୁଛି । ଉଭୟେ ଉଭୟଙ୍କୁ ଦେଖି କାନ୍ଦୁଛନ୍ତି । କେତେବେଳେ ଯାଇ ତୁନି ହେଲେ । ପରସ୍ପରକୁ ଆଉଜି ହୋଇ ଟଳାଇ ପଡିଛନ୍ତି ଦୁଇ ଜଣ ଯାକ । ଦାଣ୍ଡ କବାଟରେ କିଏ ହାତ ବାଡେଉଛି । ଚମ୍ପା ବୋଉ ଯାଇ ଅସ୍ତେକର କବାଟ ଫିଟାଇଲେ ।

ରମ୍ଭା ଭାତ କଂସାଟି ଧରି ଘର ଭିତରକୁ ପଶି ଆସୁଛି - - - -

ଚମ୍ପାବଉ ପ୍ରସାଧନର ସମ୍ଭାର ସବୁ ଗୋଟି ଗୋଟି କରି ସମସ୍ତଙ୍କ ଅଲକ୍ଷରେ ଟେକି ନେଇ ଗଲେ ।

ଅଲଅଲ ଝିଅ ଚମ୍ପାର ମୃତ୍ୟୁ ହୋଇଛି । ତାହାରି ବଦଳରେ ଅଛି ଚମ୍ପାର ଛାଇଟିଏ । ସେ ହସି ପାରେନି, ମଉଜ କରେନି,

ଆତୁଅଳତା ଲଗାଇବା ପାଇଁ ଉପଯୁକ୍ତା ନୁହେଁ । ସେ ଯେ ଗୋଟିଏ ଗ୍ଲାଇ ! ତା ସକାଶେ ଗର୍ବ କରିବାର କିଛି ନାହିଁ ।

ଚମ୍ପା ବଉ ଆଖିରେ ପୁଣି ବୋହିଗଲା ଲୁହର ଧାର । ମା ଝିଅ ପାଇଁ ନିର୍ମମ ହୋଇ ପାରେନା' । ଝିଅ ଯେତିକି ସୁଖରେ ରହିବ ମାର ସେତିକି ଗର୍ବ । ସେ କଣ ଚାହାନ୍ତି ନାହିଁ ଚମ୍ପା ସୁଖରେ ରହୁ ବୋଲି ? ଭଲ ପିନ୍ଧୁ, ଭଲ ଲଗାଇ ମଉଜ କରୁ ବୋଲି ? ? ମନ ତାଙ୍କର ଚିହ୍ନିକି ଉଠିଲା । ମା ମନ ତରଳିଗଲା । ତଥାପି ନାଚାର ସେ । ଅଦୃଶ୍ୟ ଦେବତା ଉପରେ ସମସ୍ତ ଅଭିଶାପ ଦେଇ ନୀରବ ରହିଲେ ।

ରନ୍ଧା ଘରେ ଘଣ୍ଟାଏ ହେବ ପଶିଛି ରମ୍ଭା । ଆହୁରି ବାହାରି ନାହିଁ । ଅଗଣାରେ ଥାଇ ଚମ୍ପାବଉ ଡାକିଲେ - - - " ଝିଅ ! - - - ଏତେବେଳ ଯାଏ ରନ୍ଧା ଘରଟାରେ କଣ କରୁଛୁକି ? ଆସୁନୁ ଏଇଠିକି ? "

" ନାଇଁ ମାଉସୀ ଏବେ ଯିବିନି' । ଚୁଲି ଧରି ଆସିଲଣି । ବଡ଼ ଦ'ଠା ଭୁକି ଦେଇ ଏଇ ସଙ୍ଗେ ସଙ୍ଗେ ଯାଉଛି ।"

ଚମ୍ପା ସମସ୍ତ ଦୁଃଖ ଭୁଲି ଯାଇ ମୁହଁ ପୋଛି ରମ୍ଭା ପାଖକୁ ଗଲା । ଦେଖିଲା ରମ୍ଭା ଧୂଆଁ ଭିତରେ ଏକବାରେ ମିଶି ଗଲାଣି । ଆଖିରୁ ଧାର ଧାର ଲୁହ ଗଡ଼ୁଛି । ଆଖି ଦିଟା ରକ୍ତ ଲାଲ ହୋଇ ଫୁଲି ଗଲାଣି - - - ତଥାପି ସେ ଲାଗିଛି ଚୁଲିରେ ।

" ତୋ' ଦେଇ ସେ କାମ ହବନି ! କେବେ ଆଗରୁ କରିଛୁକି ଭଲା କହିଲୁ ? ତୁ ରହ ମୁଁ ସଙ୍ଗେ ସଙ୍ଗେ ସାରି ଦେଉଛି ।"

" ନାଁଲେ - - - ତୁ ରହ । ମୋର ଏଇ ସରିଲା । କେବେ ଆଗରୁ କରିନି' ବୋଲି କଣ ବଡ଼ଭଜା ଅଟକି ଯିବ ?"

ଚମ୍ପା ରମ୍ଭା ହାତରୁ ଫୁଙ୍କନଳୀଟିକୁ ଛଡେଇ ନେଇ ନେଇ କହିଲା " ଆମ ପାଇଁ ଏତେ ଦହଗଞ୍ଜ କାହିଁକି ହଉଛୁ ?"

ରମ୍ଭା ଅଭିମାନ କଲା । ଏମିତି ତାର ପ୍ରକୃତି । ଯାହା ଭଲ ବୋଲି ବୁଝିଥିବ ତାହାହିଁ କରିବ । ଶହେ ବାଧା ମାନିବନି । ଜୋର ଜବରଦସ୍ତି କଲେ ଅଭିମାନ କରିବ । ରମ୍ଭାର ଓଠ ଦୁଇଟି ଥରି ଉଠିଲା । କହିଲା " କଣ ପର ବୋଲି ଭାବିଛୁ ଚମ୍ପା ? ଏଯାଏଁ ମୋତେ ବୁଝିପାରିଲୁ ନାହିଁ ? ତୋର ଦୁଃଖ କଣ ମୋର ନୁହେଁ ?"

ଚମ୍ପା ଆଉ ରମ୍ଭା ଗୋଟିଏ ଅଜଣା ଆବେଗରେ ପରସ୍ପରକୁ ଜୁଡ଼େଇ ଧରିଲେ । ଉଭୟଙ୍କ ଆଖିରେ ଲୁହ ।

ଚମ୍ପାବାଉ ସେ ଘରକୁ ପଶିଆସି ଦେଖିଲେ --- ଉଭୟେ କାନ୍ଦୁଛନ୍ତି । ପିଲାଦିନୁ ଦେଖି ଆସିଛନ୍ତି ଏମାନଙ୍କର ବନ୍ଧୁତା । ଅତି ନିବିଡ଼ ସେ ସମ୍ପର୍କ । ଚମ୍ପା ଆଉ ରମ୍ଭା- ଗୋଟିଏ କାୟା ହେଲେ ଅନ୍ୟଟି ଛାୟା । ଗୋଟିଏ ବୃନ୍ତରେ ଦୁଇଟି ଫୁଲ । ଯେଉଁଠି ରମ୍ଭା, ସେଇଠି ଚମ୍ପା । ସତେ ଯେମିତି ଦୀପ ଆଉ ଆଲୋକ । ପାରିବାରିକ ସମ୍ବନ୍ଧ ଉପରେ କେତେ ଝଞ୍ଜା ବୋହି ଯାଇଛି । କିନ୍ତୁ ଟିକିଏ ବି ତଫାତ୍ ହୋଇନି ଏମାନଙ୍କର । ମଝିରେ ମଝିରେ ପିଲାଳିଆ ଝଗଡା ହୁଏ । ପାଣି ଫୋଟକା ଭଳି ମିଶି ଯାଏ । ବିଶେଷତଃ ଶାମସଙ୍ଗରେ ଚମ୍ପାର ଯେଉଁଦିନୁ ସମ୍ବନ୍ଧ ପଡ଼ିଲା ସେହି ଦିନଠୁ ଘନିଷ୍ଠତା ଟିକିଏ ବଢ଼ି ଯାଇଛି । ମଝିରେ ସମ୍ବନ୍ଧ ଭାଙ୍ଗିଗଲା --- କିନ୍ତୁ ଅତୁଟ ରହିଲା ତାଙ୍କ ସେହି ସମ୍ପର୍କ ।

ଆଜି ବନ୍ଧୁର ଅସମୟ ବେଳେ ରମ୍ଭା ଆସି କାନ୍ଦୁଛି । ସତେ ଯେମିତି ତାରି ଉପରେ ଦୁଃଖ ପଡ଼ିଛି । ଚମ୍ପା ମଧ୍ୟ ଯେତିକି ସଂଯତ ହେବାକୁ ଇଚ୍ଛା କରୁଛି ସେତେ ଜୋରରେ କାନ୍ଦୁଛି ।

ଦୁନିଆର ନିୟମ - - ଟିକିଏ ସାହାଯ୍ୟ ସହାନୁଭୂତି ପାଇଲେ ହୃଦୟ ଖୋଲି ହୋଇଯାଏ । ଯେତେ ଆକଟ କଲେ ଅଟକି ରହେନି' । ବନ୍ୟାର ପ୍ରଖର ଗତିକୁ ରୋଧିବ କିଏ ?

ଚମ୍ପାବଉ କନ୍ଦନରତା ବାଳିକା ଦୁଇଟିଙ୍କୁ ଦେଖି ଆଖିରୁ ଲୁହ ପୋଛିଲେ ସେମାନଙ୍କର ପାଖକୁ ଯାଇ ନଜାଣିଲା ଭଳି କହିଲେ " ଦହିଙ୍କି ଦହେଁ ସମାନ ! କଏଲୋ ଏତେ ଏତେ ହେଲା ଚୁଲିକଳା ଶିଖିଲ ? ଦିଅ ମୋ'ହାତକୁ ଫୁଙ୍କିନାଲାଠି । ତମେ ଭମର ଯାଇ ଗପ କର । ଭଜା ସରିଲେ ଡାକିବି । ପଖାଳ ଖାଇବ ।"

ରମ୍ଭା ଓ ଚମ୍ପା ଛୋଟ ଛୋଟ ବାଘ ପିଲିଟି ଭଳି ଟେସ୍ ଘରୁ ନିଷ୍କ୍ରାନ୍ତ ହେଲେ ।

ବାଞ୍ଛ ପଟ ଶୁନଶାନ୍ । ସଜନା ଗଛରେ ଫୁଲ ଫୁଟିଛି । ସବା ଅଗ ଡାଳରେ କାଉ ବସାଟିଏ । ତାର ଭିତରେ ଟିକି ଟିକି ପିଲା । ଖାଲି ଚିଁ ଚୁଁ ଶବ୍ଦ । ପଶ୍ଚିମ ପଟ ମେଲା । ସେଇ ଆଡ଼କୁ ଜଙ୍ଗଲ ଆଉ ପାହାଡ଼ । ପାହାଡ଼ ମୁଣ୍ଡ ବାଦଲକୁ ଛୁଇଁଛି । ଦିଶୁଛି, ସତେ ଯେମିତି ମସ୍ତବଡ଼ ପଥରଟିଏ ଆକାଶ ଭିତରକୁ ଗୋଞ୍ଜିଆ ହୋଇ ପଶି ଯାଇଛି । ଚମ୍ପା ସେଇ ଆଡ଼କୁ ଅନାଇ ଥାଏ ନିର୍ନିମେଷ ନୟନରେ ।

ରମ୍ଭା ବାଞ୍ଛ ସାରା ଘୁରି ଆସିଲାଣି । ପ୍ରଭ ଗଛ ପାଖରେ ଘଡ଼ିଏ ଅଟକି ଯାଉଛି । ଗଛ ଉପରୁ ପାଚିଲା ଫଳ ଗୋଟି ଗୋଟି କରି ଖୁମ୍ପି ଦେଉଛି । ଅମୃତଭଣ୍ଡା ଗଛ ମୂଳରେ ଘଡ଼ିଏ କାଳ ଛିଡ଼ା ହୋଇ ରହିଁଲା । ଗଛଟି ଫୁଲ ଫଳରେ ଭରି ଉଠିଛି । ବଡ ବଡ ଅଉ ଲମ୍ବା ପନି ଗୁଣ୍ଡିକ ଛତା ଭଳି ଟେକି ହୋଇଛନ୍ତି ଉପରକୁ । ଏତେବଡ ଖବରେ ଟିକିଏବି ଖାଉଁଲିନି । ରମ୍ଭା ଅମୃତଭଣ୍ଡା ଗଛ ଛାଇରେ

ଛୁଆହୋଇ ଚମ୍ପାକୁ ଡାକଲା । ଦହେଁ ଯାଇ ଛୁପି ଛୁପିକଅ ଖସିମଙ୍ଗା ଘାଇରେ ଛୁଆହେଲେ । ଷଣେକାଲ ନୀରବରେ କଟିଗଲା । ରମ୍ଭାକୁ ଏ ନୀରବତା ମୋଟେ ଭଲ ଲାଗୁ ନଥାଏ । କହିଲା - - - -

" ଦେଖିଲୁ ସାଙ୍ଗ ଦେଖିଲୁ । ପାଚିଲା ଅମୃତଭଣ୍ଡାଟାକୁ କାଉ କେମିତ ଖୁମ୍ପି ଦେଇଛି ! ମୁଁ ଲଇଁ ପଡୁଛି, ତୁ ବାଡକୁ ଧରି ମୋ ଉପରେ ଛୁଆହ' । ଆସ୍ତେ କର ଛୁଆ ହବୁ ଆଉ ଅଙ୍ଗୁଠି ଲେଖି ଅମୃତଭଣ୍ଡାଟିକୁ ଆଣିବୁ ଖାଇବା । କଣ୍ଟାରେ ହାତ ଦବୁନି ଦେଖ୍ । କ୍ଷୀର ବାହାରି ଆଖିରେ ପଶିଲେ ପୋଡିବ ।" ରମ୍ଭା ଅଙ୍ଗୁଠି ଲମ୍ବାଇଲା ।

' ଖାଇବୁ ଯେବେ ମୁଁ ଲଇଁ ପଡୁଛି, ମୋର ଉପରେ ଛୁଆ ହୋଇ ଛୁଣ୍ଡାଇ ଆଣ । '

ରମ୍ଭା ଉଶାସିଆ ଭାବରେ ପିଠିରେ ଛୁଆହୋଇ ଗଛ ଶିଖକୁ ହାତ ବଢାଇଛି ବାଡ଼ ଆରପଟୁ ଗଳା ଖଙ୍କାର ଶୁଣି ସ୍ଥାଣୁ ହୋଇ ସବୁ ଗୁଞ୍ଜ ଗୁଞ୍ଜ ଦେଇ ଡେଇଁ ପଡ଼ିଲା ତଳକୁ । ଦୁହେଁ କଚୁଡ଼ି ହୋଇ ପଡ଼ିଲେ ଶାଗ ପଠାଲି ଉପରେ । ରମ୍ଭା ତଳେ ଆଉ ଚମ୍ପା ଉପରେ କିନ୍ତୁ ସେ ଆଡକୁ ନଜର ନଦେଇ ଲଣ୍ଡଭଣ୍ଡ ହୋଇ ଧାଇଁଲେ ଘର ଭିତରକୁ । ସତେ ଯେମିତ ପଛରୁ କିଏ ଗୋଡାଇଛି ।

ଭଜା ସର ଭାତ ବଢ଼ା ଚାଲିଥିଲା । ଦହେଁ ମିଶି ଗୋଟିଏ କଂସାରେ ବସି ପଡ଼ିଲେ । ରମ୍ଭାବଉ ଟିକଏ ଆଡୁଆ ହେବାରୁ ରମ୍ଭା ଧୀରେ କରି ପଚାରିଲା --- ' ସେ କିଏ କି ସାଙ୍ଗ ? '

' ମୁଁ ଜାଣିନି ' । କାଗୁ ଘରେତ କେହି ନଥିଲେ । କିନ୍ତୁ ଦୁଇ ତିନି ଥର ହେବ ବାରମ୍ବାର ଗଳା ଖଙ୍କାର ଶୁଭୁଛି । '

' ଆଚ୍ଛା ଦେଖିବା ରହ । '

ଖାଇସାରି ଦୁହେଁ ସାଙ୍ଗ ହୋଇ ବାରି ପଟକୁ ଗଲେ । ବାଡ଼ି ଫାଙ୍କରେ ଦେଖିଲେ କେହି ନାହାନ୍ତି ।

କେଉଁଠୁ ଆଜୁ ଉଡ଼ି ଆସି ଶିଲ୍ କପୋତଟିଏ ପିଜୁଳି ଗଛ ଉପରେ ବସିଲା । ଆକାଶ ଛୁଇଁ ଟିକା ଭଉଁରୀ ଖେଳୁଛନ୍ତି ପୁଂଜେ କି ପାଂଚୁଆ ଛଆଁଣ । ଦୂର ବଣର ଗଛ ଗହଳି ଭିତରୁ ଭାସି ଆସୁଛି କୁମ୍ଭାଟିଆର କଲରବ । କପୋତଟି ପିଜୁଳିଗଛ ଛାଡ଼ି ଉଡ଼ି ଆସିଲା ସଜନା ଗଛକୁ । ଫଳଫୁଲରେ ଭରି ଯାଇଥିବା ସଜନା ଗଛରୁ ମୁଠାଏ ହେବ ଫୁଲ ଝଡ଼ି ପଡ଼ିଲା ତଳେ । ଚମ୍ପା ସେଇଆଡେ ଅନେଇ ରହିଥାଏ । କଥା ନାହିଁ କି ବାର୍ତ୍ତା ନାହିଁ । କୁସୁମିତ ବୃକ୍ଷରୁ ଫୁଲ ଝଡୁଛି । ଆଉ ସେ ? ଏହି ଗଛରୁ ହୀନ --- ପୋଡା ଅଙ୍ଗାର ।

ଛନ୍ଦ ଚପଳ ରମ୍ଭା ଉବୁଟୁ ବୁ ହେଲାଣି କଥା କହିବାକୁ । ଅନ୍ୟ ଦିନ ହୋଇଥିଲେ ଚମ୍ପାକୁ ହସାଇ ଦେଇ ଥାଆନ୍ତାଣି ପରସ୍ତେ । ନ ହସିଲେ କାଖ ତଳେ କତକୁତ କରିବ । ଅଣ୍ଟା ମଡ଼ିକି ଚିମୁଟି ଧରି ଫୁଲା ଫୁଲା କରି ଭଣିବ । ଚମ୍ପାକୁ ଆଉ ସମ୍ଭାଳେ କିଏ ? କଲକଲ ହୋଇ ଫାଟି ପଡ଼ିବ ହସରେ । ଷହରେ ଯାଏ ହସିବ । ମାଟି ଧୂଳି ମାନିବ ନାହିଁ । ଜୁଡ଼ା ଫିଟି ଲେଠୁ ଥିବ ତଳେ, ପିନ୍ଧାବାସ ଶିଥିଳ ହୋଇ ଫିଟି ଯିବା ଉପରେ ଥିବ, ତଥାପି ଚମ୍ପା ହସୁଥିବ ।

କିନ୍ତୁ ସବୁ ଥାଇବି' ଆଜି କିଛି ନାହିଁ । ସେଇ ରମ୍ଭା, ସେଇ ଚମ୍ପା ପାଖାପାଖି ଅଛନ୍ତି । କିନ୍ତୁ ଆଉ ହସ ବାହାରୁ ନାହିଁ । କିଏ ଯେମିତି ଅଲକ୍ଷରେ ଅଧର ଯୋଡ଼ିକରୁ ହସ ସବୁ ନିଗାଡ଼ି ନେଇ ଯାଇଛି । ସବୁ ସୁଖ ଗ୍ରେସି ନେଇ ଛପାଇ ରଖିଛି ।

ରମ୍ଭା ନିଠେଇ ଚାହିଁଲା ଚମ୍ପାକୁ । ଆଖିରେ ତାର ରଙ୍ଗ ନାହିଁ ଯେଉଁ ଡୋଳା ଦୁଇଟିରୁ ଝରି ପଡୁଥିଲା ରଂଗିନ ସ୍ୱପ୍ନର କୁଆର, ସେହି ଡୋଳା କାନ୍ଦୁଛି । ବଡ ବିକଳ ଭାବରେ ଅନାଇ ରହିଛି ଗୋଟିଏ ଦିଗରେ । କଣ ଭାବୁଛି !

ଆଜିକାଲି ଚମ୍ପା ପ୍ରାୟ ସବୁ ସମୟରେ ଭାବେ । ମେଘ ବର୍ଣ୍ଣର କେଶଗୁଚ୍ଛକୁ ଆଉ ଲୋଠଣି ଜୁଡାରେ ସଜାଏନି । ବିସ୍ତାରିତ ପକ୍ଷ୍ମଲତାରେ କଜ୍ଜ୍ୱଳ ଦିଏନି' । ପଲ୍ଲବ ଅଧରରୁ ମସୃଣତା ମରି ଯାଉଛି । ଛନ୍ଦ ତାର ହଜି ଯାଉଛି କେଉଁ ଦୂରନ୍ତ ଦିଗ୍‌ବଳୟର ଦୁର୍ଦାନ୍ତ ମେଘ ଭିତରେ ।

ରମ୍ଭା ଚମ୍ପା ପାଖରେ ଯାଇ ବସିଲା ।

ମୁଣ୍ଡ ଉପରେ ଦିଟଲ ଉଦଉଦଳିଆ ପକ୍ଷି ଉଡିଗଲେ । ଡେଣାରୁ ଖସି ପଡି ଦୁଇ ଗୁଚ୍ଛା ପର ଆସି ପଡିଲା ଚମ୍ପା ଆଗରେ । ଚମ୍ପା ସେଇଟିକୁ ଗୋଠାଇ ଧରିଲା - - - -

ରମ୍ଭା କହିଲା ---' ସାଙ୍ଗ ଲୋ ! ବାପା ସେ ଦିନୁ ପୁସି ଯାଇ ଫେରି ନାହାନ୍ତି ଅହୁରି । ଆଜି ଫେରିବେନା କଣ !'

ପୁସି ନାଁ ଶୁଣି ରମ୍ଭା ଛେପ ଢୋକିଲା । ସେଇଠି ଶାମ ବାବୁ ଥାଆନ୍ତି । ନଜାଣିଲା ଭଳି ପଚାରିଲା --- 'କେବେ ଫେରିବାକୁ କହିଥିଲେ ?'

' କେବେ କଣ ? ଗଲାବେଳେ କହିଲେ ଯିବି ଆଉ ଆସିବି । କାହାର ଗୋଟିଏ ଚିଠି ପାଇ ତରତରରେ ଚାଲିଗଲେ । ଭାଇର ପରୀକ୍ଷା ଫଳକୁ ବୋଧହୁଏ ଅପେକ୍ଷା କରିଥିବେ । ସାଙ୍ଗ ହୋଇ ଫେରିବେ ନା କଅଣ !'

' କଣ ସିଏ ମଧ୍ୟ ଆସିବେ ? ' ଚମ୍ପା ଗୋଟିଏ ନିଶ୍ୱାସରେ କହିଗଲା ।

'ହଁ ଭବିଷ୍ୟ ଫଳ ଶୁଣି ଆସିବେ ବୋଲି ଆଗରୁ ଲେଖି-ଥିଲେ । ତାଙ୍କର ପୂର୍ବ ପାଠ ଶେଷ ହେଲା କନା !

' ସତେ ! '

ରମ୍ଭା ଚମ୍ପାର ମନ କଥା ଜାଣେ । ସେ ମଧ୍ୟ ବୁଝିଛନ୍ତି ଯେ ଭାଇ ଚମ୍ପାକୁ ଅତ୍ୟନ୍ତ ଭଲ ପାଆନ୍ତି । ସମ୍ବନ୍ଧ ପଡ଼ିଲାଠୁ ଦୁହେଁ ଦୁହିଁଙ୍କ ପ୍ରତି ଆକୃଷ୍ଟ । ଆଜି ସବୁ ବଦଳି ଯାଇଥିଲେ ହେଁ ଚମ୍ପା ଓ ଶ୍ୟାମ ଭାଇର ମନ ବଦଳି ନାହିଁ । ସେ ଚମ୍ପା କଥାର ଜବାବ ନଦେଇ ଗୋଲାପ ଗଛ ପାଖକୁ ଉଠିଗଲା । ଗଛଟି ଫୁଲରେ ଲଦି ହୋଇଛି । ଚମ୍ପା ନିଜ ଧନ ବ୍ୟବହାର କରୁଥିଲା ବୋଲି କେତେଟିଏ ଦେଖିବାକୁ ସ୍ୱପନ ଥିଲା ! ଆଜି ଫୁଲ ଫୁଟି ଉଲେ ଝଡୁଛି । ତହିଁରୁ ସେଗୁଡ଼ାଏ ହବ ଆଣି ବେଣୀରେ ମାରିଲା । ଚମ୍ପାକୁ ତାର ଆଡେ ପାଖେଇ ଆସୁଥିବାର ଦେଖି ଗୁଂଜାଏ ହେବ ଫୁଲ ନେଇ ଅଲରା ଜୁଡ଼ାରେ ଲଗାଇ ଦେଲା ---

ଚମ୍ପାବଉ ବାଡ଼କୁ ଆସି ଦେଖିଲେ ରମ୍ଭା ଚମ୍ପା ମୁଣ୍ଡରେ ଗୋଲାପ ଦେଉଛି । ମାଙ୍କ ହୃଦୟ ଫାଟି ଗଲା ଯେପରି । ସେ ବଡ ପାଟିରେ କାନ୍ଦିବାକୁ ଲାଗିଲେ । ରମ୍ଭା ଆଶ୍ଚର୍ଯ୍ୟ ହୋଇ କାରଣ ପଗ୍ଭ-ରିଲା । କହିଲେ ---' ଚମ୍ପା ପରା ବିଧବା ହୋଇ ଯାଇଛି ଟିଲା ଝିଅ ! ତା' ମୁଣ୍ଡରେ ଫୁଲ ଆଉ ଦବୁନୁ । '

ଚମ୍ପା ତରବରରେ ମୁଣ୍ଡ ଉପରୁ ସବୁ ଫୁଲ କାଢି ତଳକୁ ଫିଙ୍ଗି ଦେଲା ।

ରମ୍ଭା ଆଉ ଛିଡା ହୋଇ ପାରିଲାନି । ମା ଝିଅଙ୍କୁ ଦୁଃଖ ଭିତରେ ଛାଡ଼ିଦେଇ ଏକମୁହାଁ ହୋଇ ଧାଇଁ ପଳାଇଲା । ଆଉ ପଛକୁ ଲେଉଟି ଗୁହିଁନି ।

ସେଦିନ ଭିତରେ ଗଣ୍ଠି ଆଉ ଫିଟିଲା । ମା ଝିଅର ମନ ଭିତରେ କୋହ । ଆଖି ଡୋଳାମାନ ଲୁହ ସୁଅରେ ଭାସୁଛି । କିଏ ସାନ୍ତ୍ୱନା ଦେବ ଏ ଅସମୟରେ ! ନିଜର ବୋଲି କେହି ନାହିଁ ପାଖରେ । ଚମ୍ପା ବାପା ରହିଲେ ବିଦେଶରେ । କେଉଁଠି ଥିବେ ଠିକଣା ନାହିଁ । ଗୋଟିଏ ସ୍ଥାନରେ ଥିଲେ ଚିଠି ଦଅନ୍ତି । ବାରଆଡ଼ର ଲୋକ ସେ । କଅଣ ଠିକଣା ଅଛି । ତଥାପି କେତେ ପଥର ମନ ତାଙ୍କର । ଗାଁରେ ମାଟିଅଙ୍କୁ ଛାଡ଼ି ବୁଲୁଥିବେ ବିଦେଶରେ । ପଶୁଙ୍କ ସ୍ନେହ କିଏ ଅଛି ? ଯିଏ ପଚାରିବ ତାଙ୍କ ସାଙ୍ଗରେ ବିପକ୍ଷ । ଘରକୁ ଫେରିଲେ ନଇଲେ କିଏ ପାଖରେ ବସିଛନ୍ତି ନା ବସିବ ?

ଶାମବଉ କଥା ମନେ ପଡ଼ିଲା । ଅତି ଖୋଲା ମଣିଷ । [illegible] ଟିକିଏ ଦେଲେ ଛନ ନାହିଁ । ନିଜ ଘରର ସୁଖ ଦୁଃଖ ଭଉଣୀ କରି କହି ଯାଆନ୍ତି । ପରର ଦୁଃଖ ସମ୍ଭାଳି ପାରନ୍ତି ନାହିଁ । ଘଡ଼ିକରେ ମନ କିଣି ନିଅନ୍ତି । ବାଦ ଛେଦରେ ମନ ନ ଥାଏ । ସବୁ ଭୁଲି ଯାଇ ଭିତରେ ପଶନ୍ତି । କହନ୍ତି,- ' ଆଜିର ଜୀବନ କାଲିକି ନାହିଁ । ମିଛରେ ଏତେ କଳି କାହିଁକି ? ଯେତେ ଦିନ ବଂଚିଥିବା ସମସ୍ତଙ୍କୁ ନିଜର କରିଥିଲେ ମଲା ପରେ ମନେ ପକାଉଥିବେ । ' ଦୁଃଖରେ ହସି ଦେଇ କୋଳ ଭରି ଲଗିଥାନ୍ତି ।

ଏହି ସମୟରେ ତାଙ୍କର ମନେ ପଡ଼ିଲା ସାକ୍ଷୀଗୋପାଳ କଥା । ଶାମ ପୂଜା ପାଠ ଶେଷ କରିବା ଉପରେ । କେତେ ବଡ଼ ମଣିଷ

ହେବ ! ସିଏ ତାଙ୍କର କୋଇଁ ହୋଇଥାନ୍ତା । ଚମ୍ପାର ଜୀବନ ସାଥୀ ହୋଇଥାନ୍ତା । କିନ୍ତୁ ବିଧାତା କଲା କଣ ? ସମ୍ବନ୍ଧ ଭାଙ୍ଗିଗଲା । ଚମ୍ପା ଭଳି ଝିଅ ବିଧବା ହେଲା ।

ଏଁ —ବିଧବା ହେଲା ଚମ୍ପା ! କେମିତି ? କେଉଁଥି ପାଇଁ ? ସ୍ୱାମୀର ମୁହଁ ଦିନେହେଲେ ଦେଖି ନାହିଁ । ସୁଖରେ ଦୁଃଖରେ ଦିନେ ହେଲେ ଶଶୁର ଘରେ ପାଦ ପକାଇ ନାହିଁ —ଦୁନିଆଁ କଣ ନିଜେ କିଛି ନହେଲେ ବୁଝିନି — ସେହି ଝିଅ ବିଧବା ହେବ ? ସେ କି କେବେହେଲେ ବିଧବା ହୋଇପାରେ ? ? ତାଙ୍କର ପେଟରେ ଏହି ଭଳି ଏକ ସ୍ନାନକପାଳି ଝିଅ ଥିଲା ? ନାଁ ଝିଅ ତାଙ୍କର ବିଧବା ନୁହେ । ସେ ବିଧବା ହୋଇ ନପାରେ — ମାତୃ ହୃଦୟ ତାଙ୍କର ଥରକୁ ଥର ଚିତ୍କାର କରି ଉଠିଲା ।

ତେବେ —ତେବେ ସେ ରମ୍ଭାକୁ କାହିଁକି ଆଘାତ ଦେଲେ ? କେତେ ସହାଗରେ ଚମ୍ପା ମୁଣ୍ଡରେ ଗୋଲାପ ଦେଉଥିଲା । ହସରେ ଫାଟି ପଡୁଥିଲେ ଦି'ଟି ଯାକ ସାଙ୍ଗ । କାହିଁକି ସେ ରମ୍ଭାକୁ ଫୁଲ ଦେବାରେ ମନା କଲେ ? ଅତି ଆକସ୍ମିକ ଭାବରେ ମନେ ପଡିଲା ପଛ ଦିନର କଥା । ଚମ୍ପା ସେଦିନ ଅତି ଅଗ୍ରହରେ ଗୋଟିଏ ଲମ୍ବା ବେଣୀ ପକାଇ ଥିଲା । ଆଖିରେ କଜଳ ଘେନି, ପାଦରେ ଅଳତା ଦେଇ ସାଇ କସ୍ତୁରୀ ଘୋରୁ ଥିଲା । ରମ୍ଭା ପାଖକୁ ଆସିବାରୁ ଦି' ସାଙ୍ଗ ଯାକ କଥାଭାଷା ହୋଇ ହସ ଖୁସିରେ ଫାଟି ପଡିଲେ । ତାଙ୍କର ହସ ଦେଖି ସେ ନିଜେ ଭାରି ଖୁସି ହେଲେ । ନିଜର ଖୁସି ମନଟାକୁ ସଂପୂର୍ଣ୍ଣ ଭାବରେ ଉପଭୋଗ କରିବାକୁ ଚାଲିଗଲେ ବାଡ଼ି ଅଗଣାକୁ । ସେଇଠି ସେ ମନଇଚ୍ଛା ହସିଥିଲେ ।

ରମ୍ଭାବଉ ଅରପଠ ବାଉଲୁ ପାଟି କଲେ, 'କଅଣ ଗୋ ଭଉଣୀ ଏତେ ହସ କାହିଁକି ?' ହସକୁ ପାରୁ ପର୍ଯ୍ୟନ୍ତ ଆୟତ୍ତ କରି କହିଲେ ---' କିଛି ନୁହେଁଯେ, ଆମର ଏଇ ରମ୍ଭା ଆଉ ଚମ୍ପା ବେଶ ହେଉଛନ୍ତି । ନୂଆବହୁ ଭଳି ଧଡ଼ାପାକ କେତେ ସୁନ୍ଦର ଦିଶୁଛନ୍ତି । ସେଇଥିପା ଦେଖି ହସ ମାଡ଼ିଲା ।'

'ଓଃ ନିଜ କଥା ମନେ ପଡ଼ୁଛି ତାହାହେଲେ ---' ବୁଢ଼ୀ ରମ୍ଭା ବଉ ମଧ୍ୟ ହସିଲେ ।

ବାସ୍ତବିକ ଚମ୍ପାବଉ ନିଜ କଥା ମନେ ପକାଉ ଥିଲେ । କେତେଦିନର କଥାସେ ! ଅନେକ ଦୂର । ଭିଦ୍ଧ ହୁଏ ନାହିଁ । ଆଖି ବୁଜୁ ବୁଜୁ ବୟସ ଗଳିଗଲା --- ମୁଣ୍ଡର ବାଳ ଝୋଠ ହେଲା । ବାସଭି ଦିନର କଥା ବାସି ହେଲାଣି କେବଠୁ । ସେ ଦିନ ସେ ଏହି ଚମ୍ପା ଭଳି ସଜାଇ ଥିଲେ ନିଜକୁ । ମନ ଭିତରେ ଖେଳୁଥିଲା ମଧୁଆ ପୁଲକ । ରଙ୍ଗ ବେରଙ୍ଗର କଳ୍ପନା । ଚମ୍ପା ବାପାଙ୍କ ପ୍ରଥମ ସ୍ପର୍ଶରେ ସେ ଝାଉଁଳି ପଡ଼ୁଥିଲେ ଲାଜକୁଳୀ ଲତା ଭଳି । ରଙ୍ଗିନ୍ ନିଶାରେ ମାତି ଉଠୁଥିଲା ମନ । ପ୍ରତି ଲୋମକୂପରେ ଭରି ରହୁଥିଲା ଉତ୍ତେଜନା । ସୁନା ଜହ୍ନର ଜୋଫା ଆଲୁଅରେ ପହଁରୁଥିଲେ ସେମାନେ । ଷୋହଳ ବରଷର ଗୋଟିଏ ସରସ ସ୍ମୃତି ।

ତାଙ୍କର ରକ୍ତ ତାଙ୍କର ମାଂସର ସ୍ମାରକ ଏହି ଚମ୍ପା । ତାଙ୍କ ପରେ ସ୍ୱାମୀଙ୍କର ପ୍ରତିନିଧିତ୍ୱ ବଜାୟ ରଖିବ । କିନ୍ତୁ ଚମ୍ପା ପରେ ? ସେ ଯେ ଅଧବା ! ସନ୍ତାନର ମୁହଁ ଦେଖି ପାରିବ ନାହିଁ ! କମ୍ପେଇ ଉଠିଲା ସମସ୍ତ ଶରୀର । ମନ ଭିତରେ ଅନେକ କଥା ଭାବିଗଲେ ----

ସଂଜ ହେଲଣି । ପଶ୍ଚିମ ଆକାଶ ତଥାପି ରଂଗ ଦିଶୁଛି । ଗାଈ ବଳଦ ତରତର ହୋଇ ଘରକୁ ଫେରୁଛନ୍ତି । ଭାଗବତ ଘରେ ଘଣ୍ଟା ବାଜୁଛି । ବହୁଲ ଆଉଥରେ ଅଳ୍ପ ମଦ ଖାଇ ପାଟି କରୁଛି । ଦୂର ବନରେ ନିଆଁ ଲଗି ଲାଲ୍ ଦିଶୁଛି ।

ଚମ୍ପା ମୁହଁ ଶୁଖାଇ ବସିଛି । ବର୍ତ୍ତମାନ ମଲ୍ଲି ମଉଳାଣି । ଭବିଷ୍ୟତ ଅନ୍ଧକାର । ସାହା ହେବାକୁ ଭାଇ ନାହିଁ କି ଭଉଣୀ ନାହିଁ । ଶାଶୁ ଘରର ସୁଖ ସମ୍ପଦ ଶେଷ ହୋଇଛି । ଆଗକୁ ବିରାଟ ଭବିଷ୍ୟତ - - - ବହୁତ ଦୂରକୁ ଲମ୍ବି ଯାଇଛି । ଆଖି ପାଉ ନାହିଁ । ଦେହରେ ପୁଣି ବୟସର ବୋଝ । କେତେବେଳେ କୋଉ କଥା । ବାପା ବଉଙ୍କର ବୟସ ଗଡ଼ିଲାଣି । ପାଚିଲା ପିଣ୍ଡ । କେତେବେଳେ ସେ ଝଡ଼ି ପଡ଼ିବେ କିଏ ଜାଣେ । ବଉ ସବୁବେଳେ କାନ୍ଦୁଛି । କଥାଭାଷାରେ ଧ୍ୟାନ ନାହିଁ । ଝୁଣ୍ଟିଲା ଭଳି କଥା କହୁଛି । ଖାଲି ଦୁଃଖର କଥା । ବାପାଙ୍କର ପୁଣି ବୈରାଗିଆ ଭାବ । ଜୀବନ ନିଛାଟିଆ । ମନକୁ ବୁଝାଇ ସାନ୍ତ୍ୱନା ଦେଲା ଭଳି କିଛି ନାହିଁ । ଅତୀତର ସୁଖ ସମ୍ପଦ ପଛେଇ ଯାଇଛି । ସେ ସବୁ ଖାଲି କୁହୁଡ଼ିଆ ପରି ଦିଶେ । ଦେଖି ହୁଏ ନାହିଁ । ମନେ ଭାବେ ପଛକୁ ଫେରି ହୁଅନ୍ତା କି ? କିନ୍ତୁ ବୃଥା ଆଶା । ଯାହା ଗଲା ଆଉ ଫେରିବ ନାହିଁ । କାହାକୁ କହିବ ମନର ଦୁଃଖ ? ଭଗବାନଙ୍କଠାରେ ଦୁଃଖ ଜଣାଇ ବା' ଲାଭ କଣ ! ପଥର ଦେବତା ମୂକ ଆଉ ବଧିର । ଗୁହାରି କଲେ କାନରେ ପଡ଼େ ନାହିଁ । ଦୁନିଆର ଦୁଃଖ

ପ୍ରତି ଖିଆଲ ନ ଥାଏ । ତଥାପି ସଭିଏ ପୂଜା କରନ୍ତି । ସେ ପୂଜାରେ ଥାଏ ଗୋଟିଏ ଅସହାୟ ଭାବ--- ଗୋଟିଏ କରୁଣ ନିବେଦନ । ସବୁ ଦିଗରୁ ପରାସ୍ତ ହେଲେ ମଣିଷ ଅସହାୟ ଶିଶୁ ଭଳି ଭଗବାନଙ୍କ ଆଶ୍ରା ନିଏ । ଦୁର୍ବଳତାର ଆଶ୍ରୟ ସ୍ଥଳ ଏହି ପାଷାଣ ଭଗବାନ । ଯାହାର ଆଶ୍ୱାସ ନାହିଁ ସିଏ କେବଳ ତାଙ୍କୁ ଡାକେ । କିନ୍ତୁ ସୁଖ ଅପେକ୍ଷା । ଯେଉଁ ଦୁଃଖକୁ ସେହି ଦୁଃଖ ।

ଚମ୍ପାର ମନ ନିଜର ଅଜାଣତରେ ଅତୀତକୁ ଅଞ୍ଜଳି ଦେଲା । ଶ୍ୟାମର ସ୍ନେହମୟ ଛବିଟିଏ ଆଖି ଆଗରେ ଭାସିଗଲା । ସେ କଣ ଆଉ ଶ୍ୟାମବାବୁଙ୍କର ମନେ ଥିବ । ଶ୍ୟାମବାବୁ କଣ ଭଲ ପାଆନ୍ତି ତାଙ୍କୁ ସତରେ । ଯୁବକ ସିଏ । ପାଠ ପଢିଛନ୍ତି । ସ୍ୱାଧୀନ ଭାବରେ ବିହାର କରିବାର ଅଧିକାର ରହିଛି । ଚଲାପଥରେ କେତେ ତରୁଣୀଙ୍କ ସଙ୍ଗେ ପରିଚୟ ହେଉ । ନୂଆ ଅନୁଭୂତିରେ ସ୍ମୃତିକୁ ଘାଣ୍ଟିଗୋଳି ପକାଇଥିବେ । ତାଙ୍କର ବା' ଦୋଷ କଣ ? ପିଲା ଦିନର ସ୍ମୃତି ଆଉ ନାହିଁ । ଆଜି ସେ ବିଧବା । ପରର ମନକୁ ଜୟ କରିବାକୁ ରହିଛି କଣ ? ଶଙ୍ଖାହିନ ହାତ --- ସିନ୍ଦୂର ଶୂନ୍ୟ ସୀମନ୍ତ --- ନିରାଭରଣ ଅଙ୍ଗରେ ଆଉ ଅଛି କଣ ? ସବୁ ହେମାଳ ଆଉ ପାଉଁଶିଆ । ଜୀବନର ସମସ୍ତ ଉଷ୍ଣତା ଲୋପ ପାଇଯାଇଛି । ଏହି ଭଳି ନାରୀକୁ ଖାଲି ଦୟାକରି ହୁଏ ସିନା ପ୍ରେମ କରି ହୁଏନା ।

ଚମ୍ପା ନିଜ କଥାରେ ଚମକି ପଡିଲା ନିଜେ । ଶ୍ୟାମବାବୁ ଆଜିକି'ତାର ଜୀବନର ସର୍ବସ୍ୱ । ସେ ତାଙ୍କୁ ମନେ ମନେ ଦେହ ମନ ପ୍ରାଣ ସବୁ କିଛି ଅର୍ପଣ କରି ସାରିଛି । ତାଙ୍କର ବିନା ତାର ଆଉ କିଏ ଅଛି ଦୁନିଆରେ ? ସେ ଯଦି ଗ୍ରହନ୍ତି ତାର ଅବସ୍ଥାର ଉନ୍ନତି

ଘଟିପାରେ । କିନ୍ତୁ ଶାମବାବୁ ବା' ସେ ଦାୟିତ୍ୱ ନେବେ କାହିଁକି ? ତାଙ୍କର ଅବସ୍ଥା କଣ ହେବ ? ଲୋକନିନ୍ଦାରେ ବୁଡିଯିବେ ସିନା !

ନାଁ ନାଁ ----- ସେ ଏହା ହେବାକୁ କଦାପି ସମ୍ମତ ହେବନି' । ଜଳି ଯାଉଥିବା ଜୀବନକୁ ନିଭାଇ ଲାଭ କଣ ? ପୋଡା ଅଙ୍ଗାର ଆଉ କୋଉ କାମରେ ଲାଗିବ ? ସେ ସେମିତି ଜଳି ପୋଡ଼ି ପାଉଁଶ ହେବା ଉଚିତ । ତାର ପୋଡ଼ା ଜୀବନ ସାଙ୍ଗରେ ଆଉ ଜଣକୁ ମିଶାଇବ କାହିଁକି ?

ଚମ୍ପା ଏକମୁହାଁ ହୋଇ ବାଡ଼ିପଟକୁ ଚାଲିଗଲା । ସେ କାନ୍ଦିବାକୁ ଇଚ୍ଛା କରୁଥିଲା । ଦେଖିଲା ବାଡି ସେପଟେ ବଣର ମୟୂରଟିଏ ମୁହଁମାଡ଼ି ବସିଛି । ଆଖିରେ ତାର ଧାର ଧାର ପାଣି । କାନ୍ଦୁଛି ବୋଧହୁଏ । ଚମ୍ପା ଦେଖିଲା, ତାର ପୁଚ୍ଛରୁ ପୁଂଜେ କି ପାଂଚୁଟା ଚନ୍ଦ୍ରିକା କିଏ କାଟି ନେଇଛି । କେଡେ ନିଷ୍ଠୁର ହୋଇଥିବ ଲୋକଟି । ସେ ନିଜ ସଙ୍ଗେ ମୟୂରକୁ ତୁଳନା କଲା । ଆଖିରୁ ତାର ଲୁହ ଗଡ଼ିଲା । ସମଦୁଃଖର ଅନୁଭବୀ । ମୟୂରର ଚନ୍ଦ୍ରିକା ନାହିଁ - ତା ନିଜ ହାତରେ ଶଙ୍ଖା ନାହିଁ ।

ବଡ ଡାକବାବୁ ଅଗଣାରେ ଆସି ବସିଛନ୍ତି, ଦାଣ୍ଡ କବାଟକୁ କିଏ ବାଡେଇବାର ଶବ୍ଦ ହେଲା । ଚମ୍ପାବଉ ଧଡପଡ ହୋଇ ଉଠି କବାଟ ଫିଟାଇବାକୁ ଯାଇ ଦେଖିଲେ କିଏ ଜଣେ ଧୋବ ଧାଉଳିଆ ବାବୁ ଦାଣ୍ଡରେ ଛିଡା ହୋଇଛନ୍ତି । ଶାମ ଗାଁକୁ ଆସିଲେ ତାଙ୍କ ଘରକୁ ସବୁବେଳେ ଆସେ । କିନ୍ତୁ ଏତ ଶାମ ନୁହେ । ତେବେ ? ପାଟିରୁ ତାଙ୍କର କଥା ବାହାରିଲା ନାହିଁ । ସେ ଓଢଣା ଟାଣି ନରମ ଗଳାରେ ପଚାରିଲେ —" କିଏ ସେ ବାପ ?"

" ମାଉସୀ ତମେ ? ନମସ୍କାର ହଉଛି । ମୁଁ ଜଗୁ । ଦି'ଦିନ ହେଲା କଲିକତାରୁ ଆସିଲିଣି । ଆସିବ ଆସିବ ବୋଲି ଆସିପାରୁ ନଥିଲି । ଆଜ ସମୟ ହେଲା ଚାଲି ଆସିଲି ।"

ପଞ୍ଚଶାରେ ଘର ତଥାପି ଆସିବ ଆସିବ ଭାବ ଆସି ପାରୁନ ! ଚମ୍ପାବଉ ଏ କଥା ଶୁଣି ମନେ ମନେ ହସିଲେ । ତଥାପି ଖୁସି ମନରେ କହିଲେ " ହଁ ବାପ ଭଲ କଲୁ । ଆ ଭିତରକୁ ଆ !"

ଜଗୁ କହି କହି ଚାଲିଥାଏ ---" ଆଉ ସବୁ ଭଲ ତ ମାଉସୀ ! ମଉସା କଣ ଘରେ ନାହାନ୍ତି ? କାହିଁ ମୁଁ ତ ତାଙ୍କୁ ଆସିଲା ଦିନଠୁ ଦାଣ୍ଡରେ ଦେଖୁନି । କଣ ବିଦେଶରୁ ଫେରି ନାହାନ୍ତି ? "

ଚମ୍ପାବଉ ମସିଣା ପକାଇ ଦେଉ ଦେଉ କହିଲେ ---" ଆଉ ଭଲ କଣ ବାପ ? ଆମ ଚମ୍ପାର ଖବରତ ଶୁଣିଥିବୁ । ତୋର ମଉସା ଆହୁରି ଫେରି ନାହାନ୍ତି ।"

" ଚମ୍ପାର ଖବର ! ତାର କଣ ହେଲା ମାଉସୀ ?"

" ଆଉ ହବ କଣରେ ବାପା ? ଯାହା ନ ହେବାର କଥା ତାହାହିଁ ହୋଇଛି । ଗୋବର୍ଦ୍ଧନ ପଣ୍ଡା ଚଉକ ପକାଇ ଚାଲିଗଲା ---" ଚମ୍ପାବଉ କାନ୍ଦ ପକାଇଲେ । ଆର ଘରେ ଥାଇ ଏ ସବୁ ଶୁଣୁଥାଏ ଚମ୍ପା । ଜଗୁର ନାଆଁ ଶୁଣି ରକ୍ତ ଚାଉଳ ଫୁଟିବାଇଲାଣି । କେଡେ ବଦମାସ୍ ଏ ଜଗୁ । ଲୋଭିଲା ଆଖିରେ ସବୁବେଳେ ତାକୁ ଅନାଇ ଥାଏ । ଗାଁକୁ ଯେତେଥର ଆସିଛି ବିନା କାରଣରେ ଘରକୁ ତାଙ୍କର ବାରମ୍ବାର ଚାଲିଆସେ । ତାକୁ ଦେଖିଲେ ଅଠକି ଯାଏ । ଆଖିରେ ତାର କଣ ଗୁଡ଼ାଏ କହିଲି କହିଲି ଭାବ । କିନ୍ତୁ ସାଧାରଣ କଥା କେଇପଦ ବ୍ୟତୀତ ଆଗକୁ ଆଗେଇବାକୁ ପ୍ରଶ୍ରୟ ପାଇନି । ଗାଁକୁ ଦି'ଦିନ ହେବ ଆସିଲାଣି ବୋଲି କହୁଛି । ସେ କଣ ପଞ୍ଚଶା ଘର

ହୋଇ ଜାଣି ନଥିବ ତାର ବୟସ ! ତଥାପି ନ ଜାଣିଲା ଭଳି ରହୁଛନ୍ତି । ବଡ଼ ମଧ୍ୟ ସେମିତି । ଏଭଳି ଲୋକଙ୍କୁ ଘରେ ପୂରାଇ ଦୁଃଖ ସୁଖ ଭଲ ଲାଗୁଁ କି ?

ତେବେଣି ଶୁଭିଲା, ଜଗୁ କହୁଛନ୍ତି --- "କିନ୍ତୁ ମୋ' ମନ କହୁଛି ମାଉସୀ ଏହା ନିତାନ୍ତ ଅବିଚାର । ଯିଏ ଶଶୁର ଘର ମୁହଁ ଦେଖିନି, ବାପ ଘରର ଅଳିଅଳରେ ବଢ଼ି ଦିନ କଟାଉଛି ଆଜି ଯାଏ, ସେ ବିଧବା ହେବ କିପରି ? ବାଲ୍ୟ ବିବାହ ଦେଇଥିଲ ତମେ । ସେତିକି ବେଳେ ତାର ଜ୍ଞାନ ଫେର ନଥିଲା । ତାର ମତାମତ ନେଇତ ବିବାହ ଦିଆଇନି' ---- ଏଥିରେ ସେ ବିଧବା ହେବ କେମିତି ?"

"ସେ କଥା କହନି' ଜଗୁ । ଭାଗ୍ୟର ଲିଖନ ଇଏ । ଆମେ ତାର ଜନ୍ମ ଦେଇଥିଲୁ ସିନା, କର୍ମ ଦେଇ ନଥିଲୁ । ନ ହେଲେ ଚମ୍ପା ମୋର ରାଜରାଣୀ ହୋଇଥାନ୍ତା ---- ।"

"ତାହାହେଲେ ଚମ୍ପା କଣ ରାଜରାଣୀ ହେବାର ଯୋଗ୍ୟ ନୁହେଁ ? ତମେ କହୁଛ କପାଳ ଲିଖନ ---- କିନ୍ତୁ କପାଳର ପ୍ରଶ୍ନ ଏଠାରେ ଉଠୁନି । ହଁ ସେ ବିବାହ ହୋଇ ଶାଶୁ ଘରେ ବର୍ଷେ ଦି' ବର୍ଷ କାଳ କାଟିଥାନ୍ତା --- କୋଳରେ ପୁଅ ଝିଅ ଥାନ୍ତେ, ସେତେବେଳେ ଯଦି ବିପଦ ପଡ଼ିଥାନ୍ତା ତେବେ ସିନା କପାଳକୁ ନିନ୍ଦଥାନ୍ତ । କିନ୍ତୁ ଏ କଣ ! ଝିଅ ଘରେ ବସି ବିଧବା ! ଅଳିଅଳ କୁଆଁରୀ ଝିଅ କି କେବେ ବିଧବା ହୋଇପାରେ ? ଯଦି ତମେ ଚାହିଁବ ଏହି ହୀନକପାଳୀ ଝିଅ ପୁଣି ଥରେ ରାଜରାଣୀ ସମ୍ମାନ ପାଇବ । ତାର ରୂପ ଗୁଣରେ ପଥର ସୁଦ୍ଧା ତରଳି ଯିବ । ଖାଲି ତମେ ଟିକିଏ ଯୋଗାଡ଼ କର । ଆଜି କାଲି ସମୟ ହେଲାଣି ଯେ ଷାଠ ପଞ୍ଚୁଅ ବାବୁମାନେ ବିଧବା ମାନଙ୍କୁ ବାହା ହୋଇ ଉଦ୍ଧାର

କରିବାଠା ଗର୍ବ ବୋଲି ମନେ କଲେଣି । ଅଉ ଚମ୍ପା କଥାତ ଛାଡ଼ । ତୁମେ ରାଜି ହେଲେ ସେ ଭାର ମୁଁ ନେବି ।”

ଚମ୍ପା ବଉ ଇନ୍ଦ୍ରଜାଲ ଦେଖିଲା ଭଳି ଅବାକ୍ ହୋଇ ଅନାଇ ରହିଥିଲେ । ମନେ ମନେ ଭାବୁଥାନ୍ତି ---“ ଜଗୁତ ମନ୍ଦ କହୁନି ! ଆଉ ଥରେ ଚେଷ୍ଟା କଲେ କାଇଁକି ହୁଅନ୍ତା ! ”

ଗାଁ ଦାଣ୍ଡରେ ବଳଦଗାଡ଼ି ଅଟକିବାର ଶବ୍ଦ ହେଲା । ଜଗୁ ପାନଛେପ ପକାଇବାକୁ ଦାଣ୍ଡକୁ ଆସିଥିଲା, ହୁରି ଛାଡ଼ିଲା ----“ ଆରେ ମଉସା ଯେ - - - - - - - ।”

ଚମ୍ପାବଉ ଘର ଭିତରେ ଥାଇ କାନ୍ଦି ଉଠିଲେ । ଗାଁ ମାଇପି ମାନେ ଗୋଟି ଗୋଟି ହୋଇ ଘର ଭିତରକୁ ପଶିଲେ ।

ଚମ୍ପା ଝିଅ ଘର ଭିତରେ ପଥର ପାଲଟି ଯାଇଛି । ବାପା ମଧ୍ୟ ସେଇଭଳି । ମୁଣ୍ଡରେ ହାତ ଦେଇ ମଉନ ହୋଇ ବସିଛନ୍ତି । ପାଟିରୁ କଥା କିଏ ଛଡ଼ାଇ ନେଇଛି । ଚାରିଆଡ଼େ ଅଂଧାର ଦେଖା-ଯାଉଛି । ଶଗଡ଼ିଆ ଶଗଡ ଭିତରୁ ଶାଗୁଢ଼ର ସଜ ଗୋଟିକି ଗୋଟି ଆଣି ପିଣ୍ଡା ଉପରେ ରଖୁଛି ------ ।

ମଧୁନ ମିଶ୍ରେ କେତେ ବେଳକୁ କହିଲେ ----“ ହାୟୂରେ କପାଳ । ଶେଷରେ ଏଇୟା ହେଲା !” ପାଟି ଫେନ ମାରୁଛି । ସଙ୍ଗେ ସଙ୍ଗେ ଅଚେତ ହୋଇ ଭୁଇଁଠାରେ ଟଳି ପଡ଼ିଲେ । ପାଟି ଖଡ଼ିଗଲା । ଜଗୁ ମୁହଁରେ ପାଣି ଛିଞ୍ଚି ଗୋଡ ହାତ ଆଉଁସିବାରେ ଲାଗିଲା । ଭମ୍ରା ବାଉପଠୁ ଧାଇଁଆସି ପଙ୍ଖା କଲା । ଚମ୍ପାବଉ ଗୋଡତଳେ ବସି ଯିବା ହୋଇ ଗଲେଣି । ସମସ୍ତଙ୍କ ମୁହଁରେ ଉଦ୍‌ବେଗ ।

ଚମ୍ପାର ବାପା ଚେତା ହେଲା ବେଳକୁ ରାତି ପହରେ । ସମସ୍ତେ ଚାଲି ଯାଇ ଥିଲେ । ପାଖରେ ଖୁଣ୍ଟ ପରି ବସି ରହିଥିଲେ

ଜଗୁ, ରମ୍ଭା, ଚମ୍ପା ଓ ଚମ୍ପାବଉ । ବୁଢା ଚେତା ହେବାର ଦେଖି ଜଗୁ ସମସ୍ତଙ୍କୁ ସତର୍କ ହେବାକୁ କହି ଚାଲିଗଲା । ଗଲାବେଳେ କହିଗଲା ଯଦି କିଛି ହୁଏ ସେତେବେଳେ ରାତି ହେଉ ପଛକେ ଯେମିତି ଡାକନ୍ତି । ରମ୍ଭାକୁ ଚମ୍ପା ପାଖରେ ଗୁମ୍‌ମାରି ବସି ରହିଥିବା ଦେଖି ଚମ୍ପାବଉ କହିଲେ ----- "ରାତି ଘୋଡ଼ାଇ ଆସୁଛି, ତୁ କାହିଁକି ଆଉ ବସି ରହିବୁ । ମଉସା ଭଲ ହେଲେଣି । ଚାଲ ତୋତେ ଛାଡ଼ି ଦେଇ ଆସିବି ।"

"ନାଁ ମାଉସୀ ଆଉ ଆଜି ଘରକୁ ଫେରିବିନି । ବଉ କହିଛି ଏଇଠି ଚମ୍ପା ପାଖରେ ଆଜି ରାତିକ ଶୋଇ ଯିବ ।"

'ଆଚ୍ଛା ହଉ' କହି ଅଧ ରାତିରେ ବୁଢ଼ୀ ଚୁଲି ଜାଳିଲେ । ସେ ଦିନର ରାତି ଏକ ଦୁର୍ଯୋଗର ରାତି ଥିଲା ।

ତାଲଚେର ଗାଡ଼ି ସାକ୍ଷୀଗୋପାଳରେ ଆସି ଛିଡ଼ା ହେଲା ବେଳକୁ ଅନେକ ଡେରି ହୋଇ ଯାଇଥିଲା । ରାମବାବୁଙ୍କର ସେ ଆଡ଼କୁ ନଜର ନାହିଁ । ସହସ୍ର ଭାବନା ଦୋଳି ଖେଳୁଛନ୍ତି ମୁଣ୍ଡ ଭିତରେ । ଗାଡ଼ି ଭିତରକୁ ପଞ୍ଝାଏ ପଶ୍ଚିମା ଯାତ୍ରୀ ଛୁଟି ଆସିଲେ । ମେଲା ଡବାଟି ଗହଳି ହୋଇ ଉଠିଲା । ସେମାନଙ୍କ ମୁଁହରେ ସେହି ପରିଚିତ ଜୟ ଜୟ କାର ---- "ଜଗନ୍ନାଥ ସ୍ୱାମୀକି ଜୈ-ଏ-ଏ ।"

ରାମବାବୁଙ୍କର ଭାବନା ଭାଙ୍ଗିଗଲା । ସେତେବେଳକୁ ଗାଡ଼ି ଛାଡ଼ିବା ଉପରେ । ଯାତ୍ରୀ ଓ ପଣ୍ଡାମାନଙ୍କ ଭିତରେ ଦକ୍ଷିଣା ସକାଶେ ପାଟି ତୁଣ୍ଡ ଲାଗିଥାଏ । ମୁଣ୍ଡ ଉପରୁ ବେଳ ଖସିଲାଣି ।

ପାଟିତୁଣ୍ଡ ଟିକିଏ କମି ଆସିବାରୁ ରାମବାବୁ ଶାନ୍ତିର ନିଶ୍ୱାସ ମାରିଲେ । ସୁସ୍ଥି ଲୋକ, କଳିଅ ଭିତରକୁ ଗୋଡ ଦଅନ୍ତି ନାହିଁ । ନିଜ କାମରେ ସବୁବେଳେ ବ୍ୟସ୍ତ । ପାଟିତୁଣ୍ଡ ସହି ପାରନ୍ତି ନାହିଁ ।

ଝରକା ସେ ପଟେ ଆଖି ବୁଲାଇଲେ । ସାକ୍ଷୀଗୋପାଳ ଦେଉଳର ସାନ ବଡ ହୋଇ ତିନୋଟି ବାନା ଆକାଶ ଭିତରକୁ ପଶି ଯାଇଛି । ଆଖି ବୁଜି ହାତ ଯୋଡିଲେ । ମନ ଭିତରେ ସମ୍ଭବ ଅସମ୍ଭବ ଅନେକ ଗୁହାରି । ସତେ କଣ ଦେବତା ମନବୁଝି ଫଳ ଦେବେ ? କେଜାଣି !

ରାସ୍ତା ଦୁଇପାଖେ ନଡିଆ ଗଛର ବଣ । କାଁଭେଁ ତାଳ ଗଛଟିଏ । ଆହୁରି ଦୂରକୁ ଝାଉଁ ଓ ପୋଲାଙ୍ଗ ବଣ । ଦେଉଳ ପାଖରେ — ବକୁଳର ବନ ମସ୍ତବଡ଼ ତୋଠା ପ୍ରକୃତି ଅତି ଯତନ ଭାବରେ ସଜାଇଛି ଏହି ସାକ୍ଷୀଗୋପାଳକୁ । ମନ ଲୋଭାଇ ଯାଏ । ପୁଣି ଗୋପବନ୍ଧୁଙ୍କର ସାଧନାର ପୀଠ ଏହି ସାକ୍ଷୀଗୋପାଳ । ତାହାର ସାକ୍ଷୀ ବକୁଳବନ । ବକୁଳବନର ନିଘଞ୍ଚ ଛାଇତଳେ ଏବେ ବି ଲୁଚି ରହିଛି ତାଙ୍କର ଅଧୀର କଣ୍ଠର ଦୀପ୍ତ ଭାଷା । ରାମବାବୁଙ୍କର ଆଖି ଛଳ ଛଳ ହୋଇ ଉଠିଲା ।

ଟିକେଟକଲେକ୍ଟରଟିଏ ଝଡ ବେଗରେ ଡବା ଭିତରକୁ ପଶି ଆସିଲା । ଗୋଟିଏ କାନଫଟା ଗର୍ଜନରେ ଟ୍ରେନ ଅଗେଇ ଗଡ଼ିଲା । ଚଳନ୍ତା ଗାଡ଼ି ଭିତରକୁ ଚଢି ଆସିଲେ ଦୁଇ ତିନିଜଣ ବାଳକ । କଲେଜରେ ପଢୁଥିବେ ବୋଧହୁଏ । ବକ୍ସି ମାଟିର ସନ୍ତାନ ଯେ' ଦୁର୍ବଳ ନୁହେଁ ଏହା ପ୍ରମାଣ କରି ଦେବାକୁ ଚାହାନ୍ତି । କିନ୍ତୁ ଏ ଦୁଃସାହସ କାହିଁକି ଦାବା ? ଗୋଡ ହାତ ଯଦି ଖସିଯାଏ

ଭଲକୁ ? ରାମବାବୁ କଲେଜ ପିଲାଙ୍କ ଆଚରଣରେ ସନ୍ତୋଷ ହୋଇ ପାରିଲେନି ।

ଗାଡ଼ିର ଗତି କମିବାକୁ ଲାଗିଲା ଆଉ ତାରି ସଙ୍ଗେ ସଙ୍ଗେ ରାମବାବୁଙ୍କ ମୁଣ୍ଡ ଭିତରର ଭାବନା ତାଳଦେଲା ସମାନ ଭାବରେ । କେମିତି ହୋଇଥିବ ରମ୍ଭାର ଭାବୀ ସ୍ୱାମୀ ? କଲେଜରେ ପାଠ ପଢୁଛି ବୋଲି ଚିଠିରେ ଲେଖାଥିଲା । ତାହାହେଲେ ଶ୍ୟାମ ନିଶ୍ଚୟ ଚିହ୍ନିଥିବ । ପଚାରିଲେ କହିବ । ଆଉ ଶ୍ୟାମର ଭାବି ପତ୍ନୀ ? ଯାହାହେଉ ଗଲେ ସବୁ ଜଣା ନ ପଡ଼ି ଯିବ କୁଆଡେ !

ଟ୍ରେନ ମାଳତୀପାଟପୁର ଛାଡ଼ିଲା । ଗଛ ଗହଳିର ଫାଙ୍କେ ଫାଙ୍କେ ଦିଶୁଛି ଶ୍ରୀମନ୍ଦିରର ନୀଳଚକ୍ର । ରାମବାବୁ ହାତ ଯୋଡ଼ିଲେ । ପଶ୍ଚିମା ଯାତ୍ରୀମାନଙ୍କର ଆନନ୍ଦ କହିଲେ ନ ସରେ । ଜଗନ୍ନାଥଙ୍କ ପାଖକୁ ଭୋକ ଶୋଷ ଭୁଲି ଧାଇଁଛନ୍ତି । ମାସେ କି ଦି' ମାସ ହେବ ଘର ଛାଡ଼ିବାର । ଦେହ ପ୍ରତି ଯତ୍ନ ନାହିଁ । ମୁଣ୍ଡ ବାଳ ଝୋଟ ହୋଇ ଜଟ ହେବା ଉପରେ । ଧୋତି ଆଉ ଜାମାରେ ଅଙ୍ଗୁଳି ବହଳର ମଳି । ତଥାପି ସେମାନେ ଧାଇଁଛନ୍ତି ଗୋଟିଏ ଲକ୍ଷ୍ୟରେ ।

ଗାଡ଼ି ପୁରୀ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ ଉପରେ ରୁକିଲା ବେଳେ ରାମବାବୁଙ୍କର ଆଖି ଯୋଡ଼ିକ ଲୋକଗହଳି ଭିତରେ କାହାକୁ ଖୋଜି ବୁଲୁଥାଏ । ପ୍ଲାଟଫର୍ମରେ ଅସମ୍ଭବ ଭିଡ଼ । କାର୍ତ୍ତିକ ମାସ ହେତୁ ଗହଳି କ୍ରମେ ବଢୁଛି । ପୁରୀ ଗୋଟାକ ଜନସମାଗମ ଭିତରେ ହସ ଉଠୁଛି । ଦୋକାନୀମାନେ ତେଜି ଯିବେଣି - - - -

ଗାଡ଼ି ବନ୍ଦ ହେବା ସଙ୍ଗେ ସଙ୍ଗେ ଶ୍ୟାମ ଡବା ଭିତରକୁ ପଶି ଆସି ବାପାଙ୍କୁ ନମସ୍କାର ହେଲା । ରାମବାବୁ କଲ୍ୟାଣ କରିବା ସଙ୍ଗେ

ସଙ୍ଗେ ପଚାରିଲେ--- 'ଆଉ ସବୁ ଭଲତ ? ପରୀକ୍ଷାରେ କେମିତି କରିଛୁ ?

'ଭଲ କରିଛି' । ଯେତେଦୂର ଆଶା ପାଶ୍ ହୋଇଯିବ ।'

ରିକ୍ସା ମରିଚକୋଠ ଗଳିର ଖଣ୍ଡିଆ ଖାବରା ରାସ୍ତା ଉପରେ ପଞ୍ଜ ଉଠି ଧାଇଁଲା ବସାକୁ ।

ଶୀତ ଦିନିଆ ରାତି ଚୁହୁଁ ଚୁହୁଁ ମାଡ଼ି ଆସୁଛି । ଆକାଶରେ ପଞ୍ଚମୀ ଜହ୍ନର ଦେଖଣୀ - ଅସଂଖ୍ୟ ତାରାର ମଉଛବ । ଚନ୍ଦ୍ରମଣ୍ଡଳ ପଡ଼ିଛି । ବୋଧହୁଏ ନିକଟରେ ବର୍ଷା ହେବ । ହାଲୁକା ଜହ୍ନ ଆଲୁଅରେ ପୃଥିବୀରାଣୀ ହସି ଉଠୁଛି । ସବୁଆଡେ ଚନ୍ଦ୍ରର ସ୍ପର୍ଶ । ଶୀତଳ ଓ ସ୍ନିଗ୍ଧ ।

ଖଟ ଉପରେ ଗଡ଼ି ବାପା ଆଉ ପୁଅ କଥା ଭାଷା ହେଉଛନ୍ତି । କଥା ପରେ କଥା । କେତେ ଦିନର ଆଉ କେତେ ଅନ୍ତର । ଘର ଆଉ ବାହାରର । ବୁଢ଼ୀଆଣୀ ସୂତା ଭଳି ସେ କଥାର ଖିଅ । ଶ୍ୟାମ ସବୁ କଥା ଜାଣିବାକୁ ଚାହେଁ ---ମା, ଭାଇ, ଭଉଣୀ, ଭାଉଜ ସମସ୍ତଙ୍କର । ତାପରେ ଗାଁର ।

ଦିନଯାକର କ୍ଳାନ୍ତି ପରେ ଶ୍ୟାମର ବାପା ଶୋଇ ପଡ଼ିଛନ୍ତି । କିନ୍ତୁ ଶ୍ୟାମ ଆଖିରେ ନିଦ ନାହିଁ । ଗାଁର ଟିକିନିଖି ଖବର ପାଇ ସୁସ୍ଥ ଅନୁଭବ କରୁଛି । କିନ୍ତୁ ଚମ୍ପାର ଖବର ! ସବୁ ପଚାରି ଭୁଲିଗଲା ଚମ୍ପାଘର କଥା ପଚାରିବାକୁ । ବାପା କଣ ଭାବୁଥାନ୍ତେ ?

ବୋଧହୁଏ ଚମ୍ପା ଶାଶୁଘରକୁ ଯିବାକୁ ପ୍ରସ୍ତୁତ ହେଉଥିବା ନିଜର ଭବିଷ୍ୟତ ଚିନ୍ତାରେ ମଗ୍ନଥିବ --- ଉତଳା ମନରେ ସ୍ୱପ୍ନର କୁହୁକ ଖେଳ ବୁଲୁଥିବ । ତା'ର କଥା ଭୁଲି ଯିବଣି ବୋଧହୁଏ ।

ସେ ଚମ୍ପା କଥା ଟାଳି ଦେବାକୁ ବସିଲା । କିନ୍ତୁ ଅଜାଣତରେ କାହାର ସୁନ୍ଦର ମୁହଁଟିଏ ଆସି ଆଖି ଆଗରେ ଝଲସି ଉଠିଲା । ସେ ମୁହଁରେ କେତେ ମାୟା, କେତେ ମମତା । ଡୋଳା ତାର ହସୁଥାଏ । ଭୂଲତା ଭୂଲଟି ନାଚୁଥାଏ । ଶାମ ଏହି ମୁହଁଟିକୁ ଦେଖିଲେ ପାଗଳ ହୋଇଯାଏ - - - -

ଚମ୍ପା କଣ ତାର କଥା ଭାବୁଥିବ । ତାହାର ଭଲ ଅନିଦ୍ରା ରହି ଅତୀତ ଭିତରେ ଖେଳୁଥିବ ? ଭାବନାରେ ମତ୍ତ ରହି କେତେବେଳେ ଯେ ଆଖି ଲାଗି ଯାଇଛନ୍ତି ଶାମ ସେ' କଥା ଜାଣି ପାରନି' ।

ସେଦିନର ସକାଳ ସବୁଦିନକୁ ମନେ ରଖିବା ଭଳି ସକାଳଟାଏ । ଜୀବନରେ କେତେ ସକାଳ ଆସି ଚାଲି ଯାଇଛି । କିନ୍ତୁ ବୈଚିତ୍ର୍ୟହୀନ ସକାଳ ଗୁଡ଼ିକ ମନେ ନାହିଁ । ଜୀବନଠାରୁ ମରଣ ଯାଏ କେତେ ସକାଳ ଯିବ ଓ ଆସିବ । ଜଗତର ପ୍ରତି ସକାଳରେ ଲକ୍ଷ ଲକ୍ଷ ଘଟଣା ଘଟିବ । କିନ୍ତୁ ଶାମର ମନେ ରହିବ ଏହି ସକାଳଟି ନିହାତି ବ୍ୟକ୍ତିଗତ କାରଣରୁ ।

ଶାମ ସେଦିନ ବିଛଣା ଛାଡ଼ିଲାବେଳେ ଅନେକ ଡେରି ହୋଇ ଯାଇଥିଲା । ନିତ୍ୟକର୍ମ ସାରି ଫେରିଲା ବେଳକୁ ଦେଖିଲା ବାପା ଭାରି ଅଦ୍ଭୁତ ଭାବରେ ସଜାଇ ନେଇଛନ୍ତି ନିଜକୁ । ତାଙ୍କ ଦେହରେ ଫାଇନ୍ ଧୋତି, ସମ୍ବଲପୁରୀ ମଠା କାମିଜ ଓ ବ୍ରହ୍ମପୁରୀ ପାଟ ଚଦର ଶାମ ମନରେ ରହସ୍ୟ ବୁଣିଲା । ତାଙ୍କୁ ଅସିବାର ଦେଖି ବାପାଙ୍କୁ କହିଲେ —' ଚଞ୍ଚଳ କାହାରିକି ! ଯିବା ।'

‘ କେଉଁଠାକୁ ବାପା ? ’

‘ ଅଜ୍ଞେ ହଁ, କହିବାକୁ ଭୁଲି ଯାଇଥିଲି । ପୂର୍ଣ୍ଣେନ୍ଦୁ ବାବୁଙ୍କ ବସାକୁ ଯିବାକୁ ହେବ । ମରିଚକୋଠ ଗଳିରେ ହଳଦିଆ ଦୋ’ତା-ଲଠା ନାହିଁ ---ସେଇଟି ତାଙ୍କର । ଆଗେ ପୁରୀରେ ସବ୍‌ଜଜ୍ ଥିଲେ କିନା ଘରଖଣ୍ଡେ କରି ନେଇଛନ୍ତି । କଟକରେ ଘର । ସେଇଠି ସବୁ-ବେଳେ ରହନ୍ତି । ଛୁଟିରେ ଏବେ ପିଲାମାନଙ୍କୁ ନେଇ ଆସିଛନ୍ତି । ଦର୍ଶନସାରି ଫେରି ଯିବେ । ’

‘ ସେ କଣ ଆପଣଙ୍କର ପରିଚିତ ! ’

‘ପରିଚୟ ଆଉ କଣ ! ସେଦିନ ଚିଠି ଖଣ୍ଡିଏ ଦେଇଥିଲେ ଗାଁକୁ, ଏଇ ତୋର ଆଉ ରମ୍ଭାର ବିଷୟ ନେଇ । ତାଙ୍କର ଝିଅ ତିନୋଟି । ଲେଖିଥିଲେ ଯାହାକୁ ପସନ୍ଦ ହେବ ତୋର ସଙ୍ଗରେ ବିବାହ ଦେବେ ବୋଲି । ତୋତେ କୁଆଡେ ପୁରୀରେ ଅନେକ ଥର ଦେଖିଛନ୍ତି । ତାଙ୍କର ଭାଇର ପୁଅଟିଏ, ନାଁ ଦାଶରଥି । ସେ ଏ ବର୍ଷ ଲ’ରେ ନାଁ ଲେଖାଇଛନ୍ତି । ତାଙ୍କୁ ବୋଧହୁଏ ଜାଣିଥିବୁ ! ନୁହେଁ ?’

‘ ଦାଶରଥି ବାବୁଙ୍କୁ ଜାଣେ । କିନ୍ତୁ ପୂର୍ଣ୍ଣେନ୍ଦୁ ବାବୁଙ୍କୁ କାହିଁ ମୋର ତ ଦେଖିଲି ଭଳି ମନେ ହଉନି ’ ।

‘ ଦେଖିଥିବୁ ---କିନ୍ତୁ ଚିହ୍ନି ନଥିବୁ । ସେଇଥି ପାଇଁ ମନେ ହେଉ ନାହିଁ । ---ଭାରି ଭଲ ଲୋକ । ଆମର ସମାଜରେ ତାଙ୍କ ଭଳି ମାନୀ ଓ ଜ୍ଞାନୀ ଲୋକ ଖୁବ୍ ଅଳ୍ପ । ଯଦି ପସନ୍ଦ ହୁଏ ତାଙ୍କର ଘରୁ ଝିଅଟିଏ ଆଣି ଆମ ରମ୍ଭାକୁ ଦେବା ।

‘ କାହାକୁ ବାପା ? ସେଇ ଦାଶରଥିବାବୁଙ୍କୁ ତ !

‘ହଁ, କଣ ଭଲ ହବନି !’

'ଦାଶରଥି ଖୁବ୍ ଭଲ ପିଲା । ରମ୍ଭା ପାଇଁ ଉପଯୁକ୍ତ ହେବ । କିନ୍ତୁ ଝିଅ ଦେଇ ଝିଅ ଆଣିଲେ କଣ ଭଲ ହେବ ? ଇଏତ କଲର ଗୋଡ - - -'

'ମୁଁ ବୁଝିଛି ଶାମ ! କିନ୍ତୁ ଆଜି କାଲିକାର ବିବାହ କଥାତ ଜାଣୁ । ସରବା କାରବାର ଭଳି ଯୌତୁକ ଅଙ୍କ ଦରଦାମରେ ଭଙ୍ଗା ଓଟେରି । ଦାଶରଥି ବାବୁଙ୍କ ଭଳି ପାଏ ପାଇବାକୁ ହେଲେ ଜମିରୁ ଅଧେ ବିକିବାକୁ ପଡିବ । ତେଣୁ ରମ୍ଭାକୁ ସେଇଠି ଦେଇ ତୋରି ପାଇଁ ଯୋଗାଡ କଲେ ଧନ୍ଦସନ୍ଦ ହେବାକୁ ପଡିବ ନାହିଁ - - - -'

ଶାମ ଥଙ୍ଗେଇ ଗଲା । ବାପାଙ୍କ ନିଷ୍ପତ୍ତି ବିରୁଦ୍ଧରେ କେବେ-ହେଲେ ପ୍ରତିବାଦ କରନି' । ତେଣୁ କଣ କହିବ କହିବ ହୋଇ କହି ପାରିଲାନି ।

ତାର ଏ ଥଙ୍ଗଥଙ୍ଗ ଭାବ ଦେଖି ରାମବାବୁ କହିଲେ --'ଆଚ୍ଛା ଚାଲ --ଆଗେ ଯାଇ ଦେଖି ଆସିବା । ପରେ ଈଶ୍ବରଙ୍କ ଯାହା ବିଧିଦ ଥିବ ହବ ।'

ଶାମ ଇତି ମଧ୍ୟରେ ପିନ୍ଧାପିନ୍ଧି ଶେଷ କରିଥିଲା ।

ସର୍ବମଙ୍ଗଳ ଜଗନ୍ନାଥ କହି ରାମବାବୁ ନୀଳଚକ୍ର ଉଦ୍ଦେଶ୍ୟରେ ହାତ ଯୋଡିଲେ । ଘରୁ ବାହାର ଦେଖିଲେ ଶାମର ବାଦାମୀ ରଂଗର ହାଫ୍ ସାର୍ଟ୍‌ର ବାଁ କଲର୍‌ଟି ବେକ ଭିତରେ ପଶି ଯାଇଛି । ନିଜ ହାତରେ ତାକୁ ସଜେଇ ଦେଇ ଆଗକୁ ଚାଲିଲେ ।

ଅଦ୍ଭୁତ କେମିତି ଗନ୍ଧ ଭାସି ଆସିଲା ସମୁଦ୍ର ଆଡୁ । ତଳମେଘରୁ ଅଳ୍ପ ଅଳ୍ପ ବର୍ଷା ଝରୁଛି । ଶାମ ବାପାଙ୍କୁ ଫେରିଯାଇ ଘରେ ଅସିବାକୁ କହିବାରୁ ରାମବାବୁ ମନା କଲେ । ଶୁଭ କାର୍ଯ୍ୟରେ ଭଣ

ଅନୁକୂଳ ଭାଙ୍ଗି ହୁଏ ? ଶୁଭସ୍ୟ ଶୀଘ୍ରମ୍ । ସେହି ବାଟ ଦେଇ ସ୍ତ୍ରୀ ଲୋକଟିଏ କଳସମୁଣ୍ଡରେ ଅନେକ ଝଗଡା ପରେ ପାଣି ଗରାଏ ନେଇ ଫେରୁଛନ୍ତି । ରାମବାବୁ ସଙ୍ଗେ ସଙ୍ଗେ ଚାଲି ଯାଉଥିବା ରିକ୍ସା ଡାକି ଅଟକାଇଲେ । ବାପ ପୁଅ ପାଖକୁ ଡାଗ ବସି ବାହାରି ପଡିଲେ ପୂର୍ଣ୍ଣେନ୍ଦୁ ବାବୁଙ୍କ ବସାକୁ ।

ବଡଦାଣ୍ଡର ମୁଖିଆ ମୁଖିଆ ହୋଟେଲ ମାନଙ୍କରେ ଅସମ୍ଭବ ଗହଳି । ରେଡ଼ିଓରୁ ଭାସି ଆସୁଛି କେଉଁ ଅପରିଚିତା ଚଳଚ୍ଚିତ୍ରନେତ୍ରୀର ମହୁଆ କଣ୍ଠର ପ୍ରଣୟ ସଂଗୀତ । ନଗ୍ନ ଅଥଚ ମଧୁର ।

ବର୍ଷାର ଗତି ଆଜି ଟିକିଏ ପ୍ରଖର ହେଲାଣି । ଅଳ୍ପ କେଇ ମୁହୂର୍ତ୍ତ ପୂର୍ବରୁ ଖରା କାଠୁଥିଲା । ସଙ୍ଗେ ସଙ୍ଗେ ମେଘ ଆଉ ବର୍ଷା । ପୁରୀର ଅଦ୍ଭୁତ ପାଗ । କିଛି ନଥିବ ଆସିବ ପବନ ଆଉ ଝଡ । ତା' ପରେପରେ ବର୍ଷା ।

ବଡ ଦାଣ୍ଡରେ ଅଣ୍ଠୁଏ ପାଣିର ସୁଅ । ଡାଳପଣ ଛତାରେ ବଡଦାଣ୍ଡ ଜକୁଲା ଜଠୁଛି । ଯାତ୍ରୀ ଆଉ ପଣ୍ଡା ଗହଳି ଭିତରେ ରିକ୍ସାବାଲା ଚେତାଇ ଦେଉଛି - "ବାବୁ ହଜେଇଲ । ଇଖୁଣ୍ଣୁ ରାସ୍ତାରେ କେତେ ପାଣି ! ସତେକି ଭାର୍ଗବୀ ନଈର ବନ୍ୟା, ବଡଦାଣ୍ଡ ଯାଏ ମାଡି ଆସିଛି । ବଡ଼ କଷ୍ଟ ହେଉଛି ଅଜ୍ଞା । ଛାଅଣା ହେବେଟି ! "

ରାମବାବୁ ପାଟିକଲେ । କହିଲେ— "କିରେ ମାର୍କଣ୍ଡ ସାହିରୁ ମରିଚକୋଟ ଗଳିକୁ ଛାଅଣା ? କଣ ଯାତ୍ରା ଗହଳି ପଡ଼ିଛି, ନା ଯାତ୍ରୀ ଦେଖିଲୁବା ?" ରିକ୍ସାବାଲା ହଠାତ୍ ରିକ୍ସା ଅଟକାଇ କହିଲା "ବାବୁ ଏ କେଉଁ ବର୍ଷା ! ଛାଅଣା କଣ ବେଶୀ ହେଲା ? ମୁଣ୍ଡକେ ଉପରେ ଗଣ୍ଡେ ପଇସା !"

ଶାମ ଏହି ଅଚେଶୋଭନୀୟ ପରିସ୍ଥିତି ଉପରେ ହସ୍ତକ୍ଷେପ କଲା ।

ରିକ୍ସା ଦ୍ୱିଗୁଣ ବେଗରେ ଧାଇଁ ପୂର୍ଣ୍ଣେନ୍ଦୁ ବାବୁଙ୍କ ହଳଦିଆ କୋଠା ପାଖରେ ରହିଲା । ରାମବାବୁ ଓ ପୂର୍ଣ୍ଣେନ୍ଦୁ ବାବୁ ସମ୍ପୂର୍ଣ୍ଣ ଅପରିଚିତ ହେଲେହେଁ ଦାଶରଥି ଆଉ ଶାମର ଘନିଷ୍ଠତା ଅବସ୍ଥାକୁ ବେଶ୍ ସମ୍ଭାଳି ନେଲା । ବନ୍ଧୁ ଦୁହେଁ ପରସ୍ପରକୁ କୁଣ୍ଢେଇ ପକାଇଲେ । ଦୁଇ କଳଖିଆ ପରେ ପୂର୍ଣ୍ଣେନ୍ଦୁ ବାବୁଙ୍କର ସାମାନ୍ୟ କେତୋଟି ଉତ୍ତର ଦେଇ ଶାମ ଦାଶରଥି ବାବୁଙ୍କ ସଙ୍ଗରେ ଅନ୍ୟ ଘରକୁ ଚାଲିଗଲା । ଧାଣ୍ଡିଘର ଝରକା ପାଖରେ ସେତେବେଳକୁ ସାତ ଆଠ ଜଣ ବୟସ୍କା ଲୋକଙ୍କର ଅସ୍ଥାନ ଜମି ଯାଇଥାଏ । କବାଟ ଫାଙ୍କରେ ସାତକି ଆଠ ଯୋଡା ଉତ୍ସୁକ ଆଖିର ଚାହାଣୀ । ଶାମର ସମସ୍ତ ସଜୀବତାକୁ ନିରୀକ୍ଷଣ କରିବାର ଅଭିଳାଷ ।

ଶାମ ଭିତର ପାଖର ବୈଠକ ଘରେ ପହଞ୍ଚି ସବୁ ଜିନିଷ ଉପରେ ଆଖି ବୁଲାଇ ନେଉଥିଲା । ଖୁବ୍ ସୁନ୍ଦର ସାଜସଜ୍ଜା । ଜିନିଷ ଗୁଡ଼ିକ ଆଧୁନିକ ରୁଚିରେ ସଜା ହୋଇଛି । ସବୁ ଜିନିଷରେ ଗୋଟିଏ କୁଶଳୀ ହସ୍ତର ସ୍ପର୍ଶ । କାନ୍ଥରେ ଝୁଲା ହୋଇଛି ତିନୋଟି ରଙ୍ଗ ବେରଙ୍ଗ ଏମ୍ବ୍ରୋଇଡରୀ ଛବି । ଗୋଟାକରେ ସମୁଦ୍ର, ଆରଟିରେ ଦେଉଳ ଓ ତୃତୀୟଟିରେ ଜଗନ୍ନାଥଙ୍କର ପ୍ରତିକୃତି । ବେଶ ସୂକ୍ଷ୍ମ ଆଉ ସତେଜ ଦେଖା ଯାଉଛି । କାନ୍ଥ କଡ଼କୁ ଆଲମାରୀଟିଏ । ମଝିରେ ଗୋଲ ଟେବୁଲ ଚାରିପଟେ ଚାରୋଟି ପାଇନ୍‌କାଠର ଫୋଲଡିଙ୍ଗ ଚେୟାର । ଦାଶରଥି ଆଉ ଶାମ ଲଗାଲଗି ହୋଇ ଦୁଇଟି ଚେୟାର୍ ଉପରେ ବସିଗଲେ । ଶାମ ପ୍ରଥମେ କଥା ଆରମ୍ଭ କଲା । ପଚାରିଲା —
" ପୁରୀକୁ ଆସିବାର କେତେଦିନ ହେଲା ?"

" ଏଇ କାଲି ତ ! ବଡବାପା ଦୁଇଦିନ ଆଗରୁ ଆସିଥିଲେ । ମୁଁ ଚପଳା ଆଉ ଉର୍ବଶୀ ସଙ୍ଗରେ କାଲି ଟେଲିଗ୍ରାମ ପାଇ ଚାଲି ଆସିଲି । ତୁ କେବେ ଆସିଛୁ ?"

ଦାଶରଥି ଆଉ ଶାମର ଘନିଷ୍ଠତମ ସମ୍ପର୍କହିଁ ସମ୍ବୋଧନକୁ ହୁଗୁଳା କରି ପକାଇଛି ।

" ପରୀକ୍ଷା ପରେ ଗାଁକୁ ଯାଇନାହିଁ । ଫଳ ଶୁଣି ଯିବି ବୋଲି ଏଇଠି ଅଛି । ତୁ ଆସିବାର ଜାଣିଥିଲେ ନିଶ୍ଚୟ ଆସିଥାନ୍ତି ।"

"କିନ୍ତୁ ବାପା ଓ ପୂର୍ଣ୍ଣେନ୍ଦୁ ବାବୁଙ୍କର ଯେଉଁ ପ୍ଲାନ୍, ଏଇ ସକାଳେ ସବୁକଥା ଜାଣିବାର ସୁଯୋଗ ପାଇଛି ।"

" ମୋର ମଧ୍ୟ ସେଇଆ ---- ଟେଲିଗ୍ରାମ ପାଇ ତରତରରେ ଧାଇଁଛି । କିନ୍ତୁ ଆସିଲା ବେଳକୁ ଭଉଣୀଙ୍କ ବିବାହ ପ୍ରସଙ୍ଗ । ମୋତେ ଆଗରୁ ଯଦି କହିଥାନ୍ତେ ଯେ ତୁମର ଘରେ ସମ୍ବନ୍ଧ ହେଉଛି ମୁଁ ସେଇଠି ଥାଇ ତାର ନିଷ୍ପତ୍ତି କରିଥାନ୍ତି । ଅକାରଣଟାରେ ଖର୍ଚ୍ଚ ଗୁଡ଼ାଏ ବଢିଲା ସିନା ।"

" କି ଖର୍ଚ୍ଚ ଦାଶଭାଇ ?" ତରତରରେ ଚାଲି ଆସୁଛି ଚପଳା । ଖୁବ୍ ସୁନ୍ଦର ଭାବରେ ସଜାଇଛି ନିଜକୁ । କେଶ ପ୍ରସାଧନ, ବସ୍ତ୍ର ପରିଧାନ ତଥା ଶ୍ରୀମୁଖ ମଣ୍ଡନରେ ନୂତନତାର ସ୍ପର୍ଶ । ଗୋଟିଏ ଦାମୀ ଓ ଦୁର୍ଲଭ ସେଣ୍ଟ୍‌ର ବାସନା ଉଚ୍ଛ୍ୱାସ ବିସ୍ତୃତ ହୋଇ ଯାଇଛି । ଶାମକୁ ଦେଖି ହଠାତ୍ ବନ୍ଦ ହୋଇଗଲା ତାର ଚଞ୍ଚଳ ଗତି - - - -

" ଆଉ କ'ଣ ଖର୍ଚ୍ଚ ହେବ । ଦାଶଭାଇ ଖୁସି ହେବେ କନା ଖର୍ଚ୍ଚର ହିସାବ ପଡ଼ିଲୁଣି ।" କହି କହି ମାଡ଼ି ଆସୁଛନ୍ତି ଉର୍ବଶୀ । ସେ ନିଜକୁ ସଜାଇଛନ୍ତି ଠିକ୍ ଅଜନ୍ତା ଢଙ୍ଗୀରେ । ଆଖିରେ କୃଷ୍ଣ କଜଳର ଦୀର୍ଘ ଗାଢ ରେଖା । କନକ କପୋଳରେ ରକ୍ତଚନ୍ଦନର ପତ୍ରଲତା---ବେଣୀ ମୂଳେ କାଆ ଫୁଲର ଅର୍ଦ୍ଧଚନ୍ଦ୍ର । ବେଣୀ ଅଗର ରେଶମୀ ଦୋଳନକୁ ଉନ୍ନତ ସ୍କନ୍ଧ ଉପରକୁ ଭିଡ଼ ଆଣି ଏପଟ ସେପଟ ଖେଳାଉଛନ୍ତି । ଉର୍ବଶୀ ଅଟକି ଗଲା ----

ଦାଶରଥି ଏହି ଛନ୍ଦ ଚପଳ ତରୁଣୀ ମାନଙ୍କ ସହ ପରିଚିତ କରାଇ ଦେଲା ଶ୍ୟାମକୁ । ନମସ୍କାର ପ୍ରତି - ନମସ୍କାରର ଅଦଳ ବଦଳ ହେଲା କେତେ ଲଜ୍ଜା ଆଉ ସଙ୍କୋଚ ଭିତରେ । ଶ୍ୟାମ ମୁଗ୍ଧ ହୋଇ ଚାହିଁଲା ଏହି ଲାସ୍ୟ - ମୁଖର ତରୁଣୀ ଦୁଇଟିଙ୍କୁ । ସତେ ଯେମିତି ଅନ୍ନପୂର୍ଣ୍ଣା ରଂଗମଞ୍ଚରେ ଦୁଇଟି କୁଶଳୀ ଅଭିନେତ୍ରୀ । ସଜବାଜ ହୋଇ ନାଚିବାକୁ ବାହାରିଛନ୍ତି । ଉଭୟେ କଣେଇ କଣେଇ ଅନେଇଛନ୍ତି ତାହାର ମୁହଁକୁ । ଦାଶରଥି ବାବୁ ଖବର କାଗଜ ପଢ଼ିବାରେ ମନ ଦେଲେଣି ।

ଶ୍ୟାମ ଅନୁଭବ କଲା ଚପଳା ଓ ଉର୍ବଶୀ ଉଭୟଙ୍କ ମଧ୍ୟରେ ତାକୁହିଁ ଆକର୍ଷଣ କରିବାକୁ ପ୍ରତିଯୋଗିତା ଆରମ୍ଭ ହୋଇଛି । ଉଭୟଙ୍କ ଆଖିରେ ଉଛୁଳିଲା କଟାକ୍ଷର ତରଙ୍ଗ । ସେ ଆଖି ଆଉ ମୁଖରେ ଅନେକ ଭାବ, ଅନେକ ଭାଷା । ଅନୁଭବ କରିହୁଏ, କିନ୍ତୁ ପ୍ରକାଶ କରିବାର ଭାଷା ନାହିଁ ।

ଉଭୟେ ବୋଧହୁଏ ଏକା ବୟସର ହେବେ । ବେଶୀ ହେଲେ ବର୍ଷେ କି ଦି ବର୍ଷର ତଫାତ୍ । ବୟସ ଷୋହଳ ସତର ଭିତରେ ।

ସୁସ୍ଥ ସ୍ୱାସ୍ଥ୍ୟରେ ପୁଷ୍ଟ ଲାବଣ୍ୟର ଫେନିଳ ଆଭା । ରକ୍ତାଭ ମୁଖମଣ୍ଡଳରେ ଫୁଟନ୍ତା ପୁଷ୍ପର ବିକାଶ । ଚଞ୍ଚଳ ଆଖିପତାରେ ମୌସୁମୀର ସଙ୍ଗୀତ । ଯଉବନ ଜଳୁଛି ଯେମିତ । କିଏ ସବୁଠୁ ସୁନ୍ଦର ?

ଶ୍ୟାମ ଆଉ ଥରେ ଆଖି ବୁଲାଇ ନେଲା ଦୁ' ଜଣଙ୍କ ଉପରେ । ଦୁହିଙ୍କ ଓଠରେ ସ୍ନେହ ହସରୁ ଧାଡ଼ିଏ ଲେଖାଏଁ । ଗହଳ ଚୁଲବୁଲତାରେ ଚଞ୍ଚାର ସ୍ପର୍ଶ । ଅଧର ଥର ଥର ଉଠୁଛି ଗୋଟିଏ ଚପା ଉତ୍ତେଜନାରେ । କିଏ କାହାକୁ ଊଣା ନୁହଁନ୍ତି ।

ଶ୍ୟାମ ଉର୍ବଶୀ ମୁହଁକୁ ଚାହିଁ ଅଟକିଗଲା । ତାକୁ କେଉଁଠି ଦେଖିଲାଭଳି ମନେ ହେଉଛି, କିନ୍ତୁ କେଉଁଠି ? ଶ୍ୟାମ ମନେ ପକାଇବାକୁ ଚେଷ୍ଟାକଲା । ଅସ୍ତେ ଆସ୍ତେ ଆଖି ଆଗରେ ଖୋଲିଲା ଅତୀତ ଇତିହାସର ଗୋଟିଏ ମୂଲ୍ୟମ ପୃଷ୍ଠା । ସେଦିନ କଳା ପ୍ରଦର୍ଶନୀ ହେଉଥିଲା କଟକରେ । ବାରବାଟୀ ଷ୍ଟାଡିଅ ଉଠୁଥାଏ ପଡୁଥାଏ । ଦର୍ଶକ ମାନଙ୍କର ଅସମ୍ଭବ ଭିଡ଼ । ଯାଉ ଯାଉ ଭିଡ଼ ଭିତରେ ଦେଖା ହେଲା ଏହି ଝିଅଟି ସହିତ ।

ସେଦିନ ଅଦ୍ଭୁତ ଭାବରେ ସଜାଇ ଉର୍ବଶୀ ପ୍ରଦର୍ଶନୀକୁ ଯାଇଥିଲା । ଗୋଲାପୀ ରଂଗର ସାଇକା ଉପରେ ରକ୍ତପଦ୍ମପୁଷ୍ପ ଅନାରକଳି ଶାଢ଼ୀଟିଏ । କଳା ଘୁମର ବଂଗାଳୀ ବେଣୀରେ ସେବତୀ ଫୁଲର ହାଲୁକା ଗନ୍ଧ । କାଚଜଳି ଭଳି ଶୁଭ୍ର ଗଳାରେ ଅତିସରୁ ଗୁଞ୍ଜୁବଟୀ ଚେନଟିଏ । ଆଖିରେ କଜଳ ଆଉ କପାଳରେ ଚିହ୍ନିତ ଶଂଖର ଟୋପା । ନଖ ଆଉ ପାପୁଲିରେ ଗୋଲାପୀ ରଂଗର ଛିଟା । ପାଖରେ କିଏ ଜଣେ ବୟସ୍କା ସ୍ତ୍ରୀ ଲୋକ ଥାଆନ୍ତି । ଏଇ ସୁନ୍ଦର ଚକ୍‌ଚକିଆ ପ୍ରଜାପତିଟିକୁ ଦେଖି ଜନ ଗହଳି ଛାଏଁ ଛାଏଁ ବଢ଼ିଗଲା ।

କିଏ ଜଣେ ପଛପଟୁ ଆସି ଗୋଡ ଗଇଁଠିକୁ ତାର ଅଡ଼ ଜୋର୍‌ରେ ଚଇଁଟି ଦେଲା । ଉର୍ବଶୀ ବଜିଲେ କହୁ ତଳି ପଞ୍ଜବା ଉପରେ । ବୁଡ଼ୀ ତଃସ୍ଥ ହେଲେ । ଉର୍ବଶୀର ଗୋଡରୁ ଛୁଟିଛି ଲହୁର ଧାର । ସମସ୍ତ ଦେଖି ଶାମ ସାହାଯ୍ୟ କରିଥିଲା । ବଡଭାଇ ଭଳି ଘଟଣାକୁ ସମ୍ଭାଳି ନେଇ ସଙ୍ଗେ ସଙ୍ଗେ ବୁଲି ଘରଯାଏ ସଙ୍ଗରେ ଆସି ଛାଡ଼ିଗଲା । ଏଇତ ସେହି ଉର୍ବଶୀ !

ଉର୍ବଶୀ ମଧ୍ୟ ଆଶ୍ଚର୍ଯ୍ୟ ଭାବରେ ଅନାଇଛି ଶାମକୁ ।

" ଆପଣଙ୍କୁ ମୋର କଟକରେ ଦେଖିଲାଭଳି ମନେ ହଉଛି" ଶାମ କହିଲା । " ହଁ ଆମେ କଟକରେ ଥାଉ" ବୋଲି ପଞ୍ଜ ସଂକୋଚହୀନ ଭାବରେ ଉତ୍ତର ଦେଲା ଚପଳା " ଉର୍ବଶୀ ଗାଲ୍‌ସ୍ ହାଇସ୍କୁଲରେ ପଢେ । ଆଜି ମୁଁ ଶୈଳବାଳା ମହିଳା କଲେଜରେ ନାଁ ଲେଖାଇଛି ।"

" କଟକର କଳା ପ୍ରଦର୍ଶନୀରେ ବୋଧହୁଏ ଦେଖା ହୋଇଥିଲା " ଶାମ ଉର୍ବଶୀ ଉଦ୍ଦେଶ୍ୟରେ କହିଲା ।

" ହଁ— ସେଇଠୁ ଗହଳି ବେଳେ ।" ଉର୍ବଶୀ ଅତି ସଂକ୍ଷେପରେ ଉତ୍ତର ଦେଲା । "ତାହାହେଲେ ଉଭୟେ ଉଭୟଙ୍କୁ ଆଗରୁ ଚିହ୍ନିଛନ୍ତି ନୁହେଁ ?" ଚପଳା ଓ ଦାଶରଥିବାବୁ ପ୍ରାୟ ଏକ ସମୟରେ ପଚାରି ବସିଲେ ।

ମୁହଁରେ କୃତ୍ରିମ ହସ ଫୁଟାଇ ସେ ଘରୁ ନିଷ୍କ୍ରାନ୍ତ ହେଲା ଉର୍ବଶୀ ।

ଲିଲି ଖାନ ଅଣ୍ଟୁଛି ଆଉ ଘରୁ । ବୟସ ଏଗାର ବାର ଭିତରେ । ପ୍ରସାଧନ ହୀନ ଅବୟବରେ ତାର ପ୍ରଭାତର ଅରୁଣିମା ।

କୈଶୋର ବିଦାୟ ନେଇ ଆସୁଛି । ସାରା ଦେହରେ ଲାଗି ଆସୁଛି ଯୌବନର ଗୋଟିଏ କାନ୍ତ କୋମଳ ସ୍ପର୍ଶ । ଦେହରେ ଖଦଡ଼ ଅର୍ଗାଣ୍ଡି କନାର ଫୁଲପକା ଫ୍ରକ୍ । ଲାଲିଆ ଫୁଲ ଉପରେ କଳାଭଅଁରର ଚିତ୍ର । ବେଣୀର ଦୁଇଟି ଫଳକରୁ ଗୋଟିଏ ପଡ଼ିଛି ଛାତି ଉପରେ । ଅତି ସଂଯତ ଅଥଚ ଛନ୍ଦଭରା ଚାଲି । ପ୍ରତି ପଦ ପାତରେ ପ୍ରାଣମତାଣିଆ ମୂର୍ଚ୍ଛନା । ପାଦ ଉପରେ ଲାକ୍ଷାରଂଗର ରେଖା । ତାର ଉପରକୁ ମୟୂରବସା ନୂପୁର । ଚମତ୍କାର ଦିଶୁଛି ଲିଲି ।

ଶାମ ଏହି ଚପଳ ଅଥଚ ସଂଯତ ଲିଲିକୁ ବିସ୍ମୟ ହୋଇ ଅନାଇ ରହିଲା । ସବୁଠୁ ବିସ୍ମୟ କଲା ତାକୁ ଲିଲି ମୁହଁରେ ଥିବା ଚମ୍ପା ମୁହଁର ସ୍ୱାକ୍ଷର । ଚମ୍ପାଭଳି ବାଁ ଗାଲରେ ଛୋଟ ଅସ୍ପଷ୍ଟ କଳାଦାଗ । ସେହି ଚିକ୍କଣିଆ ନାକ ଆଉ କାନ । ଚମ୍ପା ଛୋଟବେଳେ ଲିଲି ଭଳି ଦେଖାଯାଉଥିଲା ।

ନିଜ ଭାବନାରେ ନିଜେ ଚମକି ଉଠିଲା ଶାମ । କାହିଁକି ସେ ଆଜି ଚମ୍ପାକଥା ଭାବୁଛି ? ନାଁ ଚମ୍ପା ତାର କେହି ନୁହେଁ । ବିଗତ ଅତୀତର ଜୀର୍ଣ୍ଣପୃଷ୍ଠା ଉପରେ କୋର ଦେଇ ଆଉ ଲାଭ ନାହିଁ । ଅତୀତର ସମାଧି ନେବାକୁ ବାଟ୍ଟିନାହିଁ । ଭବିଷ୍ୟତ ଆସୁଛି ନୂତନ ହୋଇ ।

ରାମବାବୁ ସେ ଅଡୁ ଡାକ ପକାଇଲେଣି ।

ପୁର୍ଣ୍ଣେନ୍ଦୁ ବାବୁ ପରେ ସବୁ ନିର୍ଦ୍ଦିଷ୍ଟ କରି ଜଣାଇବେ ବୋଲି କହି ବାପପୁଅଙ୍କୁ ବିଦାୟ ଦେଲେ ।

ଖବର ଠାଣ ହୋଇ ଆସୁଥିଲା ।

"ଆମର ଆଉ ଅଛି କଣ ? ଧାଡିଲ ପତ୍ର। କେଉଁଠି ପଡ଼ିଥିଲେ ଯେ ପଞ୍ଜି ପଣ୍ଡିତ୍ରୁ ତାର ଠିକଣା କଣ ଅଛି ? ତମର ମୁଖ ଦେଖିଲେ ଆନନ୍ଦରେ ମରିବାର ଅବକାଶ ମିଳିବ । ମୋର ଇଚ୍ଛା ଏ ଶବାଦ ଯେତେ ଶୀଘ୍ର ଶେଷ ହୁଏ ସେତିକି ମଙ୍ଗଳ । ଏମିତ ଘର, ଏମିତ ପାଦ ଭାଗ୍ୟରେ ଥିଲେ ମିଳିଲା -" ରାମବାବୁ ଶାମଙ୍କୁ ଶୁଣାଇ ଶୁଣାଇ କହୁଥିଲେ ।

ତା'ପରେ ନୀରବତା । ରାମବାବୁ ମନେମନେ କଣ ଭାବୁଛନ୍ତି, ଟିକକ ପରେ ରହି ରହି କହିଲେ - " ଦାଶରଥି ସଙ୍ଗେ ରମ୍ଭାର ସମ୍ବନ୍ଧ ପ୍ରାୟ ଠିକଣା ହେବା ଉପରେ । ତୋର ମତାମତ ନେଲେ ପୂର୍ଣ୍ଣେନ୍ଦୁ ବାବୁଙ୍କର ଝିଅ ବିଷୟ ନେଇ ଲେଖିବି । ଅତି ସୁନ୍ଦର ରୂପ ଚମତ୍କାର ବ୍ୟବହାର । ସାକ୍ଷାତ୍ ଲକ୍ଷ୍ମୀ ପ୍ରତିମା ଭଳି । କାହାକୁ ପସନ୍ଦ କଲୁ କହୁନୁ ।"

ଶାମ ମନେ ମନେ ବ୍ୟତିବ୍ୟସ୍ତ ହେଲା । ଭାବିଲା ସମସ୍ତଙ୍କର ଅଳ୍ପ ବହୁତ ଭୁଲ ହୁଏ । ବାହାର ଦେଖି ଭିତର କଥା ଅନୁମାନକର କହନ୍ତି । ଭିତରେ ବୁଝି ଦେଖିବାର ଇଚ୍ଛା ନାହିଁ । ମହାକାଳ ଫଳ କଣ ସବୁ ଦୃଷ୍ଟିରୁ ସୁନ୍ଦର ? ଚପଳା ଅଉ ଉର୍ବଶୀର ପ୍ରସାଧନ ବହୁଳ ତନୁଲତା ମନରେ ଚମକ ବୁଣେ । ଆଖିରେ ତେଲିକି ଲଗାଏ । କୃତ୍ରିମ ଭାବ ଭଙ୍ଗିରେ ସରଗ ଅପ୍‌ସରାର ସୁଷମା । କିନ୍ତୁ ଭିତରେ ଅଛି କଣ ?

ଅଳ୍ପ କ୍ଷଣର ସାନ୍ନିଧ୍ୟ ଲାଭ କରିଥିଲେବି ଶାମ ଅନୁଭବ କରିଛି ସେମାନେ ମହାକାଳଫଳ । ଅନ୍ତର ଭିତରେ ଫମ୍ପାର ଗର୍ତ୍ତ

ବପୁ । ମନ ଆଉ ଦେହରେ [redacted]ଦ୍ଧତ୍ୟର ଛାପ । ଧନ ଗର୍ବରେ ଅବାକୁ ସବୁ ଜ୍ଞାନ କରିବା[redacted]ପ୍ରୟାସ ।

ଶାମର ଆଖି' ଆଗରେ [redacted] ଚପଳାର ଉତ୍କଟ ରୂପ ଲାବଣ୍ୟ ଝଲସି ଉଠିଲା । ନାକ ଫୁଲାଇ କଥା କହେ । କଥା କହିଲା ବେଳେ ବାରମ୍ବାର ନାସିକା କୁଞ୍ଚନ କରେ । ଆଖିରେ ତାର ଔଦ୍ଧତ୍ୟର ମୁଦ୍ରା !

ଶାମକୁ ସେ ମୁହୂର୍ତ୍ତେ କାଳ ଅନାଇ ଥିଲା ।

ସେ କଣ୍ଠସ୍ୱରରେ ଥିଲା ଅହମିକାର ନଗ୍ନ ବିଳାସ । ସତେ ଯେମିତି କାନରେ ତାର କହୁ ଥିଲା - "ମୋର ଲୋଭନୀୟ ଯୌବନକୁ ଆଶା ମାଗ ଶାମବାବୁ । ଧନୀର ସନ୍ତାନ ମୁଁ । ମୋର ଯଥେଷ୍ଟ ସମ୍ମାନ ଅଛି । ମୋର ଯୋଗୁଁ ଧନ ଓ ସମ୍ମାନର ଅଧିକାରୀ ହେବ । ଯୌତୁକରେ ସାରା ଜୀବନ କଟାଇ ଦେଇ ପାରିବ ।" ଶାମର ଦେହରେ ଯେପରି ଉତ୍କଟ ସର୍ପର ଦଂଶନ ଜ୍ୱାଳା ସଂଚରି ଗଲା । ଆଉ ଉର୍ବଶୀ - - - -? ଚପଳାର ପିଠିର ଭଉଣୀ ହେଲେହେଁ ଅହମିକାର ଭାଗ ଊଣା । କିନ୍ତୁ ଦେହକୁ ସଜାଇବାର ଆଗ୍ରହ ଅଛି । ବେଶଭୂଷାରେ ଅଧିକ ସମୟ କଟାଇ ଦେଉଥିବ । ଯୌବନକୁ ରଂଗୀନ କରିବାକୁ ଚାହେଁ । ମୁହଁରେ ବୋଲିଥିବ ଗୋଲାପୀ ରଂଗର ପାଉଡରକୁ ବୁଲାଏ । ନିଜକୁ ସୁନ୍ଦରୀ ରୂପେ ପରିଚୟ କରାଇବା ବ୍ୟତୀତ ସେ ଆଉ କିଛି ଚାହେଁ । ସେ ଚାହେଁ ଯେ ଦୁନିଆ ତାକୁ କହୁ ସବୁଠୁ ବେଶୀ ସୁନ୍ଦରୀ, ବିଶ୍ୱ ସୁନ୍ଦରୀ ! !

ଉର୍ବଶୀ ପ୍ରତି ଦୟା ହେଲା ଶାମର । ମନେ ମନେ ଭାବିଲା --- ଉର୍ବଶୀ ବୋଧହୁଏ ଜାଣେ ନାହିଁ ଯେ ଏହାଦ୍ୱାରା ସେ ଯୌବନର

ହତାଦର କରୁଛନ୍ତି । ନବଭରଣ ଯୌବନର ସୌନ୍ଦର୍ଯ୍ୟ ଅଛି । ମାଧୁର୍ଯ୍ୟ ଅଛି । ସେ ସ୍ୱୟଂ ସଂପୂର୍ଣ୍ଣ । ନିଜକୁ ନିଜେ ପ୍ରକାଶ କରିବାର ଶକ୍ତି ଅଛି ତାର । ତାକୁ ବ୍ୟକ୍ତ କରିବାକୁ ଯାଇ କୃତ୍ରିମତାର ସାହାଯ୍ୟ ନେବାର ଅର୍ଥ ମଣି ଉପରେ ପାଉଁଶ ଘଷିବା । ଯାହାର ରୂପ ନାହିଁ, ଯେ ବିଗତଯୌବନା ସେହି ଖାଲି କୃତ୍ରିମ ପଛରେ ଧାଏଁ । କିନ୍ତୁ ଯୁବତୀର ପ୍ରସାଧନରେ କି ଆବଶ୍ୟକ ? ଉର୍ବଶୀ ଅଳ୍ପମାତ୍ରାରେ ଅଧୁନିକା ହୋଇ ଯାଇଛନ୍ତି । ପିତାଙ୍କ ଉପାର୍ଜିତ ବିପୁଳ ସମ୍ପତ୍ତିର ଅପବ୍ୟୟ କରୁଛନ୍ତି ।

ଆଉ ଲିଲି !

ଦରଫୁଟା ଗୋଲାପ ଟିଏ । ଫୁଟି ଫୁଟି ଆସୁଛି । ସୁନ୍ଦର ଓ ମଧୁର ଦେଖିଲେ ମନ ଫୁରି ଉଠେ - - ଖେଳ କରିବାକୁ ମନ ଲାଗେ । କିନ୍ତୁ ସେ କଣ ବେଶି ଦିନ ନିଜକୁ ସରଳ ଭାବରେ ରଖି ପାରିବ ? ବଡ଼ ଭଉଣୀ ମାନଙ୍କର ଉଦ୍ଦାମ ସାଜସଜ୍ଜା କଣ ପ୍ରଭାବ ପକାଇବନି ତା' ଉପରେ ।

ଏଭଳି ଝିଅଙ୍କୁ କଣ ଚଳାଇ ପାରିବ ସେ ? ରଂଗମଂଚରେ ଅଭିନୟ କରିବାର ସମସ୍ତ କୌଶଳ ହାସଲ କରିଛନ୍ତି । କିନ୍ତୁ ତାର ଜୀବନ ରଂଗମଂଚରେ ? ଅସମ୍ଭବ !

ଲିଲି ଠିକ୍ ଚମ୍ପା ଭଳି ଦେଖାଯାଏ । ମୁହଁର ଚମତ୍କାର ମେଳଣ ଅଛି । ଚମ୍ପା ! କାହିଁ କେତେ ଦୂରରେ । କଣ କରୁଥିବ ଅବା ? ?

ଚିନ୍ତା ଭିତରେ ମଗ୍ନ ଥାଇ ବାପାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଭୁଲି ଗଲା ଶାମ । ସମ୍ଭବତଃ ମଧ୍ୟ ଆଉ କିଛି ପଚାରି ନାହାନ୍ତି ।

କାର୍ତ୍ତିକ ପୂନେଇଁ ପାଖେଇ ଆସୁଛି । ମଝିକର ପ୍ରଥମ ଦିବସ, ପୁରୀସହରରେ ନାହିଁ ନଥିବା ଭିଡ଼ । ଜନସମାଗମରେ ବଡ଼ଦାଣ୍ଡ ଉଚ୍ଛୁଳି ଉଠୁଛି । ଲକ୍ଷ୍ମୀବଜାରର ଷଣ୍ଢ, ଶଗଡ଼, ସାଇକଲ ଆଉ ରିକ୍ସା ଭିଡ଼ରେ ଠେଲପେଲ ହୋଇ ପୁରୀ ମ୍ୟୁନିସିପାଲ ଡାକ୍ତରଖାନା ପାଖରେ ପହଞ୍ଚିଲେ ବାପପୁଅ ଦୁଇଜଣ ।

କଲିକତାରୁ ସ୍ପେଶାଲ୍ ଟ୍ରେନ ଆସିଥିବାରୁ ଶଙ୍ଖ ଆଉ ଶିଙ୍ଘର ଠେଲା ଦୋକାନମାନ ସରଗରମ ହୋଇ ଉଠୁଛି । ବଡ଼ଦାଣ୍ଡରେ ନୂଆ ଗୋଟିଏ ଉଲ୍ଲେଖଯୋଗ୍ୟ ଶୋଭାଯାତ୍ରା । ଚିତ୍ପୁର ଷ୍ଟ୍ରିଟ୍ ଅଥବା ଗୁଇନାବଜାରରୁ ଫାଟଲ ପେପର ଉଠି ଆସିଛି ପୁରୀସହରକୁ । ରଙ୍ଗ ବେରଙ୍ଗର ଶାଢ଼ୀ, ଚିଜବିଚିଜ ବ୍ଲାଉଜ୍, ଭଲିକି ଭଲି ଚଷମା ଆଉ ଚପଲର ପ୍ରଦର୍ଶନୀ । ରୂପ ଥାଉ ବା ନଥାଉ, ଅନ୍ତ ଆକର୍ଷଣ କରିବାର ସମସ୍ତ ଉପାଦାନ । ଦୁର୍ବଳ ଆଉ ଶୁଖୁଆ ମୁହଁରେ ସ୍ନୋ ପାଉଡର୍ ଆଉ ଲିପ୍ଷ୍ଟିକ୍‌ର ପ୍ରଲେପ, ପଞ୍ଜରାହାଡ ଲୁଚାଇବାକୁ ଜର୍ଜେଟ୍ ଶାଢ଼ୀ ଆଉ ଏକା ଭଳି ରଙ୍ଗର ବ୍ଲାଉଜ, ସ୍ତନର ଲୋପ ପାଇ ଆସୁଥିବା ପୃଥୁଳତା ଜଣାଇ ଦେବାକୁ ଦାମିକା ବଡ଼ିସ୍, ତୀକ୍ଷ୍ଣ ନାକ ମଝିରେ ସୁନାଫ୍ରେମ ବନ୍ଧା ଚଷମା, କୃତ୍ରିମ କେଶର ଓସାରିଆ ଜୁଡ଼ାରେ ପ୍ଲାଷ୍ଟିକ୍ ପ୍ରଜାପତି ଆଉ ସର୍ବୋପରି ଓଷ୍ଠାମଝିରେ ବେପରୁଆ ଖିଲିଖିଲି ହସ । ଏମାନେ ବୋଧହୁଏ ଗୃହାନ୍ତରେ ଚଲାପଥିକ ଦଣ୍ଡେ ଅଟକି ରହୁ, ଅବିବାହିତ ଯୁବକ ପାଖକୁ ଲଗିଆସୁ । ଉଗ୍ର ଆଧୁନିକ-

ତାର ନଗ୍ନ ଆଉ ବିଭତ୍ସ ନମୁନା । ସାଙ୍ଗରେ ଥିବା ଭଦ୍ରଲୋକ ସବୁ ଦେଖି, ସବୁ ଜାଣି ଆଖି ବୁଜି ଦିଅନ୍ତି । ଭାବନ୍ତି ପୂର୍ବ ଭଳି ବିଦେଶରେ ସ୍ତ୍ରୀ ଅତିମାତ୍ରାରେ ଆଧୁନିକତାର ଆଶ୍ରୟ ନେଲେ ସେଭଳି କିଛି ଦୋଷ ନାହିଁ । ଦିନେ ଦି' ଦିନ ପାଇଁ ତ - - - -

ଜୀବନକୁ ପୂର୍ଣ୍ଣମାତ୍ରାରେ ଉପଭୋଗ କରିବାର ପ୍ରଶସ୍ତ କ୍ଷେତ୍ର ଏହି ଶ୍ରୀକ୍ଷେତ୍ର । ବଡ଼ଦେଉଳ, ବଡ଼ଦାଣ୍ଡ, ବଡଠାକୁର ଆଉ ସର୍ବୋପରି ବଙ୍ଗୋପସାଗରର ଲହଡ଼ି ଆଉ ବାଲିସୁଖ ସ୍ୱପ୍ନରେ ବୁଡ଼ାଇ ଦିଏ ମନକୁ । ନୂଆନଈ କୂଳର ନଡ଼ିଆ ବଣ, ଯମୁନା ନଈ ପାଖର ଛୋଟ ଛୋଟ ଜାଗା ପୋଖରୀର ସୁରମ୍ୟତା ମନ ଭିତରେ ମାୟା ରଚେ । ମୁକ୍ତି ଓ ମାୟାର ଅପୂର୍ବ ସମାବେଶ ପୁରୀଧାମ ! ସ୍ପେଶାଲ ଟ୍ରେନରେ ଆସି, ମନକୁ ତାଜା ରଖିବା ସକାଶେ ମୁକ୍ତିକୁ ଏଡ଼ି ଦେଇ, ମାୟାଭିତରେ ଯଦି କେଇଜଣ ନିଜ ଇଚ୍ଛାରେ ଗୋଡ ବଢାନ୍ତି କ୍ଷତି କଣ ?

ଶ୍ୟାମବାବୁ ଆଗରେ ଆଗରେ ସୁସ୍ତାକାନ୍ତି ମୁହାଁଇଛନ୍ତି ଦେଉଳକୁ ଶ୍ୟାମ ଯିବା ବାଟରେ ସବୁ ଦିଗରୁ ଦୃଷ୍ଟି ଫେରାଇ ନେଉଛନ୍ତି ।

"ଆଜ୍ଞା ଆପଣଙ୍କ ନାମ ?"

ଚଲି ବାଟରେ ଅଟକି ଗଲେ ଶ୍ୟାମ ଆଉ ତା'ର ବାପା । ସେମାନେ ନିରୁତ୍ତର ।

"ଆପଣଙ୍କ ନିବାସ କଣ ବ୍ରହ୍ମପୁର ?"

ତଥାପି ସେମାନେ ନିରୁତ୍ତର ।

"ଆଜ୍ଞା ଦିଅଁ ଦର୍ଶନ କରିବେ । ଇଚ୍ଛାହେଲେ ପଣ୍ଡାହାତରେ ଟଙ୍କା ପାଞ୍ଚଟା ଦକ୍ଷିଣା ଦେବେ । ମୁଁ ତ ବିଶେଷ କିଛି ମାଗୁ ନାହିଁ । ପୁରୀଧାମରେ ଦେଇଥିଲେ ପାଣିରେ ପଡ଼େ ନାହିଁ ।"

"ଆରେବେରେ ! ବହୁତସୋ' କହିଲା ଝଙ୍କା ପାଣ୍ଡୁଟା । ସେ କୋଉଠୁ ଆଇଚନ୍ତି ଜାଣିଛଣି ? ତାଙ୍କ ଘର ବ୍ରହ୍ମପୁର ନୁହେଁରେ ସୁବର୍ଣ୍ଣପୁର । ନାମ ରାମଶଙ୍କର ମିଶ୍ର, ସଙ୍ଗରେ ପୁଅ ଶ୍ୟାମ ସୁନ୍ଦର ମିଶ୍ର, ପିତାମହ ବଳଭଦ୍ର ମିଶ୍ର, ପ୍ରପିତାମହ ଜଗବନ୍ଧୁ ମିଶ୍ର - - - - -"

ରାମବାବୁ ଅବାକ୍ ହୋଇ ଚାହିଁ ରହିଛନ୍ତି । ଏ ଗୋଟିଏ ଜୀବନ୍ତ ଇତିହାସ ନାଁ କଣ? ଶ୍ୟାମ ଦେଖିଲା ପଣ୍ଡା ହାତରେ ପୋଥିଟିଏ । ବଂଶ ପଂଜିକା ସିଏ ।

ଦ୍ୱିତୀୟ ପଣ୍ଡା ରାଗି ଗଲାଣି । କହିଲା, " ମୁଁ ପ୍ରଥମେ ଦେଖି କଥା କଲି / ପାଉଣା ମୋର ନୁହେଁ ତୋର ?"

ଦୁ'ଜଣଙ୍କ ଭିତରେ ପାଟିତୁଣ୍ଡ । ସେ ଭାଷା ତଳି ପାଣ୍ଡିରୁ ବାହାର । ଜଣେ ଆସି ଧରିଲା ରାମବାବୁଙ୍କୁ ତ ଜଣେ ଭିଡ଼ୁଛି ଶ୍ୟାମକୁ । ବିଦେଶୀ ଯାତ୍ରୀଙ୍କ ଅବସ୍ଥା ବେଳେବେଳେ ଏହି ଭଳି ହୋଇଥାଏ ।

ଶ୍ୟାମ ଏ ସବୁ ଜାଣେ, ପୋଲିସ୍ ଧମକ ଦେଖାଇବାରୁ ଉଭୟ ଅ ହାଣ୍ଡି ଭଳି ମୁହଁକରି ଯିଏ ଯୁଆଡେ ଚାଲି ଯାଉଥିଲେ । କିନ୍ତୁ ରାମବାବୁଙ୍କ ନିର୍ଭରଯୋଗ୍ୟ ଡାକ ଶୁଣି ଦ୍ୱିତୀୟ ଜଣକ ପାଖକୁ ଆସିଲା ।

"ଆପଣଙ୍କ ବହିରେ କଣ ମୋ' ବାପା, ଅଜାଙ୍କର ସ୍ୱାକ୍ଷର ଅଛି ?" ରାମବାବୁ ପଚାରିଲେ ।

"ଆଜ୍ଞା ଦେଖିବେ" କହି ତରତରରେ ପୃଷ୍ଠା ପରେ ପୃଷ୍ଠା ଖୋଲୁଛି ପଣ୍ଡା । ରାମବାବୁଙ୍କୁ ଶୁଣାଇବା ଉଦ୍ଦେଶ୍ୟରେ କହି ଚାଲିଥାଏ- ପଞ୍ଜି ଆସାମରୁ ଗୁଜୁରାଟ ଯାଏ, ରାମେଶ୍ୱରରୁ କାଶ୍ମୀର ଯାଏ - ପ୍ରତ୍ୟେକ ପ୍ରଦେଶ, ପ୍ରତ୍ୟେକ ଜିଲ୍ଲା, ଶାସନ ଆଉ ଘରର ହିସାବ ଦେବ ଆମର ପୋଥି । ଜୀବନ୍ତ ଓ ମୃତ ସାତପୁରୁଷର ଇତିହାସ ଜାଣେ ପୁରୀର

ପଣ୍ଡା । ଦେଶ ବିଦେଶରେ ମଧ୍ୟ ଆମର ଜଜମାନୀ ଅଛି । କିନ୍ତୁ ବାବୁ କିଛି ଅଛନ୍ତି । ଦେଖୁ ନାହାନ୍ତି ପୁରୀର ଦର ଦାମ । ଗୁଞ୍ଜଳ ସେର ପାଁ ସୁକା, ବାଇଗଣ ବାଲେଶ୍ବରୀ ଟଙ୍କାଏ, ଘର ମୂଲା ଗୋଟାକୁ ଦ'ଗଣ୍ଡା ପଇସା ଖାଲି ସେତିକି ନୁହେଁ ଯାତ୍ରୀ ପଡ଼ିଲେ ସେ'ବ ବଢ଼ିଲା । ଗୁହ୍ମଁ ଗୁହ୍ମଁ ବଢ଼ିଯିବ । କଖାରୁ ସେର ବାରଣାରେ ମଧ୍ୟ ଖାଇଛୁ । ପଣ୍ଡା କହୁ କହୁ ହସିଲା । ବୋଧହୁଏ ଭାଙ୍ଗର ନିଶା ଧରିଛି ।

ପଣ୍ଡା ରାମବାବୁଙ୍କର ପିତା ଓ ପ୍ରପିତାଙ୍କର ସ୍ୱାକ୍ଷର ଦେଖାଇଲା ପୋଥିରେ । ଶ୍ୟାମ ପଚାରିଲା - 'ଅଚ୍ଛା ପଣ୍ଡାଅଜ୍ଞା ! ତମର ଦେଉଳସେବା ବ୍ୟତୀତ କିଛି ନାହିଁ ? ସାତ ପୁରୁଷରୁ ଖାଲି ଜଜମାନୀ ଧରିଛ ?'

"ଖାଲି ମୁଁ ନୁହେଁ ବାବୁ ଏହି ପୁରୀ ସହରର ସ୍ଥାୟୀ ବାସିନ୍ଦା କହିଲେ ପଣ୍ଡା, ପଡ଼ିଆରୀ ଆଉ ସେବାୟତ ଛଡ଼ା କେହି ନୁହନ୍ତି । ଗଜପତି ମହାରାଜ ଆମକୁ ଦେଉଳ ପୂଜା ଆଉ ଜଗନ୍ନାଥଙ୍କର ସେବା ସକାଶେ ଆଣିଥିଲେ ପୁରୀକୁ । ରାଜା ମହାରାଜା ଉଠି ଗଲେଣି, କିନ୍ତୁ ଆମେ ଅଛୁ । ଏହି ଜଜମାନୀ ବୃତ୍ତି ଆମ ବାପ ଅଜାଙ୍କ ଦେହରୁ ଆମ ଯାଏ ଗଡ଼ି ଆସିଛି । ପୁଣି ଇଏ ଲମ୍ବିବ ଆମର ନାତି ପଣନାତି ଯାଏ । ଆଉ ପୁରୀରେ ବା ଅଛି କଣ ! ଖାଲି ବଡ଼ ଦେଉଳର ନୀଳଚକ୍ର ଆଉ ସମୁଦ୍ରର ବାଲି । ତମି ବାଞ୍ଛ କଏ ଦେଲା ? ସବୁ ସେଇ କାଳିଆର ଇଚ୍ଛା କି ନା ?"

"ଆଚ୍ଛା ଅନ୍ୟ ବୃତ୍ତି କରନ୍ତି ନାହିଁ ?"

"ଆଉ କି ବୃତ୍ତି କରିବୁ ବାବୁ ? ଭଗବାନଙ୍କର ଚଉଦଶ ଘଣ୍ଟା ଦର୍ଶନ ଓ ଯାତ୍ରୀ ମାନଙ୍କ ପାଖରୁ ଉପାର୍ଜନ ! ଏହାକୁ ବଳି ଆଉ କଣ ଅଛି ? ଏବେ ପଣ୍ଡା ପଡ଼ିଆରୀ ବଢ଼ିଗଲେ ବୋଲି ସିନା ଏ'ପାଠି ଭୁଣ୍ଡି

ନହେଲେ ବ୍ୟବସାୟ ଭଲ । ଆମଦାନୀବ' ମନ୍ଦ ନୁହେଁ ।" ପଣ୍ଡା ହସି ହସି କହିଲା ।

" କେତେ ମିଳେ ମାସକୁ ?" ଶାମ ଆଉ ଥରେ ପଚାରିଲା ।

"ତାହାର ହିସାବ ରହେନି ବାବୁ ! ଯେଉଁ ଦିନ କାଳିଆ ଯେତେ ଦେଲା । ପଡ଼ିଆ ବଜାରରେ ବ୍ୟବସାୟ କମି ଯାଏ । ଦିନେ ଦିନେ ଘରେ ଚୁଲି ଜଳେନି ଡାଲମା ରୁଟିର ଆଶ୍ରୟ ନେବାକୁ ହୁଏ ।"

ବେଳ ବହୁତ ଖସି ଗଲଣି । ଖସିରେ ଆଉ ଦୁ'ଟି ଡେଙ୍କ ନାହିଁ । ବଡ ଦେଉଳର ଦଧିନଉତି ଉପରେ ପଡ଼ୁଛି ଅସ୍ତଗାମୀ ସୂର୍ଯ୍ୟର ରକ୍ତାଭ କିରଣ ।

ପଣ୍ଡା କହିଲା-" ଧୂପ ବସିବ ବାବୁ -- ଦର୍ଶନକୁ ଯିବେ ଯଦି ଚାଲିଲ ଆସନ୍ତୁ ।" ରାମବାବୁ ପଣ୍ଡା ସଙ୍ଗରେ ଦେଉଳ ଭିତରକୁ ପଶିଲେ । ଶାମ ବାପାଙ୍କୁ କହି ବାଲିସାହି ଆଡକୁ ମୁହାଁଇଲା ।

ଲୋକ ଉଚ୍ଛୁଳା ରାଜପଥ ଉପରେ ତର ତର ହୋଇ ଧାଉଁଛି ଶାମ । ଶ୍ୱେତଗଙ୍ଗା ପାଖରେ ଦେଖା ହେଲା କ୍ଲାସମେଟ୍ ବିପିନ ସହିତ । ମନ ମାରି ଥଙ୍ଗେଇ ଥଙ୍ଗେଇ ଚାଲିଛି ବିପିନ --- ।

"କିରେ କଥା କଣ ?" ଶାମ ପଚାରିଲା ।

" କିଏ ! କାହାକୁ ପଚାରୁଛନ୍ତି ଆପଣ ? ?" ସ୍ୱପ୍ନ ଦେଖୁ ଦେଖୁ ବଇବାଇଲା ସ୍ୱର ଉତ୍ତର ଦେଲା ବିପିନ । ଆଖିରେ ତାର ଅବସନ୍ନତା । କିନ୍ତୁ ଶାମକୁ ଦେଖି ହଠାତ୍ ସ୍ୱର ପରିବର୍ତ୍ତନ କରି କହିଲା,-- " ଆରେ ଶାମ ତେ ! ଛାଡ ଭାଇ ତୋ'କଥା କିନ୍ତୁ ଭାଇ ମୋତେ ବି. ଏ.ରେ ଅପେକ୍ଷା କରିବାକୁ ପଡୁଛି ଅନ୍ୟୂନ ବର୍ଷେ ।

ମେଥ୍‌ମେଟିକ୍‌ସ ନେଇ ଯାହା ହଇରାଣ ହେଲି--- ସେ କଥା ନ କହିବାକୁ ଭଲ । ଏଇତ ବର୍ତ୍ତମାନ ଗୋଟିଏ ଅଙ୍କର ରେଜଲ୍‌ଟ ଦେଖିଲି ଭୁଲ ହୋଇ ଯାଇଛି । ମୋର ଗଲା ଭାଇ ସବୁ ଗଲା --- ଆଉ କିଛି ନାହିଁ ।”

ଫଳ ବାହାରିବା ଉପରେ । ତଥାପି ବିପିନ ରେଜଲ୍‌ଟ ମିଳାଇ ସାରିନି ଏଯାଏ । ଶାମ ମନେ ମନେ ହସିଲା । କହିଲା --- “ମୋର ବା ପାଶ୍ ହବ ବୋଲି ଠିକଣା କଣ ? ସବୁ ଭାଗ୍ୟ ଭାଇ ଭାଗ୍ୟ ।”

“ଏଁ ତୋର ଭଳି ପିଲା ମୁହଁରେ ଭାଗ୍ୟର କଥା ! ଏ କାନ କଣ ନ ଶୁଣିଲେ ! ଏତେ ହିନ୍‌ସିଅରଟି, ଏତେ ଲେବର ସତ୍ତ୍ୱେ ବି ଭାଗ୍ୟ । ଯାହା ହେଉ ସାନ୍ତ୍ୱନା ପାଇଲି, ଏଥର ଫେଲ ହେଲେ ମଧ୍ୟ ଅଶଙ୍କା ନାହିଁ ।”

“କାହିଁକି ?” ଶାମ ପଚାରିଲା ।

“ଏଇ ଭାଗ୍ୟ ପାଇଁ । ଅତି ସୋଜା ଉତ୍ତର ।”

ଦୁହେଁ ହସିଲେ ଏକାଠି, ତାପରେ “ପରେ ଦେଖା ହବ” କହି ଉଭୟେ ପରସ୍ପରର ବିପରୀତ ଦିଗରେ ଗତି କଲେ ।

ଶାମ ଏହା ଭିତରେ ଯାଇ ପହଞ୍ଚିଲାଣି ସ୍ୱର୍ଗଦ୍ୱାର ପାଖରେ । ପୂର୍ଣ୍ଣିମା ପାଖେଇ ଆସୁଛି । ପାହାଡ ଭଳି ଲହଡ଼ା । ଜୁଆର ଉଠିଛି । ଗୋଟିକ ପରେ ଗୋଟିଏ ମାଡ଼ି ଆସି ବେଳା ଭୂମିରେ ଭାଙ୍ଗି ପଡୁଛି । ତଥାପି ତାର ଧୈର୍ଯ୍ୟ ଅଛି । ଫେରି ଯାଉଛି ପୁଣି ଆସୁଛି ।

ଅସଂଖ୍ୟ ଦର୍ଶକଙ୍କର ମେଳା । ପୃଥିବୀର ବିଭିନ୍ନ ଦେଶର ଲୋକ ଅଛନ୍ତି ତା’ ଭିତରେ । ଦେଖିବା ଜିନିଷ କେବଳ ସମୁଦ୍ର । କିଛି

କିଏ କେତେ ଦୂରରୁ ତାକୁ ଅନାଉଛନ୍ତି । ସମସ୍ତଙ୍କର ଭାବନାର ଖୋରାକ ଯୋଗାଉଛି ଏହି ମହାସମୁଦ୍ର । ଅନନ୍ତ ଆଉ ଅସୀମ । ଦୃଷ୍ଟି ପାଏନା --- ଖାଲି ନୀଳ ବର୍ଣ୍ଣର ଜଳ । ଚକବାଳ ମିଶି ଯାଇଛି କେତେ ଦୂରରେ । କେତେ ଜଣ ଯୁବକ ଯୁବତୀ ହାତ ଧରାଧରି ହୋଇ ପାଣି ଭିତରେ ପଶିଛନ୍ତି । ଅପରିସ୍ତ ଅଙ୍ଗବାସ । ମୁଖମଣ୍ଡଳରେ ବିନ୍ଦୁ ବିନ୍ଦୁ ଜଳ କଣା । ଶରୀର ଆଉ ଯୌବନ ପ୍ରତି ଖିଆଲ ନାହିଁ । କେତେ ଗୁଣ୍ଡାଏ ରୂପପିପାସୁ ଆଖି ଲୋଭିଲା ଦୃଷ୍ଟିରେ ଅନାଇ ରହିଛନ୍ତି । ଚେନାଚୁରବାଲା ପାଟି କରୁଛି । ଶାମୁକା ବିକାବାଲା ନୋଳିଆ ଠୋକା ଥାଉଁଛି । ଦୁଇଜଣ ମୁଗ୍‌ଧ ପ୍ରେମିକ ବାଲିସ୍ତୁପର ଆଢୁଆଳରେ ଶୋଇ ଶୋଇ ଅସ୍ତମିତ ସୂର୍ଯ୍ୟର ଲୋହିତ ଆଭାକୁ ଉପଭୋଗ କରୁଛନ୍ତି ।

ଶାମର ପାଖ ଦେଇ ହାତ ଛନ୍ଦାଛନ୍ଦି ହୋଇ ଦୁଇଟି ୟୁରୋପିଅ୍ ଦମ୍ପତି ଚାଲି ଗଲେ । ଅଣ୍ଟା ତଳକୁ ଗୋଟିଏ ଗୋଟିଏ କନା । ଯୁବତୀର ଆଉ ଖଣ୍ଡେ ଲାଗିଛି ଛାତି ପାଖରେ ! ପାଚିଲା ପାଚିଲା କମଳା ଭଳି ଦେହ । ସୁନ୍ଦର ଆଉ ଲୋଭନୀୟ । ଗାଧୋଇବେ ବୋଧହୁଏ ।

ଶାମ ଏକଲାରେ ବୁଲୁଛି । ବୁଲି ବୁଲି ଓସେନ୍ ଭିଉ ହୋଟେଲ ସାମନାର ବିରାଟ ବାଲିସ୍ତୁପ ଉପରେ ବସିଲା । ବାଲି ଦେହରେ କିଏ ଈଶ୍ୱର ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଲେଖିଛି । ଅତି ସୁନ୍ଦର ହୋଇଛି । ଗୁହୁଁ ଗୁହୁଁ କାନ ପାଖରେ ଗୋଟିଏ କ୍ଷୀଣ ହସର ତରଙ୍ଗ ଭାସି ଆସି ସମୁଦ୍ର ଗର୍ଜନ ଭିତରେ ଲୀନ ହୋଇ ଗଲା । ସମୁଦ୍ର ଉପକୂଳର ଆଡମ୍ବରପୂର୍ଣ୍ଣ ଅଟ୍ଟାଳିକା ହୋଟେଲରେ ଭୀଷଣ ଗହଳି । ଝରକା ଫାଙ୍କେ ଫାଙ୍କେ ସୁସଜ୍ଜିତ ଅସଂଖ୍ୟ ବଗିଚା ଲଳନାର ଲୋଭନୀୟ ଦୃଶ୍ୟ । ସୁଷମାକୁ ପିନ୍ଧିଛି ଦେହରେ । ଗୃହସ୍ଥମାନେ କେଉଁ ଅଜଣା

ଜମିଦାରୀର ମାଲିକ ବା କଲ କାରଖାନାର ସର୍ବେସର୍ବା ହୋଇଥିବେ । ହାତରେ ସାର୍ବଭୌମ କ୍ଷମତାର ଚାବୁକ ଧରି କେତେ ନିପ୍ପେଷିତ ସର୍ବହରାର ସ୍ୱାର୍ଥ ଅପହରଣ କରୁଥିବେ । ବିପୁଳ ସ୍ୱାସ୍ଥ୍ୟର ଅଧିକାରଣୀ ହୋଇ ମଧ୍ୟ ଆତୁର ସ୍ୱାସ୍ଥ୍ୟ ଗୃହାନ୍ତି । ସ୍ୱାସ୍ଥ୍ୟ ପରିବର୍ତ୍ତନ ଆଉ ଜଗନ୍ନାଥ ଦର୍ଶନ ଉଦ୍ଦେଶ୍ୟରେ ପୁରୀ ଆସିଛନ୍ତି । କିନ୍ତୁ କାହାର ଦାନବୀୟ ଗଣ୍ଠି ପେଟ ପୂରେ ନାହିଁ ! !

ଆଗରେ ଅଛନ୍ତି ଚପଳା, ଉର୍ବଶୀ ଆଉ ଲିଲି;ସଙ୍ଗରେ ମାଇପିଟିଏ । ଚାକରାଣୀ ହେବ ବୋଧହୁଏ । ଚପଳା ଦେହରେ ସମ୍ବଲପୁରୀର ଦାମିକା ପର୍ଦ୍ଦାଶାଢୀଟିଏ । ମୁଣ୍ଡର ମୁକୁଳା ବାଳ ସମୁଦ୍ର ପବନ ବାଜି ନିତମ୍ବ ଉପରେ ନୃତ୍ୟ କରୁଛି । ହାତରେ ମଖମଲ୍ ଭଳିଆ ଫୁଲପକା ଭେନିଟି ବ୍ୟାଗ୍ । ଗୋଡ଼ରେ ହାଇହିଲ୍ ଜୋତା । ଠିକ୍ ଦେଖୀ ସାହେବାଣୀଟିଏ । ଭଲ ଭାବେ ମୁହଁ ଚିପାଗୁ ନେଲେ ପାଉଡ଼ର ଆଉ ସ୍ନୋରେ ହାତ ପାପୁଲି ଭର୍ତ୍ତି ହେବ । ଜାଣି ଶୁଣି ପଣତକୁ କାନ୍ଧରୁ ଖସାଇ ଦେଇଛି । ପାତଳ ଜାଳି ଜାଳି ସେମିଜଟିଏ । ଛାତିରୁ ଅଧେ ସ୍ପଷ୍ଟ ଦେଖା ଯାଉଛି । ଗୋଡ ଟିପାଇ ଟିପାଇ ଘୋଡା ଭଳି ଚାଲୁଛି ।

ଆଉ ଉର୍ବଶୀ ! ବାଲ୍ୟ - ଚପଳତା ଛାଡି ପାରିନି । ଶାମୁକା ସଂଗ୍ରହ କରୁଛି । ରଂଗ ବେରଂଗର ଶାମୁକା - - - ଠିକ ତାର ମନ ଭଳି; ଆଉ ତାର ଯୌବନର ସ୍ୱପ୍ନ ଭଳି । ସୁନ୍ଦର ସ୍ୱାସ୍ଥ୍ୟକୁ ଅଙ୍କିଲି ଭଳି ସଜାଇଛି । ଦେଖିଲେ ଲୋଭ ଆସେ । ନଜର କରିବାକୁ ମନ ହୁଏ । ଶାମୁକା ଟିଏ ଖୋଜୁ ଖୋଜୁ ବଡ ଲହଡାଟିଏ ଆସିଲା । ମୁହଁ ବୁଲାଇ, ଛାନିଆ ହୋଇ ଖଣ୍ଡେ ଦୂରକୁ ଘୁଞ୍ଚିଗଲା । ଶାମକୁ ଦେଖି ଜିଭ କାମୁଡିଲା - - - - ।

ଶାମର ଆଖି ଅଟକି ଯାଉଛି ଉର୍ବଶୀ ଉପରେ । ଆଖିରେ ମୁଗ୍‌ଧ ବିଭୋର ଚାହାଣୀ -- ଯେତେ ସଂଯତ ହେବାକୁ ଇଚ୍ଛା କଲେବି ହଜୁନି ।

ଆଉ ଉର୍ବଶୀ ଲାଜ କଲା ବୋଧହୁଏ । ମୁଣ୍ଡ ନୁଆଁଇଲା ତଳକୁ । ସରମରେ ନରମି ଗଲା । ଶାମୁକା ସଂଗ୍ରହ ନ କରି ସମୁଦ୍ରକୁ ଚାହିଁ ଆସ୍ତେ ଆସ୍ତେ ଚାଲିଛି ।

ଚପଲା ଉର୍ବଶୀର ପରିବର୍ତ୍ତନ ବେଶ ଲକ୍ଷ କରିଛି । ଚାରି ଆଡ଼କୁ ଦୃଷ୍ଟି ଦେଲା । ନାରୀ ସମବୟସୀ ନାରୀର ମନୋଭାବକୁ ଠିକ୍ ଭାବରେ ବୁଝିପାରେ ।

ଶାମ ସେତେବେଳେ ଲିଲିକୁ ଚାହିଁଛି । ଦଉଡ଼ି ଦଉଡ଼ି କଙ୍କଡ଼ା ସଂଗ୍ରହ କରୁଛି ଲିଲି । ଏଗାର ବାର ବର୍ଷର କିଶୋରୀ । ଦେହରେ ମାଂସ ଲାଗି ଆସିଲଣି । ଲାଲିଆ ଦିଶୁଛି ମୁହଁ । ଆଖିରେ ବିଜୁଳିର ଚମକ । ରକ୍ତାଭ ଓଠ ଥର ଥର ଉଠୁଛି । ମୁହଁ ଗୋଟାକରେ ସ୍ୱପ୍ନର ଭାଷା ଲହରାଇ ଉଠୁଛି ରହି ରହି । ଡୋଳାରେ ଅଖିଏ କୌତୂହଳ । ଦୁନିଆକୁ ଚାହିଁ ବିସ୍ମିତ ହୋଇ ବଲବଲ କରି ଅନାଉଛି ସେପରି । ଯେତେବେଳେ ଚିହ୍ନିପାରିବ ମୁହଁ ତଳକୁ ନେବ ।

ଚପଲାର ଆଖିରେ ପଡ଼ିଲା ଶାମ । ଚପଲା, ଉର୍ବଶୀ ଆଉ ଲିଲି ଶାମ ପାଖକୁ ଆସିଲେ । ଚପଲା ମୁହଁରେ ସକାଳର ଲାଜ ନାହିଁ । କାଲିର ଭଳି ଖବ ବାଜି ଉଭେଇ ଯାଉଛି । ଶାମ ଅସ୍ଥିର ହେଲା ।

ଚପଲା ହସୁଛି - - - -

କିନ୍ତୁ ଶାମ ହସି ପାରିଲାନି । ସେ ଚପଲାକୁ ଘୃଣା କରିବାକୁ ଆରମ୍ଭ କରିଛି । ପାଖରୁ ନୁହେଁ, ଦୂରରୁ ଦେଖିବ ତାର ଝାଙ୍କସା

ଯୋବନକୁ । ଦୂରରୁ ସେନ୍ତୁ ଲିପଷ୍ଟିକ୍ ବୋଲା କୃତ୍ରିମ ହସ ଦେଖା ଯାଉ ନଥିବ । କୃତ୍ରିମତା ରହିତ ସୁନ୍ଦର ଯୁବତୀଟିଏ ! ଆଖିରେ ଆନନ୍ଦ ଦେବ । କିନ୍ତୁ - - - -

ଚପଳା କହିଲା -- ' ଶାମବାବୁ ! ବୁଲି ଗଲେନି ? ଏଠି ବସି ବସି କଣ ଦେଖୁଛନ୍ତି ? '

' ସେମିତି କିଛି ନୁହେଁ । ଦେହ ଭଲ ଲାଗୁ ନଥିଲା, ଟିକିଏ ବୁଲି ଆସିଥିଲି । ଏଇଠି ବସିଛି । ଆଉ ବୁଲିବାର ଆଗ୍ରହ ନାହିଁ ।'

'ଆମ ସାଙ୍ଗରେ ବି ?' --- କି ଉତ୍ତର ଦେବ ଶାମ ! ନିରୁତ୍ତର ରହିବା ଉଚିତ ମନେକଲା ।

ଟିକିଏ ରହି ଚପଳା କହିଲା--- 'କିଛି ମନେ କରିବେ ନାହିଁ ଶାମ ବାବୁ ! ମୁଁ ଦେଖୁଛି ଆପଣ ଅନ୍ୟମନସ୍କ ଭାବରେ କଥାବାର୍ତ୍ତା କରୁଛନ୍ତି । କଣ ଏତେ ଭାବୁଛନ୍ତି ? ଛୋଟିଆ ଜୀବନ ଖଣ୍ଡିକ କଣ ସମ୍ଭାଳି ପାରିବ ? '

' କିନ୍ତୁ ମୋର ଧାରଣା ---ଜୀବନକୁ ବାଗେଇ ପାରିଲେ ସବୁ ପାରିବ । '

' କିନ୍ତୁ ମୋର ଧାରଣା କଣ ଜାଣନ୍ତି ? ' ଅଳପ ହସି ଚପଳା କହିଲା--- ' ଜୀବନ ଯେମିତି ଅଛି ସେମିତି ଛାଡ଼ି ଦଅନ୍ତୁ । ଦୁନିଆ ବୁଲାଚାଲା କରି ଟିକିଏ ନିର୍ଭୀକ ହେଉ । ସୁଖର ସ୍ୱାଦ ବୁଝୁ । ମୁଁ ତ ସେଇଆ କରୁଛି । ଖୋଲା ଜୀବନକୁ ବାନ୍ଧି ରଖି ବାଗେଇ ବସିଲେ ଲାଭଟା ବା' କଣ ? ଜାଣି ଗଡାଣିଆ ରାସ୍ତା ଦେଖି ବୋହି ଯିବ । ତାକୁ ଅଟକାଇ ରଖିବା ମାନେ ଅତ୍ୟାଚାର କରିବା । ଆଉ ଅତ୍ୟାଚାରକୁ ମୁଁ ଘୃଣା କରେ । '

ଦୁନିଆର ବଜାର ବୁଲି ଚପଳା ଜୀବନର ସ୍ୱାଦ ଚାଖୁଛି - - - ତାକୁ ଅଟକାଇ ହବନି । କ୍ଳାନ୍ତ ହେଲେ ଆପେ ଆପେ ଥକି ଯିବ । କିନ୍ତୁ ପରିଣତି ? କୌଣସି ଜିନିଷର କଣ ପରିଣତି ଥାଏ ? ସବୁ ଫାଙ୍କା --- ଶେଷବେଳକୁ ଶୂନ୍ୟ ଆଉ ମାଟି । ପାଣି ଭଳି ମାଟିରେ ପିଇ ଯିବ ଆଉ ପବନ ଭଳି ଆକାଶରେ ମିଳାଇ ଯିବ । ଏହାହିଁ ତ ପରିଣତି ! !

ନୀରବତା ପ୍ରତିଲବ୍ଧ ଚପଳା ପକ୍ଷରେ ଅସହନୀୟ । କହିଲା--- ' ଦୟା କରି ଅପେକ୍ଷା କରି ପାରିବେ ? ସାଙ୍ଗ ହୋଇ ଫେରି ଯିବା ।'

'ନିଶ୍ଚୟ !' ଶ୍ୟାମ ଉତ୍ତର ଦେଲା ।

' ଆଚ୍ଛା ଧନ୍ୟବାଦ ' କହି ନାଟକୀୟ ଛଟାରେ ଚାଲି ଗଲେ ଚପଳା, ଉର୍ବଶୀ ଆଉ ଲିଲି । ' ପ୍ଲାଟ୍‌ଫର୍ମ୍ ' ତାଙ୍କର ଲକ୍ଷ୍ୟ । ସେମାନେ ସବୁ ଆଖିରୁ ଅଦୃଶ୍ୟ ହେଲା ପରେ ଶ୍ୟାମ ଆଶ୍ୱସ୍ତ ହୋଇ ବସାକୁ ଫେରିଲା । ଅଳ୍ପଦୂର ଆଗେଇ ଆସିଛି କି ନାହିଁ କାନରେ ବାଜିଲା ---' ହ୍ୟାଲୋ ! ଶ୍ୟାମ ବାବୁ ଯେ ! ' ମୋଟର ବ୍ରେକ କରୁଛି ଚପଳା !

ଶ୍ୟାମର ଅତି ନିକଟରେ ମୋଟର ଛିଡ଼ା କରି, ଗୋଟିଏ ହାତ ଷ୍ଟିଅରିଂ ଉପରେ ରଖି ଚପଳା କହିଲା--- 'କଣ ହେଲା ଶ୍ୟାମ ବାବୁ ? ଅପେକ୍ଷା କଲେନି' ? କିନ୍ତୁ ବଡ ହଇରାଣ କଲେ । ଆପଣଙ୍କୁ ଆମେ କେତେ ଯେ ଖୋଜୁଛୁ --- କଣ କହୁଛୁ ଲୋ ଉରୁ ?'

ଉରୁ ଭୁରୁ ନଚାଇ ଅଭିନବ ଭଙ୍ଗିରେ କହିଲା 'ନିଶ୍ଚୟ ।' 'କଣ ପାଇଁ ଅପେକ୍ଷା କଲେନି' ଶ୍ୟାମ ବାବୁ ? ବୋଧହୁଏ ଲଜ୍ଜା ଆଉ ସଂକୋଚ ଯୋଗୁଁ । ନୁହଁ ? ', ଉତ୍ତର ଦେଲା ଆଉ ପ୍ରଶ୍ନକଲା

ଚପଳା । ତାପରେ ଅଳ୍ପ ଅଟକି କହିଲା —'ଦେଖନ୍ତୁ ଶାମବାବୁ ! ଆମ୍ଭମାନଙ୍କୁ ଆଉ ସଂକୋଚ କରିବାର କୌଣସି କାରଣ ନାହିଁ । କାରଣ ମୁଁ ଆପଣଙ୍କୁ ବଡ଼ ହେବନି ବୋଲି ଘରେ କହି ଦେଇ ଆସିଲି । ଅଜ ଉତ୍ତୁର' ବଡ଼ ହଉଛି ମୋଠ ଉପରେ । ତାର ମେଥ୍-ମେଟିକ୍‌ସ ଆଉ ସାଇନ୍‌ସ୍ ଭଲ ହେଉଛି କ୍ଲାସରେ । ବାପା କହୁ-ଥିଲେ ସେ ଡାକ୍ତରୀ ପଢିବ । ଉତ୍ତୁର ମଧ୍ୟ ସେଇ ଇଚ୍ଛା । ସେ ଆଇ: ଏସ୍: ସି: ସାର ଡ଼ାକ୍ତରୀ ପଢିଲା ବେଳକୁ ଆହୁରି ଛଅ, ସାତ ବର୍ଷର କଥା । ଆପଣତ ଆଉ ଅପେକ୍ଷା କରି ପାରିବେ ନାହିଁ ? ବାପା କହୁଥିଲେ ଯଦି ଗୃହାନ୍ତ୍ର ଏଇ ଲାଗି ଠାକୁ ଦେବେ । କିନ୍ତୁ ତାକୁ ଯେ ମୋଠେ ବାର ତେଇଁ ତେର । ତେଣୁ ଶାମବାବୁ ! ଆପଣଙ୍କ ଆଉ ଆମ ଭିତରେ ଲଜ୍ଜା ସଂଙ୍କୋଚ ପରିବର୍ତ୍ତରେ ବନ୍ଧୁତା ଦରକାର । ତା ପରେ ଦାଶଭାଇତ ଆପଣଙ୍କ ଅଳଅଳ ଭଉଣୀ ରମ୍ଭାକୁ ବିବାହ ହେଉଛନ୍ତି । ସମ୍ବନ୍ଧ ବଢିବଇ ବଢିବ ।'' ସବୁତକ ଏକା ନିଶ୍ୱାସରେ କହି ଗଲାଣି ଚପଳା । ଶାମ ତଟସ୍ଥ ହୋଇ ଅନାଇଛି ଚପଳା ମୁହଁକୁ । ସେ ମୁହଁରେ ଠିକଏ ହେଲେ ନାରୀ - ସୁଲଭ ଲଜ୍ଜା ନାହିଁ । ମୁହଁର ରଂଗ ଟିକଏ ହେଲେ ବଦଳି ନାହିଁ ।

ଶାମ ମନେ ମନେ ଭାବୁଛି - - - ଏ ଗୋଟିଏ ନାରୀ ନା ଆଉ କଣ ?

ଶାମର ମନର ଭାବକୁ ବେଖାତିର କରି ଚପଳା ପୁଣି କହିଲା--- " ଅମେ ଏକା ମଣିଷ । ପାଠ ପଢି ଥାଉଁ । ପରସ୍ପର ବନ୍ଧୁତା ସୂତ୍ରରେ କଣ ଆବଦ୍ଧ ହୋଇ ରହି ପାରିବା ନାହିଁ । ବିବାହ କଣ ଏକମାତ୍ର ସମ୍ବନ୍ଧର କାରଣ ଆଉ ବନ୍ଧୁତାର ବନ୍ଧନ ? ଆଉ ଏ କଥାଭାଷା, ଅନ୍ତରଙ୍ଗତା କଣ୍ଣ ନୁହେଁ ?"

ଉର୍ବଶୀ ଚପଳା ସଙ୍ଗରେ ଯୋଗ ଦେଇ ହସିଲା । ଦୁଇଟି ତରୁଣୀ ଗୋଟିଏ ଯୁବକଙ୍କୁ ଦେଖି ଯଦି ହସନ୍ତି ତେବେ ଆସେଷଣ ଛଡ଼ା ତାର କି ଅର୍ଥ ହୋଇପାରେ ? ଲିଲି ପଛ ସିଟ୍‌ରେ ବସି ଘୁମାଉଛି ।

ତାଙ୍କରେ ଚପଳା ହଠାତ୍ ଶ୍ୟାମର ବାଁ ହାତ ଭିଡ଼ି କହିଲା -----
" ଅସନ୍ତୁନା ଶ୍ୟାମବାବୁ, ସମୟ ହେଉଛି । ଭଦ୍ରଲୋକଙ୍କ ନିକଟରୁ ଘଣ୍ଟାଏ ପାଇଁ କହି କାରଟା ମାଗି ଆଣିଥିଲି । ହେଇ ଘଣ୍ଟାରେ ସାତଟା ବାଜିବ । ଦେହ ଭଲ ନାହିଁ ବୋଲି କହୁଥିଲେ । ବସା ପାଖରେ ଓହ୍ଲାଇ ଯିବେ ।"

କାର ଭିତରକୁ ବାଧ ହୋଇ ପଶିଲା ଶ୍ୟାମ । ସେ ମନେ ମନେ ଦୁର୍ବଳ ହୋଇ ପଡ଼ୁଛି ।

ଫ୍ରଣ୍ଟ ସିଟ୍‌ରେ ଚପଳା ଆଉ ଉର୍ବଶୀ ବସିଥିଲେ । ଶ୍ୟାମ ଆସିବା ହେତୁ ଉର୍ବଶୀ ପଛ ସିଟ୍‌କୁ ଚାଲିଗଲା । ଚପଳା ଆଉ ଶ୍ୟାମ ପାଖାପାଖି ବସିଲେ ।

ଚପଳା କହିଲା --- "ମୁଁ ଯାହା କହିଲି କିଛି ଭାବିବେ ନାହିଁତ ?" 'ନାଁ ଭାବିବାର କଣ ଅଛି ସେଥିରେ ?' ଶ୍ୟାମ ଉତ୍ତର ଦେଲା ।

ଗାଡ଼ି ଷ୍ଟାର୍ଟ ହେଲା । ଅଳ୍ପ କ୍ଷଣ ପାଇଁ ବତୀ ଲିଭି ଗଲା । ଶ୍ୟାମର କାନ ପାଖକୁ ମୁହଁ ନେଇ ଚପଳା କହୁଛି --- "ମୁଁ ଜାଣେ ଶ୍ୟାମବାବୁ ! ଆପଣ ନିଶ୍ଚୟ କିଛି ଭାବିବେ ନାହିଁ ।"

ଶ୍ୟାମ କାନ ପାଖରେ ଅନୁଭବ କଲା ଗୋଟିଏ ଗରମ ଆଉ ନରମ ଓଠର ସ୍ପର୍ଶ । ଦେହ ତାର ଉତ୍ତେଜନାରେ ଥରି ଉଠିଲା । ଲାଇଟ ପଡ଼ିବାରୁ ଦେଖିଲା ଚପଳା ଶ୍ୟାମ ନିକଟରୁ ଘୁଞ୍ଚି ଯାଉଛି ।

ବଉ ଦାଣ୍ଡରେ ଶାମକୁ ଓହ୍ଲାଇ ଦେଲା ବେଳେ ଗାଡ଼ିର ବ୍ରେକକୁ ଚିପି ରଖି ଚପଳା କହିଲା -- 'ଦେଖନ୍ତୁ ଶାମବାବୁ ! ବାପାଙ୍କ କନ୍ୟା ସମ୍ବନ୍ଧ ଭାଙ୍ଗି ଦେଲି ବୋଲି ମନରେ କିଛି ଭାବିବେ ନାହିଁ ଟି ?'

ଶାମର ଓଠରୁ ଆପେ ଆପେ ଖସି ଚାଲି ---- 'ଚମତ୍କାର !'

" ମୁଁ ଚମତ୍କାର, ଫମତ୍କାର ଜାଣେ ନାହିଁ । ଆପଣ କାଲି ଆମ ଘରକୁ ନିଶ୍ଚୟ ଆସିବେ । ମୋ ରାଣ ! ମନେ ରହିଲାଟି ?" ଚପଳା ଆଖିରେ ଚାଲିଭିଲା ଗୁହାରୀ । ଶାମ ସେ ଗୁହାରୀ ଆଉ କଥା ଭାଷାକୁ ମନେ ମନାଉ ଥିଲା । କହିଲା- 'ସୁନ୍ଦର' । ଚପଳା ବ୍ୟସ୍ତ ହୋଇ କହିଲା -- " କାହାକୁ କହୁଛନ୍ତି ?"

" କାହିଁକି ଆପଣ କଣ ସୁନ୍ଦର ନୁହନ୍ତି ?" "କନ୍ୟା ସମ୍ବନ୍ଧ ଯେ ଭାଙ୍ଗି ଯାଇଛି ଶାମବାବୁ !" ଚପଳା କରୁଣ ହୋଇ ପଡ଼ିଛି ।

'ସେଇଥି ପାଇଁତ !!'

"ଏଁ ! -" ତାର ଚକ୍ଷୁ ଆଧୁନିକତା ଉନ୍ମନା ହୋଇ ଉଠିଛି । ଚପଳା ବଉ ଦାଣ୍ଡ ଉପରେ ଚାଲି ଯାଉଥିବା ଶାମକୁ ଅନାଇଁ ରହିଲା ।

ଶାମ ବଉଦାଣ୍ଡ ଡେଇଁ ଗୋପାଳ ଷ୍ଟୋର ପାଖରେ ଓଲଟି ଚାହିଁଲା ପଛକୁ । ବଉଦାଣ୍ଡ ଦେଖା ଯାଉନି । ମୁଣ୍ଡ ଭିତରଟା ଗୋଳ-ମାଳିଆ ହୋଇ ଯାଇଛି । ମସ୍ତିଷ୍କ ଅଧିକାର କରି ନେଇଛି ଏହି ଉଦ୍ଧତା ନାରୀ ଚପଳା । ବିବାହ କରିବାର ଇଚ୍ଛା ନାହିଁ; ଅଥଚ ପ୍ରଣୟ ନିଶାରେ ମଶଗୁଲ । ସଭ୍ୟତାର ଏ କଣ ଅସଲି ରୂପ ! ଚପଳା ପ୍ରକୃତରେ କଣ ଚାହେଁ ? ସ୍ୱାଧୀନ ଜୀବନ ଅଉ ସ୍ୱାଧୀନ ବିହାର ! ଲଗାମଛଡ଼ା ଘୋଡ଼ାର ଉଚ୍ଛୃଙ୍ଖଳତା !! ବାଧା ନାହିଁ କି ବନ୍ଧନ ନାହିଁ । ବୁଲି ଆସିବ ଆଖି ପାଇବା ଯାଏ । ତାପରେ ଚାଲା ପଥରେ ଢଳେ

ନାଁ ଦିନେ ଝୁଣ୍ଟିବ । ଯତ୍ନ ବିଯତ୍ନ ହୋଇ ମାଟିମୁଖୀ ହେବ । କିନ୍ତୁ ସେଇଦିନ ବେଳେ ଅଉ ଥିବ କିଏ ? ସବୁ ସରି ଯାଇଥିବ । କେବଳ ରକ୍ତାକ୍ତ ମନଟିଏ ଭାବି ଭାବି ମରିବ ।

ଶ୍ୟାମ କାନ ମୂଳେ ଏବେ ମଧ୍ୟ ସେହି ଗରମ ନିଃଶ୍ୱାସର ସ୍ପର୍ଶ ଅନୁଭବ କଲା । ପକେଟରୁ ରୁମାଲ ବାହାର କରି ମୁହଁ ଆଉ କାନ ମୂଳକୁ ପୋଛି ଦେଲା । ମନର ସମସ୍ତ ଭାବନାକୁ ଫିଙ୍ଗିଦେବା ଉଦ୍ଦେଶ୍ୟରେ ଲମ୍ବା ହସଟିଏ ହସିଲା --- ମନକୁ ମନ କେତେବେଳେ ଯାଏ, ତାପରେ ପ୍ରକାଶ୍ୟରେ । ମନ ଭିତରଟା ହାଲ୍କା ଲାଗୁଛି । ସେ ଏଥର ସଲଜ୍ଜ ଭାବରେ ଅନାଇ ରହିଲା । ଦେଖିଲା ଅଳ୍ପ ଦୂରରେ ବାପା । ଦୁହେଁ ସାଙ୍ଗ ହୋଇ ଘରାକୁ ଫେରିଲେ ।

କଲିକତା ଫେରନ୍ତା ଜଗୁର ଧାରଣା ଥିଲା ଯେ, ତା ଦେହର ଅର୍ଦ୍ଧାସ୍ତ୍ର ଶାର୍ଟ, ଆର୍ଟ ସିଲ୍କର ଚକ ଚକିଆ ପେଣ୍ଟ, ଭୁଙ୍ଗରାଜ ତେଲ ଅଉ ସର୍ବୋପରି ସୁବାସିତ ସ୍ନୋ ପାଉଡର ଗାଁର ସମସ୍ତଙ୍କୁ ଅକୃଷ୍ଟ କରି ପାରିବାର ଅମୋଘ ଅସ୍ତ୍ର । ପ୍ରଥମେ କିଛିଦିନ ଗାଁ ଭିତରେ ଗୋଟିଏ କୌତୁହଳର ଝଡ ସୃଷ୍ଟି କରି ପାରିଥିଲେ ହେଁ କ୍ରମେ କ୍ରମେ ସେ ସବୁ ଦେହସହା ହେଲାଣି ।

ଏବେ ମାଟିଖାରରେ ସିଝାଇବା ହେତୁ ଅର୍ଦ୍ଧାସ୍ତ୍ର ଶାର୍ଟର ରଂଗ ଛାଡ଼ି ଆସୁଛି । ପେଣ୍ଟ ଠାଏ ଠାଏ ଚିରି ହେଲଣି । ଚପଲ ସାରୁ କଣ୍ଟାମୟ ହେବାରୁ ପେଣ୍ଟ ଶାର୍ଟ ସଙ୍ଗେ ଚପଲର ଆବଶ୍ୟକତା ପଡୁନି । କଲିକତା ଆମଦାନୀ ଅର୍ଥ ଦିନକୁ ଦିନ ଖାଲି ହେଉଛି ।

ଆଗେ ଚାକିରୀ କଥା ପକାଇଲେ କହୁଥିଲା କଲିକତାରେ ବେଶି ଦିନ ରହି ଯିବାରୁ ଖରାପ ଲାଗିଲା । ତେଣୁ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ଛୁଟି ନେଇ ଗାଁକୁ ଆସିଛି । ଘର କଥା ସବୁ ବୁଝା ବୁଝି କରି ଫେରିଯିବ । ନହେଲେ ଅଫିସ ଚାଲିବ କପରି ? କିନ୍ତୁ ଏବେ ଚାକିରୀ କଥା ପଡିଲେ ଉପର ଠାକୁରଆରେ ଯାହା କହୁ ପଛକେ ମନ ଭିତରଟା ଆମ୍ବିଳିଆ ଧରେ । ଆଉ ପାଁଜଣ ଅଫିସ କିରାଣି ଭଳି ତାର ବି ଛଟେଇ ହୋଇଛି । ଅଉ ଚାକିରିର ଆଶା ନାହିଁ । କରିବ କ'ଣ ?

ନାହାକ ବାଧ ହୋଇ ଶାଗ ଭାତ ଗଣ୍ଡେ ଚୁଲିରୁ ଓହ୍ଲାଉ ଓହ୍ଲାଉ ବୁଢୀ ମା ତାର ବିରକ୍ତ ହୋଇ କହନ୍ତି --'ଭେଣ୍ଡା ପୁଅ ! ବାହା ହୋଇ ଘରସଂସାର କଲେ ସିନା ହବ, ପଇସା ଗୁଡାଏ ସାରି ଠାଣି ଦେଖାଇଲେ କୋଉଥିକି ପାଇବ । ବ୍ରାହ୍ମଣ ଘର ପୁଅ । ପୋଥି ଶାସ୍ତ୍ର କୁଆଡେ ଗଲା--- ଖାଲି ଟେରି ଢଙ୍ଗ । ଆଉ ଥଳା ପିକା ! ପଇସା ସରିଲେ ଆପେ ବୁଝିବ ଯେ--- ମୁଁ ଆଉ କେତେ ଦିନ କି ?'

କାମୁର ମନ ଉହିକି ବାକଲ ହୁଏ । ମାଆ ଯାହା କହୁଛି ମିଛ ନୁହେଁତ ? ଚମ୍ପା ବପପୁ ମା ଆଗେ ପକାଇଲେ କେମିତି ହୁଅନ୍ତା ? ନାଁ ସେ ମକୁ ଏ ବପପୁ କହିବ ନାହିଁ । ନିଜେ ଅଗେ ଚମ୍ପାକୁ ମଙ୍ଗାଇବ । ତାର ସମ୍ମତି ଆଣି ସବୁ କଥା ।

କିନ୍ତୁ ଚମ୍ପା କଣ ମଙ୍ଗିବ ? ଦେଖାଯାଉ କଣ ହେଉଛି । ପ୍ରଥମେ ଚେଷ୍ଟା କରାଯାଉ । ଆଗେ ତାକୁ ଦେଖିଲେ ନାକ ଛୁଆଁଉ ଥିଲା । କୁଆଁରେ ଫୋଡିଲା ଭଳି ଚଟରଟିଆ କଥା କହୁଥିଲା । ଏବେ ଢ' ଟେର ବଦଳି ଯାଇଛି । ସଙ୍ଗରେ ସିନା ମିଶୁନି, କିନ୍ତୁ କଥା ହେବା ପାଇଁ ଉତ୍କଣ୍ଠା ଅଛି ମନରେ । ସେ କଣ ଏ ସବୁ ବୁଝୁନି ?

କଲିକତାରେ ଥିଲାବେଳେ ଭଲ ଭଲ ଫାଇଟିଙ୍ଗ୍ ସିନେମା ଦେଖିଛନ୍ତି ଜଗୁ । ଦୀର୍ଘ ଛଅ ବର୍ଷ ରହଣିରେ ସତୃଶ ଶହେରୁ କଣ ଊଣା ଖେଳ ଦେଖିଥିବ । ସବୁଠାରେ ଦେଖିଛନ୍ତି ନାୟକ ଖଣ୍ଡି କାଶ ମାରି ଅଥବା ଗୀତଟିଏ ଗାଇ ପ୍ରିୟତମାକୁ ତାର ଆକୃଷ୍ଟ କରେ । ପରେ ଉଭୟେ ଖୁବ୍ ଘନିଷ୍ଠ ଭାବରେ ମିଶି ଯାଆନ୍ତି । ପ୍ରେମ ଚାଲେ ଧୁମାଧୁମ୍ । ତରୁଣୀଟି ଟିକିଏ ଇସାରାର ପ୍ରତୀକ୍ଷା, ସଂକେତର ଅପେକ୍ଷାରେ ଥାଏ । କହୁ ଦେଲେ ଢଳି ପଡେ ଯୁବକ ଉପରେ । ପ୍ରେମ ବୋହୁ ଚାଲେ । ତାପରେ ବିବାହ । କେଡେ ସହଜରେ ଯୁବକ ତାର ମନୋମିତ ଯୁବତୀଟିକୁ ଆପଣାର କରି ନିଏ ? ଅତି ଅଳ୍ପ ସ୍ଥାନରେ ବିୟୋଗ ଘଟେ ।

ଜଗୁ ଚମ୍ପାର ରୂପ ଦେଖି ମୁଗ୍ଧ ହେଲା । ପଲ୍ଲୀ ଭିତରେ ପୁଣି ଏତେ ସୁନ୍ଦର ଝିଅ ! ପଙ୍କ ଗଡିଆରେ ପଦ୍ମ ଫୁଲ ! ସ୍ନୋ ନାହିଁ କି ପାଉଡ଼ର ନାହିଁ---- ଅଥଚ ଏତେ ସୁନ୍ଦର !

ଅବଶ୍ୟ ଚମ୍ପା ସଦା ସର୍ବଦା ଘର ଭିତରେ ଥାଏ । ମୁହଁ ଟେକି କଥା କହେନି । ସରମରେ ବୁଡ଼ି ମରୁଥାଏ ---ତାକୁ ଦେଖିଲେ ଆଡେଇ ହୁଏ । କିନ୍ତୁ ବିବାହ ପରେ କଣ ବଦଳାଇ ପାରିବ ନାହିଁ ? ଚେଷ୍ଟା କଲେ ସବୁ ହେବ ! ଜଗୁ ଆଶ୍ୱସ୍ତ ହେଲା ।

ବାଡି ପଟେ ଆଉ ଖଣ୍ଡେ କାଶ ଶୁଭେନି । ଚମ୍ପା ଆଉ ରମ୍ଭା ଆନନ୍ଦରେ ବସି ଗପ କରନ୍ତି ।

ମଦନ ମିଶ୍ରଙ୍କର ଦେହ ଭଲ ନାହିଁ । ଘରେ ପାଦ ଦେଲା ଦିନଠୁ ଜର । ଦିନକୁ ଦିନ ଶୁଖି ଯାଉଛନ୍ତି । ଚମ୍ପା କଥା ଭାବି ଭାବି ଦେହ କଣ୍ଟା ହେଲାଣି । ଫୁଙ୍କି ଦେଲେ ଢଳି ପଡ଼ିବେ । ଦିନକୁ ଦିନ ଆହାର କମାଇ ଦେଲେଣି । ଯାହାକୁ ଦେଖିବେ ଟିଅର କଥା କହି କାନ୍ଦିବେ । ମନା କଲେ ମାନିବେ ନାହିଁ । ଧାରଧାର ଲୁହ ବୋହୁଥିବ ।

ଚମ୍ପାବଉ ଗୁଜୁରିଆ ହୋଇ ଗଲେଣି । ଭାବିଥିଲେ ସ୍ୱାମୀ ଆସିଲେ ସାକ୍ଷୀଗୋପାଳ କଥା କହି ଖୁଣ୍ଟାଖୁଣ୍ଟି ଦେବେ । କିନ୍ତୁ ଏବେ କିଛି ନକହୁଣୁ କଥା ବଦଳାଇ ଗଲାଣି । ଚମ୍ପାବଉର ହସ ଉଡ଼ି ଯାଉଛି ।

ରମ୍ଭା ଆଉ ତାର ବଉ ମଦନବାବୁଙ୍କ ଘରକୁ ନିତି ଯା'ଆସ କରନ୍ତି । ରମ୍ଭାକୁ ଦେଖିଲେ ମିଶ୍ରେ ପଲକ ନମାରି ଘଡ଼ିଏ କାଳ ଅନେଇ ରହିଥାନ୍ତି । ଆଖି କହେ--- ଭଲରେ ଥିଲେ ଚମ୍ପା ତାଙ୍କର ସଜବାଜ ପିନ୍ଧି ଏହି ଭଳି ଦେବୀଟିଏ ହୋଇଥାନ୍ତା। କିନ୍ତୁ ଆଜି ହେଲା କଣ ? ହତଶ୍ରୀ ରୂପକୁ ଅନାଇ ହଉନି--- ରମ୍ଭାବଉକୁ ଦେଖିଲେ ମଦନ ମିଶ୍ରଙ୍କର ମନ ଭିତରେ କୋହ ବଢେ ।

ଜଗୁ ବେଳେବେଳେ ଆସି ବୋଲହାକ କରେ । ଚମ୍ପାବଉ ମୁହଁକୁ ଗୃଧ୍ରଭଳି ଚାହିଁ ଥିବ । କଥା ନସରୁଣୁ କାମ ଖଣ୍ଡିକ ତଟ୍‌କିନା ସାରି ଦେବ ।

ଗାଁରେ ଏଣେ ଚହଳ ପଡ଼ି ଗଲାଣି । ଏହି ମଦନ ମିଶ୍ରଙ୍କର ଦେହ ବ୍ୟସ୍ତ କଥା ଦାଣ୍ଡରେ ଦଳ ଦଳ ହୋଇ କଥା ଭାଷା ହେଉଛନ୍ତି । କଥାବାର୍ତ୍ତାରୁ ଜଣା ପଡୁଛି ସେମାନେ ମଦନ ବାବୁଙ୍କ ଉପରୁ ଆଶା ଛାଡ଼ି ଦେଲେଣି । କିଏ କେମିତି ଦେଖିବାକୁ ଆସି ମୁହଁ ଶୁଖାଇ ବାହୁଡ଼ି ଯାଉଛନ୍ତି । ନାମିକା ବୈଦ୍ୟମାନେ ହଟି ଗଲେଣି । ଦେହ ବ୍ୟସ୍ତକୁ ସିନା ଔଷଧ ---ମନ ବ୍ୟସ୍ତକୁ କଣ ଅଛି ?

ଗୋଟିଏ ବୋଲି ଝିଅ ଚମ୍ପା । ଘରଙ୍କର ଦେଖିଥିଲେ ପେଟ ପୂରି ଯାଉଥାନ୍ତା । କିନ୍ତୁ ଦଇବ ସହିଲା ନାହିଁ । ବଢିଲା ଝିଅ, କାଙ୍ଗା ଭଳି ଚେହେରା—ସାରା ଜୀବନ କଟାଇବ କିପରି ? ଶଶୁର ଘର ବଧକା ବୋହୂକୁ ସାନ୍ତ୍ୱନା ଦିଅନ୍ତେ କେଣ ବାର କଥା କହୁଛନ୍ତି । ମଦନ ମିଶ୍ରଙ୍କର ମନ ପୋଡି ଯାଉଛି । ଶାମ ସଙ୍ଗରେ ହେଲେ ବିବାହ ଦେଇଥାନ୍ତେ !

ସେ ଦିନ ଦେହରେ ଖାଲି ତାତି ଫୁଟିଲା । ଖଇ ଫୁଟା ତାତି । ପାଟି ଖନି ମାରୁଛି । ମିଶ୍ର ଆଉ କଥା କହି ପାରିଲେ ନାହିଁ । ଇସାରାରେ ରାମବାବୁଙ୍କୁ ଡାକିବାକୁ କହିଲେ । କିନ୍ତୁ ସେ ପୁରୀରୁ ଆହୁରି ଫେରି ନାହାନ୍ତି ।

ରାତି ପ୍ରାୟ ନଅ ଦଶ ଭିତରେ ହେବ । କୁଆଡୁ ଥିଲା ଯେ ଅଦିନିଆ ମେଘ ଉଠାଇ ଅସରାଏ ବର୍ଷା ହେଲା । ପଶ୍ଚିମ ଦିଗରୁ ମାଡ଼ି ଆସିଲା ପ୍ରଳୟଙ୍କରୀ ଝଡ଼ । ଆକାଶରେ ଚନ୍ଦ୍ର ନାହିଁ କି ତାରା ନାହିଁ । କଟିମିଟିଆ ପୃଥିବୀଟା ଖାଲି ରହି ରହି ଦୀର୍ଘଶ୍ୱାସ ନେଉଛି ।

ମଦନ ବାବୁ ଉଠି ବସିଲେ ବିଛଣାରେ । ତୁଣ୍ଡରୁ ହଠାତ୍ ଖଇ ଫୁଟିଲା ଭଳି କଥା ବାହାରିଲା ଠକ୍ ଠକ୍ ହୋଇ । ସେ ଦିନ ରାତିରେ ଅସଲକର ମୁଠାଏ ମଧ୍ୟ ଖାଇଲେ । ତାପରେ ରମ୍ଭାବଉଙ୍କୁ ଡାକି କହିଲେ, " ଭାଉଜ ! ସମ ଭାଇ ଆସିଥିଲେ ଭଲ ହୋଇଥାନ୍ତା । ନଆସିଲେତ ନାହିଁ । କିନ୍ତୁ ତୁମକୁ କହି ରଖୁଛି, ମୋର ଯଦି କିଛି ହୋଇ ଯାଏ ଚମ୍ପାକୁ ନିଜ ଝିଅ ରମ୍ଭା ବୋଲି ଭାବି ଚଳାଇ ନେବ । ଏତିକି ମୋର ଭିକ୍ଷା ।"

ଶାମବଉ ଆଉ ଚମ୍ପାବଉ କିଙ୍କର୍ତ୍ତବ୍ୟବିମୂଢ଼ ହୋଇ କାନ୍ଦିଲେ ।

ମଦନ ବାବୁ ଯାହାକୁ ଯାହା କହିବାର କଥା ଶେଷ କରି ସୁସ୍ଥ ଲୋକ ଭଳି ବିଛଣାରେ ଶୋଇଲେ । କିନ୍ତୁ ଆଉ ଉଠିଲେ ନାହିଁ । ଜୀବନଦୀପ କ୍ଷଣିକ ପାଇଁ ତାଜା ହୋଇ ପୁଣି ଥରେ ଲିଭିଗଲା । ସେ ଦୀପର ରଶ୍ମି ଧ'ଥା ପ୍ରାଣୀଙ୍କୁ ଅମାବାସ୍ୟାର ଗଭୀର ଅନ୍ଧକାର ଭିତରେ ଠେଲି ଦେଇ ଚିରଦିନ ପାଇଁ ଲୁଚିଗଲା ।

ସେ ଥିଲା ଗୋଟିଏ ଅତି ଭୟଙ୍କର କାଳରାତ୍ରି । ଚମ୍ପା ଆଉ ତାର ବାଉ ଅଚେତ ହୋଇ ପଡ଼ି ରହିଲେ ଝଲିଏ ଯାଏ -----

ଜୀଗୁ ଘଣ୍ଟା ଘଣ୍ଟା ଧରି ବାଡ଼ିପଟେ ଗୁମ୍ ମାରି ବସେ । ରମ୍ଭା ଆଉ ଚମ୍ପାର ବାଉଳା ଭାବ ଦେଖି ସେଦିନରୁ ଆଉ ଖଣ୍ଡିକାଣ ମାରେ ନାହିଁ । ସମ୍ଭବ ଅସମ୍ଭବ ଗୁଡ଼ାଏ ଭାବନା ମନ ଭିତରେ ପୁରେଇ ଗୋଳେଇ ଘାଣ୍ଟି ହୁଏ । ଏଥି କେତେ ଦିନ ହେବ ସେ ଖାଲି ଚମ୍ପା କଥା ଭାବି ଭାବି ବେଳ କାଟିଛି । ଚମ୍ପାକୁ ରାଜି କରାଇ ପାରିଲେ ବାହାଘର ପକ୍କା । ଚମ୍ପାବାଉ ଯେପରି ତାକୁ ଭଲ ପାଆନ୍ତି ତାର ଏଥି ଯୁକ୍ତିଯୁକ୍ତ ପ୍ରସ୍ତାବରେ ନିଶ୍ଚୟ ରାଜି ହେବେ । ତାହାପରେ ବାହାଘର ! କେତେ ସୁନ୍ଦର ଅଉ ମଧୁର ! ! ଜଗୁ ବାହା ହେବା ପରର ରଙ୍ଗୀନ କଳ୍ପନାରେ ଜାଲି ବୁଣୁଛି ।

ବାଡ଼ିପଟେ ଖଡ୍‌କିନା ଶବ୍ଦ ହେଲା । ଜଗୁ ଚମକି ଉଠି ଧାଇଁଲା ବାଡ଼ କଡ଼କୁ । ଆଜି ସେ ଅତି ଏକାନ୍ତରେ ଚମ୍ପାକୁ ତାର ମନର କଥା କହିବ । ସେ କଣ ଜବାବ ଦେଉଛି ଦେଖି । ତାପରେ ତାର ଦେଖିଲା କଥା କରିବ ।

ଜଗୁ ବାଡ଼ ଫାଙ୍କରେ ଖୁବ୍ ସତର୍କତାର ସହିତ ଆରପଟକୁ ନିଠାଇ ଚାହିଁଲା । ସଜନା ଗଛ ଡାଳରେ ଡାମରା କାଉଟିଏ ବସିଥିଲା । ତାକୁ ଦେଖି ଚଢ଼େଇଟା ଉଡ଼ି ଚାଲି ଗଲା । ଜଗୁ ପୁଣି ଥରେ ବାଡିଘରକୁ ଆସି ଗୁମ୍ମାରି ବସିଲା । କିନ୍ତୁ କାନ ଥାଏ ଅଗଣାରେ । ଘଡ଼ିଏ ପରେ କାନରେ ତାର କାନିର ଝୁଣୁଝୁଣୁ ଆବାଜ ପଶିଲା । ଜଗୁ ପୁଣି ଥରେ ଚୋରର ଭଳି ଲୁଚି ଛପି ଆସିଲା ବାଡ କଡକୁ । ଦେଖିଲା ରମ୍ଭା ଶାଗ ତୋଳୁଛି । କଳା-ଘୁମର ଲମ୍ବା ବେଣୀଟିକୁ ପିଠି ଉପରେ ଛାଡ଼ି ଦେଇ ଶେଷ ଭାଗଟିକୁ ବେକ ଉପରେ ଗୁଡାଇଛି । ମୁଣ୍ଡରେ ପିଠିରେ ଲୁଗା ନାହିଁ । ଛାତିରୁ ଅଧେ ସ୍ପଷ୍ଟ ଦିଶୁଛି । ଜଗୁ ଚଞ୍ଚଳ ହୋଇ ଉଠିଲା । କିନ୍ତୁ ନିଜକୁ ପ୍ରକାଶ କରିବାର କୌଣସି ଉଦ୍ୟମ କରୁନି' । କାରଣ ସେ' ଜାଣେ --- ରମ୍ଭା ଏ ସବୁ କଥାକୁ ରଖ ନାଆଁ । ଏପଟ ସେପଟ ହବନି' । ଅସୁନ୍ଦର କଥା ପାରି ପାଇବନି' ତା' ଆଗରେ । ଦାଣ୍ଡରେ ହାଟ ବସାଇ ଦେବ ।

ଜଗୁର ଗୋଡ ଥରିଲା । ମୁହଁ ଅଠା ଅଠା ହେଲା । ବାଡ଼ ପାଖରୁ ଅଜାଣ୍ଟରେ ଖଟେ ଦୂରକୁ ଘୁଞ୍ଚି ଗଲା । ଦୂରରୁ ଦେଖିଲା ଚମ୍ପା ଆସୁଛି । ହାତରେ ତାର ବାଉଁଶ ପାଛିଆଟିଏ । ଦୁହେଁ ସାଙ୍ଗ ହୋଇ ଶାଗ ତୋଳିଲେ । ପାଛିଆ ଭର୍ତ୍ତି ହୋଇନି --- ରମ୍ଭା ଚାଲି ଯିବାକୁ ତରତର ହେଲା । କହିଲା, "ସାଙ୍ଗଲୋ ! ଭାଇର ପରୀକ୍ଷା ଫଳ ବାହାରିଲା । ସେ ପାଶ୍ କରିଛନ୍ତି । ଆଜିକାଲି ଭିତରେ ଆସିବାର ଥିଲା । ଯଦି ଆସୁଥାନ୍ତେ' ଆସିବାର ବେଳ ହେଲାଣି । ମୁଁ ଯାଏଁ ଦେଖି ଆସିବି ?"

ଚମ୍ପା ଉଦ୍‌ବେଗର ସହିତ ପଚାରିଲା--- "କିଏ ଶାମବାବୁ ଆସିଲେ ?"

ହଁ ଭଦ୍ର ରମ୍ଭା ଧାଇଁ ଧାଇଁ ପଳାଇ ଗଲା । ଚମ୍ପା ମନେ ମନେ ଭାବିଲା କେତେ ଦିନତ ଆସିବି ଆସିବ ବୋଲି ଲେଖି ଆସି ନାହାନ୍ତି ଆଉ ଆଜି ?

କିନ୍ତୁ ତାର ଆଉ ଶାଗ ତୋଳିବାରେ ମନ ରହିଲାନି । ପିଜୁଳି ଗଛ ମୂଳେ ପକା ହୋଇଥିବା ଚକା ପଥର ଉପରେ ମୁହଁକୁ ମାରି ବସିଲା ।

ଏହି ଶାମ କଥା କାନରେ ବାଜିଲେ ଚମ୍ପାର ଗୋଡ ଯେଉଁଠି ଥାଏ ଅଟକି ଯାଏ । ଦେହ ଥରି ଉଠେ । ସବୁ ସୁହାଗ ପୋଛି ଯାଇଛି ତଥାପି ମନ ଭିତରେ ମାୟା । ଜୀବନ ଯୌବନର ମାୟା ସିଏ ।

ଚମ୍ପା ମନେ ଭାବେ ଏଇ ହତ-ଶ୍ରୀ ରୂପକୁ ଦେଖି କିଏ କଣ ଖୁସି ହୋଇ ପାରିବ ? କିନ୍ତୁ ମନେ ପଡେ ଅତୀତର କେଉଁଠି ସୁନେଲି କଥା ! ମନ ଚଞ୍ଚଳ ହୁଏ । ଆଃ, ଆଜି ଯଦି ସେହି ଅତୀତକୁ ଫେରି-ଯାଇ ହୁଅନ୍ତା ! ତଥାପି ମନେ ପଡେ ସେ ଦିନର ସଂଧ୍ୟା ।

ଶାମ ସେ ଥର ଗାଁକୁ ଆସି ଚମ୍ପା ଘରକୁ ଆସିଲା । କଣ ଭାବୁଛି ମନେ ମନେ । ପୂର୍ବର ଫୁର୍ତ୍ତିଭାବ ନାହିଁ । ମୁହଁରେ ଗୋଟିଏ ଉଦାସିଆ ଢଙ୍ଗ । ଶାମ ଅତ୍ୟନ୍ତ କରୁଣ ଦେଖା ଯାଉଥିଲା ।

ଶାମର ଏହି ଉଦାସିଆ ଭାବକୁ ଦେଖି ଚମ୍ପା ବିଦଗ୍ଧ ହେଲା । ସେ ଯେ ଶାମକୁ ଖୁସି କରିବାକୁ ଚାହେଁ ।

ସମ୍ବନ୍ଧ ଭାଙ୍ଗିଲା ପରେ ଶାମ ଜାଣି ଶୁଣି ଚମ୍ପା ଉପରେ ବୀତସ୍ପୃହ ହେବାକୁ ଚେଷ୍ଟା କରୁଥିଲା । ପ୍ରତିଜ୍ଞା କରିଥିଲା ଆଉ ଚମ୍ପା ଘରକୁ ଯିବ ନାହିଁ । କିନ୍ତୁ ସେ ପ୍ରତିଜ୍ଞା, ପ୍ରତିଜ୍ଞା ନୁହେଁ ଯେ, ମନ ସମୁଦ୍ରର ଢେଉଟିଏ । କେତେ ସମୟ ତାର ସ୍ଥିତି ? ସମୟ ଗଲେ ପ୍ରତିଜ୍ଞା ଉଭେଇ ଯାଏ । ଗୋଟିଏ ଅହେତୁକ ଆଗ୍ରହର ବଶବର୍ତ୍ତୀ ହୋଇ ଅନାହୁତ ଅପେ ଅପେ ଚାଲି ଆସେ ଚମ୍ପା ଘରକୁ ।

ଶାମ ସେଦିନ ଅସିବା ବେଳକୁ ଚମ୍ପା ମୁଣ୍ଡ କୁଣ୍ଡାଇ ସାର ସର୍ପିଳ ବେଣୀକୁ ସଜାଉଥିଲା । ଶାମର ଅଖିରେ ଅଗ୍ରହର ବନ୍ୟା । ସେ ତନ୍ମୟ ହୋଇ ଅନାଉଥିଲା ଚମ୍ପାକୁ - - - ।

" କଣ ଏତେ ଗୃହୁଁଛ ଶାମ ଭାଇ ?" ଚମ୍ପା ହଠାତ୍ ପ୍ରଶ୍ନ କରି ଦେଲା ।

ଚମ୍ପାର ଏଭଳି ପ୍ରଶ୍ନ ପାଇଁ ସେ ମୋଟେ ପ୍ରସ୍ତୁତ ନଥିଲା । କହିଲା --- "ଏତିକିତ !" କିନ୍ତୁ କଣ କହୁଛି ମନେ ପଡୁନି ।

" ମୋତେ ତ' ପିଲାବେଳୁ ଦେଖି ଅସିଛ ।"

" ତୋର ପରିବର୍ତ୍ତନ ହୋଇ ଯାଇଛି ଯୌବନ ଭିତରେ । ଅଗର ଚମ୍ପାତ ଅଉ ନାହିଁ ?" ଶାମର ଆଖି ସଜଳ ହେଲା । ଗୋଟିଏ ଅଜଣା ଆବେଗରେ ମୁହଁ ତାର ବିବର୍ଣ୍ଣ ଦିଶୁଛି । ଚମ୍ପା ତାକୁ ଖୁସି କରିବାକୁ କହିଲା --- " ବହୁତ ପରିବର୍ତ୍ତନ ହୋଇଛି ଶାମ ଭାଇ । କିନ୍ତୁ ଏ ଦେହର ଅଉ ପରିସ୍ଥିତିର । କିନ୍ତୁ ମନ ଭିତରଟା ଠିକ୍ ସେମିତି ରହିଛି । ଅନ୍ତତଃ ତୁମ ଆଗରେ ମୁଁ ସେହି ପୂର୍ବର ଚମ୍ପା ! ତୁମେ ବିଶ୍ବାସ କର ।"

" କିନ୍ତୁ ମନ କଣ କିଏ ଦେଖେ ? ଯାହା ଅଖିକୁ ଦିଶିଲା ସେଇୟା--- ତୁମେ ବଡ ହେଇଛ, ତୁମର ବିଭାଘର ସରିଛି ------"

ଚମ୍ପା କାନ୍ଦୁଥିଲା ---- କାନ୍ଦି କାନ୍ଦି କହିଲା, " ସମସ୍ତେ କହିଲେ କୁହନ୍ତୁ ପଛକେ ତୁମେ ଅଉ ସେ କଥା କୁହନି' ଶାମଭାଇ ! ହୃଦୟ ମୋର କାନ୍ଦୁଛି । ଭଗବାନ୍ ଯେଉଁ ବିବାହର ସାକ୍ଷୀ ସିଏ ପ୍ରକୃତ ନାଁ ଏହି ଲୋକ ଭିତରେ ଲୋକ ଦେଖାଣିଆ ବିବାହ ? ମୋର ଅନେକ ଦିନରୁ ବିବାହ ସରିଛି । ତାହା କେହି ନ ଜାଣୁ ପଛକେ ମୋର ସ୍ବପ୍ନ ମନେ ଅଛି, ଅଉ ସେ ମନେ ରହିବ ଜୀବନ ଥିବା ଯାଏ । ତୁମକୁ କଦାପି ଭୁଲି ପାରିବି ନାହିଁ ଶାମବାବୁ ! ତୁମକୁ ଭୁଲି ଯିବା ସମ୍ଭବ ନୁହେଁ ।

" ଏ କଣ ଚମ୍ପା । ବିବାହିତ ତରୁଣୀ ମୁଖରେ ଏସବୁ କଣ ଶୋଭା ପାଏ ? " ଶାମ ଟିକିଏ କଠୋର ହେବାକୁ ଚେଷ୍ଟା କଲା ।

" ଇଏ ଶୋଭା ଅଶୋଭାର ପ୍ରଶ୍ନ ନୁହେଁ । ଏହା ମୋର ମଉଳା ମନର କଥା ---- ବିବାହ ହୋଇଛି --- ପର ଘରକୁ ଯିବି --- କିନ୍ତୁ ତୁମେହିଁ ସବୁବେଳେ ମନେ ପଡ଼ିବ । ତୁମେ କଣ ଚାହଁ ମୁଁ ତୁମକୁ ଭୁଲିଯାଏ ?"

" ଆଉ ତା ଛଡ଼ା କି ଉପାୟ ଅଛି ଚମ୍ପା ? ଜନ୍ମକଲା ବାପମା'ଙ୍କ ସେଇଆ ଚାହାନ୍ତି ।"

" ତୁମେ ମୋତେ କଣ ଭୁଲି ପାରିବ ଶାମଭାଇ ? ସତ କହ ଭୁଲି ପାରିବ ? ?

" ଚେଷ୍ଟା କରିବି ।"

" ଚେଷ୍ଟା କର ନିବଶ ହେବ ମୁଁ ଜାଣେଁ । ତୁମେତ ଆଉ ପଥର ନୁହଁଯେ ସହସ୍ର ଆଘାତ ଖାଇ ଖଣ୍ଡ ବିର୍ଖଣ୍ଡରେ ପଡ଼ି ରହିବ । ତୁମର ହୃଦୟ ଅଛି । ନାରୀ ମନ ମୋର କଣ ଜାଣି ପାରୁନ ? ତୁମର ସେହି ପ୍ରଥମ ସ୍ପର୍ଶ ଆଉ ସାନିଧ୍ୟ ମୋର ଶେଷ ଯାଏ ମନେ ଥିବ । ଦେହ ପଞ୍ଜୁରୀ-ପକ୍ଷୀ ଭଳି ଆବଦ୍ଧ ଥିବ କାହାର ଘରେ ସତ କିନ୍ତୁ ମନ ମୋର ଘୁରି ବୁଲୁଥିବ ଅତୀତ ସ୍ମୃତିର ନିଘଞ୍ଚ ବନାନୀରେ ।"

ଶାମ ଦୀର୍ଘନିଃଶ୍ୱାସ ନେଲା । ରହି ରହି ପଚାରିଲା -- "ଉପାୟ ?" ଚମ୍ପା ଆଗ୍ରହର ସହିତ କହିଲା, ---- " ଉପାୟ କହିବି ଶୁଣିବ ଶାମଭାଇ ? ତୁମେ ଶୀଘ୍ର ବି - ବା - ହ କ - ର ।"

" ବି - ବା - ହ ?"

" ହଁ ହଁ, ବିବାହ । ମୁଁ ସିନା ମନେ ପକାଇ ଦୁଃଖ କରୁଥିବି, କିନ୍ତୁ ତୁମେ ନିଶ୍ଚୟ ସୁଖୀ ହେବ । ଆଉ ତୁମର ସୁଖ ଦେଖିଲେ ମୁଁ ହସି ପାରିବି ।"

“ଏବେ ନୁହେଁ ଚମ୍ପା --- ଅନେକ ଡେରି ଅଛି” କହୁ କହୁ ଚାଲିଗଲା ଶାମ। ଆଜିଯାଏ ଆଉ ଫେରିନି। ଚମ୍ପା ଅତୀତ ଭିତରେ ଖେଳୁଥିଲା।

ଜଗୁ ବାଡ ପଟେ ଥାଇ ଅନାଇଛି। ଚମ୍ପା ଦେହରେ ଲୁଗା ନାହିଁ। ସଫେଦ୍ ଦେହ ତାର ସୂର୍ଯ୍ୟ କିରଣ ମାଖି ଅତି ସୁନ୍ଦର ଦେଖା ଯାଉଛି। ମୁକୁଳା ଜୁଡ଼ାର ଅଳିଆ ବାଳ ଅଧେ ପିଠି ଉପରେ ନାଚୁଛି। ଆଉ ଅଧିକ ଗଳା ଉପରେ ଉପରେ ଓହ୍ଲାଇ ଗୁପ୍ତ ଦେହରେ ଲାଖି ଯାଇଛି। ନବଭରଣା ଚମ୍ପାର ସୁସ୍ଥ ଦେହରେ ଯୌବନର ଜୁଆର। ଲାଲ୍ ଓଠରେ ତାର ଗୋଲାପର ଲାବଣ୍ୟ। ସର୍ବାଙ୍ଗରେ ଭରି ରହିଛି ଗୋଟିଏ ସ୍ୱପ୍ନର ମୂର୍ଚ୍ଛନା।

ଜଗୁ ଆକଣ୍ଠ ପାନ କଲା ଚମ୍ପାର ଏହି ଅବହେଳିତ ସୁଷମା। ଅନେକ ଦିନ ଏକାନ୍ତରେ ବସି ବସି ଅନ୍ତରାଳରୁ ଚମ୍ପାର ସୌନ୍ଦର୍ଯ୍ୟ ଉପଭୋଗ କରେ। ତାର ଥରିଲା କଣ୍ଠର ଭସାଣିଆ ସ୍ୱରକୁ ସଂଗୀତ ଭଳି ପିଇଯାଏ। କାଳକୃଷ୍ଣ ଡୋଳା ଦୁଇଟିରେ ସୁବର୍ଣ୍ଣର ସ୍ୱପ୍ନ ଦେଖି ବିଭୋର ହୁଏ।

ଛବିଶ ବର୍ଷର ଅବିବାହିତ ଜଗୁର ଏଇ ଗୋଟିଏ ସ୍ୱପ୍ନିଳ ଅନୁଭୂତି। ପ୍ରାଣ ତାର ଉଲ୍ଲାସରେ କୁହୁଳି କୁହୁଳି ହସେ। ନିଜକୁ ଚମ୍ପାର ପାଦତଳେ ସମର୍ପଣ କରି କୃତାର୍ଥ ହୁଏ। ଦିନେ ଦିନେ ଦେଖେ ଚମ୍ପା ସଜନା ଗଛ ମୂଳେ ବସି କାନ୍ଦୁଛି। ନୀରବରେ ଥରକୁ ଥର ଆଖି ପୋଛୁ ନେଉଛି। ଜଗୁ କାତର ହୁଏ। ସେ ଇଚ୍ଛା କରେ ଚମ୍ପାକୁ ପ୍ରାଣ ଦେଇ ଖୁସି କରନ୍ତା। କିନ୍ତୁ ସାହସ କୁଳାଏ ନାହିଁ। ଲାଜ ଲାଜ ଚାହେଁ ସିନା --- ସାମନାରୁ ଅନାଇ ପାରେନି’। ତାର

ସେ ବଳ ନାହିଁ । ତଥାପି ପାରୁ ପର୍ଯ୍ୟନ୍ତ ସାହାଯ୍ୟ କରେ ଏହି ଦୁଃଖ-ସନ୍ତପ୍ତ ପରିବାରଟିକୁ, ସାହାଯ୍ୟ କରି ଆନନ୍ଦ ପାଏ । ଚମ୍ପାର ପ୍ରଶଂସା ଶୁଣିବାକୁ କାନ ଡେରି ଥାଏ ।

ଚମ୍ପା ଜାଣେ ଜଗୁର ଏ ଅଯାଚିତ ସାହାଯ୍ୟ କଣ ପାଇଁ । ଆଜି ସେ ବିଧବା ଆଉ ପିତୃହରା ବୋଲି ସମସ୍ତଙ୍କର ଦୟାର ପାତ୍ର ହୋଇଛନ୍ତି । କାଲିକି କାଲି ସେ ଆଦେଶ ଦେଇ ପାରୁଥିଲା --- କିନ୍ତୁ ଆଜି ସେ ଭାଷା ନାହିଁ । ବାପାଙ୍କର ମୃତ୍ୟୁ ପରେ ପରେ ସେହି ଭାଷା ଆଉ ଆଦେଶର ହୋଇଛନ୍ତି ଜୀବନ୍ତ ଦହନ । ଦୁନିଆରେ ମା ବୁଢୀ ଛଡା କେହି ନାହିଁ - - - ସମସ୍ତେ ପରର । ସେ ବଂଚିବ ଯଦି ପରର ଦୟା ଉପରେ ନିର୍ଭର କରି ବଂଚିବ ।

ଚମ୍ପା ମନେ ମନେ ଭାବେ ମରିଯିବା ଭଲ । ଆତ୍ମହତ୍ୟା ନିଜ ହାତର କଥା । କିନ୍ତୁ ବୁଢୀ ମାଆର ଛଳ ଛଳ ମୁହଁକୁ ଦେଖି ସବୁ କିଛି ଭୁଲି ଯାଏ । କାଲି ତାର ହାତ ଗୋଡ ପଡିଗଲେ କାହାର ହେବ ? ପୁଣି ଘରେତ ପୋଡାମାଲି ନାହିଁ ଯେ ସୁଖରେ ଦିନ କଟିଯିବ । ଥିଲା ନଥିଲା ବେଳକୁ ହାତରେ ପାଞ୍ଚ କାମ କରି ପାରୁଥିଲେ ସିନା !

ପୁଣି ମନେ ପଡେ ଶ୍ୟାମର ସେହି ଭଙ୍ଗାଣିଆ ଆଖିର ହସିଲା ହସିଲା ଭାଷା । ମାଆ ଆଉ ଶ୍ୟାମ ସକାଶେ ଚମ୍ପା ବଂଚି ରହେ । ଶ୍ୟାମ ବାବୁଙ୍କର ଶେଷ ନିଷ୍ପତ୍ତି କୁ ଅନେଇ ରହେ ।

ଏତ ଦିନ ଭାବିବାହିଁ ସାର । ସୁଖର ନୀଡ ଭାଙ୍ଗି ଯାଇଛନ୍ତି । ଅତୀତର ସୁଖ ସମ୍ପଦ ସବୁ ଯାଇଛନ୍ତି । ସେହି ଭଙ୍ଗା ଦଦରା ନୀଡ ଭିତରେ ମା ଝିଅ ଛଟପଟ ହୁଅନ୍ତି । ପରସ୍ପରକୁ ପ୍ରବୋଧନା ଦେବା ସକାଶେ ରାସ୍ତା ନାହିଁ । ଦୁଃଖର ସୀମା ନାହିଁ । ହତାଶାରେ ମେରୁଦଣ୍ଡ ଲଇଁ ପଡୁଛି ।

ଧନ ଗଞ୍ଜ ଗୁଲେ ପାଣି ସୁଅ ଭଳି । ଦୁଃଖ ଭିତରେ ରହି ମଣିଷ ଅନାଗତ ଭବିଷ୍ୟତ ଭିତରେ ସୁଖ ଖୋଜେ । ଜୀବନର ଅନନ୍ତ ତୃଷ୍ଣା ତୁଷାରସମ ତରଳି ଯାଇ ପଛକେ ।

କିନ୍ତୁ ସମୟ ସମୟରେ ଏହିପରି ଅଘଟଣ ଘଟେ ଯାହା ମଣିଷ ପକ୍ଷରେ ଭୁଲି ଯିବା ଏକାନ୍ତ ଅସମ୍ଭବ ହୋଇ ପଡେ । ଚମ୍ପା ଘରେ ସେହି ଅବସ୍ଥା । ତଥାପି ସେମାନେ ଗୋଟିଏ ଗତରେ ପଡ଼ି ଗଲେଣି ।

ଘରେ ମଣିଷ ବୋଲି ଦୁଇଟି । ମା ଟିଏ ଝିଅ ଟିଏ । ଜଣେ ଚୁଲି ଧୋଇଲେ ଆଉ ଜଣକ ଉଧାଣି ବସାଏ । ଜଣେ ପରିବା କାଟୁଛନ୍ତି ଆଉ ଜଣକ ତରକାରୀ ରାନ୍ଧିଲାଣି । ସଙ୍ଗେ ସଙ୍ଗେ ସବୁ କାମ ଛୁଟି ଯାଏ । ଖାଇ ଦିନ ଖାଲି । ଅଳସୁଆ ହୋଇ ଖଟରେ ଗଡ଼ିଲେ ସବୁ କଥା ମନେ ପଡେ । ତେଣୁ ଚମ୍ପା ଘରେ ରାମାୟଣ ବସିଛି । ଚମ୍ପା ଗାଏ ଆଉ ବଉ ତାର ଶୁଣନ୍ତି । ଶ୍ରୋତା ଓ ଗାୟକ ସମଦୁଃଖୀ ତେଣୁ ସମୟ ଯେ କୌଣସି ପ୍ରକାରେ କଟିଯାଏ ।

ବେଳେ ବେଳେ ଜଗୁ ବଉ ଆଉ ରମ୍ଭା ବଉ ଆସନ୍ତି । ରମ୍ଭା ଆସିଲେ ବେଶୀ ବେଳ ରହେନି । ରାତି ହେଲେ ଯେ ଯୁଆଡ଼େ ଚାଲି ଯାଆନ୍ତି । ଘର ଗୋଟାକ ଖାଁ ଖାଁ ଲାଗେ । ବାଡ଼ପଟ ଗୋଡ଼ାଇ ଆଣିଲା ଭଳି ଜଣା ପଡେ । ମରଦ ପିଲା କେହି ନାହିଁ । ସଞ୍ଜ ହେବା ସଙ୍ଗେ ସଙ୍ଗେ ଦ୍ୱାର କବାଟ ପଡ଼ି ଯାଏ । ସଙ୍ଗେ ସଙ୍ଗେ ଖା'ପିଆ ଶେଷ । ମା ଝିଅ ଲଗାଲଗି କରି ଦୁହେଁ ଖଟ ପକାଇ, ଶୋଇ ଶୋଇ କଥାବାର୍ତ୍ତା ହୁଅନ୍ତି । କଥା ହଉ ହଉ କେତେବେଳେ ଯେ ନିଦ ଆସେ ଅନ୍ୟ କଣକ ବୁଝେ ନାହିଁ ।

ସେ ଦିନ ବେଳ ଘଣ୍ଟାଏ ହେବ କି ନାହିଁ-- ରମ୍ଭା ଆସି ଦାଣ୍ଡ କବାଟ ବାଡେଇଲା । ଚମ୍ପାବୋଉ ବାସି ବାସନ ଧୋଉଥାନ୍ତି । ଆଉ ଚମ୍ପା ଅଗଣା ଝାଡୁଥାଏ । ଚମ୍ପା ଯାଇ କବାଟ ଫିଟାଇଲା । ଦେଖିଲା ରମ୍ଭା ମଉନ ହୋଇ ଛିଡା ହୋଇଛି । ଓଠରେ ତାର ସବୁଦିନିଆ ହସ ନାହିଁ । ଆଖି ଯୋଡ଼ିକ ଛଳଛଳ । ମୁହଁର ହରଷ ମଉଳି ଯାଇଛି । ରମ୍ଭାର ହାତ ଭିଡ଼ି ନେଇ ବ୍ୟସ୍ତ ଭାବରେ ପଚାରିଲା- - - -
'କଥା କଣ ସାଙ୍ଗ ? କଣ ହୋଇଛି ତୋର ??'

'ମୋର କିଛି ହୋଇନି ---ଶ୍ୟାମ ଭାଇଙ୍କର ଦେହ ବ୍ୟସ୍ତ ବୋଲି ଶୁଣି ବଡ଼ ଦୁଃଖ ଲାଗିଲା ।'

ଏଁ - ଏଁ - କହି କଳା କାଠ ପଡ଼ି ଗଲା ଚମ୍ପା ।

ଚମ୍ପାବୋଉ ବାସନ ଧୁଆ ଛାଡ଼ି ରମ୍ଭା ପାଖକୁ ଆସିଲେ । ରମ୍ଭା ସବୁ କଥା କହିଲା ।

'କେବେଠୁ ଦିନ ହେଲା ଦେହ ବ୍ୟସ୍ତ ହୋଇଛି ?' ଚମ୍ପାବୋଉ ପଚାରିଲେ ।

'ସେ ସବୁ ମୁଁ ଜାଣିନି । ଖାଲି ଲେଖା ଥିଲା ଦେହ ଭାରି ବ୍ୟସ୍ତ ଅଛି ବୋଲି । ଆହୁରି ମଧ୍ୟ ଲେଖାଥିଲା ଭାଇ ବି: ଏ: ପାଶ କରିଛନ୍ତି ବୋଲି ।'

'ଶ୍ୟାମ ବାବୁଙ୍କର ଦେହ ଭା-ରି ବ୍ୟ-ସ୍ତ ।' ଚମ୍ପା ମନେ ମନେ ଦୁଇ ଚାରି ଥର କହି ହେଲା ।

‘ କଣ ମିଳିବ ସେ ପାଗ୍‌ଳୁ ? ମୋ ପୁଅ ଭଲ ହୋଇଯାଉ କେମିତି । ହେ ଭଗବାନ୍ ପୁଅକୁ ମୋର ଭଲ କରି ଦିଅ କହି ଚମ୍ପା-ବଉ ଅଜଣା ଦେବତାଙ୍କୁ ହାତ ଯୋଡ଼ିଲେ । ତାପରେ ବ୍ୟଗ୍ର ହୋଇ କହିଲେ--- ସଙ୍ଗରେ ଖାଲି ବାପା ନାଁ ଅଛି କିଏ ? ’

ରମ୍ଭା ଅଡୁଆରେ ପଡ଼ିଲା । ସେ ସବୁରୁ ଜାଣି ପାରିଛି ଦାଶରଥି ବାବୁ ସଙ୍ଗେ ସଙ୍ଗେ ରହି ସେବା ଶୁଶ୍ରୁଷାରେ ସାହାଯ୍ୟ କରୁଛନ୍ତି । ଆଉ ଏହି ଦାଶରଥି ବାବୁଙ୍କ ସଙ୍ଗରେ ସମ୍ବନ୍ଧ ପଡ଼ିଥିବା କଥା ସେ ଜାଣେ । ଥଙ୍ଗେଇ ଥଙ୍ଗେଇ କହିଲା--- ‘ ସିଏ ଅଛନ୍ତି ମାଉସୀ ! ’

ଚମ୍ପା ବଉ କହିଲେ--- ‘ ଦାଶରଥି କିଲେ ? ’

ରମ୍ଭା ମୁଣ୍ଡ ହଲାଇ ସମ୍ମତି ଦେଲା ।

ଚମ୍ପା ପଚାରିଲେ--- ‘ଦାଶରଥି କିଏ ବଉ ?’

ରମ୍ଭାବଉ ପାଖରୁ ସେ ରମ୍ଭା ଓ ଶ୍ୟାମର ବିବାହ ସମ୍ବନ୍ଧ କଥା ଜାଣିଥିଲେ । କିନ୍ତୁ ବିବାହ ପୁଆଣି କଥା ବିଧବା ଝିଅ କାନରେ ବାଜିଲେ ଦୁଃଖ କରିପାରେ ଭାବି କିଛି କହି ନଥିଲେ । ଆହୁରି ମଧ୍ୟ ଜାଣି ଥିଲେ ଯେ ଦାଶରଥି ତାଙ୍କର ଗୋଟିଏ ସମ୍ପର୍କୀୟ ଭଉଣୀର ପୁଅ ହେବ । ଲେଖାରେ ପୁତୁରା । ଚମ୍ପାକୁ କହିଲେ--- ‘ ଦାଶରଥି ତୋର ଗୋଟିଏ ଭାଇ ହେବଲେ ଝିଅ । ପୁରୀରେ ଶ୍ୟାମ ସଙ୍ଗରେ ପଢୁ-ଥିଲା । ଏବେ କଟକରେ ଅଛି ନାଁ କଣ । ଦୁହିଁଙ୍କର ଭାବ ଅଛି କିନା- - - - - ”

‘ ତେବେ ରମ୍ଭା ତାଙ୍କର ନାଁ ଧରୁନି କାହିଁକି ? ’

‘ ଓଲୋ ଜାଣି ପାରୁନୁ ଏତିକି ? ଆମ ଦାଶରଥି ସଙ୍ଗରେ ଚମ୍ପାର ପରା ସମ୍ବନ୍ଧ ପଡ଼ିଛି । ’

ଚମ୍ପାର-

'ଉଃ ଏଇଥି ପାଇଁ ନାଁ ଧରୁନ ।' ଏତେ ଦୁଃଖରେ ମଧ୍ୟ ଚମ୍ପା ହସିଲା । ରମ୍ଭା ଅଣ୍ଟାରୁ ଫୁଲାଏ ଖୁମ୍ପି ନେବାରୁ ସେ ମଧ୍ୟ ଚମ୍ପା ସଙ୍ଗରେ ହସିବାକୁ ଲଗିଲା ।

ଦି'ଦିନ ଗଲା । ମା ଝିଅ ଦୁହେଁ ରମ୍ଭାକୁ ଗୁଡ଼େଇ ଛୁଟେଇ ଗାମର ଖବର ପଚ୍ଚରନ୍ତି । ଚିଠି ଆସିନି ବୋଲି ରମ୍ଭା ନୀରବ ରହେ । ମୁହଁ ଶୁଖାଏ ଚମ୍ପା ! ଖିଆପିଆ ପ୍ରାୟ ଭୁଲି ଯିବା ଉପରେ ! ବସି ବସି ଆକାଶ ପାତାଳ ଭାବୁଥାଏ । ଜୀବନର ଏକମାତ୍ର ଆକର୍ଷଣ ଏହି ଗାମ ମରୁପଥର ପାଥେୟ ! ସ୍ନେହ, ସୁଖ, ଆଶା, ଭରସାର ଆଧାର ଏହି ଗାମର ଦୁଃଖରେ ସେ ଭାଙ୍ଗି ପଡୁଛି ଦିନକୁ ଦିନ ।

ଦି' ଦିନ, ତିନି ଦିନ-- ଚାରି ଦିନ ଗଲା । କିନ୍ତୁ ଖବର ଆସିନି ଅଦ୍ୟାପି ! ପ୍ରତି ମୁହୂର୍ତ୍ତ ଯୁଗ ଭଳି ଲାଗୁଛି । ମନ ପ୍ରାଣ ଉତ୍କଣ୍ଠାରେ ପୂର୍ଣ୍ଣ । ପୁଣି ଥରେ ଖବର ଆସିଲା ପୁରୀରୁ । ଗାମ ପଛରେ ଲାଗି ବୁଢ଼ା ମଧ୍ୟ ବେରାମ । ରମ୍ଭାକୁ ଚମ୍ପା ଘରେ ରଖି ଭାଇ ଓ ଭାଉଜ ପୁରୀ ଗଲେ । ଚମ୍ପା ମନର ଉତ୍କଣ୍ଠା ଦୁଇଗୁଣ ବଢ଼ିଗଲା । ମନ ଭିତରେ ଆଶଙ୍କାର ଚେଉ । ବାପା ତାର ଏହି ଭଳି ଦଶ ଦିନ କାଳ ଜ୍ୱରରେ ପଡ଼ି ଚାଲି-ଗଲେ ଶେଷକୁ । ମନକୁ ପାପ ଛୁଉଁଛି ।

ପୁରୀ ଖବର ପାଇବାକୁ ଛୋଟ ପ୍ରାଣୀ ଚାତକ ଭଳି ଅନେଇ ଛନ୍ତି । କିନ୍ତୁ ଖବର ଆସୁନି । ସେ ଦିନ ଅଁଳା ନବମୀ । ଘରେ ମା' ଝିଅଙ୍କର ଉପାସ । ଖାଲି ରମ୍ଭା ପାଇଁ କଣ ଟିକିଏ କରି ଦେଇ ଚମ୍ପା ବାଡ଼ ଅଗଣାରେ ବସି ମନକୁ ମନ ବୁହେ ହେବ କାନ୍ଦିଲା । ତାପରେ ନିତାନ୍ତ ଅସହ୍ୟ ହେବାରୁ ପାଟି କରି କାନ୍ଦି ଉଠିଲା । ମନର କୋହ ବଢୁଛି ସିନା କମୁ ନାହିଁ ।

ଜଗୁ ମନ ଭିତରେ ନିଜର ନିଷ୍ପତ୍ତି କଥା ଆଲୋଚନା କରୁଥାଏ । ବାଉ ସେପଟେ ଥାଇ ଦେଖିଲା ଚମ୍ପା ଘଡ଼ିଏ ହେବ କାନ୍ଦୁଛି । ମନ ତାର ବିକଳ ହେଲା । ସମବେଦନାରେ ଭାଙ୍ଗି ପଡ଼ୁଛି ଯେପରି ! ଅଧୀର ହୋଇ ଗୋଟିଏ ଅଜଣା ଆବେଗରେ କହିଲା- - - -

' ଚମ୍ପା ! କଣ ହୋଇଛି ତୋର ? '

ଚମ୍ପା ଜଗୁ କଥାକୁ ଶୁଣୁଥାଏ ଆଉ କଦର୍ଥନା ହୋଇ କାନ୍ଦୁଥାଏ ।

" ବାଉ ଅଟଣାଟରେ କଅଣ ଏମିତି କାନ୍ଦୁଛୁ ଚମ୍ପା ? ତୁନିହ ! ମୋତେ କହ କଣ ହୋଇଛି ତୋର । ମୁଁ ପର ନୁହେଁ ଚମ୍ପା ! '

" ମୋର କିଛି ହୋଇନି ଜଗା'ଇ ! ଯାହା ପାଇଁ କାନ୍ଦୁଛି ତାର ଖବର ନାହିଁ ।

" ଏଁ ଭାଇ ! ' ବିସ୍ମିତ ହେଲା ଜଗୁ । ଆଜି ଅନେକ ଦିନ ପରେ କଥା କହୁଛି ଚମ୍ପା ! ପିଲା ବେଳେ ଜଗା'ଇ ଜଗା'ଇ ତାକୁ ବ୍ୟସ୍ତ କରୁଥିଲା । କିନ୍ତୁ କଲିକତାରୁ ଫେରିଲା ପରେ କଥା ସୁଦ୍ଧା କହୁନି ।

ଜଗୁର ଦେହ ଗୋଟାକ ଶିହରି ଉଠିଲା । ଗୋଟିଏ ସଂପୂର୍ଣ୍ଣ ନୂତନ ଅନୁଭୂତିର ସ୍ପର୍ଶ ଅନୁଭବ କରୁଛି । କଲିକତିଆ ରଂଗ ମଉଳି ପଡ଼ିଲା ମନରୁ । ନିଜକୁ ପ୍ରକାଶ କରିବାର ଗୋଟିଏ ଅଦମ୍ୟ ଉତ୍ସାହ ଦେଖା ଦେଲା ।

ତାର ଭାଇ ନାହିଁ କି ଭଉଣୀ ନାହିଁ । ପିଲାବେଳୁ ବାପାକୁ ହରାଇ ପ୍ରବାସରେ କାଳ କାଟିଲା । ବାପା ଥିଲେ କଲିକତା କିଏ ଆଉ ସେ କିଏ ? କଲିକତାରେ ଯାବତୀୟ ନିର୍ଯ୍ୟାତନାର ବୋଝ ବୋହୁ

ହନ୍ତସନ୍ତ ହୋଇଛନ୍ତି । ତାହାର ମୁହଁରେ ମିଠା ନାହିଁ । ଖାଲି ଆଦେଶ ଆଉ ଇଙ୍ଗିତ । ବୁଦ୍ଧି ହେଲା ଦିନୁ ଗୋଟିଏ ମାତ୍ର ସମ୍ବନ୍ଧର ସ୍ୱାଦ ସେ ଚାଖିଛନ୍ତି । ସେ ସମ୍ବନ୍ଧ ପ୍ରଭୁ ଆଉ ଦାସର । ଧନୀ ଆଉ ଗରିବର । କୋଉଠିଲାଠୁ ଅଫୁର ପିତା । ଏବେ ଗାଁକୁ ଫେରି ପାଁ' ଜଣଙ୍କ ମୁହଁରୁ ଶୁଣୁଛନ୍ତି ଜଗୁ ବାବୁ ବୋଲି । ଏସବୁ ଉପର ଠାଉରିଆ ମନରଖା ତାଙ୍କ । ସେ ତାଙ୍କର ଗୁରୁତ୍ୱ ନାହିଁ । ସେ ନିଜେ ଜାଣେ ଯେ ଜଗୁ ଗୁଡ଼ିକର--- ଆଉ ଚିରଦିନ ଗୁଡ଼ିକର । ବାବୁ ହୋଇ ପାରେନା ।

ଚମ୍ପାର ଏହି ଭାଇ ଡାକ ତାର ଜୀବନ ବୀଣାରେ ଗୋଟିଏ ନୂତନ ମୂର୍ଚ୍ଛନା ସୃଷ୍ଟି କଲା । ସେହି ମୂର୍ଚ୍ଛନା ଶିରା ପ୍ରଶିରାରେ ମିଶିଯାଇ ସମୁଦାୟ ଅଂଗକୁ ପୁଲକିତ କଲା । ଶରୀରରେ ଶରୀରରେ ସେହି ଭାଇ ଡାକର ପ୍ରତିଧ୍ୱନୀ ଖେଳି ମନ ଭିତରେ ଗୋଟିଏ ସ୍ୱର୍ଗୀୟ ଅନୁଭୂତି ଢାଳି ଦେଲା । ସେ ପ୍ରକୃତିସ୍ଥ ହୋଇ ସଂକଳ୍ପ କଲା,--- ହଁ ଚମ୍ପା ତାର ଭଉଣୀ ! ପେଟର ନୁହେ ଧର୍ମର ! ମନ ଭିତରୁ ତାର ସମସ୍ତ କାଳିମା ପୋଛି ହୋଇଗଲା । ନିଜକୁ ସେ ଅତି ପବିତ୍ର ଭାବରେ ପ୍ରକାଶ କରି ପାରିବ ।

ଜଗୁ ଅନାଇଲା ଚମ୍ପା ମୁହଁକୁ । ସେ ମୁହଁରୁ ସତେ ଯେପରି ଦୁଃଖର ଝରଣା ଝରୁଛି । ଦେହ ସାରା କଳା ପଡ଼ି ଗଲାଣି । ଚମ୍ପା ଏକ ଲୟରେ ଅନାଇଛି ଜଗୁ ମୁହଁକୁ । ସେହି ଦୃଷ୍ଟିରେ ଆଜି ଆଉ ଲଜ୍ଜା ନାହିଁ କି ସଂକୋଚ ନାହିଁ । ଅତି ସରଳ ଦୃଷ୍ଟି । ଜଗୁ ପଚାରିଲା---

" କାହାର ଖବର ବୁଝୁନୁ ଚମ୍ପା ? "

ଜଗୁକୁ ଘର ଭିତରକୁ ଆସିବାକୁ ଅନୁରୋଧ କଲା ଚମ୍ପା । ଘରେ ବଉ ନାହିଁ କି ରମ୍ଭା ନାହିଁ । ଗାଧୋଇବାକୁ ଯାଇ ଫେରି ନାହାନ୍ତି ଅଫୁର ।

ଜଗୁ ବାଡ଼ ବଙ୍କାଇ ଚମ୍ପା ଘରକୁ ଆସିଲା ।

ଚମ୍ପା କବାଟ ଫିଟାଇ ସଙ୍ଗରେ ନେଲା ଜଗୁକୁ ।

ଜଗୁ ଦେଖିଲା ଘରେ କେହି ନାହିଁ । ଏତେ ବଡ ଚଉଁରୀରେ ଚମ୍ପା ଆଉ ସେ । ମଣିଷର ଦୁର୍ବଳତା ତ ! କେତେବେଳେ କଣ ହୋଇ ଯାଇପାରେ । ପଛକୁ ମନେ ପକାଇ ପଶ୍ଚାତ୍ତାପ କରିବା ହିଁ ସାର । ପଚାରିଲା--- 'ମାଉସୀ କାହାନ୍ତି ଚମ୍ପା'।

"ନାହାନ୍ତି । ରମ୍ଭା ସଙ୍ଗରେ ଗାଧୋଇବାକୁ ଯାଇଛନ୍ତି ।"

'ତୁ ଗାଧୋଇଛୁ ?'

'ହଁ'।

'ଠିକଏ ନିର୍ମାଲ୍ୟ ଦେଲି ହାତରେ - - - -'

ଚମ୍ପା କିଛି ବୁଝି ନପାରି ଜଗୁ ମୁହଁକୁ ଅନାଇ ରହିଲା ଅବାକ୍ ହୋଇ ।

ଜଗୁ ସେ ଗୁହାରୀର ଅର୍ଥ ବୁଝି କହିଲା--- 'ହଁ ଚମ୍ପା ! ଆଜିଠୁ ତୋର ଏହି ଜଗୁ ଭାଇ ତାଙ୍କୁ ମୁଁ ନିଷ୍ଠପୂ ସମ୍ମାନ କରିବ । ଆଉ ତାକୁ ସବୁ ଦିନ ମନେ ରଖିଥିବ । ତୁ ପେଟର ଭଉଣୀ ନ ହେଲେ ହେଁ ଧର୍ମର ଭଉଣୀ ହେବୁ । ନିର୍ମାଲ୍ୟ ହେବ ତାର ସାକ୍ଷୀ ! ଆଉ ତୋର ଦୁଃଖ ଦୂର କରିବାକୁ ଜୀବନ ପଣ କରି ଲଢିବ । ଏ ସବୁ କାହିଁକି ଜାଣୁ ଚମ୍ପା ?' ଠିକଏ ରହି ପୁଣି କହିଲା--- 'ତୋର ରୂପ-ଯଉବନ ଦେଖିଦେଖି ମୋର ସଂକୀର୍ଣ୍ଣ ମନରେ ଝଡ ଖେଳୁଥିଲା । କାମନାର ନିଆଁ ରଡ ଭିତରେ ମୁଁ ବିଦଗ୍ଧ ହେଉଥିଲି । ଅନେକ କୁସ୍ୱପ୍ନରେ ବୁଡାଇ ରଖିଥିଲି ନିଜକୁ । ଆଜି ସେ ନିଆଁ ନିର୍ବାପିତ

ହେଉ ଆଉ ସୁସ୍ୱପ୍ନ ସୁସ୍ୱପ୍ନର ଅଗ୍ରଦୂତ ହେଉ । ନିର୍ମାଲ୍ୟ ସ୍ପର୍ଶରେ ନାଙ୍କୁ ପବିତ୍ର କରିଦିଅନ୍ତୁ ଗୃହଦେବୀ ଚମ୍ପା--- ଦେ' ହାତରେ ନିର୍ମାଲ୍ୟ ଦେ ।'

ଚମ୍ପା ବାଧ୍ୟ ଶିଶୁଟି ଭଳି ଜଗୁ ହାତରେ ଦେଲା ନିର୍ମାଲ୍ୟ । ଅଧେ ଖାଇ ଚମ୍ପାକୁ ଆଉ ଅଧକ ଖୁଆଇ ମୁଣ୍ଡ ଉପରକୁ ହାତ ନେଲା ଜଗୁ ।

ଚମ୍ପାର ହୃଦୟ ଗୋଟିଏ ଅଜଣା ପୁଲକରେ ନାଚୁଥାଏ । ଜଗୁ ପ୍ରତି ସ୍ଥାଏଁ ସ୍ଥାଏଁ ଗୋଟିଏ ଭିନ୍ନ ଭାବ ଜାଗ୍ରତ ହେଲା । ସେ ମଧ୍ୟ ପ୍ରକାଶ୍ୟରେ କହିଲା - - -" ହଁ ଜଗା'ଇ ତମେ ମୋର ଧର୍ମର ଭାଇ !"

ଅଳ୍ପକ୍ଷଣ ପରେ ଜଗୁ କହିଲା ----- " ଆଚ୍ଛା ଚମ୍ପା ! କଣ କହୁଥିଲୁ ସେତେବେଳେ ରହିଗଲୁ ଯେ -----?"

ଚମ୍ପା ରହି ରହି କହିଲା --- " ସିଏ ଜରରେ ପଡ଼ିଛନ୍ତି ପୂରୀରେ, ଅନେକ ଦିନ ହେଲା ଖବର ମିଳିନି' । ମନ ତମୋର ଘାଣ୍ଟି ହେଉଛି । କାହାକୁ କହିଲେ କିଏ ଶୁଣିବ ? ବାଧ୍ୟ ହୋଇ ତମକୁ କହୁଛି ତମେ ଟିକିଏ ଯାଇ ଦେଖି ଆସନ୍ତକ !"

" କାହାର ? ଶାମ କଥା କହୁଛୁ ତ ?"

" ହଁ ତାଙ୍କର କଥା । ଆଉ ମୋର ଜଗା'ଇ କିଏ ଅଛି ଦୁନିଆରେ । ସେହି ମୋର ଆଶା ଭରସାର ଆଧାର ସିନା !"

ଜଗୁ ଆଶ୍ଚର୍ଯ୍ୟ ହୋଇ କେତେ କଣ ଭାବିଗଲା ମନ ଭିତରେ । ଶେଷକୁ ପଚାରିଲା-- " ତୁ ଶାମକୁ ଖୁବ୍ ଭଲ ପାଉ --- ନୁହଁ ?"

ଚମ୍ପାର ମୁହଁ ରଂଗା ପଡ଼ିଗଲା । ତଳକୁ ମୁଣ୍ଡ ପୋତି ପାଦର ବୁଢା ଆଙ୍ଗୁଳିରେ ମାଟି ଖୋଷୁଛି । ଜଗୁ କହିଲା ଆଚ୍ଛା ହଉ ମୁଁ

ଗୁଲିଲ ଚମ୍ପା । ମୋ' ବଉ ଆସିଲେ କହିବୁ ଜଗୁ ଜରୁରି କାମରେ ପୁରୀ ଗଲା । ସେ ବୁଝିଯିବ । ଆଉ ଯେଉଁଦିନ ତୋର [illegible] । ସେଦିନ ଶାମକୁହିଁ ସଙ୍ଗରେ ନେଇ ଫେରିବ ।

ଚମ୍ପା' ମୁଣ୍ଡରେ ଅସରନ୍ତି ଭାବନାର ଝଡ଼ । ଜଗାଇ କେତେ ସାହସରେ କଥା ଦେଇ ଗଲା । କିନ୍ତୁ ଖବର ଅନ୍ତର କିଛି ନାହିଁ । ପୁରୀରେ କଣ କରୁଛି ବସି ବସି ? ମନର ଓରମାନ ମେଣ୍ଟାଇବାକୁ ଯାହା ଇଚ୍ଛା ତାହା ବକିବାରେ ଲଗିଲା । ଯାହା କରି ପାରିବନି, ସେ କଥା କହିବ କାହିଁକି ? ଚମ୍ପା ମନେ ମନେ ଭାବୁଛି, ପୁରୁଷ ଜାତଟା ବୋଧହୁଏ ଏଇମିତି । କେତେ କଥା କହନ୍ତି, କିନ୍ତୁ କରିବାକୁ ଭୁଲି ଯାଆନ୍ତି, ଖାଲି ମନରଖା ଆଶ୍ୱାସନା ।

କଣ ହେଲା ଶାମ ବାବୁଙ୍କର । ତାଙ୍କର ସେବା କରି କରି ବାପା ମଧ୍ୟ ଜରରେ ପଡ଼ିଲେ । ବୁଢ଼ା ବୟସ । ଦେହରୁ ବଳ ଖସିଲାଣି । କେତେବେଳେ ଯଦି କଣ ହୋଇଯାଏ ? ରମ୍ଭା ଉଦ୍‌ବେଗ ବିକଳ ହୁଏ । ଦେହ ସିନା ଗାଁରେ ମନ ଯାଇ ଚକର ଖାଉଚି ପୁରୀରେ ।

ଚମ୍ପାବଉ ଆସି ରମ୍ଭା ଆଉ ଚମ୍ପାକୁ ପ୍ରବୋଧନା ଦେବାକୁ କହନ୍ତି " ଆମର ହାତରେ ଅଛି କଣ ? ଭାବିବା ସିନା ମିଛକୁ । ପୁରୀ ସହରରେ ବଡ ବଡ ଡାକ୍ତର, କବିରାଜ । ସେମାନେ କଣ ଦେଖୁ ନଥିବେ ଯେ ! ତାପରେ ଶ୍ରୀକ୍ଷେତ୍ରରେ ଅଛନ୍ତି । ଜଗନ୍ନାଥଙ୍କ ପାଦତଳେ କହିବାକୁ ହେବ । ସେହି ଚକାଡୋଳା କାଳିଆ କଣ ଦୁଃଖ ବୁଝିବ

ନାହିଁ ? ଜଗତର ନାଥ ଜଗନ୍ନାଥଙ୍କୁ ଗୁହାରି କର ମା ! ଭାବିଲେ କାରଣ ନାହିଁ ।"

ଚମ୍ପା ବାଉ ଚୁପ ଯାଆନ୍ତି । ଝିଅ ମାନଙ୍କ ଆଗରେ ଆଖି ପୋଛିବାକୁ ପସନ୍ଦ କରନ୍ତି ନାହିଁ ।

ଚମ୍ପାର ଆଖି ଆଗରେ ଶାମର ସେହି ପୁରିଲ ପୁରିଲା ମୁହଁଟି ଝଲସି ଉଠେ । କେତେ ଦିନର ମଧୁର ସ୍ମୃତି ମନେ ପଡ଼େ ।

କିନ୍ତୁ ସେ ଜରରେ ପଡ଼ିଛନ୍ତି ପୁରୀରେ । ଦେହ ମୁହଁ ଶୁଖି ଯିବଣି - - - - ମୁଣ୍ଡର ବାଲ ଟୋଛ ପାଲଟି ଯାଇଥିବ । ଦେହରେ ଖାଲି କଣ୍ଟା ଖଣ୍ଡେ ହୋଇଥିବ । ସେ ବିବର୍ଣ୍ଣିଆ ମୁହଁକୁ କଳ୍ପନା କରି ପାରେନି' ଚମ୍ପା । ପୁରୀ ସହର କେତେ ଦୂରରେ । ପାଖ ହୋଇ ଥାଆନ୍ତାକି ! ଯିଏ ଯାହା କହନ୍ତୁ ପଛକେ ମୁହଁମାରି ଆସନ୍ତା । ସୁବିଧା ପାଇଲେ ଗୋଡ଼ ପାଖରେ ବସି ଦେହ ମୁଣ୍ଡ ଆଉଁସି ଦିଅନ୍ତା । ଉଜାଗର ରହି ସେବା କରନ୍ତା । ତାର କିନ୍ତୁ ସେ ଭାଗ୍ୟ କାହିଁ? ପୁରୀ ଯେ ଅନେକ ଦୂରରେ ! ଆଖି ପାଏନି' । ଜଗନ୍ନାଥ ତୁମେ ଦୟା କର ! ଦୟାର ସାଗର ବୋଲି ନାମ ପାଇଛ ପରା ! !

ଏତିକି ବେଳେ ତାର ଆଖିଟା ଦି' ଥର ଡେଇଁ ଉଠିଲା । ରମ୍ଭା ତେଣେ ବାଡ଼ିପଟୁ ଧାଇଁ ଆସି କହୁଛି --- 'ସାଙ୍ଗଲୋ ! କଳା କାଉଟିଏ କୁଆଡ଼ୁ ଉଡ଼ି ଆସି ଖଞ୍ଜା ପାଖରେ ଚୁଉଲ ଖାଇ ଦେଉଛି ! ନିଶ୍ଚୟ ଆଜ ପୁରୀରୁ କିଏ ଆସିବ ନ ହେଲେ ଖବର ଆସିପାରେ !'

ଚମ୍ପାବାଉ ଦାଣ୍ଡପଟୁ ପାଟିକଲେ ---" ଚମ୍ପାଲୋ ! ଡାକୁଆ ଆସିଛି । କଣ ଚିଠି ଅଛି ବୋଲି ସନ୍ତକ ମାଗୁଛି ।"

ଚମ୍ପା ଆଜ ରମ୍ପା ଡାକୁଆ ପାଖକୁ ଧାଇଁଲେ । ଡାକୁଆ ସନ୍ତକ ନେଇ ଚିଠି ଦେଲା ।

କିଏ ଚିଠି ଦେଇଛି ? କେଉଁଠୁ ଅସିଛି ? ଶ୍ୟାମବାବୁଙ୍କର ଦେହ ଭଲ ଅଛିଟି ! ଚମ୍ପା ମନରେ ସହସ୍ର ପ୍ରଶ୍ନ । ଲଫାପା ଉପରେ ଦେଖିଲା ପୁରୀରୁ ଆସିଛି । ଛାତିର ସ୍ପନ୍ଦନ ଦୁଇଗୁଣ ବଢ଼ିଗଲା । ମୁହଁରେ ଖାଲି ଉଦ୍‌ବେଗର ଆଭାସ । ମନର ଚଞ୍ଚଳତାକୁ ଚାପି କହିଲା; ଚିଠି ଆସିଲାଣି ଏତେଦିନ ହେଲା ଆଉ ଟିକିଏ ସହିଲ ଆଣିଲ ନାହିଁ ? ଏକ୍‌ସପ୍ରେସ୍ ଚିଠି ପରା !

ଡାକୁଆର ମୁହଁ ଶୁଖି ଗଲା । କହିଲା " କାଲି ଆଉ ପଅରଦିନ ଦ'ଦିନ ଦରବିତ ଧରି ଯେଉଁ ବର୍ଷା ସାଙ୍ଗକୁ ସୁଆତି ପବନ । ବଡ଼ ବଡ଼ ମହାମେରୁ ଗଛ ଉପୁଡ଼ି ପଡ଼ିଛି --- କେତେ ଘର ଭାଙ୍ଗି ଯାଇଛି । କେତେ ପଶୁପକ୍ଷୀ ଅଶ୍ରା ହରାଇ ମରି ଶୋଇଲେ ---- ରାସ୍ତାରେ ଆଣ୍ଠୁଏ ପାଣିର ଧାର । କେମିତି ଆସିଥାନ୍ତି କହିଲ ଦେଖି ?"

ଚମ୍ପା ବଉ କହିଲେ - - " ହଁରେ ପୁଅ ! ଦୁର୍ଯୋଗ ପଡ଼ିଲେ ଏମିତି ବର୍ଷା ଆସେ । ମେଘ ଆକାଶରେ ଚନ୍ଦ୍ର ସୂର୍ଯ୍ୟ ଲୁଚି ଯାଆନ୍ତି । ଦୁନିଆ ଅଂଧାର ହୁଏ । ସେ ଗୋଟିଏ ବିପତ୍ତିରେ ପୁଅ ମହା ବିପତ୍ତି । ଏହିଭଳି ଏକ ଦୁର୍ଯୋଗ ରାତିରେ ଚମ୍ପାର ବାପ ପରା ଚାଲିଗଲେ । ଉଃ ସେ ଯେଉଁ ଝଡ଼ ଆଉ ଅଂଧାର !" ଚମ୍ପା ବଉ କାନ୍ଦି ଉଠିଲେ----।

ଚମ୍ପା ତର ତର ହୋଇ ଚିଠି ଖୋଲୁଛି । ଡାକୁଆ ଚାଲି ଗଲାଣି । ଚିଠି ଖୋଲୁ ଖୋଲୁ ହାତ ଥରୁଥାଏ । ଚମ୍ପା ପ୍ରଥମେ ଚିଠିଟାକୁ ମୁଣ୍ଡ ଉପରେ ରଖି ଅଜଣା ଦେବତାକୁ ପ୍ରଣତି ଜଣାଇଲା ।

ଚିଠି ଉପରେ ଛଅଟି ଲୁହ ବିନ୍ଦୁ ଆଖି - - - - ଆଉ ତଳେ ଚିଠି ହୃଦୟର ମାୟା ମମତା ।

ଚମ୍ପା ମନେ ମନେ ଏକା ନିଶ୍ୱାସରେ ଚିଠିଟି ଅମୂଳଚୂଳ ପଢିଗଲା । ଲେଖା ଅଛି - - - -

ପୁଷ୍ପ

ତା ୧ - ୪ - ୫୯

ସ୍ନେହର ଭଉଣୀ,

ସେ' ଦିନ ଗାଡ଼ି ଲେଟ୍ ଥିଲା ବୋଲି ପୁରୀରେ ପହଞ୍ଚିଲା ବେଳକୁ ରାତି ଅଠଟା । ଠିକଣା ବୁଝି ବୁଝି ବସାରେ ପହଞ୍ଚିଲି ଘଣ୍ଟାକ ପରେ । ମୁଁ ଗଲା ବେଳକୁ ଶ୍ୟାମବାବୁଙ୍କର ଟାଇଫଏଡ୍ ଜର ଛାଡ଼ି ଯାଇ ଥିଲା । ବେଶ୍ ସୁସ୍ଥ ହୋଇ କଥାବାର୍ତ୍ତା ହେଉଥାନ୍ତି । ରମନନାଙ୍କୁ ରାତି ଅନିଦ୍ରା ହେତୁ ଇନ୍‌ସମ୍ନିଆ ଧରିଲା । ଡାକ୍ତର କହୁଥିଲେ ଦିନେ ଦି'ଦିନ ଭିତରେ ସଂମ୍ପୂର୍ଣ୍ଣ ଆରାମ ହୋଇ ଯିବେ ।

ଶ୍ୟାମବାବୁ ଆଉ ତାଙ୍କର ବାପାଙ୍କୁ ଚିହ୍ନି ହେଲା ନାହିଁ । ଟାଇଫଏଡ୍ ଜର ପୁଣି ଏମିତି କରେ ? ଦେହରେ କଣ୍ଟା ଖଣ୍ଡେ ରଖି ଯାଇଛି । ବୁଢ଼ା ସେତେ ଶୁଖି ନଥିଲେ ମଧ୍ୟ ଦୁର୍ବଳ ହୋଇ ଯାଇଛନ୍ତି ।

ରାମ ଭାଇ ଆଉ ଭାଉଜ ଆସିବା ପୂର୍ବରୁ ଦାଶରଥିବାବୁ ବରାବର ପାଖରେ ଥିଲେ । ରମନନାଙ୍କ ମୁହଁରୁ ଶୁଣିଲି ସେ' ଅନେକ ସେବା କରିଛନ୍ତି । ରାତି ଦିନ ଅନିଦ୍ରା ରହି ଭଲ ମନ୍ଦ ବୁଝିଲେଇଛନ୍ତି । ଭାରି ଭଲ ମଣିଷଟିଏ । ତାଙ୍କ ସଙ୍ଗରେ କଥା ହେଲେ ମନ ପୂରି ଉଠେ । ଘଡ଼ିକରେ ପରକୁ ଆପଣାର କରନ୍ତି । ଗୁଣ ଯେମିତି ରୂପ ତା'ଠୁ ବଳି । ଅତି ସୁନ୍ଦର ସ୍ୱାସ୍ଥ୍ୟ । ଶୁଣିଲି ରମ୍ଭା ସଙ୍ଗରେ କୁଆଡ଼େ ଏ' ବାବୁଙ୍କର ସମ୍ବନ୍ଧ ପଡ଼ିଛି । ଖୁବ୍ ଭଲ ହେବ ।

ସୁମନନା କୁଆଡେ ଆସିଲୁ ବୋଲି ପଚାରିବାରୁ କଥା ବାଁରେଇ ଦେଲି । କିନ୍ତୁ କାଲି ସେହି ଦାଶରଥି ବାବୁଙ୍କ ସଙ୍ଗରେ ସମୁଦ୍ରକୂଳ ଆଡେ ବୁଲି ଯାଇଥିଲି । ତାଙ୍କୁ ସବୁକଥା ଫିଟାଇ କହି ଦେଲି । ସେ କହୁଥିଲେ ତୁ' କୁଆଡେ ତାଙ୍କର ଭଉଣୀ ହେବୁ । ସୁମନନାଙ୍କ କୁହା ବୋଲରେ ଆମେ ଗଲାବେଳେ ସଙ୍ଗରେ ଯିବାକୁ ରାଜି ହୋଇଛନ୍ତି । ତୋର କଥା ଓ ମାଉସୀ କଥା ଗୁଡେଇ ତୁଡ଼େଇ କରି ପଚାରିଲେ । ଦୁଃଖ ଶୁଣି କାନ୍ଦ ପକାଇଲେ । ମୋର ମନେ ହେଲା ତୁ' ତାଙ୍କର ପିଠିର ଭଉଣୀଟିଏ । ଗଲେ ଦେଖିବୁ ନାହିଁ କି ?

ହଁ ଆଉ ଗୋଟିଏ ମଜାକଥା ଲେଖୁଛି । ଶାମବାବୁଙ୍କ ସଙ୍ଗରେ କୁଆଡେ ଏହି ଦାଶରଥି ବାବୁଙ୍କର ଲେଖାଯୋଖା ବଡବାପା ପୂର୍ଣ୍ଣେନ୍ଦୁ ବାବୁଙ୍କର ଛନୋଟି ଝିଅର ସମ୍ବନ୍ଧ ପଡ଼ିଥିଲା । ଗୋଟିଏ ପାଣି ପାଇଁ ଛନୋଟି ପାଣି ଏକା ବେଳେକେ ! କିନ୍ତୁ ଶାମବାବୁ କିଛି କହିବା ପୂର୍ବରୁ ଝିଅମାନେ କୁଆଡେ ଶାମବାବୁଙ୍କୁ ବାହା ହେବାକୁ ମନା କରି ଦେଲେ । ଅଜବ ଝିଅ ହୋଇଥିବେ - - ନୁହେଁ ? ଦାଶରଥିବାବୁ କହୁଥିଲେ ସେ ଗୁଡିକ ଝିଅ ନୁହଁନ୍ତି ସେ ରଣଚଣ୍ଡି । ପାଠ ଗୁଡ଼ିଏ ପଢି ଉଦ୍‌ମତ୍ତ ହୋଇଛନ୍ତି । ଭଲ ହେଲା; ସମ୍ବନ୍ଧ ଭାଙ୍ଗିଲା । ଶାମବାବୁ ମନା କରିବା ପୂର୍ବରୁ ପୂର୍ଣ୍ଣେନ୍ଦୁବାବୁ ସେ କଥା ଲେଖି ଚିଠି ଦେଇଛନ୍ତି ବୋଲି ଶୁଣିଲି । କିନ୍ତୁ ତାଙ୍କର କାଟଣାଟି ଝିଅ ଲାଗି ପାଇଁ ଆଶା ଦେଇଛନ୍ତି । ପୂର୍ଣ୍ଣେନ୍ଦୁବାବୁ ଥିଲେ ଟିକିଏ ଯାଇ ଦେଖି ଆସିଥାନ୍ତି । କିନ୍ତୁ ପୁରୀରେ ଦଶଦିନ ରହିବାକୁ ଆସି ପାଂଚ ଦିନରେ ସିଏ ଚାଲିଗଲେ ।

ଦାଶରଥିବାବୁ ତୋ' ବିଷୟରେ ଭାରି ଆଗ୍ରହୀ । ମୋତେ କଥା ଦେଇଛନ୍ତି - - ଶାମବାବୁଙ୍କୁ ଯେ କୌଣସି ମତେ ରାଜି କରାଇବେ ।

ଶାମବାବୁଙ୍କ ମୁହଁରେ ତୋହର ପ୍ରଶଂସା ସେ ଅନେକ ଥର ଶୁଣିଛନ୍ତି । ଖାଲି ବୁଢ଼ା ବୁଢ଼ୀ ରାଜି ହେଲେ ହେଲା ।

ଆଜି ଏତିକି । ଆମେ ପୂର୍ଣ୍ଣିମାଟି ପୁରୀରେ କଟାଇ ଘରକୁ ଫେରୁଛୁ । ରମ୍ଭା ଓ ମାଉସୀଙ୍କୁ ଏ ଖବର ଜଣାଇ ଦେବୁ । ଇତି ।

ତୋର ଶୁଭକାଂକ୍ଷୀ

"ଜଗାଇ"

ଚମ୍ପା ମନକୁ ମନ ଚିଠି ପଢିଲା ବେଳେ ରମ୍ଭା ଆଉ ତା' ବଉ ରଖେଇ ବସେଇ ଦେଉ ନାହାନ୍ତି । ହଜାର ପ୍ରକାର ପ୍ରଶ୍ନ । ଚମ୍ପା ସଂକ୍ଷେପରେ କହିଲା -- "ପୁରୀରୁ ଜଗା'ଇ ଚିଠି ଦେଇଛି । ସମସ୍ତେ ଭଲ ହେଲେଣି ପୁନେଇଁ ପରେ ଆସିବେ ।" ଚମ୍ପାବଉ ଆଉ ରମ୍ଭା ସ୍ୱସ୍ତିର ନିଶ୍ୱାସ ମାଇଲେ । ଯେପରି ମୁଣ୍ଡ ଉପରୁ ପର୍ବତ ଓହ୍ଲାଇ ଗଲା । ବୁଢ଼ୀ ଏ କଥା ପ୍ରଚାର କରିବାକୁ ପଡ଼ିଶା ଘରକୁ ଚାଲିଗଲେ ।

ରମ୍ଭାର ମନ ଚିଠିରେ । ଜଗାଇ ଆଉ ଚିଠି ଉପରେ ଲକ୍ଷେ ଭାବନାର ଢେଉ । ସେଇଟିକୁ ଜବରଦସ୍ତି ଟାଣି ନେବାକୁ ସୁବିଧା ଉଣ୍ଡୁଛି ।

ଚମ୍ପା ରମ୍ଭାର ମନକଥା ବୁଝି ନେଲା । ଚିଠି ପଢିଲା ବେଳୁ ମନଟି ହାଲୁକା ଲାଗୁଛି । ଅକାରଣରେ ହେଲେବି' ହସିବାକୁ ଇଚ୍ଛା ହେଉଛି । ଆଖିରେ ଆଉ ଉଦାସ ନାହିଁ । ଅଛି ସ୍ନିଗ୍ଧ ଉଲ୍ଲାସ । ଚମ୍ପା ମନେ ମନେ ଜଗାଇକୁ ଢେରେ ପ୍ରଶଂସା କଲା --- ଉପକାରୀ ମଣିଷଟାଏ ଦୁଃଖ ଦେଖିଲେ ସହି ପାରେନି' । ଲଗାମଛଡା ହୋଇ ପ୍ରବାସରେ ଥିଲା ବୋଲି ସିନା ଛତରା ହୋଇ ଯାଇଥିଲା, ଘରେ ରହିବାର ଦି'ନ କେଇଟାରେ ବଦଳି ଗଲା । ନ ହେଲେ ସେ କିଏ

ଆଉ ଜଗାଇ କିଏ ? କଥା ପଦକେ ଧାଇଁ ଯାଇଥାନ୍ତା କେମିତି ? ଜଗାଇର ହୃଦୟ ଅଛି -- ପୁଣି ମନ କଥା ଜାଣିଲା ଭଳି କାମ କରେ ।

ରମ୍ଭା ଅଭିମାନ କରି କହିଲା "ଚିଠି ଦେବୁନି ସାଙ୍ଗ ? ହଁ ତୋର ଚିଠି ତୋ ଜିନିଷ । ନ ଦେଲେ କଣ ଜବରଦସ୍ତି ଅଛି ?"

ରମ୍ଭାର ମୁହଁ ଫୁଲା ଝାଅଁସିଆ କଥା ଶୁଣି ଚମ୍ପା ହସିଲା କହିଲା " ଖାଲି ମୋର ଜିନିଷ ନୁହଁଲୋ ସାଙ୍ଗ ! ତୋର ମଧ୍ୟ ।"

" ତା ହେଲେ ଦଉନୁ ନାହିଁ ---"

" ମୁଁ କଣ ଦେଲା ଯାଏ ରହିବ ? ସେ ପରା ତା ମନକୁ ଆସୁଛି । ନେଇ ପାରିଲେ ହେଲା ।"

" ଦବୁ ନା ନାହିଁ ସେ ---"

" ଦେବ; କିନ୍ତୁ ଗୋଟିଏ ସର୍ତ୍ତରେ ।"

" ସେ ପୁଣି କଣ ?"

" ଚିଠିଟି ଆମୂଳଚୂଳ ପାଟିକରି ପଢିବୁ ।"

" ରାଜି ।"

" କାହିଁ ମୋ ରାଣ ପକାଇଲୁ ?"

" ଶ୍ଳେଷପରୀହା ଦେଖାଇ ହଉଛୁ । ହେଲା ଏବେ ପାଟି କରି ପଢିବ ।"

ଚମ୍ପା ହାତରୁ ଚିଲ ଭଳି ଚିଠିଟିକୁ ଝାମ୍ପିନେଇ ବଡ ପାଟିରେ ମନ ଖୁସିରେ ପଢୁ ପଢୁ ଅଧ ବାଟରେ ଅଟକି ଗଲା ରମ୍ଭା । ଦାଶରଥିର କଥା ଯେଉଁଠୁ ଅଛି ଚୁପ୍ ଚୁପ୍ ପିଇଗଲା ସେ ଖଣ୍ଡକ ।

" କିଲୋ ସାଙ୍ଗ ! ପଢୁନୁ ପାଟିକରି ।"

" ଉତ୍ତମ ଠିକଏ ।"

" ହଁ ଆଉ କଏ ଦେଲା ! ଦାଶରଥି ସଙ୍ଗରେ ମିଶିଗଲୁ ବୋଧହୁଏ ।" ଚମ୍ପା ଏଥର ବଡ ପାଟିରେ ହସିଲା ।

କିନ୍ତୁ ରମ୍ଭା ଚିଠି ପଢା ଶେଷ କରି ହସିବାକୁ ଆରମ୍ଭ କଲାବେଳେ ଚମ୍ପା ଚୁପ୍ ହୋଇ ଯାଇଛି ବୋଧହୁଏ ଶାମ ଆଉ ତାର ସମ୍ବନ୍ଧ କଥା ଭାବୁଛି । ମୁହଁ ଉପରେ ଚିନ୍ତାର ଛାଲ ।

ଚମ୍ପାର ଏହି ଭାବନାଭେଳ ମୁହଁକୁ ଦେଖି ରମ୍ଭା କହିଲା ---

" ଚିନ୍ତା ନାହିଁ ସାଙ୍ଗ ! ମୁଁ ତୋ' ସଙ୍ଗରେ ଅଛି । ସାଙ୍ଗ ନ ହୋଇ ଆଉ ଥରେ ଭାଉଜ ହେବୁ । ଏଇମାତ୍ର ! ବାପା ବଉଙ୍କୁ ରାଜି କରାଇବା ଭାର ମୋ' ଉପରେ ଛାଡ଼ିଦେ ।"

ଚମ୍ପା କଣ ବୁଝିଲା କେଜାଣି ରମ୍ଭାକୁ ଯାଇ କୁଣ୍ଢାଇ ଧରିଲା । ଉଭୟେ ଉଭୟଙ୍କ ଦେହରେ ମିଶି ଗଲେ ଯେପରି । କେତେ ନିବିଡ ସେହି ଆଲିଙ୍ଗନ । ଚମ୍ପା ଆଖିରୁ ଉଚ୍ଛ୍ୱାସର ଲୁହ ବୋହିଲା । ସତେ ଯେପରି ଗଙ୍ଗା ଯମୁନାର ସଂଗମ ।

ରମ୍ଭା ସାଙ୍ଗର କାନ୍ଧ ଉପରେ ହାତ ରଖି କହିଲା--- " କେତେ ସୁନ୍ଦର ହବଲେ ସାଙ୍ଗ ! ଆମ ଘର ପୂରି ଉଠିବ । ତୁ ଭାଉଜ ହେଲେ ମୁଁ ତୋର ଠିକ ନଣନ୍ଦ ହେବି । ପାଖରେ ବସି ଅଝଟ କରିବି ।"

ପୁନେଇଁ ଆଉ କେତେ ଦିନ ! ରମ୍ଭା ଆଉ ଚମ୍ପା ଖାଲି ଆଙ୍ଗୁଠି ଗଣି ଗଣୁ ଥାଆନ୍ତି । ଦିନ କେତେ ଦୂରେଇ ଯାଉଛି ସତରେ ! ଯେମିତି ମୁହୂର୍ତ୍ତକ ଘଣ୍ଟାଏ ଭଳି ଜଣା ପଡୁଛି । ଶେଷକୁ

ଅଭିଳଷିତ ପୁତ୍ରଙ୍କ ପାଖେଇ ଆସିଲା ।

ଚତୁର୍ଦ୍ଦଶୀ ରାତ୍ରିକୁ ଘଉଡ଼ି ଦେଇ ପୁନେଇ ସକାଳ ଆସିଲା । ସୁନ୍ଦର ଆଉ ସୁସ୍ଥ ସକାଳଟିଏ । ଆକାଶରୁ ମେଘ ଦୂରେଇ ଯାଇଛନ୍ତି । ଝଡ ବତାସ ମୋଟେ ନାହିଁ । ମାଟିରେ ବିଛେଇ ହୋଇ ପଡ଼ିଛନ୍ତି ସୁନାରଙ୍ଗର ମିଠା କିରଣ । ଗଛପତ୍ର ହସୁଛନ୍ତି । ପକ୍ଷିମାନେ ନୂତନ ଗୀତ ବାନ୍ଧିବାକୁ ତତ୍ପର ହୋଇ ଉଠିଛନ୍ତି । ବର୍ଷାବତାସ ପରେ ବାଳୁତ ସୂର୍ଯ୍ୟର କଅଁଳ ରଶ୍ମି ମନ ଭିତରେ ପୁଲକର ସଞ୍ଚାର କରୁଛନ୍ତି । ସିଏ ପୁଣି ବିଶାଳ ବସୁନ୍ଧରାର ରନ୍ଧ୍ରେ ରନ୍ଧ୍ରେ ସ୍ୱପ୍ନ ବୁଣି ହସୁଛନ୍ତି । ତାରି ହସରେ ତାଳ ଦେଇ ସମସ୍ତେ ହସୁଛନ୍ତି ।

ପୁରୀରୁ ଆଜି ସମସ୍ତେ ଫେରି ଆସିବେ ବୋଲି ଚମ୍ପାବୋଉ ରନ୍ଧା ବଢ଼ାରେ ବ୍ୟସ୍ତ । ଅଖିଆ ଅପିଆ ଆସିବେ ପୁରୀରୁ । ହାଣ୍ଡିରେ ଭାତ ନଥିଲେ ଚଳିବ କେମିତି ?

ସୁନ୍ଦରୀ ରମ୍ଭାକୁ ଅଧିକ ସୁନ୍ଦର କରି ସଜାଇ ଦେଉଛନ୍ତି ଚମ୍ପା । ସୌନ୍ଦର୍ଯ୍ୟର ସୁନେଲି କଳ୍ପନାକୁ ବାସ୍ତବର ରଂଗ ଦେଇ ନିଜ ହାତରେ ପରୀକ୍ଷା କରୁଛନ୍ତି ରମ୍ଭାର ଦେହରେ । ଭିଡ଼ି ଭିଡ଼ି ବେଣୀ ବାନ୍ଧି, ଭଳିକି ଭଳି ଫୁଲ ଖଞ୍ଜୁଛନ୍ତି । କପାଳ ଆଉ ବେକ ତଳର ଚୂନା ଚୂନା ବାଳକୁ ବେଣୀର ଗହଳ ଦେହରେ ଲୁଚେଇ ରଖୁଛନ୍ତି । ଲୋଟଣୀ ବେଣୀର ଫଳକ ଅଗରେ କରି ଗଣ୍ଠି ଦେଉଛନ୍ତି ରେଶମର ଲାଲିଆ ଫିତା । ଗୋଲାପୀ ବ୍ଲାଉଜ୍ ଆଉ ଫୁଲପକା ଶାଢ଼ୀର ଧଡ଼ିରେ କରି ମାରି ଦେଉଛନ୍ତି ପ୍ରଜାପତି କ୍ଲିପ୍ଟିଏ । ଅତି ସୁନ୍ଦର ଦେଖାଯାଉଛନ୍ତି ରମ୍ଭା । ଠିକ୍ ଆଙ୍କିଲା ଭଳି ଛବିଟିଏ ।

ରମ୍ଭାର ଆଖିରେ ଆସନ୍ନ ଭବିଷ୍ୟତର ସୁନେଲି ସ୍ୱପ୍ନ । ମୁହଁ ଗୋଟିକରେ ଉତ୍ସାହ ଆଉ ଆବେଗର ବନ୍ୟା । ଅଧର ଥର ଉଠୁଛି ମଝିରେ ମଝିରେ । ତହିଁରେ ଅଧାଫୁଟା ମଲ୍ଲୀ ଫୁଲର ମାଲଞ୍ଚ ସଗିଣୀ । ମନଭିତରେ ମଳୟର ଲାସ୍ୟ ସଞ୍ଚାର । ପ୍ରତି ଲୋମକୂପରେ ପୁଲକର ଉଚ୍ଛ୍ୱାସ । ଚିର ବାଞ୍ଛିତ ପ୍ରିୟତମର ଦର୍ଶନ ପାଇଁ ରମ୍ଭା ପ୍ରସ୍ତୁତ ହେଉଛି ।

ଚମ୍ପାର ମନ ଭିତରେ ମଧ୍ୟ ସେହି ଆବେଗ ଆଉ ଉଲ୍ଲାସର ପ୍ରତିଫଳନ । କିନ୍ତୁ ତହିଁରେ ଚଞ୍ଚଳତା ନାହିଁ । ମୁକ୍ତ ବିହଙ୍ଗର ସ୍ୱାଭାବିକ ଆଉ ସ୍ୱଚ୍ଛନ୍ଦ ଗତି କୃତ୍ରିମ ଅବରୋଧ ପାଇ ପଥହରା ହୋଇଛି । ମନର ଆନନ୍ଦ, ଶୃଙ୍ଖଳିତ ବନ୍ଧନରୁ ମୁକ୍ତ ପାଇ ପାରୁନି । କିନ୍ତୁ ଖୋଲାଇ ଦେଖିଲେ କଣା ପଲ୍ଲବ, ମନମୟୂର ତାର ପହିଲି ମଉସୁମୀର ସ୍ପର୍ଶପାଇ ନାଚୁଛି ।

ରମ୍ଭାର ବେଣୀ ପକାଇ ସାରିବାପରେ ଚମ୍ପା ଘର ଭିତରେ ପଶିଲା । ଆଗରୁ କିଣା ହୋଇ ଅଥଚ ବ୍ୟବହାର କରି ନପାରି ସାଇତା ହୋଇ ରଖାଯାଇଥିବା ସିନ୍ଦୂର, କଜ୍ଜଳ ଆଉ ସୁରଭିତ ଅଳତା ଉପରେ ଅକସ୍ମାତ୍ ନଜର ପଡିଗଲା । ଅନେକ ଦିନ ହେଲା ସେଗୁଡିକରେ ହାତ ବାଜିନି । ଧୂଳିରେ ଆବୃତ ହୋଇ ଯାଇଛି ସେ ସବୁ । ପ୍ରତ୍ୟେକଟିକୁ ଲୁଗା କାନିରେ ପୋଛିଲା ବେଳେ ଆଉ କରୁଣ ହୋଇ ଚମ୍ପା ମନକୁ ମନ କାନ୍ଦିଲା । ତରୁଣୀ ମନ ତାର ଚାହୁଁଥିଲା ଏହି ସିନ୍ଦୂର, କଜ୍ଜଳ ଆଉ ଅଳତାରୁ ଟିକିଏଟିକିଏ ଲଗାନ୍ତା । ଚମତ୍କାର ବେଶହୋଇ ଶ୍ୟାମ ଆଗରେ ଛିଡା ହୁଅନ୍ତା । ତାର ରୂପ ଆଉ ଯୌବନକୁ ମନର ଦେବତା ଆଗରେ ସମର୍ପଣ କରି ତୃପ୍ତି ଲାଭ କରନ୍ତା । କିନ୍ତୁ ସେ ସାହାସ ଆଉ ତାର ନାହିଁ । ମନର କଳ୍ପନାକୁ ବାସ୍ତବତାର ରୂପ

ଦେବାର ଅଧିକାର ସେ ହରାଇ ଦେଇଛି । ତାର ଇଚ୍ଛା, ତାର ଅଭିଳାଷକୁ ଅଲକ୍ଷରେ କିଏ ଛଡ଼ାଇ ନେଇଗଲା । ସମସ୍ତ ପ୍ରସାଧନ ସାମଗ୍ରୀକୁ ପଣତ ଭିତରେ ପୁରାଇ ଚମ୍ପା ରମ୍ଭା ପାଖକୁ ଫେରି ଆସିଲା ।

ରମ୍ଭା ଦର୍ପଣ ଦେଖି ବାରମ୍ବାର ମୁହଁ ପୋଛୁଥାଏ । ଦର୍ପଣକୁ ମୁହଁପାଖକୁ ଆଣି ପ୍ରତିବିମ୍ବ ସଙ୍ଗରେ ଚୁପ୍ ଚୁପ୍ କଥା ହେଉଥାଏ ।

ଚମ୍ପା ରମ୍ଭା ନିକଟକୁ ଲାଗି ଆସି ଚିବୁକ କଡ଼ରେ ଅଙ୍ଗୁଳି ରଖି ମୁହଁକୁ ତାର ବୁଲାଇ ଦେଲା । ସରୁ ସରୁ ଆଖିରେ ଲେଖି ବସିଲା କଳା କଜଳର ବଢ଼ ବଢ଼ ରେଖା । ରେଖାଟିମାନ କାନମୂଳକୁ ଛୁଏଁ ନଛୁଏଁ । ତାପରେ ପାଦ ଆଉ ନଖ ଦେହରେ ବୋଳି ଦେଲା ଲାଲ୍ ଟହ ଟହ ସୁରଭିତ ଅଳତା । ରମ୍ଭା ଅସମ୍ଭବ ଭାବରେ ସୁନ୍ଦର ଦେଖାଗଲା ।

ଏତକ କରି ସାରିବାପରେ ଚମ୍ପା ରମ୍ଭା ପାଖରୁ ଚାଲିଯାଉଥିଲା । ରମ୍ଭା ହାତଧରି ପାଖରେ ବସାଇ ତାର ଅଳରା ମୁଣ୍ଡକୁ ସୁନ୍ଦର କରି ବାନ୍ଧି ଦେଲା । ଚମ୍ପା ମନା କରି ପାରିଲା ନାହିଁ । ନିଜକୁ ନିଜେ ସିନା ସଜାଇ ପାରୁନଥିଲା, ମନ ଚାହିଁଲା ଭଳି ରମ୍ଭା ଏତକ କରି ଦେବାରୁ ଚମ୍ପା ଖୁସି ହେଲା । ବାସିଶାଢ଼ୀ ଖଣ୍ଡିକ ପାଲଟି ପକାଇ ଛୋପା ମିଲ୍ ଶାଢ଼ୀଟିଏ ପିନ୍ଧିଲା । ସମସ୍ତଙ୍କ ଅଲକ୍ଷରେ ଦର୍ପଣଟି ଆଣି ମୁହଁ ପାଖରେ ରଖି ଖୁବ୍ ନିବିଡ଼ ଭାବରେ ଅନାଇ ରହିଲା, ନିଜ ମୁଖର ପ୍ରତିଛବିକୁ । ବିଧବା ହେବା ପୂର୍ବରୁ ନିତି ନିଜର ଯତ୍ନ ନେଉଥିଲା, କେଶ ବାନ୍ଧିବାରେ ଘଣ୍ଟାଏ କାଳ ନିଶ୍ଚୟ କଟାଇବ । କିନ୍ତୁ ଏବେ କେତେଦିନ ହେଲା ସେ ସବୁ ଏକାବେଳେକେ ଭୁଲି ଯାଇଛି । ଭୁଲି ନାହିଁ ଯେ

ସ୍କୁଲ ଯିବାକୁ ବାଧ ହୋଇଛନ୍ତି । ଏ ଦୁନିଆରେ ନିଜ ପ୍ରତି ଯେଉଁ ଆକର୍ଷଣ ଜନ୍ମେ, ତାହା ଅବଶିଷ୍ଟ ସମସ୍ତ ପଦାର୍ଥଠାରୁ ଗରୀୟାନ । ଏବେ ଦର୍ପଣ ଧରି ବସିବାକୁ କମିତିଆ ଗୋଟିଏ ଅଡୁଆ ଅଡୁଆ ଲାଗେ । ମନ ଭିତରେ ଧକ ପଶେ କାଳେ କିଏ ଦେଖି ଦେବ ! ବାରକଥା କହିବ ! ପୁଣି ଗାଁ ଭିତରେ ଯେଉଁ ଚଳନି ! ସଞ୍ଜ ମାଛରେ ପୋକ ପକାଇବେ, କବରୁ ଶିରା କାଢ଼ି କଳିଆ କରିବେ ! କାହାକୁ କାଉକୁ ଦେଖାଇ ନହେଲା କଥା ବର୍ଣ୍ଣିବେ ।

ଜଗୁ ତାଙ୍କ ଘରକୁ ଆସେ ବୋଲି କେତେକଥା ପଡ଼ୁଛି । ପୁଣି ରମ୍ଭା ବୋଉ ବେଳ ଅବେଳରେ ଘର ଭିତରେ ପଶି ସୁଖ ଦୁଃଖ ବୁଝି ଯାଆନ୍ତି ବୋଲି କିଏ କଣ କହୁଯାଉଛି । କିଏ ଅସୁବିଧାରେ ପଡ଼ି ହନ୍ତ-ସନ୍ତ ହେଲାବେଳେ କେହି ଛା'ହୁଆର ମାରିବେ ନାହିଁ । ଦୂରରୁ ଥାଇ ଅନାଇଥିବେ । ନାକରେ ଅଙ୍ଗୁଠି ଦେଇ ହସିବେ । ରଘୁଆ ବଉ ଦଶଥର ହବ କହୁ ସାରିଲଣି, "ହଁ, ହଁ ଲାଗିଛି ନା ଗୋଡ଼ ଦ'ଠା ଦୁଇଛି । ବିଲେଇ ଆଖି ବୁଜି କ୍ଷୀର ପିଉଛି ପରା ! ଫୁଟିଲା ଫୁଲ ବାସିବ ନାହିଁ ଯେ ଯିବ କୁଆଡେ ? ଭଙ୍ଗା ସମ୍ବନ୍ଧ ଯୋଡ଼ା ହେଉଛି ଆଉଥରେ । ବିଧବା ଝିଅକୁ ପାଠୁଆ ପୁଅ ! ବଡ଼ ଘରେ ସବୁ ଚଳେ । କିଏ କହିବଲେ ମାଆ ! ବଡ଼କୁ ଜବାବ ଅଛି ନା ସର୍ଗକୁ ନିଶୁଣୀ ଅଛି ?"

ଚମ୍ପା ସବୁ ଶୁଣେ । କାନରେ ଅଙ୍ଗୁଠି ଦେଇ ବସେ । ବିଛଣାରେ ମୁହଁ ଲୁଚାଇ ଚୁପ୍ ଚୁପ୍ କାନ୍ଦେ । ଦିକ୍‌ଦାର ହୋଇ ପୋଡ଼ା କପାଳକୁ ନିନ୍ଦେ । ଚମ୍ପା ବହୁ ଅଳ୍ପ ସରଳ । ଜୀବନର ବିଚିତ୍ର ପ୍ରବାହକୁ ନାନା ରଙ୍ଗରେ, କେତେ ଢଙ୍ଗରେ ଅନୁଭବ କରିଛନ୍ତି ।

ଏମିତି କେତେ କଥା ଆଖି ଆଗରେ ଭସି ଯାଉଛି । ସବୁକଥାକୁ ଧରି ବସିଲେ ଦୁନିଆ ପୁଣି ଚାଲିବ କେମିତି । ଦୁନିଆ ଲୋକେ କହୁଥିବେ କହିବେ ଭଲରେ ବି' କହିବେ, ମନ୍ଦରେ ବି' କହିବେ । ପାଟିକୁ ତ ବାଡ଼ବତା ନାହିଁ । କ'ଣ ମିଳିବ ଏ ଦୁନିଆ ଲୋକଙ୍କ କଥାରୁ । ନିଜ କଥା ଦେଖି ସମ୍ଭାଳି ଉଠାଇ ନେଲେ ହେଲା, କିନ୍ତୁ ଚମ୍ପା ପାରେ ନାହିଁ । ଦୁନିଆ ଜଞ୍ଜାଳର ଜଟିଳ ପରିସ୍ଥିତିକୁ ପ୍ରଥମ କରି ଅନୁଭବ କରୁଛି । ତେଣୁ ସେ ଲୋକଙ୍କ କଥାକୁ ଧରି ବସି ଭାବେ । ସେ ଦୁନିଆକୁ ଡରେ -- ନିଜ କଥାକୁ ନିଜେ ଡରେ ।

ସେଦିନ ଚମ୍ପା ପ୍ରଥମକରି ଦର୍ପଣ ଦେଖିଲା ଅତି ଗୋପନରେ, ରମ୍ଭା ତାର କଳା ମିଚି ମିଚି ବାଳ ଗୋଛରେ ସୁନ୍ଦର ଜୁଡ଼ାଟିଏ ପକାଇ ଦେଇଛି । ଏତେ ଅଯତ୍ନରେ ମଧ୍ୟ ମୁହଁର ଜ୍ୟୋତି କମି ନାହିଁ । ଗାଲରେ ତାର ଅଜାଣତରେ ମାଉଁସ ଭରି ଯାଇଛି । କେମିତି ଗୋଟିଏ ରଂଗା ଦିଶୁଛି ମୁହଁ । ଆଖିର କଜଳ ଦ'ଧାର ନାହିଁ ବୋଲି ପାଉଁଶିଆ ଦିଶୁଛି ଭ୍ରୂଲତା; କିନ୍ତୁ କଳାଧୂମର ପକ୍ଷ୍ମ ତଳେ ତଳେ ସ୍ୱପ୍ନର ସୁଷମା - ଜୁଡ଼ା ଦେହରୁ ଝରି ପଡୁଛି ମଳୟର ମାଧୁର୍ଯ୍ୟ ।

ନିଜକୁ ନିଜେ ଦେଖି ସନ୍ତୁଷ୍ଟ ହେଲା ଚମ୍ପା । ଶ୍ୟାମବାବୁ କ'ଣ ଭାବିବେ ଏତରେ ! ସେ ତାଙ୍କୁ ଖୁସି କରାଇ ପାରିବତ ! ମନଭିତରେ ସନ୍ଦେହ ଦୋଳି ଖେଳୁଛି ।

ରମ୍ଭା ଆଉ ଚମ୍ପା ଅଗଣାରୁ ବାଡ଼ି, ପୁଣି ବାଡ଼ିରୁ ଅଗଣା ହୋଇ କେତେଥର ଯେ ଧାଁ ଦଉଡ଼ କରିବେଣି ସେମାନେ ମଧ୍ୟ ଜାଣନ୍ତିନି, ଆଖିରେ ଆଖିଏ ପ୍ରତୀକ୍ଷାର ଭାଷା । ହାତରେ ଗୋଡ଼ରେ ପାଇଟି ପଡୁନାହିଁ । କେତେବେଳେ ଯେ ବେଳ ଅସି ଲେଉଟିବାକୁ

ବସିଲାଣି ଜଣା ପଡ଼ିଲା ନାହିଁ । କାମଧନ୍ଦା କିଛି ନାହିଁ ଅଥଚ ମନ କହୁଛି ସେମାନେ ଯେମିତି କାର୍ଯ୍ୟବ୍ୟସ୍ତ । ଦୁଇଟି ହୃଦୟର ଆବେଗ ଆଉ ଉଲୁଣ୍ଠା ଏକମୁହାଁ ହୋଇ ବହି ଯାଉଛି ।

ପ୍ରଗଲ୍‌ଭା ରମ୍ଭା ତୁନିତାନି ହୋଇ ବସିବାକୁ ଆଉ ପସନ୍ଦ କଲାନାହିଁ । ପଚାରିଲା, "କହିଲୁ ସାଙ୍ଗ, କଣ ମନେ ମନେ ଭାବ ହେଉଛୁ ?"

"କାହିଁ ନାହିଁ ତ ! ଚମକିଲା ପରି ଉତ୍ତରଦେଲା ଚମ୍ପା ? "

"ଭାବନା ଯଦି ରକ୍ତମାଂସର ସ୍ୱରୂପ ହୋଇଥାନ୍ତା ହାତ, ବତାଇ ଦେଖାଇ ଦଅନ୍ତି ନିଶ୍ଚୟ । ତୋର ଭାବରଙ୍ଗରୁ ଗା'କଣ ଆଉ ଜଣା ପଡୁନାହିଁ ? ମନ ଭିତରେ ଚିନ୍ତା ପଶିଲେ ଦେହସାରା କଥା କହନ୍ତି ସବୁ ! ତୋର ଏହି ଅଧାଫୁଟା ମଲ୍ଲିକଢି ଭଳି ମଉଳିଆ ଆଖି, ଲାଜ କୁଳିଲତା ଭଳି ଦରକୁଂଚିତ କପାଳ, ଗଜଦନ୍ତ ଫୁଲ ପରି ମ୍ଳାନିଆ ଗଣ୍ଡ- ଏ ସବୁ କଣ କହୁଛନ୍ତି ଜାଣିଛୁ ? ସେମାନେ କହୁଛନ୍ତି, ପଥବଣା ରାଜକୁମାରୀ ଅଗନାଅଗନ ବନସ୍ତ ଭିତରେ ଖୋଜି ବୁଲୁଛି ମନର ଦେବତା, ଅଜଣା ଦେଶର ରାଜକୁମାରକୁ । ରାଜକୁମାର ଘୋଡାରେ ଚଢି ଚହଟ୍‌କିନା ଆସି ପଛ୍‌ଙ୍କରେ ରାଜକୁମାରୀକୁ ଘୋଡା ପିଠିରେ ବସାଇ ପାର ହୋଇଯିବ । ରାଜକୁମାରତ' ଆସିବ ନିଶ୍ଚୟ ! କିନ୍ତୁ ଟିକିଏ ଡେରି ହେଉଛି ନା- ସେଇଥି ପାଇଁ ।"

ଚମ୍ପା ଟିକିଏ ହସିଲା । ହସି ହସି କହିଲା-"ତୋର ମନର କଥା କହୁନୁ ତ ?"

"କଦାପି ନୁହେଁ ମୁଁ କାହା କଥା ଏବେ ଭାବିବି ? କାହାକୁ ଦେଖେଁ ନା ଜାଣେ ?"

"ତାହାହିଁ ତ ଭେଲିକି ସାଙ୍ଗ ! ଦେଖି ନଥିବ କି ଜାଣିନଥିବ ହଠାତ୍ ଦେଖା ହେବ । ଏକା ବେଳେକେ ନୂଆ ଅଭ ତାକା ! କଣ ଲୋଭ ହେବ ନାହିଁ ? ସବୁ ଦିନର ଦେଖିଲା ଜାଣିଲା ଲୋକ ଯେତେ-ବେଳେ ଦେହଘଷା ! ପୁରୁଣା ! ନୂଆ ପାଇଁ ଦୁନିଆ ପରା ପାଗଳ !"

"ସତରେ ସାଙ୍ଗ ! ସେ'ବାବୁ ଅସିବା କଥା ଶୁଣିଲା ବେଳୁ ମନଖାଲି ଗୁଉଁ ଗୁଉଁ ଲାଗୁଛି । ଡର ଲାଗୁଛି କାଳେ ଯଦି……"

"କୋଉ କାଳେ ବ କିଛି ହବନି' । ଅପଣାର କରି ପାରଲେ ପଥର ବି' ପାଣି ଫାଟିବ । ତା ପରେ ଦାଶରଥିବାବୁ କିଛି କମ ଲୋକ ନୁହନ୍ତି । ଧନ ଅଛି, ମାନ ଅଛି । ପୁଣି ପାଠୁଆ ପିଲା । କଟକରେ ଯାଇ ଅଫିସରେ ରହିବୁ । କିନ୍ତୁ ସାଙ୍ଗ ଏହି ହତଭାଗିନୀଟାକୁ ଭୁଲି ଯିବୁନି' । ହେଲା ନହେଲା ବେଳକୁ ତୋ'ଘରେ ପଶିଲେ ଆଶ୍ରୟ ଦେବୁ !"

"ଏକଣ ପିଲାଳିଆ କଥା କହୁଛୁ ସାଙ୍ଗ ? ଆଶ୍ରୟ ଦେବ କିଏ କାହାକୁ ? ଏ ଦୁନିଆରେ କଣ ମଣିଷ ମଣିଷକୁ ଆଶ୍ରୟ ଦିଏ ? ଏକମାତ୍ର ଆଶ୍ରୟଦାତା ଈଶ୍ୱର । ମଣିଷର କଥା ପାଣି ଫୋଟକା । ପୁଣି ତୁଇ ମୋର ଭାଉଜ ହେବୁହିଁ ହେବୁ । କିଏ କାହାକୁ ଆଶ୍ରୟ ଦେବ ଏଥିରୁ ବୁଝୁଥିବୁ ।"

ରମା ଲଜେଇ ଗଲା । ହଠାତ୍ କିଛି କହି ପାରିଲାନି' । ନିଜ ଇଚ୍ଛା ବିରୁଦ୍ଧରେ ବିବାହ ହୋଇ ବିଧବା ହୋଇଛି । ଶାମବାବୁଙ୍କୁ ପୁଣିଥରେ ବିଭାହେବ ବୋଲି ସ୍ୱପ୍ନ ଦେଖୁଛି । ସେ ସ୍ୱପ୍ନ ଯଦି ଚିରଦିନ ପାଇଁ ସ୍ୱପ୍ନ ହୋଇ ରହିଯାଏ ?

ଦାଣ୍ଡ ଦୁଆର ଅଧେ ମେଲା ଥିଲା । କଗ୍ର ଆଉ ଦାଶରଥିବାବୁ ମାନସୀ, ମାଉସୀ ତାଙ୍କ ଗୁଡ଼୍‌କନା ପଣି ଆସିଲେ ଘର ଭିତରକୁ । ଚମ୍ପା ଆଉ ରମ୍ଭା ଅପ୍ରସ୍ତୁତ ହୋଇ ଅଟକି ଗଲେ ଅଗଣା ମଝିରେ । ବସ୍ତ୍ରଯୁଗରେ ଗୋଡ ଗୁଡ଼ା ନାହିଁ ।

ଦାଶରଥି ମୁଗ୍ଧ ଦୃଷ୍ଟିରେ ଅନାଇ ରହିଲା ତରୁଣୀ ଦୁଇଟିଙ୍କୁ । ସମବୟସୀ ତରୁଣୀ ଦୁଇଟି ଦେଖାଯାଉଥାନ୍ତି ସତେ ଯେମିତି ଗୋଟିଏ ବୃନ୍ତରେ ଦୁଇଟି ଫୁଲ । ଦେହରେ ରୂପ ଆଉ ଲାବଣ୍ୟର ରମ୍ୟ ପାଖୁଡ଼ା । ଜଣେ ନୀଳାମ୍ବରଣା ଆକାଶ ଆର ଜଣକ ତରଙ୍ଗାୟିତ ନିର୍ଝରିଣୀ ।

ଚମ୍ପା ବଉର ପ୍ରବେଶ ଦାଶରଥିର ବିମୁଗ୍ଧ ତନ୍ଦ୍ରା ଭାଙ୍ଗିଦେଲା । 'ଇଲୋ ମୋ'ପୁଅଲୋ' କହି ବୁଢ଼ୀ ଦାଶରଥିକୁ କୁଣ୍ଢେଇ ପକାଇଲେ । ତାର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ଆଉଁସି ପକାଇ କହିଲେ, "କେଡ଼େଟାଏ ହେଲୁଣି ପୁଅ ! ଗଲାଥର ଦେଖିଲା ବେଳେ କେତେ ଛୋଟ ହୋଇଥିଲୁ, କେତେ ଶୀଘ୍ର ବଢ଼ି ଗଲୁ ସତରେ ।"

ଚମ୍ପା ଆଉ ରମ୍ଭା ଏକଥା ଶୁଣି କାନ୍ଥ ଉହାଡ଼ରୁ ଖିଲ୍ ଖିଲ୍ ହୋଇ ହସୁଥାଆନ୍ତି ।

ସକାଳର ଖିଲ୍‌ଖିଲିଆ ପବନ, ସୂର୍ଯ୍ୟର ପ୍ରଥମ କିରଣ ମାଖି ମାତାଲ ହୋଇ ଉଠିଛି । ଗତ ସପ୍ତାହରେ ପଥ ବଣା ହୋଇ ସୁବର୍ଣ୍ଣପୁରରେ ଆଶ୍ରୟ ନେଇଥିବା ଲକ୍ଷ୍ମୀପୁରର କେତେକ ପଥିକ

କେତେବେଳୁ ବିଦାୟ ନେଲେଣି । ବଣଜାର ମଠା ବ୍ୟବସାୟୀ କେଇଜଣ ଶଙ୍କିଳି ଭିତରୁ ମଠାବାଡ଼ି ସୁବର୍ଣ୍ଣପୁରରେ ଚହଲ ପକାଇ ଦେଲେଣି ।

ତେବେ ସୁଦ୍ଧା ଚମ୍ପାର ନିଦ ଭାଙ୍ଗି ନାହିଁ । ସେ ଶୋଇ ଶୋଇ ଶାମର ସୁନ୍ଦର ସ୍ୱପ୍ନ ଦେଖୁଛି । ଶାମର ଦେହ ଉଲସିଆ ଆଲିଙ୍ଗନ ଭିତରେ ନିଜର ମୁକ୍ତ ଯୌବନକୁ ଜଡ଼ାଇ ଦେଇ କୃତାର୍ଥ ମନେ କରୁଛି ।

ବେଳ ଆସି ଘଣ୍ଟାଏ ହେବାରୁ ରମ୍ଭା ଆସି ଚମ୍ପା ଘରେ ପହଞ୍ଚିଲା । ଚମ୍ପା ନିଘୋଡ଼ ନିଦରେ ଶୋଇ ପଡ଼ିଥିବା ଦେଖି ତା' ପିଠି କଡ଼ରେ କିନା ଚୁପ୍ କରି ବସିଲା । ଚମ୍ପାର ଅଚେତ ଦେହ ଉପରେ ଖେଳୁଥିଲା ଗୋଟିଏ ଉତ୍ତେଜନାର ତରଙ୍ଗ । ପକ୍ଷ୍ମଲତା ନାଚି ଉଠୁଥିଲେ । ନାକପୁଡ଼ା ରହି ରହି ଫୁଲି ଉଠୁଥିଲା । ରମ୍ଭା ଆସ୍ତେ କରି ନରମ ଦେହରେ ତାର ହାତ ମାରିଲା । ସ୍ୱପ୍ନ ବିଭୋର ଚମ୍ପା ରମ୍ଭାର ରଙ୍ଗିଲି ହାତ ପାପୁଲିକି ଗାଲ ତଳକୁ ଭିଡ଼ିଆଣି ପୁଣି ଶୋଇଲା । ରମ୍ଭା ଏଥର ଖିଲି ଖିଲିଆ ହସ ଖେଳାଇ ଖୁବ୍ ଜୋର୍‌ରେ ହଲାଇ ଦେଲା ଚମ୍ପାକୁ ।

ଚମ୍ପା ଚମକି ପଡ଼ିଲା । ହଠାତ୍ ନିଶାଖାଇ ଅଜ୍ଞାନ ହୋଇ ପଡ଼ିଥିବା ମଦ୍ୟପୀ ଭଳି ଆଖି ଦୁଇଟିକୁ ଅଧେ ଖୋଲି ସେ ରମ୍ଭାକୁ ଚାହିଁଲା । ଗମ୍ଭୀର ଡାକାରୁ ସ୍ୱପ୍ନ ଅଧୁରା ମରି ନାହିଁ । ତନ୍ଦ୍ରାଳି ପକ୍ଷ୍ମ-ଲତାରୁ ଝରି ପଡୁଛି ସ୍ୱପ୍ନର ରଙ୍ଗୀନ ନିଶା । ତଥାପି ସେ ଘୁମାଇ ଘୁମାଇ ଦେଖିଲା, ହସକୁଡ଼ୀ ରମ୍ଭାର ମୁହଁରେ ପଡ଼ୁଛି ସକାଳ ସୂର୍ଯ୍ୟର ପହିଲି କିରଣ । ଚମ୍ପା ତରବରିଆ ହୋଇ ବିଛଣା ଛାଡ଼ି ସାଙ୍ଗ ସହିତ ଗାଧୋଇବାକୁ ବାହାରିଲା ।

ଦ୍' ସାଙ୍ଗସାଥ ଭଲ ମନ୍ଦ, ହେଲା ନହେଲା କେତେ କଥା ପଚାରିଲେ । ଚମ୍ପା ଗୋଟି ଗୋଟି କରି ଦାଶରଥି, ଶାମବାବୁ, ମଉସା ଆଉ ମାଉସୀଙ୍କ କଥା ପଚାରିଲା । ଦାଶରଥି କଥାର ଉତ୍ତର ଦେଲାବେଳେ ରମ୍ଭା ଲାଜେଇ ପଡୁଥାଏ । ଚମ୍ପା କହିଲା, "କଲେ ସାଙ୍ଗ ! ଏତେ ଲାଜ କାହିଁକି ? ମନକୁ କଣ ପାଇଲା ନାହିଁ ?

"ଉହୁଁ..."

"ପାଟିରେ ଖାଲି ଉହୁଁ - ଅଉ ପେଟ ଭିତରେ ହିଁ-ହିଁ । ନୁହଁ ? ଦାଶଭାଇ କଣ କେବଗିଆ ମଣିଷ ?"

"ବେଢଙ୍ଗିଆ ନୁହନ୍ତି ଆଉ କଅଣ ? ଗଲା ଅଇଲା ବେଳେ କଣେଇଥିବେ । ସାମନାରେ ପଡ଼ିଲେ କଥା ନକହିଲା ଯାଏ ବାଟ ଛାଡ଼ିବେନି । ମୁଁ ଏସବୁ ପସନ୍ଦ କରେନି ।"

"ମୋଟେ ନୁହେଁତ ! ଏଥି ଧନର ଭିତରେ ଏତେ କସ୍ରତ ପୁଆଣି ପରେ ପାଗରୁ ଛଡାଇଛନ୍ତି ଦେବନି ଦେଖୁଛି !"

ଚମ୍ପା ଆଉ ରମ୍ଭା ଏକ ସମୟରେ ଖରା ଖରି ହୋଇ ହସିଲେ । ହସର ବେଗ ଟିକିଏ କମି ଅସିବାରୁ ଚମ୍ପା କହିଲା "ଦାଶଭାଇ ତୋତେ ଖୁବ୍ ଭଲ ପାଅନ୍ତି ଲୋ ! କାଲି ତାଙ୍କର ଗୁହିଁବାର ଭଙ୍ଗି ଦେଖି ମନେ ହେଲା ସେ ତୋତେ ଦେଖି ଏକାବେଳେକେ ତରଳି ଯାଉଛନ୍ତି ।"

"ତୋତେ ପାଖରେ ବସାଇ କହୁଥିବେତ !"

"ମୁଁତ ଆଉ ରମ୍ଭା ନୁହେଁ ।"

"ଚମ୍ପା ତ !"

"ସେହି ଦୃଷ୍ଟିରୁ ଯାହା ଦେଖିଲି କହିଲି ।"

ଅଳସିଆ ପାଦ ପକାଇ ଗାଁ ବନ୍ଧର ଅଧ ବାଟକୁ ହୋଇଛନ୍ତି, ଶାମ ଅଜ ଦାଶରଥି ସଙ୍ଗରେ ହଠାତ୍ ଦେଖା ହେଲା । ଚମ୍ପାର ଜଣଙ୍କର ଅଣଓଟି ପାଦ ଛନ୍ଦହର୍ଷ ହୋଇ ଧିମେଇ ଗଲା ।

ଦାଶରଥି କୋଟିଏ ଅଖିର ପିପାସା ନେଇ ସୁନ୍ଦରୀ ରମ୍ଭାକୁ କଣେଇ ଚାହିଁଲା । ସେଇ ଚାହାଣୀରୁ ଝରି ପଡୁଥିଲା ଅମୃତର ଇତିହାସ । ନିଜର ବର୍ତ୍ତମାନ ଆଉ ଭବିଷ୍ୟତର ଛପି ଛପିକିଆ କଳ୍ପନା ଭିତରେ ମସ୍‌ଗୁଲ୍ ହୋଇ ସେ ଭାବି ଯାଉଥିଲା କେତେ କଣ, ମନ ଭିତରେ ପୁଲକର ବନ୍ୟା । ଏହି ଛନଛନିଆ ରମ୍ଭା ହେବ ତାର ଜୀବନସଙ୍ଗିନୀ ! ନିର୍ଜନ ଜୀବନ ତାର ସରସ ହୋଇ ଉଠିବ । ସୁନ୍ଦରୀ ବଧୂ ରମ୍ଭା ମୁଖରେ ସ୍ନେହମିଶା ହସ ଦେଖି ସେ ଜୀବନର ସମସ୍ତ କ୍ଳାନ୍ତିକୁ ଭୁଲି ଯାଇ ପାରିବ । ଦାଶରଥି ମନେ ମନେ ସେହି ଅନାଗତ ଭବିଷ୍ୟତକୁ ଶୁଭେଚ୍ଛା ଜଣାଇଲା ।

ଚମ୍ପା ଚାଲିପଥରେ ଅଟକି ଯାଇ ଶାମ ଉପରେ ନଜର ପକାଇ ଥିଲା । ଦୁ'ବର୍ଷ ତଳର ଶାମ ଅଜି ଗୋଟିଏ ନୂଆ ମଣିଷ ଭଳି ଦିଶୁଛି । ଜରହେତୁ ଦୁର୍ବଳ ହୋଇ ଯାଇ ଥିଲେହେଁ ଚମ୍ପା ଆଖିରେ ସୁନ୍ଦର ଦେଖା ଯାଉଛି । ଏହି ତାର ଚିର ବାଂଛିତ ଶାମ ! ସ୍ୱପ୍ନର ଚିରସୁନ୍ଦର ଶାମ !

ଚମ୍ପାର ଅଲକ୍ଷରେ ଅଙ୍ଗେ ଅଙ୍ଗେ ପୁଲକର ବନ୍ୟା ବୋହିଗଲା, ଅକସ୍ମାତ୍ ଯେପରି ତାର ଜୀବନ ବୀଣାରେ କେଉଁ କୁଶଳୀ ଶିଳ୍ପୀର ହାତ ବାଜିଛି । ବିମୁଗ୍ଧ ମୁଖ ମଣ୍ଡଳରେ ଆବେଗର କୋଟିଏ ଲୁଆର ଢେଉ ଗୋଟିଏ ମଳୟର ନିଛକ ସଂଗୀତ ଲେଖି ଦେଲା ।

ଶ୍ୟାମ ଚମ୍ପାର ପୁଷ୍ପିତ ଅବୟବକୁ ଦେଖି ଆନନ୍ଦ ହେଲା, କିନ୍ତୁ ପରମୁହୂର୍ତ୍ତରେ ତାର ନିରାଭରଣ ଅଙ୍ଗ ପ୍ରତ୍ୟଙ୍ଗକୁ ଦେଖି ଶିହରି ଉଠିଲା । ସେ ଅନୁଭବ କଲା ସତେ ଯେମିତି ଚମ୍ପାର ସର୍ବାଙ୍ଗରେ ମୃତ୍ୟୁ ଆଉ କ୍ରନ୍ଦନର ସ୍ୱର ବାଜୁଛି ।

ଶ୍ୟାମକୁ ତାର ମନର ଭାବନା ଦାରୁଣ ଆଘାତ ଦେଲା । ସ୍ୱପ୍ନର ସହଚରୀ ଏହି ଚମ୍ପାକୁ ସେ ବୈଧବ୍ୟ ଦଂଶନରୁ ଉଦ୍ଧାର କରିବ । ବିବାହକରି ଭବିଷ୍ୟତ ଜୀବନକୁ ସୁନ୍ଦର କରିବ ।

ବିବାହ ? ବିଧବା ଚମ୍ପା ସହିତ ବିବାହ କଲେ ଲୋକେ ହୁଏତ ନାପସନ୍ଦ କରିବେ । ପରିବାରର ପ୍ରତ୍ୟେକ ବ୍ୟକ୍ତି ବିଦ୍ରୋହ କରିବେ-ତାପରେ ?

ଶ୍ୟାମ ବ୍ୟତିବ୍ୟସ୍ତ ହେଲା । ସେ କଣ ସମସ୍ତଙ୍କ ଇଚ୍ଛା ବିରୁଦ୍ଧରେ ଚାଲି ପାରିବ ?

ତଥାପି ନ୍ୟାୟକୁ ତ' ଆଶ୍ରୟ କରି ସେ ପଥହରା ହବନି' । ଦୁନିଆ ଲୋକ ଆଉ ପରିବାରର ସମସ୍ତେ ଦିନେ ହୁଏତ ନିଜର ଭୁଲ ବୁଝିପାରିବେ । ସେତିକି ଦିନଯାଏ ସେ ଚମ୍ପା ସହିତ ଧୈର୍ଯ୍ୟ ଧରି ଅପେକ୍ଷା କରିବ । ତାପରେ ସବୁ ସମାଧାନ ହେବହିଁ ହେବ ।

ଆଉ ପୂର୍ଣ୍ଣେନ୍ଦୁ ବାବୁଙ୍କର ଅଲିଅଳି କନ୍ୟା ଲିଲି ! କକ୍ଷଚ୍ୟୁତ ନିହାର ଭଳି ଆଖି ସାମନାରେ ହଠାତ୍ ସେ ପଡି ଯାଉଛି । ନିଧକ ଅବେକ୍ଷଣୀ ଭିତରେ ବଢି ମନ ତାର ସୌଖୀନ ହୋଇ ଉଠିଛି । ଏହିଭଳି ଝିଅକୁ ଦୂରରୁ ଦେଖିଲେ ଭଲ ଲାଗେ । କିନ୍ତୁ ଆପଣାର କରି ଦୁନିଆ ଚଳାଇବା ଅତି କଷ୍ଟକର ବ୍ୟାପାର । ଚମ୍ପା ଆଉ ଲିଲି ! ଦୁଇଟି ବିପରୀତ-ଗାମୀ ସ୍ରୋତସ୍ୱତୀ ! ସେମାନେ କେବେହେଲେ ସମାନ ହୋଇ ନପାରନ୍ତି । ଚମ୍ପାର ସରଳତା ଆଗରେ ଲିଲିର

ଅଡମ୍ବର ବହୁଳ ଜୀବନର ତୁଳନା ହୋଇ ନପାରେ । ବଡ଼ ଭଉଣୀ ଚପଳା ଭଳି ସିଏ ହୁଏତ ଦିନେ ବିଷାକ୍ତ ଫଣିନୀ ହୋଇ ହୃଦୟ ଭିତରେ ଦଂଶନର ଜ୍ୱାଳା ପୂରାଇ ଦେବ ।

ଶାମ ବାଧ୍ୟକର ଏହି ଅଳିଅଳ ଲୀଳା ଆଉ ତାର ଭଉଣୀ-ମାନଙ୍କ କଥା ଭୁଲେଇ ଦେଲା । ଚମ୍ପାକୁ ପାଇବାକୁ ଏକାନ୍ତ ବ୍ୟାକୁଳ ହୋଇ ଉଠିଲା ।

ଶାମ ଦେଖିଲା ଦାଶରଥି କେତେଦୂରକୁ ଆଗେଇ ଗଲାଣି । ସେ ଧରବରିଆ ହୋଇ ପାଦ ପକାଇଲା ।

ଚମ୍ପା ଆଉ ରମ୍ଭା ପରସ୍ପରର ଅଜାଣତରେ ପଛକୁ ଚାହିଁ ଚାହିଁ ଆଗକୁ ଚାଲିଲେ ।

ପୋଖରୀ ତୁଠ ନିଶୂନ । ତୁଠ ପଥର ଉପରେ ପାଦ ମାଜି ମାଜି ଚମ୍ପା ଆଉ ରମ୍ଭା କେତେ କଥା ପକାଇଥାନ୍ତି କଥା ମଝିରେ ରମ୍ଭାର ହଠାତ୍ ଯେପରି କଣ ମନେ ପଡ଼ିଗଲା । ସେ ସାଙ୍ଗକୁ ତାର ନିଠାଇ ଚାହିଁଲା—

" କାଲେ ଏମିତି ଭାବରେ ଚାହିଁଛୁ କଣ ? "

" ତୋତେ— "

" ଆଉ କଣ ଏଠି ଦାଣ୍ଡଭାଇ ଅଛନ୍ତି ଯେ ଚାହିଁବୁ--- "

"ଗୋଟେ କଥା ପଚାରିବି କହିବୁ ?"

" ହଁ'ଠା ପଚାରୁନୁ ?"

"ଶାମଭାଇଙ୍କି ତୁ ଖୁବ୍ ଭଲପାଉ -- ନୁହଁ ?"

ଚମ୍ପା ଲାଜକୁଳି ଲଭାର ପତ୍ରଭଳି ଲାଜରେ ମୋଉଁ ହୋଇ ଗଲାଣି । ରମ୍ଭା ତାକୁ ଭଲ କରି ଜାଣେ । ତଥାପି ଏ ପ୍ରଶ୍ନ କାହିଁକି ?

ନିରୁତ୍ତର ଚମ୍ପାର ଅନଡ଼ ଗୁହାଣୀରେ ଲଜ୍ଜାର ବଳାପ ବୋଳିଦେଲା । ସଜଳ ଆଖି ତୋଳାରେ ସାଙ୍ଗକୁ ତାର ଅନାଇବାକୁ ଚେଷ୍ଟା କଲା ।

ଚମ୍ପାର ସଜଳ ଗୁହାଣୀ ଉପରେ ଦୃଷ୍ଟି ଢାଳି ରମ୍ଭା ଅଳ୍ପ ହସି କହିଲା— ଟିକିଏ ହସ ମଁ ସାଙ୍ଗ ! ଯେଉଁ ହସ ଦେଇ ଭାଇଙ୍କୁ ଆପଣାର କରିଦେଲୁ ସେହି ହସ ଟିକିଏ ଦଅନୁ ?"

ଚମ୍ପା ଆଉ ଟିକିଏ ଦବିଗଲା । କହିଲା—"ମୋ' ଓଠରୁ ହସ ସରିଯାଇଛି ସାଙ୍ଗ, ଯଦି କହିବୁ ଆଖିରୁ ଦି ଧାର ଲୁହ ଦେବି ।"

'ମୋର ଭାଉଜ ହେଲେଣି' କାନ୍ଦିବୁ ?'

"ଭାଉଜ ହେବାର ସେ' ଭାଗ୍ୟ ଆଉ ନାହିଁ । ସେ ସବୁ ଅତୀତ ସଙ୍ଗରେ ମିଶି ବିଲୀନ ହୋଇଗଲା । ତୁ ଆଉ ସେକଥା ମୋ' ଆଗରେ କେବେ କହିବୁନି ?"

"କହିବିନି ? ଶହେଥର କହିବି ଚମ୍ପା ! ହଜାରେ ଥର କହିବି । ପ୍ରସ୍ତାବ ଯେ ପକ୍‌କା ହେବା ଉପରେ !"

"ତୁ କେମିତି ଜାଣିଲୁ ?" ଚମ୍ପାର ଆଗ୍ରହୀ କଣ୍ଠ ଥରି ଉଠୁଥିଲା ।

"ମୁଁ ଜାଣିବି ନାହିଁ ? କାଲିପରି କଥା ସଡ଼ ସବୁ ନିଷ୍ପତ୍ତି ହୋଇ ଯାଇଛି ।"

ସେ ପୁଣି କେମିତି ?' ଚମ୍ପାର ଭାଷାରେ ଉଦ୍‌ବେଗର ସ୍ପର୍ଶ ।

" ଅନେକ କଥା ଘଟି ଯାଇଛି ସାଙ୍ଗ ! କହିଲେ ପୁରାଣ ହେବ । କାଲି ସଞ୍ଜବେଳେ ଭାଇ ପଢ଼ାଘରେ ବସି କଣ ଲେଖୁଥାନ୍ତି, ବଉ ଆଉ ନୂଆବଉ ସେ ଘରକୁ ପଶିଗଲେ । କଥା ଛଳରେ ମୋର ଆଉ ଭାଇଙ୍କର ବାହାକଥା ପଡ଼ିଲା । ଭାଇ ସ୍ପଷ୍ଟ ଭାବରେ ଶୁଣାଇଦେଲେ, ସେ ଯଦି ବାହା ହୁଅନ୍ତି ତୋତେଇ' ବାହା ହେବେ । ଭାଉଜ ଏ କଥା

ଶୁଣି ଚାଲି ଗଲେ ଏଇା ବେଳେକେ । ସିଏ କହିଲେ, "ପୂର୍ଣ୍ଣେନ୍ଦୁ ବାବୁଙ୍କ ଭଳି ଧନୀ ଘରେ ପ୍ରସ୍ତାବ ପଠେଇଛି — ଆଉ ତମେ ଏଣେ କଣ ପାଗଲଙ୍କ ଭଳି ବକି ଯାଉଛ ?

ଭାଇ ଭାଉଜଙ୍କୁ କେବେ ମୁଣ୍ଡଚେକି କଥା କହିବାର ଦେଖିନି, ଯାହା କହନ୍ତି ମୁଣ୍ଡପୋତି ମାନିଯାଏ । ଖାଲି ବଡଙ୍କ ପାଖରେ ଟାଣ ଦେଖାଉଥିବ । କିନ୍ତୁ ସାଙ୍ଗ ! ଭାଇଙ୍କ ଏଭଳି ଉତ୍ତମୁହାଁ ଜବାବ କେବେ ଶୁଣି ନଥିଲି । ସେ କହିଲେ, "ଧନକୁ ଲୋକ ବିବାହ କରେ ନାହିଁ । ତାପରେ ମୋର ଜୀବନସାଥୀ ମୋତେ ବାଛିବାକୁ ଛାଡ଼ି ନ ଦେବାର ମତଲବ କଣ ? ତୁମେ କଣ ଚାହଁ ପୂର୍ଣ୍ଣେନ୍ଦୁ ବାବୁଙ୍କ ଉଛୁଡ଼ ଝିଅର ହାତଧରି ଭବିଷ୍ୟତ ମୋର ଅନ୍ଧାର ହେଉ ? ପୂର୍ଣ୍ଣେନ୍ଦୁ ବାବୁ ଆଉ ତାଙ୍କର ଝିଅ ମାନଙ୍କ ମଧ୍ୟରେ ଯେ ଭଲ ତାଲ ବିଭେଦ ଏକଥା କଣ ମୁଁ ଦେଖିନି ? "

ବଡଭାଇ ମଝିରେ ଅସି କହିଲେ— "ଚମ୍ପା ବିଧବା, ଅଉ ଅମେ ବ୍ରାହ୍ମଣ ଘରର ପୁଅ ! ପୁଣି ତୋର ବଡ଼ ଭିଲା ଭଉଣୀ ଘରେ ଅଛି । ତୁ ଯଦି ଚମ୍ପାକୁ ବିବାହ କରୁ ତାର ପରିଣତି କଣ ହେବ ଜାଣୁ ? ଅମର ଯଥେଷ୍ଟ ନିନ୍ଦା ହେବ । ଆଉ ତା ସଙ୍ଗେ ସଙ୍ଗେ ରମ୍ଭା ଘରେ ରହିଯିବ ଚିରଦିନ ପାଇଁ । "

"ଯାହା ହେବାକୁ ଥିବ—" ଶ୍ୟାମଭାଇ କହିଲେ ।

"ତାହାହେଲେ ତୁ କଣ ଚାହୁଁ ତୋର ସ୍ୱାର୍ଥରେ ବଳିପଡୁ ରମ୍ଭା ?" ବାପା ପାଖଘରୁ ଏତିକ ବଡ ଜୋରରେ କହିଲେ ଶ୍ୟାମ-ଭାଇଙ୍କୁ ଚକିତ କରିବାକୁ ।

''ତାହାହେଲେ ତମେ ସମସ୍ତେ କଣ ଚାହଁ ତୁମର ମାନମର୍ଯ୍ୟାଦା ଆଉ ରମ୍ଭାର ବିବାହ ପାଇଁ ବଳି ଦେବ ମୋତେ ଆଉ ଚମ୍ପାକୁ ? ଯଦି ଏତକ ଧାରଣା ଥିଲା, ତେବେ ମୋତେ ପାଠ ପଢ଼ାଇ ଭଲମନ୍ଦ ଜାଣିବାର ପଥ ପରିଷ୍କାର କରିଦେଲ କାହିଁକି ? ମୁଁ ଆଜି ମୂର୍ଖ ଭାବରେ ତୁମର ଇଙ୍ଗିତରେ ଚାଲିବାର ସୁଯୋଗ ପାଇଥାଆନ୍ତି । ଶଶୁର ଘର ନମାଡ଼ି, ସଂସାର ସୁଖରୁ ବଞ୍ଚିତା ହୋଇ, ସାମାଜିକ ବର୍ବରତାର ଇନ୍ଧନ ହୋଇ ଜଳୁଥିବା ଏହି ସରଳ ବାଳିକାକୁ କହୁଥାଆନ୍ତି ଅଧବା ବୋଲି । ମୋର ବିବେକ କହୁଛି ଚମ୍ପା, ରମ୍ଭା ଭଳି କୁଆଁରୀ ଝିଅ-- ରମ୍ଭା ପରିବର୍ତ୍ତେ ଚମ୍ପା ଯଦି ତୁମର ଝିଅ ହୋଇଥାନ୍ତା, ତେବେ ତୁମେ କରନ୍ତ କଣ ? ତୁମେ କଣ ଚାହିଁଥାନ୍ତ ଯେ ସେ ସଂସାରରେ ଜନ୍ମ ହୋଇ ସୁଦ୍ଧା, ସଂସାର ସଙ୍ଗେ ପରିଚିତ ନହୋଇ, ସମାଜର କେତେକ ଅନ୍ଧ କୁସଂସ୍କାର ରଜ୍ଜୁରେ ବାନ୍ଧି ହୋଇ କାନ୍ଦି କାନ୍ଦି ମରୁ । ଚମ୍ପା ଭଳି ଅନାଥ ଝିଅକୁ ସୁଖରେ ରଖି ତାର ମୁହଁରେ ହସ ଫୁଟାଇବା କଣ ପାପ ? ମୁଁ ତାକୁ ଜୀବନରୁ ବଳି ଭଲପାଏଁ । ତାକୁ ବିବାହ କରିବାକୁ ଅନୁମତି ଦେଉନ କାହିଁକି ? ଏତକ କହି ଶ୍ୟାମଭାଇ ଭେଁ ଭେଁ କାନ୍ଦିଲେ । ଗାଁକୁ ଆସିଲେ ନିର୍ଜୀବ ଘରଦ୍ୱାରକୁ ମଧ୍ୟ ଯିଏ ହସାଇ ଦିଅନ୍ତି, ତାଙ୍କର ମୁହଁରେ ଏହି ପ୍ରଥମ କାନ୍ଦ ଦେଖିଲି । ବଡ଼ ଆଉ ଭଉଜ ବି ଥନ ଥନ ହେଲେ । ବାପାତ କାଠ ପାଲଟି ଯାଇ-ଥାନ୍ତି । ମୁଁ ଜାଣେଁ, ବାପାଙ୍କର ଢୋ' ଉପରେ ଲେଖ କେତେ, ଶ୍ୟାମ ଭାଇଙ୍କ କଥାରେ ସମସ୍ତେ ବଦଳି ଯାଇଥାନ୍ତି' ଖାଲି ଝାଣ ରହି-ଥାନ୍ତି ବଡଭାଇ-- କହିଲେ, "ପାଠ ପଢ଼ି ଏମିତି ଉଚ୍ଛନ୍ନ ହେବୁ ଜାଣି-ଥିଲେ - ପୁଅର ମୁହଁ ସୁଦ୍ଧା ଦେଖିବାର ସୁବିଧା ଦେଇ ନଥାନ୍ତି, ସ୍ୱାର୍ଥପର ! ଯାହାକୁ ଦେଖିଲେ ପାପ, ସେ ହେବ ମିଶ୍ର ବଂଶର କୁଳବଧୂ ? ସେହି ଧୋକଡ଼ି ବୁଢ଼ୀର ଏତକ କରାମତି, ଝିଅ

ଜରିଆରେ ଚେଲାଙ୍କ ଲଗାଇଛନ୍ତି, ବୁନ୍ଦ ବୁନ୍ଦ ପାଣି ପିଉଛନ୍ତି । ତାଙ୍କୁ ଦେଖି ନରହିଁ ଯେ — ।"

ଶାମଭାଇ ଆହତ ବାଘ ଭଳି ଗର୍ଜି ଉଠି କହିଲେ "ବୁଝି ଶୁଝିଅରରେ କଥାବାର୍ତ୍ତା କର । ମୁଁ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛି ତାହା ଅଟଳ । ତୁମେ ଯଦି ଏହା ଜାଣି ସୁଦ୍ଧା ଚମ୍ପା ବା ତାର ସରଳ ବଳ ଉପରେ ଅତ୍ୟାଚାର କର - ତେବେ କିଛି ଭଲ ଫଳ ହେବନି ।"

ବଡଭାଇ ଦବି ଗଲେ । ବାପା ଭାଇଙ୍କ ସପକ୍ଷରେ କହିଲେ "ଏକଣ କହୁଛୁ ଶାମ । ମୁଣ୍ଡକୁ କଣ ପିତ୍ତ ଚଢି ଗଲା ନା କଣ ? ସେତ କିଛି ନିଜପାଇଁ କହୁନି' । ତୋର ଭଉଣୀ ରମ୍ଭା ପାଇଁ କହୁଛି । ରମ୍ଭାର ଯଦି ଦାଶରଥି ସଙ୍ଗରେ ବିବାହ ହୁଏ ତେବେ ଆମ କାହାରି ଆପତ୍ତି ନାହିଁ । ତୋର ଆଉ ଚମ୍ପାର ସମ୍ବନ୍ଧ ପଡିଥିଲା କିନ୍ତୁ ଚମ୍ପାର ବାପା ପ୍ରସ୍ତାବକୁ ଫୁଙ୍କି ଦେଇଥିଲେ ବୋଲି ସେ ମରିଗଲେ ପଛକେ ମୁହଁଚୁହାଁ ନଥିଲା ହେଲେ ମୋତେ ଏତକ ଦୁଃଖ ଲାଗୁଛି ଯେ ତୁ ଆମର ହୋଇ ଆମ କଥା ବୁଝିଲୁ ନାହିଁ । ସମ୍ବନ୍ଧ ଯିଏ ଭାଙ୍ଗିଦେଲା ତାଙ୍କପକ୍ଷରୁ ପ୍ରସ୍ତାବ ଉଠିଥିଲେ ମୁଁ ଖୁସି ହୋଇ ଥାଆନ୍ତି ।"

ଭାଇ କହିଲେ, " ମୁଁ ତ ସେଇଆ ଚାହେଁ ।"

କିନ୍ତୁ କାହାକୁ କିଛି କହିବାକୁ ପଡିଲା ନାହିଁ । ସେ ବାରୁ ଅଜ ଜଗା'ଇ ମୁଣ୍ଡ ପୋତି ଘଟଣା ସ୍ଥଳରେ ପହଞ୍ଚିଲେ । ବୋଧହୁଏ ଆଗରୁ ଆସି ଆମ ଭିତରର କଥା ଭାଷା ଶୁଣି ନେଇଥାନ୍ତି । ଆମ କାହାରି ଖିଆଲ ନାହିଁ । ତାଙ୍କୁ ଦେଖି ସମସ୍ତେ ସ୍ଥାଣୁ । କାହାରି ମୁହଁରୁ କଥା ବାହାରୁନି । ଘଡ଼ିକ ପୂର୍ବରୁ ଯେଉଁ ସ୍ଥାନରେ ନିଆଁ ଉଡ଼ର ତାତ

ଖେଳୁଥିଲା ସେହି ସ୍ଥାନ ଏବେ ନିର୍ଜନ, ନାଶବଧ, ହେମାଳ । ସମସ୍ତେ ଘଂଶାଟିକୁ ଗୃହୀ ଦେବାକୁ ବସିଲେ । ସତେ ଯେମିତ କାନ୍ଦୁ ହୋଇନି' ।

ସିଏ ବଡ଼ ଭାଇ ଦାଡଧର କହୁଲେ-"ତାଙ୍କର କିଏ ଅଛି ଯେ କହିବାକୁ ଆସିଥାନ୍ତା ! ମୁଁ ଚମ୍ପାର ଭାଇ, ସମସ୍ତ ଦୋଷ ମାଗି ନେଉଛି । ତୁମେ କଣ କ୍ଷମା ଦବନି ? ଚମ୍ପାର ବୈଧବ୍ୟ କଣ ଆମ କୁସଂସ୍କାରର ଗୋଟିଏ ବିଷମୟ ପରିଣାମ ନୁହେଁ ? ତାକୁ କୁଆଁରୀ ଝିଅ ରୂପେ ଗ୍ରହଣ କଲେ ଦୁଇଟି ଜୀବନ କୂଳରେ ଲାଗିଯିବେ । ଆଉ ଏଭଳି ପୁଣ୍ୟ କାମରେ ତୁମର ଭଳି ପ୍ରତିଷ୍ଠିତ ପରିବାର ହାତ ଦେଲେ ଅବସ୍ଥା ଆପେ ଆପେ ସୁଧୁରି ଯିବ । ଯାହା ଏପର୍ଯ୍ୟନ୍ତ ସରକାରର ଆଇନ କରି ପାରିନି', ତାହା ଆମ ଭଳି ସାଧାରଣ ଲୋକଙ୍କ ହାତରେ ସମ୍ଭବ ହେବ । ଆଜି ତୁମ ସମସ୍ତଙ୍କ ସାମନାରେ ଜବାବ ଦେଉଛି ଯେ ତୁମ ଘରେ ଯେଉଁ ବିବାହ ପ୍ରସ୍ତାବ ପଠଉଛି ମୁଁ କଦାପି ଅସ୍ୱୀକାର କରିବି ନାହିଁ । ପୂର୍ଣ୍ଣେନ୍ଦୁ ବାବୁ ଅଜ୍ଞାନ ନୁହନ୍ତିଯେ ମୋର ସିଦ୍ଧାନ୍ତକୁ ଏଡ଼ାଇ ଦେବେ । ଜଗନ୍ନାଥଙ୍କ ପବିତ୍ର ନାମରେ ଏହା ମୋର ଶପଥ ।" ତାପରେ ଦେଖିଲି ବଡଭାଇ ଓ ଶାମବାବୁ ନିବିଡ ଆଲିଙ୍ଗନରେ ଆବଦ୍ଧ ହୋଇଛନ୍ତି । ତାଙ୍କର କହିବା ମତେ ଶ୍ୟାମଭାଇ, ବାପା, ବଡଭାଇ ଆଉ ବଉଙ୍କ ପାଦତଳେ ପଡ଼ି ଦୋଷ ମାଗି ନେଲେ । ସମସ୍ତେ ସୁଖୀ ହେଲେ । ଅଚ୍ଛା କହିଲୁ ଚମ୍ପା ! ଏସବୁ କଣ ବିନା ଝଗଡାରେ ହୋଇପାରି ନଥାନ୍ତା ? ସ୍ୱଗ ମୁହଁରେ ସବୁ ଏମିତ ହୁଏ । ମଣିଷ ପଶୁ ହୁଏ । ଯାହା ନକହିବା କଥା ତୁଣ୍ଡକୁ ଆସେ । ଯେତେବେଳେ ସ୍ୱାଭାବିକ ଅବସ୍ଥା ଫେରିଆସେ ସେତେବେଳେ ଭାବେ ଯାହା ଭଲବୋଲି କରିଛି ସେ ସବୁ ଭୁଲ । ଦେହରେ ଟଗଲେ ବିବେକ

ଦଂଶନର ଜ୍ୱାଳା । ଏହି ମୀମାଂସାରେ ସବୁଠୁ ଅଧିକ ଖୁସି ହୋଇଥାନ୍ତେ ଶ୍ୟାମଭାଇ । କିନ୍ତୁ ସେତିକି ବେଳୁ ସେ ଗୁମ୍ମାରି ବସିଛନ୍ତି । ଭାଉଜ ଅଉ ବଡ ଯେତେ ବୁଝାଇଲେ ବୁଝୁ ନାହାନ୍ତି । ”

ଚମ୍ପା ଧୈର୍ଯ୍ୟ ଧରି ସବୁ ଶୁଣୁଥିଲା । ଶେଷକୁ କହିଲା-“ଏ ସମ୍ବନ୍ଧ ନ ହୋଇଥିଲେ ଭଲ ହୋଇଥାନ୍ତା ରମ୍ଭା ! ମୋରି ଭଳି ହତଭାଗିନୀ ପାଇଁ କେତେ କାଣ୍ଡ ଘଟିଗଲା ସତରେ ! ମୁଁ ଭଲ ମରି ଯାଇଥାନ୍ତି !!” ଚମ୍ପା କାନ୍ଦିଲା କହିଁ କହିଁ ହୋଇ ।

“ଅରେ ତୁ ଯେ କାନ୍ଦୁଛୁ ଚମ୍ପା । ଭାବିଥିଲି ଏ ଶୁଭ ଖବର ଦେଇ ତୋତେ ଖୁସି କରି ଦେବି । ମୁଁ କାହିଁକି କହିଲି ଭଲା !” ରମ୍ଭା ଅନୁତାପ କରୁଛି ।

କିଛିକ୍ଷଣ ନୀରବରେ କଟିଗଲା । ତେଣେ ଗାଧୁଆ ବେଳ ବଳେଇ ପଡୁଛି । ରମ୍ଭା କହିଲା,“ପଛକୁ ଖରା ମାଡ଼ି ଆସିବ । ଶୀଘ୍ର ଚାଲଯିବା ଆ ।”

ଦୁଇ ସାଙ୍ଗଯାକ ଗାଧୁଆ ସାରି ଘରକୁ ଫେରିଲେ । ଘରେ ଦାଶରଥିବାବୁ ଅଉ ଚମ୍ପା ବାପଙ୍କର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣା ଚାଲିଥାଏ । ଦାଶରଥି ବାବୁଙ୍କର ପାଟି ଶୁଣି ରମ୍ଭା ଜିଭ କାମୁଡ଼ିଲା । ସେ କହୁଥାନ୍ତି, “ତୁମେ ଯାହା କହୁଛ ମୁଁ ମନା କରୁ ନାହିଁ ମାଉସୀ, ଅନେକ କ୍ଷେତ୍ରରେ ପୁନର୍ବିବାହ ପାପ ହୋଇପାରେ । କିନ୍ତୁ ଯେ’ ସଂସାର କଣ ଜାଣିନାହିଁ, ସ୍ୱାମୀର ମୁହଁ ସୁଦ୍ଧା ଦେଖିନି, ତାକୁ ବିଧବା ବୋଲି ତୁମେ ସ୍ୱୀକାର କରୁଛ କିପରି ? କୁଆଁରୀ ଝିଅ କି ବିଧବା ହୋଇ ପାରେ ? ବାଲ୍ୟବିବାହ ସବୁ କେବଠୁ ଅଇନରେ ମନା ହୋଇ ସାରିଲାଣି । ଅଇନ୍ ଜାଣିନି ବୋଲି ରକ୍ଷା ପାଇଗଲ, ନହେଲେ ଏ

ବିବାହର ଯେ'କି ପରିଣାମ ଘଟିଥାନ୍ତା ତାହା କହି ହଉନି'। ଚମ୍ପା ଓ ଶାମ ଉଭୟେ ଉଭୟଙ୍କୁ ଭଲ ପାଆନ୍ତି। ତୁମେ ନାହିଁ କରନି ମାଉସୀ ! ଚମ୍ପା ତୁମର ଝିଅ। ତାକୁ ବିବାହ ଦେଇ ସୁଖୀ କର।"

ଶେଷରେ ବୁଢ଼ୀ କହିଲେ "ଯାହା ଭଲ ଭାବୁଛୁ ସେଇୟା କର ପୁଅ।"

ରମ୍ଭା, ଚମ୍ପା କାନରେ କହିଲା"ଆଉ କିଛି ବାକି ଅଛି ? ମୋତେ ଖାଲି ଏତିକି ଦୁଃଖ ଲାଗୁଛି ଯେ ତୋତେ ଆଉ ସାଙ୍ଗ ବୋଲି ଡାକି ପାରିବନି।" ଚମ୍ପା ରମ୍ଭାର କାନ ମୋଡ଼ି ଦେଲେ ଗୋଡ଼ାଇବ ବୋଲି ଆଗେ ଆଗେ ଧାଇଁଲା।

ଦାଶରଥିବାବୁ ଦେଖିଲେ, ଚମ୍ପା ଆଗେ ଆଗେ ଧାଇଁଛି, ଆଉ ରମ୍ଭା ରହି, ରହି ତାକୁ ଗୋଡ଼ାଉଛି। ଧାଇଁଲା ବେଳେ ଓଦା ଲୁଗା ଖଣ୍ଡିକ ପ୍ରତିବନ୍ଧକ ହେଉଥିବାରୁ ରମ୍ଭା ମଝିରେ ଯାଇ, ଶାଢ଼ୀର ଓହଳ କାନି ଗୁଡ଼ିକୁ ଅଣ୍ଟା ପାଖରେ ଭିଡ଼ି ଦେଉଛି। ଓଦାଶାଢୀର ଆଡୁଆଳରେ ରମ୍ଭାର ଲୋଭନୀୟ ଯୌବନ ଅତି ଚମତ୍କାର ଦେଖା ଯାଉଛି। ସଦ୍ୟ ସ୍ନାତା ରମ୍ଭାର ପ୍ରତି ରୋମକୂପରେ ସୁନ୍ଦର ସ୍ୱପ୍ନର କୁଆଁରୀ।

ଦାଶରଥି ବାବୁଙ୍କର ମନ ପ୍ରାଣ ପୁଲକିତ ହୋଇ ଉଠୁଥିଲା। ସତେ ଯେମିତି ସେ ଯୁବତୀ ନାରୀର ପୁଷ୍ପିତ ଅବୟବକୁ ପ୍ରଥମ କରି ଦେଖୁଛନ୍ତି। ତାର ଲଳିତ ଲାସ୍ୟରେ ସୁଷମାକୁ ପ୍ରଥମ କରି ଉପଭୋଗ କରୁଛନ୍ତି।

ସ୍ୱପ୍ନବିଭୋର ଆଖିରେ ତାଙ୍କର ରମ୍ଭାର ଉଚ୍ଛଳ ଯୌବନ ତରଙ୍ଗ ସୃଷ୍ଟି କଲା। ଦାଶରଥିବାବୁଙ୍କର ମନ ତଳେ ବେପଥୁ।

ଅଙ୍ଗେ ଅଙ୍ଗେ ଶତ କନ୍ଦର୍ପର ରୋମାଞ୍ଚ ଅନୁଭବ କଲେ । ଅତି ଦୁର୍ବଳ ମନ ବିହଗ, ରମ୍ଭାର ରମ୍ୟ ଶରୀର ଉପରେ ବିଶ୍ରାମ ଖୋଜିଲା ।

ଦାଶରଥିବାବୁ ରୁଦ୍ଧ ଭଦ୍ର, ଲଇ ଲଇକା ଗୋଡ ବଢାଇଲେ ଆଗକୁ । ବାହାର ଘରର କବାଟ ପାଖରେ ରମ୍ଭା, ସାଙ୍ଗକୁ ତାର ଅପେକ୍ଷା କରିଥାଏ । ଦାଶରଥିବାବୁଙ୍କୁ ଚମ୍ପା ଭାବି ସେ ଭିଡ଼ି ନେବାକୁ ହାତ ବଢ଼ାଇଛି ଦେଖିଲା ସେ ଚମ୍ପା ନୁହେ ଦାଶରଥିବାବୁ ।

ରମ୍ଭା ମନେ ମନେ ଲଜ୍ଜିତ ହେଲା । ଏମିତି ଅବସ୍ଥାରେ ସେ ଯେ' ଦାଶରଥିବାବୁଙ୍କ ହାତୁଡରେ ପଡ଼ିବ, ଏହା କଳ୍ପନା ମୁଦ୍ଧା କରି ନଥିଲା । ଲଜ୍ଜ୍ୟାବନତ ଦୃଷ୍ଟିରେ ସେ ଏହି ବିମୁଗ୍ଧ ଦାଶରଥିବାବୁଙ୍କୁ ଥରେ ଦେଖି ନେଇ ମୁହଁ ପୋତିଲା ।

ଦାଶରଥିବାବୁ ଘୂମନ୍ତ ଆଖି ତୋଳାରେ ସ୍ୱପ୍ନ ମିଶାଇ ରମ୍ଭାର ଅନିନ୍ଦ୍ୟ ରୂପଶ୍ରୀକୁ ବାରମ୍ବାର ନିରୀକ୍ଷଣ କରିବାରେ ଲାଗିଲେ । ରମ୍ଭା ଅନନ୍ୟୋପାୟ । ଅନ୍ଧକାରର ପାଷାଣ ମୂର୍ତ୍ତିଟିଏ ଭଳି ସ୍ଥିର ରହିଥାଏ । ବ୍ରୀଡା ବିଦଗ୍ଧା ଦୃଷ୍ଟିରେ ତାର ଅନୁଯୋଗର ଇଂଗିତ । ସାରା ଶରୀରରୁ ନିର୍ଗତ ହେଉଥାଏ ଗୋଟିଏ ସରସ କବିତାର ଅଧୀର ଛନ୍ଦ । ଅର୍ଦ୍ଧ ନିମିଳିତ ପକ୍ଷ୍ମଲତା ଯେପରି ଥରି ଥରି କହୁଥାଏ-ହେ ଚିର୍‌ସୁନ୍ଦର ! ପ୍ରିୟତମ !! ତମେ ମୋତେ ନିଷ୍କୃତ ଦିଅ ।

ଦାଶରଥିବାବୁ ଗୋଟିଏ ଅକସ୍ମିକ ଅବେଗର ବଶୀଭୂତ ହୋଇ ରମ୍ଭାର ଓଦା ପଣତକୁ ଭିଡି ଧରିଲେ ।

ରମ୍ଭାର ଓଦା ଓଢ଼ଣା ମୁଣ୍ଡ ଉପରୁ ଖସି ଆସି ବେକମୂଳେ ଲଟାଇ ହେଲା । ନୟନରେ ଅହତ କୁରଙ୍ଗୀର ଭଙ୍ଗିମା । କମ୍ପିତ କଣ୍ଠରେ କହିଲା " ଆଃ ଛାଡ଼, ମୁଁ ଯାଏ । "

"ଯାଉନ......"

"ମଝି ବାଟରେ..."

"ହଁ ରମ୍ଭା ତୁମ ଜୀବନର ମଝି ବାଟରେ ଅବସ୍ଥାର ମୁଁ ଛୁଟା ହୋଇଛି । ତୁମକୁ ଯଥେଷ୍ଟ ଅଘାତ ଲଗିଥିବ—ନୁହଁ ?"

"ମୁଁ କଣ ସେ କଥା କହିଲି ?"

" ତୁମେ କହିନ ଯେ ତୁମର ଏହି ଭୀତଗ୍ରସ୍ତ ଗୃହାଣୀର ପ୍ରତ୍ୟେକ ପଲକ ସେହି କଥାହିଁ କହୁଛି ରମ୍ଭା । ତୁମର ଏହି ଓଜନିଆ କଟାକ୍ଷରେ ମିଶି ରହିଛି ପ୍ରତିବାଦର ଶୈଳୀ । ମୁଁ କଣ ସେ କଥା ଜାଣୁନି ?

"ମୁଁ ଲେଖିକା ନୁହେଁ ଯେ ଏ କବିତାର ଭାଷା ବୁଝିବି !" ରମ୍ଭା ଟିକିଏ ହାଲୁକା ବୋଧକରି କହିଲା ।

"କବିତା କଣ କବିତାର ଭାଷା ବୁଝେ ରମ୍ଭା ? ଗୋଲାପ କଣ ତାର ସୁବାସକୁ ଆଘ୍ରାଣ କରି ପାରେ ? କସ୍ତୁରୀ ମୃଗ ସୌରଭର ସନ୍ଧାନ ନପାଇ ବଣ ଭିତରେ ପଥ ବଣା ହୁଏ ପରା !"

"ମୁଁ କବିତା ନୁହଁ କି ଗୋଲାପ ନୁହଁ ।"

"ତା ତୁମେ କେମିତି ବୁଝିବ ରମ୍ଭା ! ତୁମେ ଯେ ତୁମର ଅଖିରେ ତୁମର ମୁହଁକୁ ଚାହିଁ ପାରୁନ । ତୁମର ଏହି ସୁନ୍ଦର ମୁହଁ ଗୋଟିକରେ ମୋର ଜୀବନର ସମସ୍ତ ତୃଷ୍ଣା ନିହିତ ଅଛି । ମୋର ଅଶା, ଅଭିଳାଷର ନିଛକ ଅଭିବ୍ୟକ୍ତି ତୁମର ଏହି ଚନ୍ଦ୍ରବଦନ ଗୋଟିକ । ଚନ୍ଦ୍ରରେ କଳଙ୍କ ଅଛି ରମ୍ଭା - କିନ୍ତୁ ମୋର ଏହି ଚନ୍ଦ୍ରଟି କଳଙ୍କହୀନ । ଅକାଶର ଚନ୍ଦ୍ର କେତେ ଦୂରରେ...ଅଉ ମୋର ନିଷ୍କଳଙ୍କ ଚନ୍ଦ୍ର ହାତ ପାଖରେ ।"

ରମ୍ଭା ନିଜର ପ୍ରଶଂସା ଶୁଣି ବିବ୍ରତ ହେଲା । ସେ ଚାହା କାପ୍ଟି ଧୋଇଁ ଯିବାକୁ ବାହାରୁଛି ଦାଶରଥିବାବୁ ପୁଣି ଥରେ ବାଟ ଓଗାଳି ଛିଡ଼ା ହେଲେ ।

ରମ୍ଭାର ଓଠ ଦୁଇଟିରେ ମୃଦୁ ହସର ଛୁଟିକା ଆଉ ଅଳସିଆ ଗୃହାଣୀର ଓଜନିଆ କଟାକ୍ଷରେ ପରମ ତୃପ୍ତିର ଉଚ୍ଛ୍ୱାସ । ସେ ସ୍ୱତଃସ୍ଫୂର୍ତ୍ତ ହୋଇ କହିଲା-"ସହରରେ ରହିଲେ ଲୋକେ ଇମିତ ଦୁଷ୍ଟ ହୁଅନ୍ତି ?"

"ସହର ଆଉ ମଫସଲ ଲୋକଙ୍କ ଭିତରେ ଅଗ୍ରୁର ବ୍ୟବହାରର ତାରତମ୍ୟ ଥିଲେହେଁ ମନର ଉଚ୍ଛ୍ୱାସ ସମାନ ରହୁଛି ରମ୍ଭା । ସହରର ରମ୍ଭା ସମଗ୍ର ବିଶ୍ୱର ଆଦରଣୀୟା ।"

ରମ୍ଭାର କଣ୍ଠ ସ୍ୱର ଶୁଣି ଦାଶରଥିବାବୁ ବାଟ କାଟି ଚାଲି ଯାଉ ଯାଉ ଦେଖିଲେ, ରମ୍ଭା ନୀରବରେ ଛିଡ଼ା ହୋଇ ଅପଲକ ଦୃଷ୍ଟିରେ ତାଙ୍କୁ ଅନେଇ ରହିଛି । ଚାରି ଚକ୍ଷୁର ମିଳନ ହେଲା । ରମ୍ଭା ଅଳ୍ପହସି ମୁଣ୍ଡ ପୋତିଲା ।

ଦୁଇଟି ଅଙ୍କ - ପରିଚିତ ଯୁବକ ଯୁବତୀଙ୍କ ମନ ଭିତରେ ପ୍ରଣୟର ଫଲ୍‌ଗୁ ସମାନ୍ତରାଳରେ ବହି ଚାଲିଥିଲା ।

ମାର୍ଗଶୀର ମାସର ମୁହଁ ସଞ୍ଜ । ରବି ଘଟନେଇ ଅସ୍ତୁଛି, ପଶ୍ଚିମ ବଳୟର ଦିଗନ୍ତବ୍ୟାପୀ ଶୂନ୍ୟତା ଭିତରୁ । ଏତିକି ବେଳୁ

ଅଣ୍ଡା ପଡ଼ି ଆସିଲଣି । ହେମାଳ ପବନ ଦେହ ଥରାଇ ଦେଉଛି । ଆକାଶରେ ଅଗଣନ ତାରାର ମେଳା । ମଝିରେ ମଝିରେ ନୀହାରର ବେଷଣୀ ମନ ଭିତରେ ବିସ୍ମୟ ଭରି ଦେଉଛି । ଅତି ଚମତ୍କାର ଦେଖା ଯାଉଛି ଏହି ନୀରବ ନିସ୍ତବ୍ଧ ପୃଥିବୀ ।

ଚମ୍ପା ବାଡ଼ି ଅଗଣାରେ ସଂଙ୍କବତୀ ବୁଲୁ ବୁଲୁ ନିଜର ବିଗତ ଅତୀତକୁ ଅଣ୍ଡାଳି ହେଉଥିଲା । ପିଲଦିନର କଉତୁକିଆ ଦିନ ଗୁଡ଼ିକ ଗୁଡାଏ ବାସ୍ତବ ସ୍ୱପ୍ନଦେଇ ଚାଲିଗଲା । ସେ ଗୁଡ଼ିକ ମନେ ପଡ଼ିଲେ ମନ ହୁଏ ଅତୀତକୁ ଫେରି ଯିବାକୁ - ସମସ୍ତ ଶକ୍ତି ଦେଇ ତାର ଭିତରେ ହଜି ଯିବାକୁ । କିନ୍ତୁ ପବନ ପରି ଚାଲିଗଲା ଅତୀତ । ତା' ପରେ ପରେ ଚଲାପଥକୁ ଅବରୋଧ କଲା ଉତ୍ତପ୍ତ ବାଲିର ମନମରୀ ହୁଡ଼ । ଜୀବନକୁ ରକ୍ତାକ୍ତ କରି ଅରମା ବଣର ଅସନ୍ତୋଷ ରାସ୍ତା ମଝିରେ ଫିଙ୍ଗି ଦେଲା । କ୍ଷତ ବିକ୍ଷତ ମନ ଆଶ୍ରୟ ହରାଇ ମଝି ନଦୀର ପାଲଛିଣ୍ଡା ନୌକା ଭଳି ଉଠିପଡ଼ି ଚାଲିଲା । ଶାମବାବୁ ଦକ୍ଷ ମଙ୍ଗୁଆଳ ଭଳି ପାଲଛିଣ୍ଡା ଜୀବନ-ନୌକାର ଆହୁଲା ଧରୁଛନ୍ତି । ସେ କଣ ଜୀବନ ଯାତ୍ରାର ଲକ୍ଷ ସ୍ଥଳକୁ ପହୁଞ୍ଚାଇ ଦେବେ — !

ଚମ୍ପାର ମନଭିତରେ ଅଶାନ୍ତିର କ୍ଲାନ୍ତିକର ଭାବନା । ପୃଥିବୀର କାହାରିକି ବିଶ୍ୱାସ କରି ହେଉନି ସହଜରେ । କାହାକୁ ବା' ବିଶ୍ୱାସ କରିଯାଇ ପାରିବ ? ଅତି ଆପଣାର ଲୋକ ବେଳେ ବେଳେ ଆଘାତ ଦିଅନ୍ତି - କିଛି କାରଣ ନଥାଇ ଅନ୍ୟର ଜୀବନ ସଙ୍ଗେ ଖେଳ ଖେଳନ୍ତି । କିନ୍ତୁ ଶାମବାବୁ ? ନା — ନା — ଶାମବାବୁଙ୍କୁ ଅବିଶ୍ୱାସ କରିବାର ଶକ୍ତି ନାହିଁ ତାର । ସିଏ ହିଁ ତ ତାର ଏହି ବିଶାଳ ବସୁନ୍ଧରାରେ ଏକ ମାତ୍ର ସହାୟକ ! ଚମ୍ପା ବ୍ୟତିବ୍ୟସ୍ତ ହୋଇ ମୁହଁ ବୁଲାଇଲା ପଛକୁ !

ତୁଳସୀ ଚଉଁରାର ଢିବାପାଟ ସଂଜବତୀ ଦମକାଏ ପବନରେ ଲିଭିଗଲା । ବାଡ଼ି ଅଗଣା ଅନ୍ଧାର ହେଲା । ଆକାଶ ଉପର ହାଲୁକା ଆଲୁଅ ଅଗଣା ସାରା ବିଞ୍ଚି ହୋଇ ପଡ଼ିଛି । ଅଭଳକଣେ ଜଣେ ଟିକିଏ ଦୂରେଇ ଛିଡ଼ା ହେଲେ ମୁହଁ ଚିହ୍ନି ହେବନି ।

ଜୀବନ ଏମିତି ଚାଲି ଚାଲି ନିଃଶେଷ ହୋଇଯାଏ । ମଣିଷ ବଂଚି ଥିଲା ଯାଏ ମନର ଉଚ୍ଛ୍ୱାସ ଆଉ ଜୀବନର ତୃଷ୍ଣାକୁ ନେଇ ଖେଳ ଖେଳେ । ତାପରେ ସବୁ ଶେଷ ହୋଇଯାଏ । ନିତିଦିନିଆ ପରିସ୍ଥିତି ଆଉ ଦେହଘଷା ପରିବେଶ ସବୁ ସମାନ ଥିଲେହେଁ ତାକୁ ଉପଭୋଗ କରିବାକୁ ମଣିଷ ଆଉ ନଥାଏ । ସବୁ ଜାଣି ଶୁଣି ସେ ଭୁଲ କରେ । ଅବ୍ୟବସ୍ଥିତ ଅବସ୍ଥାକୁ ପୂର୍ଣ୍ଣ ପ୍ରାଣରେ ଅନୁଭବ କରିବାର ଏକାନ୍ତ ଇଚ୍ଛା ପୋଷଣ କରି ସେ ବ୍ୟତିବ୍ୟସ୍ତ ହୁଏ । କିନ୍ତୁ ଜୀବନ ସରିଯାଏ; ତୃଷ୍ଣା ମେଣ୍ଟେ ନାହିଁ ...... ସଳିତା ଦୁଇଟି ଯେମିତି ଦରପୋଡ଼ା ଲିଭିଗଲେ ।

ଚମ୍ପାର ବାରମ୍ବାର ମନେ ପଡ଼ିଲା ଶ୍ୟାମର ସୁନ୍ଦର ମୁହଁ ଗୋଟାକ । କେତେ ସ୍ନେହ ଆଉ ଶ୍ରଦ୍ଧା ସେ ଆଖି ତୋଳାରେ । ଘଡ଼ିଏ ଚାହିଁ ମନ କିଣି ନେବେ ସବୁଦିନ ପାଇଁ । କଣ କରୁଥିବେ ଅବକା ?

ଶ୍ୟାମ ଦେହରେ ଚାଦର ଖଣ୍ଡେ ପକାଇ, ରାସ୍ତା ଉପରେ ଅନିର୍ଦ୍ଦିଷ୍ଟ ଭାବରେ ଢଳି ଢଳି ଚାଲି ଯାଉଥିଲା । ଲକ୍ଷ୍ୟହୀନ ସେ ଗତି — ଠିକ୍ ତା’ ମନର ଛନ୍ଦହରା ଭାବନା ଭଳି ।

ଦାଶରଥିବାବୁ ତାଙ୍କ ନିଜର ଓ ଚମ୍ପାର ବିବାହ ଲଗ୍ନ ନେଇ ପ୍ରସ୍ତୁତ ପାଇଁ କଟକ ଚାଲିଗଲେ । ଶ୍ୟାମକୁ ଆଜି ଏକୁଟିଆ ଲାଗୁଛି ।

ମନ ଭିତରେ ଭବିଷ୍ୟତର କେତେ ଅବଶ୍ୟକ ଅଥବା ଅନାବଶ୍ୟକ ଭାବନା ।

ଗତ କେଇଦିନର କଥା ମନେ ପକାଇ ମୁଣ୍ଡ ଭିତରଟା ଗୋଳମାଳ ହୋଇଯାଉଛି । ବାପା, ଭାଇ, ଭାଉଜ ସମସ୍ତଙ୍କ ସଙ୍ଗେ ବିବାହ ବିଷୟ ନେଇ କଳହ ସୃଷ୍ଟି ହେଲ - ଯାହା ହେଲେ ସାହାଯ୍ୟ ପାଇ ଜିଦ୍ ରହିଲା । କିନ୍ତୁ ସେ କାହାଁକି ଖୁସି ହୋଇ ପାରୁନି ଯାହାପାଇଁ ଘରେ ବାହାରେ ଗୋଟିଏ ଝଞ୍ଜା ବୋହିଗଲା- ସେ କଣ କରୁଥିବ ! ତାର ମନର ଅବସ୍ଥା କଣ ? ? ଶ୍ୟାମର ହଠାତ୍ ଝୁଙ୍କ ଉଠିଲା ଚମ୍ପାକୁ ଦେଖା କରିବା ସକାଶେ । ଘରମୁହାଁ ହୋଇ ଚଞ୍ଚଳ ଚଞ୍ଚଳ ପାଦ ପକାଇଲା । ନିଜଘର ସାମନାରେ ଶୁଣିଲା ଚମ୍ପା ବଉଳର ପାଟି ଶୁଭୁଛି ।

ଶ୍ୟାମ ଯେମିତି ସୁବର୍ଣ୍ଣ ସୁଯୋଗ ପାଇଲା । ଗୋଟିଏ ଅହେତୁକ ଆକର୍ଷଣର ବଶବର୍ତ୍ତୀ ହୋଇ ଚମ୍ପାଘର ଭିତରକୁ ହଠାତ୍ ପଶିଗଲା । ଚମ୍ପା ସ୍ତମ୍ଭିତ ହୋଇ ଗଲାଣି - ତଥାପି ସେ ଦାଣ୍ଡ ଦୁଆରଟେ ଅଖି ବୁଲାଇ କବାଟକୁ ଅଳ୍ପ ଆଉଜାଇ ଆଣିଲା । କେତେ କଥା କହିବାକୁ ଭାବୁଛି କିନ୍ତୁ କହି ପାରୁନି । ମୁହଁ ତାର ବନ୍ଦ ହୋଇ ଯାଉଛି ଯେପରି । ଶ୍ୟାମ ପଚାରିଲା — "କଣ ଡରିଗଲୁ ଚମ୍ପା ?"

ନିରୁତ୍ତର ।

"କଥା କହୁନୁ ?"

ତଥାପି ଶୁଣୁନି ଚମ୍ପା ।

"କଣ ଅଭିମାନ କରିଛୁ ?"

"କାହା ପାଖରେ ?" କଥାରେ ତାର କ୍ରନ୍ଦନର ପରଶ ।

"କାହିଁକି ଦୁଷ୍ଟ ଶାମବାବୁ ପାଖରେ ?" ଶାମ ରସିକତା କରି କହିଲା ।

"ତାଙ୍କ ପାଖରେ ଅଭିମାନ କରିବି ? ଅରମା ବଣର ଅବାଟରେ ପଡି ପାଷାଣୀ ଅହଲ୍ୟାକୁ ଯିଏ ଜୀବନ ଦେଲା, ତାଙ୍କ ନିକଟରେ ପୁଣି ଅଭିମାନ ? ?"

ଶାମ ଚମ୍ପାର ଅତି ନିକଟକୁ ଘୁଞ୍ଚି ଆସି ତାର ବା ହାତ ପଦ୍ମ - ପାପୁଲିକି ନିଜ ହାତରେ ମୁଠାଇ ଧରି କହିଲା, "ଆଉ ମୋ ପାଖରେ !" ।

ଚମ୍ପା ଲଜ୍ଜେଇ ଯାଇ କହିଲା, —"ଛି ଏ କଣ ? ମା ଆସୁଥିବ ।" ଚମ୍ପା ଭିଡି ମୋଡି ହୋଇ ମୁକ୍ତି ମାଗୁଛି । ଶାମ ତଥାପି ଛାଡୁନି ।

"ଛି ତମେ ଏଡେ଼ ଅଲାଜୁକ ।" ଚମ୍ପା ପ୍ରତିବାଦ କରି କହିଲା ।

"କେବଳ ତୋ'ର ··· ନା ··· ନା ··· ତୁମରି ଆଗରେ ଚମ୍ପା !"

ଶାମ ଚମ୍ପାକୁ ବାହୁ ବଳୟରେ ଆବଦ୍ଧ କରି ଉଷ୍ମ ଚୁମ୍ବନର ଉତଳା ଲହରୀ ଭିତରେ ଭସାଇ ଦେଲା ।

ଚମ୍ପାର ଘୂମନ୍ତ ଚକ୍ଷୁ ଶାମର ବଳିଷ୍ଠ ଛାତି ଭିତରେ ମୁହଁ ଲୁଚାଇ ସ୍ୱପ୍ନ ଦେଖୁଛି । ମନ ଉଲ୍ଲାସରେ ଭରି ଉଠୁଛି । ଆବେଗରେ ତାର ଝରି ପଡିଲା ଦୁଇଧାର ତାତଲା ଲୁହ । ତହିଁରୁ ଗୋଟିଏ ବର୍ତ୍ତମାନ ଆନନ୍ଦର, ଅନ୍ୟଟି ତିକ୍ତ ଅତୀତର । ଶାମ ଚମ୍ପାର ସେହି ତପ୍ତ ଲୁହଧାର ନିଜ ହାତରେ ପୋଛି ଦେଇ ପଚାରିଲା "ତୁମେ କାନ୍ଦୁଛ କାହିଁକି ଚମ୍ପା -- ତୁମ ଆଖିରେ ପୁଣି ଲୁହ !"

"ସେ ଲୁହ ବହୁବାକୁ ଦଅ ଖାମବାକୁ ! ଅତୀତର ସମସ୍ତ ଗ୍ଲାନିକୁ ଧୋଇ ନେଇ ସେ ଚାଲି ଯାଉ ।"

"କିନ୍ତୁ ତମେ ହସ ଚମ୍ପା ! ତୁମର ହସ ଦେଖିଲେ ମଉଳା ମନ ମୋର ହସି ଉଠିବ । ଜୀବନ ସାର୍ଥକ ହେବ ।"

ବିମୁଗ୍ଧା ଚମ୍ପା ପ୍ରିୟତମର ସୁନ୍ଦର ମୁହଁକୁ ଚାହିଁ ହସିଲା । ସେ ହସ ଖାଲି ଅଧରର ନୁହେ, ଅନ୍ତରର - ଅବିଶ୍ରାନ୍ତ ଝଡ ପରେ କଳା ବାଦଲର ଅଂଚଳ ତଳୁ ଚନ୍ଦ୍ର ଯେମିତି ହସେ । ସେ ହସରୁ ଝରୁଥିଲା ସମସ୍ତ ଆଶା ଆଉ ଅଭିଳାଷର ପୂର୍ଣ୍ଣତା ।

ମୁକ୍ତ ପବନରେ କେଉଁ ଏକ ଅଜଣା ସଂଗୀତର ମଧୁର ମୂର୍ଚ୍ଛନା । ଦୁଇଟି ମିଳନମୁଖର ପ୍ରାଣ କୋଟିଏ ଆବେଗ ନେଇ ଗୋଟିଏ ସୁଅରେ ଆଗେଇ ଚାଲିଥିଲେ ।

ସୁବର୍ଣ୍ଣପୁରରେ ସନ୍ଧି ଗଭୀରରୁ ଗଭୀରତର ହୋଇ ଆସୁଥିଲା ।

